# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୭/୨୦୨୩ (୧୪ ପୃଷ୍ଠା) | Bhubaneswar, Thursday, September 7/2023 | Page 14 | ₹ 7.00

୪୯ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 283 | ମୂଲ୍ୟ ₹୭/-



DSPL-221

# ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତୁଳନୀୟ ପରିବର୍ତ୍ତନ



## ଓଡ଼ିଶା: ସ୍ୱାସ୍ଥ୍ୟ ସୂଚକାଙ୍କରେ ଅଗ୍ରଣୀ

- ଶିଶୁ ମୃତ୍ୟୁହାରରେ ସର୍ବାଧିକ ହ୍ରାସ
- ସର୍ବାଧିକ ଟୀକାକରଣ କଭରେଜ୍
- ମ୍ୟାଲେରିଆରେ ସର୍ବାଧିକ ହ୍ରାସ
- ମାତୃ ମୃତ୍ୟୁ ଅନୁପାତରେ ଦ୍ୱିତୀୟ ସର୍ବାଧିକ ହ୍ରାସ
- ଟିବି ହ୍ରାସରେ ଦ୍ୱିତୀୟ ର୍‍ୟାଙ୍କ

"ପ୍ରତିଟି ଜୀବନ ମୂଲ୍ୟବାନ"

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



### ଡାକ୍ତରୀ ଶିକ୍ଷାରେ ରୂପାନ୍ତରଣ

- ୬ ବର୍ଷ ମଧ୍ୟରେ ୮ ଟି ନୂଆ ମେଡିକାଲ୍ କଲେଜ୍
- ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲର ରୂପାନ୍ତରଣ
- ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି



### ବିଏସ୍‌କେୱାଇ: ଜୀବନରେ ପରିବର୍ତ୍ତନ ଆଣୁଛି

- ୭୦୦ ରୁ ଅଧିକ ଘରୋଇ ହସ୍ପିଟାଲରେ ୯୬.୫ ଲକ୍ଷ ପରିବାରକୁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା
- ୧.୨୫ ଲକ୍ଷ ରୋଗୀ ପ୍ରତି ମାସରେ ୨୫୦ କୋଟିର ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ଲାଭ କରୁଛନ୍ତି
- ସମସ୍ତ କୋଭିଡ୍‌ଜନିତ ହସ୍ପିଟାଲରେ ଭର୍ତ୍ତି ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଛି
- ସରକାରୀ ହସ୍ପିଟାଲରେ ସମସ୍ତଙ୍କ ପାଇଁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା

### ଭବିଷ୍ୟତ ପାଇଁ ଲକ୍ଷ୍ୟ

- ଆଗାମୀ ୩ ବର୍ଷରେ **୨୦** ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ ସ୍ଥାପନାର ଯୋଜନା କରାଯାଇଛି
- ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟସେବାରେ ଦୃଢ଼ୀକରଣ ନିମନ୍ତେ "ଆମ ହସ୍ପିଟାଲ" ଅଧିନରେ ହସ୍ପିଟାଲ ରୂପାନ୍ତରୀକରଣ
- କ୍ୟାନ୍‌ସର ଚିକିତ୍ସାରେ ଓଡ଼ିଶା ଦେଶର ପ୍ରମୁଖ କେନ୍ଦ୍ର ହେବ

୯୮% ହିତାଧିକାରୀମାନଙ୍କ ଠାରୁ ମିଳିଥିବା ମତାମତ ସନ୍ତୋଷଜନକ



ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

OIPR-10001/13/0057/2324

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

# ନେପ୍‌ଚ୍ୟୁନ୍ ପଛରେ ଥାଇପାରେ ପୃଥିବୀ ଭଳି ଗ୍ରହ



ଟୋକିଓ, ୬।୯ (ଆଇଏଏନ୍‌ଏସ୍)

ବ୍ରହ୍ମାଣ୍ଡରେ ପୃଥିବୀ ଭଳି ଜୀବନସତ୍ତା ଥିବା ଅନ୍ୟ ଗ୍ରହ ସମ୍ପର୍କରେ ମହାକାଶ ବିଜ୍ଞାନୀମାନେ ନିରନ୍ତ‌ର ସନ୍ଧାନ ଚଳାଇଛନ୍ତି। ଏଭଳି ସ୍ଥଳେ ଆମ ସୌରମଣ୍ଡଳର ନେପ୍‌ଚ୍ୟୁନ୍ (ବରୁଣ ଗ୍ରହ) ପଛରେ ପୃଥିବୀ ଭଳି ଗ୍ରହ 'ପ୍ଲାନେଟ୍ ନାଇନ୍' ରହିଥାଇପାରେ ବୋଲି ଜାପାନର ଖଗୋଳ ବିଜ୍ଞାନୀମାନେ ସେମାନଙ୍କ ଅନୁମାନ କରୁଛନ୍ତି। ୨୦୦୬ରେ ପ୍ଲୁଟୋକୁ ଛୋଟ ଗ୍ରହ ଭାବେ ଘୋଷଣା କରାଯିବା ପରେ 'ପ୍ଲାନେଟ୍ ନାଇନ୍'ର ଅସ୍ତିତ୍ୱ ଉପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଛି। ଏଭଳିସ୍ଥଳେ ଜାପାନ ଖଗୋଳ ବିଜ୍ଞାନୀମାନଙ୍କ ଉପରୋକ୍ତ ଅନୁସନ୍ଧାନ ଅଷ୍ଟ୍ରୋନୋମିକାଲ ଜର୍ନାଲରେ ପ୍ରକାଶ ପାଇଛି। ଓସାକାର କିଣ୍ଡାଇ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀ ସୋଫିଆ ଲାଇକାୱା ଏବଂ ଜାପାନ ନ୍ୟାଶନାଲ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣ ବିଭାଗର ଟାକାସି ଇଟୋ 'କୁଇପର ବେଲ୍ଟ'ରେ ପୃଥିବୀ ପରି ଗ୍ରହର ସ୍ଥିତି ଅନୁମାନ କରିଛନ୍ତି। କୁଇପର ବେଲ୍ଟ ହେଉଛି ମଝିରେ କଣା ଥିବା ଗୋଲ ଆକୃତିର ଅଞ୍ଚଳ, ଯାହା ନେପ୍‌ଚ୍ୟୁନ୍ କକ୍ଷପଥ ନିକଟରୁ ସୂର୍ଯ୍ୟ ନିକଟ ଯାଏ ବିସ୍ତାରିତ। ଏହା ଏକ ବୃହତ୍ ବଳୟ, ଯେଉଁଥିରେ ଲକ୍ଷ ଲକ୍ଷ ଛୋଟବଡ଼ ଖଗୋଳୀୟ ବସ୍ତୁ ତଥା ଡାର୍ଫ ଗ୍ରହ, ଆଷ୍ଟେରଏଡ, କାର୍ବନ ବସ୍ତୁ ଏବଂ ମିଥେନ ଏବଂ ଆମୋନିଆ ଭଳି ବରଫ ସଦୃଶ ଶୀତଳ ଉପାଦାନ ଭରି ରହିଛି। ଦୁଇ ଜାପାନୀ ଅନୁସନ୍ଧାନକାରୀଙ୍କ ଅନୁସାରେ ପ୍ଲାନେଟ୍ ନାଇନ୍ ପୃଥିବୀଠାରୁ ୧.୫ରୁ ୩ଗୁଣ ବଡ଼ ଏବଂ ସୂର୍ଯ୍ୟଠାରୁ ୫୦୦ ଆଷ୍ଟ୍ରୋନୋମିକାଲ ୟୁନିଟ୍ ଦୂରରେ ରହିଛି।



ଇରାକ୍‌ର ପବିତ୍ର ସହର କରବଲାରେ ଅର୍ବାଇନ୍ ଉତ୍ସବ ପାଳନ ବେଳେ ଶିଆ ମୁସଲମାନ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇଛନ୍ତି।

## ସଂକ୍ଷେପରେ

### ଏକ ଦେଶ, ଏକ ନିର୍ବାଚନ: ଇସିଆଇ ପ୍ରସ୍ତୁତ

ନୂଆଦିଲ୍ଲୀ,୬।୯: ଭାରତର ନିର୍ବାଚନ କମିଶନ (ଇସିଆଇ) ସାମ୍ବିଧାନିକ ନିୟମ ଓ ଜନ ପ୍ରତିନିଧି ଆଇନ ଅନୁସାରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ଆପଣାଇ ଭୋଟ କରାଇବାକୁ ପ୍ରସ୍ତୁତ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ବୁଧବାର ଏହି ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବରରେ ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାଜନୈତିକ ଦଳ ଓ ପ୍ରଶାସନ ସହ ଆଲୋଚନା ପାଇଁ ଭୋପାଳ ଗସ୍ତରେ ଥିବା ରାଜୀବ କହିଛନ୍ତି, ସାମ୍ବିଧାନିକ ନିୟମାନୁସାରେ ଦେଶରେ ଏକକାଳୀନ ନିର୍ବାଚନ କରାଇବା ପାଇଁ ଇସିଆଇ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆସନ୍ତା ୬ ମାସ ମଧ୍ୟରେ ସାଧାରଣ ନିର୍ବଚନ ପାଇଁ ତାରିଖ ଘୋଷଣା କରାଯିବ।

### ୧୯ରୁ ନୂଆ ସଂସଦ ଭବନରେ ଅଧିବେଶନ

ନୂଆଦିଲ୍ଲୀ,୬।୯: କେନ୍ଦ୍ର ସରକାର ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏହି ୫ ଦିନିଆ ଅଧିବେଶନ ପୁରୁଣା ପାର୍ଲାମେଣ୍ଟରେ ଆରମ୍ଭ ହେବ। କିନ୍ତୁ ଅଧିବେଶନର ଦ୍ୱିତୀୟ ଦିନ ଅର୍ଥାତ୍ ୧୯ ତାରିଖରୁ ନୂଆ ସଂସଦ ଭବନରେ ଗୃହକାର୍ଯ୍ୟ ଚାଲିବ ବୋଲି ସୂତ୍ରରୁ ଜଣାପଡ଼ିଛି।

### ଆଇଆଇଟି ମଣ୍ଡିରେ ରାଗିଂ: ୧୦ ଛାତ୍ର ନିଲମ୍ବିତ

ନୂଆଦିଲ୍ଲୀ,୬।୯: ହିମାଚଳ ପ୍ରଦେଶରେ ଥିବା ଆଇଆଇଟି ମଣ୍ଡିରେ ରାଗିଂ ଅଭିଯୋଗ ହୋଇଛି। ଏହି ଘଟଣାରେ ଆଇଆଇଟି କର୍ତ୍ତୃପକ୍ଷ ଜଣେ କର୍ମଚାରୀଙ୍କ ସମେତ ୧୦ ଛାତ୍ରଙ୍କୁ ନିଲମ୍ବିତ କରିଛନ୍ତି। ସେହିପରି ଅନ୍ୟ ୬୨ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଛାତ୍ରଙ୍କଠାରୁ ୧୫ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଛି। ବିଟେକ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମାରୋହ ବେଳେ ସିନିୟର ବ୍ୟାଚର ଛାତ୍ରମାନେ ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ୭୨ ଜଣ ଛାତ୍ରୀଛାତ୍ର ସାମିଲ ଥିବା ଜଣାପଡ଼ିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଜି୨୦: ମନ୍ତ୍ରୀଙ୍କୁ ମୋଦି ମନ୍ତ୍ର

ଭୂରାଜନୀତି କେବଳ ଆମେରିକା ଓ ଚାଇନାରେ କେନ୍ଦ୍ରୀଭୂତ ହୋଇ ରହିନାହିଁ। ଏବେ ଭାରତର ସମୟ ଉପନୀତ। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆସନ୍ତା ୯ ଓ ୧୦ରେ ହେବାକୁ ଥିବା ଜି୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବୈଶ୍ୱିକ ବିକାଶ' ଉଦ୍ୟମକୁ ପ୍ରଦର୍ଶିତ କରି ଏହି ସନ୍ଦେଶ ଦେବାକୁ ଯାଉଛନ୍ତି କେନ୍ଦ୍ର ସରକାର।

ନୂଆଦିଲ୍ଲୀ,୬।୯

ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ୨ ଦିନିଆ ଜି୨୦ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ମନ୍ତ୍ରୀମାନଙ୍କୁ ମନ୍ତ୍ର ଦେଇଛନ୍ତି। ଏଥିରେ ଯୋଗଦେବା ପାଇଁ ଆସିବାକୁ ଥିବା ରାଷ୍ଟ୍ରମୁଖ୍ୟ ଓ ବିଦେଶୀ ଅତିଥିମାନଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ସତର୍କ ଓ ସଚେତନ ରହିବାକୁ ମୋଦି ନିଜ କ୍ୟାବିନେଟ ସହଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ପରିଷଦ ବୈଠକରେ ମୋଦି ମନ୍ତ୍ରୀମାନଙ୍କୁ ନିଜ ସରକାରୀ ଗାଡ଼ି ବ୍ୟବହାର ପରିବର୍ତ୍ତେ ଆଖପାଖରେ ଥିବା ଅନ୍ୟ ଯାନବାହନ ଜରିଆରେ ଭାରତ ମଣ୍ଡପମ୍‌କୁ ଆସିବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ସମ୍ବୋଧନରେ ଆହୁରି କହିଛନ୍ତି, ନିଜ ମୋବାଇଲରେ ଜି୨୦ ଆପ୍ ଡାଉନ୍‌ଲୋଡ୍ କରି ବିଦେଶୀ ଅତିଥିଙ୍କ ସହ କଥା ହେବାବେଳେ ଏହାର ଅନୁବାଦ ତଥା ଅନ୍ୟ ଫିଚର୍ସଗୁଡ଼ିକର ଭରପୂର ଉପଯୋଗ କରନ୍ତୁ। ଜି୨୦ ମୋବାଇଲ ଆପ୍‌ରେ ଥିବା ଇନ୍‌ଷ୍ଟାଣ୍ଟ ଟ୍ରାନ୍ସଲେଶନ୍ ଫିଚରରେ ସମସ୍ତ ଭାରତୀୟ ଭାଷା ସହିତ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଭାଷା ମଧ୍ୟ ରହିଛି। ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକର ପ୍ରତିନିଧିଙ୍କ ସମେତ ପ୍ରାୟ ୪୦ ବିଶ୍ୱନେତା ଜି୨୦ରେ ଯୋଗଦେବେ ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ଉକ୍ତ ବୈଠକରେ ସୂଚନା ଦେଇଛନ୍ତି। ଏଥିସହ ପ୍ରୋଟୋକଲ ସମ୍ପର୍କିତ ତଥ୍ୟ ମଧ୍ୟ ପ୍ରଦାନ କରିଛନ୍ତି। କେତେଜଣ କେନ୍ଦ୍ରମନ୍ତ୍ରୀ ବିଶ୍ୱନେତାଙ୍କୁ ସ୍ୱାଗତ କରିବା ଦାୟିତ୍ୱରେ ରହିବେ। ଜି୨୦ ପାଇଁ ଜାତୀୟ ରାଜଧାନୀ ଦିଲ୍ଲୀକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି। ୨୮ ଫୁଟ୍ ଉଚ୍ଚତା ବିଶିଷ୍ଟ ନଟରାଜ ମୂର୍ତ୍ତି ରାତିରେ ଆଲୋକ ବିଚ୍ଛୁରଣ କରୁଛି। ଭାରତ ଏହି ସମିଟ୍ ପାଇଁ ଏକ ନୂଆ ସ୍ଲୋଗାନ ବାହାର କରିଛି। ତାହା ହେଲା, 'ୱାନ୍ ଆର୍ଥ, ୱାନ୍ ଫାମିଲି, ୱାନ୍ ଫ୍ୟୁଚର'। ଅର୍ଥାତ୍ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ। ଜି୨୦ରେ ଥିବା ୧୯ ଦେଶ ଏବଂ ୟୁରୋପୀୟ ସଂଘରେ ବିଶ୍ୱର ଦୁଇ-ତୃତୀୟାଂଶ ଜନସଂଖ୍ୟା ବସବାସ କରୁଥିବାବେଳେ ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୮୫% ଅବଦାନ ହେଉଛି ଏହି ରାଷ୍ଟ୍ର ସମୂହର।



ଅଷ୍ଟଧାତୁରେ ନିର୍ମିତ ୨୭ ଫୁଟ୍ ଉଚ୍ଚତା ବିଶିଷ୍ଟ ନଟରାଜ ମୂର୍ତ୍ତି ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ସ୍ଥାପନ କରାଯାଇଛି। ୧୮ ଟନ୍ ଓଜନର ଏହି ମୂର୍ତ୍ତିକୁ ନିର୍ମାଣ କରିଛନ୍ତି ତାମିଲନାଡୁର ସ୍ୱାମୀ ମଲାଇ ବାସିନ୍ଦା ବିଶିଷ୍ଟ ସ୍ଥପତି ରାଧାକ୍ରିଷ୍ଣନ୍ ସ୍ଥପତି। (ଫଟୋ: ଚମନ ଗୌତମ)

### ସୁନକଙ୍କ ସ୍ୱାଗତରେ ସମ୍ପର୍କୀୟ



ଲଣ୍ଡନ୍,୬।୯

ଭାରତୀୟ ବଂଶୋଦ୍ଭବ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଭାରତ ଆସୁଛନ୍ତି। ଜି୨୦ରେ ଯୋଗଦେବା ପାଇଁ ଆସୁଥିବା ସୁନକଙ୍କୁ ନୂଆଦିଲ୍ଲୀରେ ତାଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି କରାଯାଇଛି। ଏଥିସକାଶେ ଏକ ଭୋଜିର ଆୟୋଜନ ହୋଇଛି। ପଞ୍ଜାବୀ ଗୀତର ତାଳେ ତାଳେ ନନ୍-ଷ୍ଟପ୍ ଡ୍ୟାନ୍ସିଂ ମଧ୍ୟ ଚାଲିବ ବୋଲି ସୁନକଙ୍କ ୬୫ ବର୍ଷୀୟ ମାମୁ ଡକ୍ଟର ଗୌତମ ଦେବ ସୁଦ୍ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୪୩ ବର୍ଷୀୟ ସୁନକଙ୍କ ମା' ଉଷା ଓ ବାପା ଯଶବୀରଙ୍କ ପୂର୍ବଜ ହେଉଛନ୍ତି ଭାରତୀୟ। ପ୍ରଧାନମନ୍ତ୍ରୀ ହେବା ପରେ ସେ ପ୍ରଥମ ଥର ପାଇଁ ଭାରତ ଆସୁଛନ୍ତି। ତାଙ୍କ ସହ ସ୍ତ୍ରୀ ଅକ୍ଷତା ମୂର୍ତ୍ତି (ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଏବଂ ଲେଖିକା ସୁଧା ମୂର୍ତ୍ତିଙ୍କ ଝିଅ) ମଧ୍ୟ ଆସିବେ।

### ଆଜି ଆସୁଛନ୍ତି ବାଇଡେନ୍



ୱାଶିଂଟନ୍,୬।୯

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିବେ। ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ମଧ୍ୟ ଭାରତ ଗସ୍ତ କରିବାର ଥିଲା। କିନ୍ତୁ ସେ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଆସିପାରିବେ ନାହିଁ ବୋଲି ଏନ୍‌ଏସ୍‌ଏ ଜେକ୍ ସୁଲିଭାନ୍ ସୂଚନା ଦେଇଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ।

### କ୍ଷତି ସହିବେ ବ୍ୟବସାୟୀ

ନୂଆଦିଲ୍ଲୀ,୬।୯

ଜି୨୦ ସମିଟ୍ ପାଇଁ ଲୁଟିଏନ୍ସ ଡେଲ୍‌ହିର ସମସ୍ତ ବଡ଼ ବଜାର ବନ୍ଦ ରହିବ। ସୁରକ୍ଷା କାରଣରୁ ଚାନ୍ଦନୀ ଚୌକ ଓ ସଦର ବଜାର ଭଳି ଅନ୍ୟ ମାର୍କେଟଗୁଡ଼ିକ ମଧ୍ୟ ଖୋଲିବ ନାହିଁ। କନଟପ୍ଲେସ୍, ଖାନ୍ ମାର୍କେଟ, ବେଙ୍ଗାଲୀ ମାର୍କେଟ, ପାଣ୍ଡରା ରୋଡ୍ ମାର୍କେଟ, ଗୋଲ୍ ମାର୍କେଟ ଭଳି ଅନ୍ୟ କେତେକ ବଜାର ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ବ୍ୟବସାୟୀଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିବ।

## ସୁରକ୍ଷାକର୍ମୀଙ୍କ ସହ ଧସ୍ତାଧସ୍ତି, ୨୫ ଆହତ

**ମଣିପୁରର ୫ ଜିଲାରେ ରାତି କର୍ଫ୍ୟୁ**

ଇମ୍ଫାଲ,୬।୯

ମଣିପୁରର ବିଷ୍ଣୁପୁର ଜିଲା ଫୌଗାକଚୋ ଅଞ୍ଚଳରେ ବୁଧବାର ବିକ୍ଷୋଭକାରୀମାନେ ସୁରକ୍ଷା ବ୍ୟାରିକେଡ୍ ହଟାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ସୁରକ୍ଷା କର୍ମୀ ଓ ବିକ୍ଷୋଭକାରୀମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସୁରକ୍ଷାକର୍ମୀଙ୍କ ଲୁହବୁହା ଗ୍ୟାସ ପ୍ରୟୋଗ ଫଳରେ ୨୫ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ଅଧିକ ସଂଖ୍ୟକ ମହିଳା ଅଛନ୍ତି। ଆହତଙ୍କୁ ବିଷ୍ଣୁପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସର ସୂଚନାନୁସାରେ ବୁଧବାର ସ୍ଥାନୀୟ ଅଞ୍ଚଳବାସୀ ରାସ୍ତା ଅବରୋଧ କରିବା ସହ ପୋଲିସ ଓ କେନ୍ଦ୍ରୀୟ ଫୋର୍ସର ବ୍ୟାରିକେଡ୍ ହଟାଇବାକୁ ଉଦ୍ୟମ କରିଥିଲେ। ଅପୁନ୍ବ ମଣିପୁର କାନବା ଇମାଲୁପ୍(ଏଏମ୍‌କେଆଇଏଲ୍) ସଭାପତି ଲୌରେମ୍ବାମ ନଗାନବୀ କହିଛନ୍ତି, ମେ ୩ ହିଂସାକାଣ୍ଡ ପରେ ମେତେଇ ସମ୍ପ୍ରଦାୟର ଶତାଧିକ ଲୋକ ସେମାନଙ୍କ ଘର ଛାଡ଼ି ପଳାଇଥିଲେ। ତେବେ ସୁରକ୍ଷାକର୍ମୀଙ୍କ ବ୍ୟାରିକେଡ ଯୋଗୁ ସେମାନେ ଘରକୁ ଫେରିପାରୁ ନ ଥିଲେ। ପୂର୍ବରୁ ଅଗଷ୍ଟ ୩୦ରେ ବ୍ୟାରିକେଡ ହଟାଇବା ଲାଗି ସରକାରଙ୍କୁ ନିବେଦନ କରାଯାଇଥିଲା। ତେବେ ସରକାର ଶୁଣି ନ ଥିଲେ। ତେଣୁ ଏହି ବ୍ୟାରିକେଡ୍‌କୁ ମାତ୍ର କିଛି ଦୂର ଘୁଞ୍ଚାଇବା ଲାଗି ଆମେ ଦାବି କରିଥିଲୁ। କିନ୍ତୁ ସୁରକ୍ଷାକର୍ମୀ ତାହା କରି ନ ଥିଲେ। ରାଜ୍ୟର ବିଷ୍ଣୁପୁର, କାକଚିଂ, ଥୌବାଲ, ପଶ୍ଚିମ ଇମ୍ଫାଲ ଏବଂ ପୂର୍ବ ଇମ୍ଫାଲ ଜିଲାରେ କର୍ଫ୍ୟୁ ଜାରି କରାଯାଇଛି। ତେବେ ସକାଳ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଛି।



## ଗୋଟିଏ ବିସ୍କୁଟ କମ୍ ପାଇଁ ଲକ୍ଷେ ଦଣ୍ଡ

ଚେନ୍ନାଇ,୬।୯

ବିସ୍କୁଟ ପ୍ୟାକେଟରେ ଗୋଟିଏ କମ୍ ଥିବାରୁ ଜଣେ ଗ୍ରାହକ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହି ମାମଲାର ବିଚାର କରି ଗ୍ରାହକଙ୍କୁ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚେନ୍ନାଇର ପି. ଦିଲ୍ଲୀବାବୁ ନାମକ ଜଣେ ଗ୍ରାହକଙ୍କ ଅଭିଯୋଗ ଅନୁସାରେ ଆଇଟିସି କମ୍ପାନୀ ଦ୍ୱାରା ପ୍ରସ୍ତୁତ ସନଫିଷ୍ଟ ମାରି ଲାଇଟ୍ ବିସ୍କୁଟ ପ୍ୟାକେଟରେ ୧୬ ରହୁଛି ବୋଲି ବିଜ୍ଞାପନ ଦିଆଯାଉଛି। ହେଲେ ସେ କିଣିଥିବା ଏକ ପ୍ୟାକେଟରୁ ୧୫ଟି ବିସ୍କୁଟ ବାହାରିଥିଲା। ତେଣୁ ସେ ଏନେଇ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।





ଜନ୍ମାଷ୍ଟମୀ ଅବସରରେ ବାଂଲାଦେଶର ଢାକାରେ ରାଧା ଓ କୃଷ୍ଣ ବେଶ ଧାରଣ କରିଛନ୍ତି କିଶୋରୀ କିଶୋର। (ଫଟୋ ସୌଜନ୍ୟ: ଦି ଗାର୍ଡିଏନ୍)

## ସାରା ଜୀବନ ଅପେକ୍ଷା କରିବେ ନୂଆ ଭାରତୀୟ ଆବେଦନକାରୀ

ୱାଶିଂଟନ,୬।୯

ଅନ୍ୟ ଦେଶର ନାଗରିକଙ୍କୁ ଆମେରିକାର ସ୍ଥାୟୀ ବାସିନ୍ଦା ହେବା ଲାଗି ସେଠାକାର ସବୁଜ ପତ୍ରିକା ହାସଲ କରିବାକୁ ପଡୁଛି। ବର୍ତ୍ତମାନ ୧୦.୫ ଲକ୍ଷ ଭାରତୀୟ ନିଯୁକ୍ତିଭିତ୍ତିକ ସବୁଜ ପତ୍ରିକା ପାଇବା ଲାଗି ଆବେଦନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ସେମାନଙ୍କ ସବୁଜ ପତ୍ରିକା ପାଇବା ପୂର୍ବରୁ ମୃତ୍ୟୁବରଣ କରିବେ ବୋଲି ଏକ ନୂଆ ସର୍ଭେରେ ଜଣାପଡ଼ିଛି। ଏହି ସବୁଜ ପତ୍ରିକାକୁ ସ୍ଥାୟୀ ବାସିନ୍ଦା କାର୍ଡ ବୋଲି କୁହାଯାଉଛି। ଏହାକୁ ଆମେରିକାରେ ରହୁଥିବା ପ୍ରବାସୀ ନାଗରିକଙ୍କୁ ପ୍ରଦାନ କରାଯାଇଥାଏ। ଏହି କାର୍ଡ ପାଇବା ପରେ ସେମାନେ ଆମେରିକାରେ ସ୍ଥାୟୀ ବାସିନ୍ଦା ହୋଇଥାନ୍ତି। ପ୍ରତି ଦେଶର କେତେସଂଖ୍ୟକ ନାଗରିକ ସବୁଜ ପତ୍ରିକା ହାସଲ କରିପାରିବେ ତାର ଏକ ସୀମା ରହିଛି। ଆମେରିକାର କଟୋ ସଂସ୍ଥାନ ପ୍ରଫେସର ଡେଭିଡ ଜେ ବୀରଙ୍କ ସୂଚନାନୁସାରେ, ଚଳିତ ବର୍ଷ ନିଯୁକ୍ତିଭିତ୍ତିକ ସବୁଜ ପତ୍ରିକା ପାଇବା ଲାଗି ୧.୮ ନିୟୁତ ଲୋକ ଆବେଦନ କରିଛନ୍ତି। ଏହା ନୂଆ ରେକର୍ଡ ସୃଷ୍ଟି କରିଛି। ସେଥିମଧ୍ୟରେ ୧.୧ ନିୟୁତ ଭାରତୀୟ ଏବଂ ୨ ଲକ୍ଷ ୫୦ ହଜାର ଲୋକ ଚାଇନାର ବୋଲି ଜଣାପଡ଼ିଛି। ନିଯୁକ୍ତିଦାତା ଏବଂ ନିବେଶକଙ୍କ ଯୋଗୁ ସବୁଜ ପତ୍ରିକା ହାସଲ କରିବାକୁ ଅପେକ୍ଷାରତ ପ୍ରବାସୀ ନାଗରିକଙ୍କ ସଂଖ୍ୟା କ୍ରମାନ୍ୱୟରେ ବଢ଼ିବାରେ ଲାଗିଛି। କୌଣସି ଦେଶ ୭%ରୁ ଅଧିକ ସବୁଜ ପତ୍ରିକା ହାସଲ କରିପାରିବେ ନାହିଁ। ଯଦି ଏହି ସଂଖ୍ୟା ବୃଦ୍ଧି ପାଏ ତେବେ ସେଗୁଡ଼ିକ କୌଣସି କାମରେ ଲାଗିବ ନାହିଁ। ତେଣୁ ବର୍ତ୍ତମାନ ଯେଉଁ ୧.୧ ନିୟୁତ ଭାରତୀୟ ଏହି ପତ୍ରିକା ପାଇଁ ଆବେଦନ କରିଛନ୍ତି, ତାହା ଏହି ନିୟମକୁ ଉଲ୍ଲଂଘନ କରିବ ବୋଲି ଏହି ସର୍ଭେରେ କୁହାଯାଇଛି। ଭାରତରୁ ଆସିଥିବା ନୂଆ ଆବେଦନକାରୀଙ୍କୁ ଏହି କାର୍ଡ ହାସଲ କରିବା ଜୀବନସାରା ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଏଭଳି ସ୍ଥିତିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ଏହି କାର୍ଡ ହାସଲ କରିବା ପୂର୍ବରୁ ମୃତ୍ୟୁବରଣ କରିବେ ବୋଲି କୁହାଯାଇଛି। ଯେତେବେଳେ ନିଯୁକ୍ତିଦାତା କମ୍ପାନୀ ଜଣେ ଶ୍ରମିକଙ୍କ ଲାଗି ପିଟିଶନ ଦାଖଲ କରିଥନ୍ତି, ସେତେବେଳେ ଏହି କାର୍ଡର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପିଟିଶନ ଦାଖଲ କରିବା ପରେ ଯଦି ସବୁଜ ପତ୍ରିକା ମିଳିନଥାଏ, ତେବେ ଏହାକୁ ପାଇବା ଲାଗି ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିଥାଏ। ଚଳିତ ବର୍ଷ ମାର୍ଚ୍ଚରେ ୮୦,୩୨୪ ନିଯୁକ୍ତି ଭିତ୍ତିକ ପିଟିଶନ ଦାଖଲ ହୋଇ ପଡ଼ିରହିଛି। ସେଥିମଧ୍ୟରେ ୧ ଲକ୍ଷ ୭୧ ହଜାର ୬୩୫ ଜଣ ଲୋକ ସାମିଲ ଅଛନ୍ତି। ସେହିପରି କିଛି ନିଯୁକ୍ତି ଲାଗି ଆସିଥିବା ପ୍ରବାସୀ ସେମାନଙ୍କ ଭିଜା ପାଇବା ଲାଗି ଅପେକ୍ଷାରେ ରହିଛନ୍ତି। କିନ୍ତୁ ଏନେଇ କୌଣସି ସୂଚନା ସମ୍ପୃକ୍ତ ବିଭାଗ ଦେଉନଥିବା ଜଣାପଡ଼ିଛି। ସବୁଜ ପତ୍ରିକା ହାସଲ କରିବା ଲାଗି ବାଇଡେନ ସରକାର ନିକଟରେ ନୂଆ ନିୟମ ଲାଗୁ କରିବା ପରେ ଏହି ଅସୁବିଧା ଦେଖାଦେଇଛି।

**ଆମେରିକାର ଗ୍ରୀନ୍ କାର୍ଡ**



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୭/୨୦୨୩ | Bhubaneswar, Thursday, September 7/2023 | ପୃଷ୍ଠା-୧



## ସେମିରେ ଶେଲ୍‌ଟନ

ଆମେରିକାର ବେନ୍ ଶେଲ୍‌ଟନ ପ୍ରଥମଥରପାଇଁ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୦୨

## 'ଭାରତ'ର ନୂଆ ଅର୍ଥ ବୁଝାଇଲେ ଥରୁର

ଦେଶର ନାମକୁ ନେଇ ରାଜନୈତିକ ବିବାଦ ମୁଣ୍ଡ ଟେକିଥିବାବେଳେ କଂଗ୍ରେସ ନେତା ଶଶୀ ଥରୁର 'ଭାରତ'ର ନୂଆ ଫୁଲ୍ ଫର୍ମ ବାହାର କରିଛନ୍ତି।



# ସାପକାମୁଡ଼ା ମୃତ୍ୟୁସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ

**ରାଜ୍ୟରେ ସାପ କାମୁଡ଼ା ମୃତ୍ୟୁସଂଖ୍ୟାକୁ ନେଇ ସରକାରୀ ତଥ୍ୟରେ ତାଳମେଳ ରହୁନାହିଁ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା) ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ଦିଆଯାଉଥିବା ତଥ୍ୟ ଭିନ୍ନ ରହୁଛି। ସାପ କାମୁଡ଼ାଜନିତ ମୃତ୍ୟୁ ପାଇଁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଦିଆଯିବା ବ୍ୟବସ୍ଥା ରହିଛି। ଏଭଳି ସ୍ଥଳେ ମୃତ୍ୟୁସଂଖ୍ୟାରେ ତାଳମେଳ ନ ରହିବା ପଛରେ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଥିବା ସନ୍ଦେହ ହେଉଛି। ବାସ୍ତବରେ କେତେ ଲୋକ ସାପ କାମୁଡ଼ାରେ ମରିଛନ୍ତି ଏବଂ ସେମାନଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ମିଳୁଛି କି ନାହିଁ ତାହା ଅସ୍ପଷ୍ଟ।**



ଭୁବନେଶ୍ୱର, ୬।୯(ଅସମାପିକା ସାହୁ)

ଓସ୍‌ଡମା ଦ୍ୱାରା ପ୍ରସ୍ତୁତ ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍-୨୦୨୩ରେ ପ୍ରକାଶିତ ପୁସ୍ତକର ୨୨ ନମ୍ବର ପୃଷ୍ଠାରେ ୨୦୧୫-୧୬ ରୁ ୨୦୨୧-୨୨ ଅର୍ଥାତ୍ ୭ବର୍ଷରେ ୫,୩୩୩ ଜଣଙ୍କ ମୃତ୍ୟୁ ରେକର୍ଡ ହୋଇଛି। କିନ୍ତୁ ସେହି ବହିର ୩୫ ନମ୍ବର ପୃଷ୍ଠାରେ ଏହି ୭ବର୍ଷ ମଧ୍ୟରେ ୬,୧୩୨ ଜଣଙ୍କ ମୃତ୍ୟୁ ହୋଇଥିବା ଉଲ୍ଲେଖ ରହିଛି। ସେହିଭଳି ୩୬ ନମ୍ବର ପୃଷ୍ଠାରେ ଦିଆଯାଇଥିବା ରାଜ୍ୟ ମାନଚିତ୍ରରେ ୩୦ ଜିଲାରେ ଦିଆଯାଇଥିବା ମୃତ୍ୟୁସଂଖ୍ୟାକୁ ମିଶାଇଲେ ମଧ୍ୟ ୬,୧୩୨ ହେଉଛି। କିନ୍ତୁ ସେହି ବହିର ୧୦୯ ନମ୍ବର ପୃଷ୍ଠାରେ ୨୦୧୫-୨୦୨୨ ମଧ୍ୟରେ ୬,୩୫୧ ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି, ଯାହାକି ଓସ୍‌ଡମା ରିପୋର୍ଟର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ଓସ୍‌ଡମା ପକ୍ଷରୁ ସାପକାମୁଡ଼ା ମୃତ ବ୍ୟକ୍ତିଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଦିଆଯାଉଛି। ଯଦି ଏଠାରେ ମୃତ୍ୟୁ ସଂଖ୍ୟା ଠିକ୍ ନାହିଁ, ତେବେ ଏହି ଅନୁକମ୍ପା କେତେ ଜଣଙ୍କୁ ଦିଆଯାଇଛି ତାହା ମଧ୍ୟ ସନ୍ଦେହ ଘେରକୁ ଆସୁଛି। ଅପରପକ୍ଷରେ ଏସ୍‌ଆର୍‌ସିଙ୍କ ୱେବ୍‌ସାଇଟରେ ୨୦୧୫ରୁ ୨୦୨୨ ପର୍ଯ୍ୟନ୍ତ ଉପଲବ୍ଧ ଆନୁଆଲ ରିପୋର୍ଟ ଅନ୍ ନାଚୁରାଲ କାଲାମିଟିଜ୍ ବହିର ତଥ୍ୟକୁ ଅନୁଧ୍ୟାନକଲେ ଓସ୍‌ଡମାର ତଥ୍ୟ ଅଧିକ ଦ୍ୱନ୍ଦ୍ୱ ବଢ଼ାଉଛି। ଏସ୍‌ଆର୍‌ସିଙ୍କ ୱେବ୍‌ସାଇଟରେ ପ୍ରକାଶିତ ପୁସ୍ତକରେ ଦର୍ଶାଯାଇଛି ଯେ ୨୦୧୫-୧୬ରେ ୩୦୫ ଜଣଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଥିବାବେଳେ, ୨୦୧୬-୧୭ରେ ୫୪୨, ୨୦୧୭-୧୮ରେ ୮୨୪, ୨୦୧୮-୧୯ରେ ୮୨୩, ୨୦୧୯-୨୦ରେ ୯୫୧, ୨୦୨୦-୨୧ରେ ୧୦୩୫ ଏବଂ ୨୦୨୧-୨୨ରେ ୮୪୪ ଜଣଙ୍କ ମୃତ୍ୟୁ ହୋଇଛି। କିନ୍ତୁ ୫୪ ନମ୍ବର ପୃଷ୍ଠାରେ ୨୦୨୦-୨୧ରେ ୧,୦୩୫ ଜଣଙ୍କ ମୃତ୍ୟୁ ଘଟିଥିବା ଦର୍ଶାଯାଇଥିବାବେଳେ ୫୫ ପୃଷ୍ଠାରେ ୧,୦୪୪ ଲେଖାଯିବାର କାରଣ କିଛି ଦର୍ଶାଯାଇ ନାହିଁ। ଏସ୍‌ଆର୍‌ସିଙ୍କ ତଥ୍ୟାନୁସାରେ ୨୦୧୫ରୁ ୨୦୨୨ ମଧ୍ୟରେ ଓଡ଼ିଶାରେ ମୋଟ ୫,୩୩୩ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଓସ୍‌ଡମାର ଷ୍ଟେଟ ପ୍ଲାନ୍ ୨୦୨୩ର ୨୨ ନମ୍ବର ପୃଷ୍ଠାରେ ଦିଆଯାଇଥିବା ତଥ୍ୟ ସହିତ ସମାନ ହେଉଛି। ଏସ୍‌ଆର୍‌ସିଙ୍କ ୱେବ୍‌ସାଇଟରେ ଉପଲବ୍ଧ ପ୍ରତିଜିଲାର ଡିଷ୍ଟ୍ରିକ୍ଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍ ରିପୋର୍ଟରେ ମଧ୍ୟ ତଥ୍ୟ ଠିକ୍‌ରେ ଦିଆଯାଇ ନ ଥିବା ଦେଖାଯାଇଛି। ୩୦ ଜିଲାରୁ ମାତ୍ର ୮ ଜିଲା ୨୦୧୫ ରୁ ୨୦୨୨ ଯାଏ ପ୍ରତି ଆର୍ଥିକ ବର୍ଷର ସାପ କାମୁଡ଼ା ମୃତ୍ୟୁସଂଖ୍ୟା ଉଲ୍ଲେଖ କରିଛନ୍ତି। ସେଗୁଡ଼ିକ ହେଲା ପୁରୀ, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ସମ୍ବଲପୁର, କଟକ, ଭଦ୍ରକ ଓ ବରଗଡ଼। କେବଳ ସମ୍ବଲପୁର ଜିଲା ହିଁ ଜିଲାର ପ୍ରତି ବ୍ଲକରେ ପ୍ରତି ବର୍ଷ କେତେ ସାପ କାମୁଡ଼ା ମୃତ୍ୟୁ ହୋଇଛି ତାହାର ରିପୋର୍ଟ କରିଛି। ଢେଙ୍କାନାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲା ତରଫରୁ ଗତ ୪ ବର୍ଷର ତଥ୍ୟ ନିଜ ରିପୋର୍ଟରେ ଦିଆଯାଇଛି। ଆଶ୍ଚର୍ଯ୍ୟଜନକ ଭାବରେ ଖୋର୍ଦ୍ଧା ଜିଲା ତରଫରୁ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ସମ୍ପର୍କିତ କୌଣସି ତଥ୍ୟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନୀରବ ଉତ୍‌ଥାନ**

# ମୋଦିଙ୍କୁ ୯ ପ୍ରସଙ୍ଗରେ ସୋନିଆଙ୍କ ଚିଠି

## ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ନାହିଁ

ନୂଆଦିଲ୍ଲୀ,୬।୯(ପି.ଟି.)

ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପାଇଁ କେନ୍ଦ୍ର ସରକାର କୌଣସି କାର୍ଯ୍ୟସୂଚୀ ସ୍ପଷ୍ଟ କରିନାହାନ୍ତି। ତେଣୁ ଏହି ସମୟରେ ମଣିପୁର ହିଂସା ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସମେତ ୯ଟି ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା କରିବା ପାଇଁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ପତ୍ର ଲେଖିଛନ୍ତି।

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସୋନିଆ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ସଂସଦରେ ଆଲୋଚନା ପାଇଁ ପଠାଇଥିବା ଚିଠିରେ ରହିଛି, କେନ୍ଦ୍ର-ରାଜ୍ୟ ସମ୍ପର୍କ, ସାମ୍ପ୍ରଦାୟିକ ଉତ୍ତେଜନା ମାମଲା ବୃଦ୍ଧି, ଚାଇନା ପକ୍ଷରୁ ସୀମା ଅତିକ୍ରମଣ ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ପ୍ରଘଟ ଅନେକ ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ।

**୯ ପ୍ରସଙ୍ଗ**

- ମଣିପୁର ହିଂସା
- ଦରଦାମ୍ ବୃଦ୍ଧି
- ବେକାରି ସମସ୍ୟା
- କେନ୍ଦ୍ର-ରାଜ୍ୟ ସମ୍ପର୍କ
- ଜାତିଗତ ଜନଗଣନା
- ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି
- ସୀମାରେ ଚାଇନାର ଅତିକ୍ରମଣ
- ଆଦାନୀ ବିରୋଧରେ ଜେପିସି ତଦନ୍ତ
- ରାଜ୍ୟ ଉପରେ ବନ୍ୟା ଓ ମରୁଡ଼ିର ପ୍ରଭାବ



ସୋନିଆ ଗାନ୍ଧୀ

ସୋନିଆ ଲେଖିଛନ୍ତି, ସଂସଦର ଏହି ସ୍ୱତନ୍ତ୍ର ଅଧିବେଶନ ବିରୋଧୀ ଦଳଗୁଡ଼ିକ ସହ ବିଚାରବିମର୍ଶ ନ କରି ଡକାଯାଇଛି। ଏହାର ଏଜେଣ୍ଡା ଉପରେ ଆମ ମଧ୍ୟରୁ କାହାରି ଧାରଣା ନାହିଁ। ଆମକୁ କେବଳ ଏତିକି କୁହାଯାଇଛି, ୫ ଦିନ ଯାକ ସରକାରୀ କାର୍ଯ୍ୟ ପାଇଁ ଆବଣ୍ଟିତ ହୋଇଛି। ☞ପୃଷ୍ଠା-୨

# ବଜ୍ରପାତକୁ ଜାତୀୟ ବିପତ୍ତି ଘୋଷଣା କରାଯାଉ

## କେନ୍ଦ୍ର ନିକଟରେ ଦାବି ଜଣାଇଲା ରାଜ୍ୟ

ଭୁବନେଶ୍ୱର,୬।୯(ଅନିଲ ଦାସ)

ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବଜ୍ରପାତକୁ ପ୍ରାକୃତିକ ବିପତ୍ତି ଘୋଷଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି। ଏ ନେଇ ରାଜ୍ୟ ସରକାର ଏକ ପ୍ରସ୍ତାବ ଦେଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି, ବଜ୍ରପାତ ଯୋଗୁ ରାଜ୍ୟରେ ବହୁ ଲୋକଙ୍କ ଜୀବନ ଯାଉଛି। ଏଥିପାଇଁ ମୃତକଙ୍କ ଆତ୍ମୀୟଙ୍କୁ ରାଜ୍ୟ ସରକାର ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

ସାରା ବିଶ୍ୱ ବହୁ ଆହ୍ୱାନର ସମ୍ମୁଖୀନ ହେଉଥିବାବେଳେ ଭାରତ ଜି୨୦ର ଅଧ୍ୟକ୍ଷତା କରୁଛି। ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ବିଶ୍ୱକୁ ବାଟ ଦେଖାଇବ।
– ଋଷି ସୁନକ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗହମ ଖାଇଲା ପୋକ;**
**କାହୁଁ ଆସିଗଲା ହୁଣ୍ଡା ରସିକ**
**ମୁହଁଯାକ ପାନପିକା।**

ଅଲାଜୁକ ରସିକ। ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଗଜ ମୂର୍ଖ ଚଲଣା ଚୋର**
**ଅଣ୍ଟି ନ ପୂରିଲେ ଆହୁରି ତୋଳ।**

ସବୁ ଆତ୍ମସାତ୍ କରି ସୁଦ୍ଧା ଆହୁରି ନିଅଣ୍ଟ। କିଛି ବ୍ୟକ୍ତିଙ୍କ ମନରେ ଅଧିକ ପାଇବାକୁ ଲୋଭ ଏବଂ ଆଶା ରହିଥାଏ। ଯେତେ ପାଇଲେ ମଧ୍ୟ ସେମାନଙ୍କ ମନର ଆଶା କେବେହେଲେ ମେଣ୍ଟି ପାରି ନ ଥାଏ। ଆଶାଠୁ ଅଧିକ ଲୋଭ କରୁଥିବା ମୂର୍ଖ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଫାଙ୍କା ଗୁଳିଚାଳନା କରି ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍

## ନେଇଗଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର

କଟକ/କଟକ ସଦର, ୬।୯
(କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)

ସ୍ପଷ୍ଟ ଦିବାଲୋକରେ ଜଣେ ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ କରିଛନ୍ତି ୪ ଦୁର୍ବୃତ୍ତ। ଫାଙ୍କା ଗୁଳିଚାଳନା କରି ସେମାନେ ବ୍ୟବସାୟୀଙ୍କୁ ଭୟଭୀତ ମଧ୍ୟ କରିଛନ୍ତି। ବନ୍ଧୁକ ମୁନରେ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର। ଏଭଳି ଏକ ଘଟଣା ଘଟିଛି କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ମଉଗଜପୁର ରେଲୱେ ଷ୍ଟେସନ ନିକଟ ତାଳଦଣ୍ଡା କେନାଲ ବନ୍ଧ ରାସ୍ତାରେ। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ହାଟସାହିର ଅଲେଖ ପାତ୍ରଙ୍କ ପୁଅ ବିକି ଓରଫ ବିକାଶ ପାତ୍ର (୨୫)। ବିକାଶଙ୍କ ଅଭିଯୋଗ କ୍ରମେ ଏନେଇ କନ୍ଦରପୁର ଥାନାରେ ଏକ ମାମଲା (ନଂ. ୧୭୧/୨୦୨୩) ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ବିପିନ୍ ବିହାରୀ ହୋତା ସୂଚନା ଦେଇଛନ୍ତି। ଆଗକୁ ପାର୍ବଣ ଆସୁଥିବାବେଳେ ଦୁର୍ବୃତ୍ତଙ୍କ ଏଭଳି କାଣ୍ଡ କମିଶନରେଟ ପୋଲିସକୁ ଖୋଲା ଚାଲେଞ୍ଜ ସଦୃଶ ହୋଇଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିକାଶ ପାତ୍ର ଗାଁ ଗହଳିରେ ସୁନା, ରୁପା ଗହଣା ବେପାର କରି ଗୁଜୁରାଣ ମେଣ୍ଟାନ୍ତି। ସବୁଦିନ ଭଳି ସେ ନିଜ ସ୍କୁଟିରେ ଅଳଙ୍କାର ବ୍ୟାଗ୍ ବାନ୍ଧି ବ୍ୟବସାୟ କରିବାକୁ କଟକ ଅଭିମୁଖେ ଯାଉଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ୨ଟି ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ମଉଗଜପୁର ରେଳ ଷ୍ଟେଶନ ନିକଟରେ ଦୁର୍ବୃତ୍ତମାନେ ତାଙ୍କ ସ୍କୁଟିକୁ ଗୋଇଠା ମାରିବାରୁ ବିକାଶ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗନେଇ ଦୁର୍ବୃତ୍ତମାନେ ତାଙ୍କ ଠାରୁ ୩ଟି ସୁନା ଚେନ(୩୦ଗ୍ରାମ), ରୁପା ପାଉଁଜି ସହ ଚାନ୍ଦି ଅଳଙ୍କାର ଓ ୨୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ବିକାଶ ସେମାନଙ୍କୁ ବାଧା ଦେବାକୁ ଚେଷ୍ଟା କରିବାରୁ ସେମାନେ ୪ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଭୟଭୀତ କରିଥିଲେ। ଏହାପରେ ସେମାନେ କଟକ ଆଡ଼କୁ ଦ୍ରୁତ ଗତିରେ ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ଘଟଣାସ୍ଥଳରୁ ୩ ରାଉଣ୍ଡ ଗୁଳି ଓ ଗୋଟିଏ ଖୋଳ ଜବତ ହୋଇଥିବା ଜଣାପଡ଼ିଛି। ଡିସିପି ପିନାକ ମିଶ୍ର କହିଛନ୍ତି, ମଉଗଜପୁରଠାରେ ଲୁଟ୍ ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ କମିଶନରେଟ ପୋଲିସର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ମାମଲା ଅନୁଧ୍ୟାନ କରିଛନ୍ତି। ସ୍ପେଶାଲ ସ୍କ୍ୱାଡ୍ ମଧ୍ୟ ଏଥିପାଇଁ ଗଠନ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହେବୁ ବୋଲି ଡିସିପି କହିଛନ୍ତି।

ଅପରାଧୀମାନେ ବିଭିନ୍ନ ଭାବରେ ନିଜର କାର୍ଯ୍ୟ ହାସଲ ପାଇଁ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଆସିଥିବାବେଳେ ଏହାର ପୁନରାବୃତ୍ତି ଘଟିଛି। କିଛି ବର୍ଷ ପୂର୍ବେ ମଉଗଜପୁର ରେଲୱେ ଷ୍ଟେଶନ ନିକଟ ତାଳଦଣ୍ଡା କେନାଲ ବନ୍ଧ ରାସ୍ତାରେ ବହୁ ଭାବରେ ରାହାଜାନି ହେଉଥିଲା। ହେଲେ ପୋଲିସର ଘନଘନ ପାଟ୍ରୋଲିଂ ଓ ତୀକ୍ଷ୍ଣ ନଜର ଯୋଗୁଁ ତାହା ବନ୍ଦ ରହିଥିଲା। ହେଲେ ପୁଣି ଏଭଳି ଘଟଣା ଘଟିବା ପୋଲିସ କାର୍ଯ୍ୟଧାରାକୁ ଅଧିକ ଶାଣିତ କରିବାକୁ ଆହ୍ୱାନ ବୋଲି ଚର୍ଚ୍ଚା ହେଉଛି। ପାର୍ବଣ ଋତୁ ପୂର୍ବରୁ ଅପରାଧୀମାନଙ୍କୁ କରାୟତ୍ତ ନ କଲେ କମିଶନରେଟ ପୋଲିସ ପାଇଁ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ ବୋଲି ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ମତପ୍ରକାଶ କରିଛନ୍ତି।

# ଜାଲ୍ ସାର୍ଟିଫିକେଟ୍ ଦେଉଥିଲା ଡିପିଏମ୍‌ଆଇ

## ଅଭିଯୋଗ ପରେ ୫ ଗିରଫ

ବାଲେଶ୍ୱର, ୬।୯ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଉପକଣ୍ଠସ୍ଥିତ କୁରୁଡ଼ାଠାରେ ଦୀର୍ଘ ୩ବର୍ଷ ଧରି ଦିଲ୍ଲୀ ପାରାମେଡ଼ିକାଲ ଆଣ୍ଡ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ (ଡିପିଏମ୍‌ଆଇ) ନାମରେ ଏକ ଅନୁଷ୍ଠାନ ବିନା ପଞ୍ଜିକରଣରେ କେନ୍ଦ୍ର ସରକାରଙ୍କ ସ୍କିଲ ଡେଭେଲପ୍‌ମେଣ୍ଟ ଯୋଜନା ଆଳରେ ଚଳାଇ ଆସୁଥିଲେ। ଛାତ୍ରୀଛାତ୍ରମାନଙ୍କୁ ଜାଲ୍ ସାର୍ଟିଫିକେଟ୍ ଦେଉଥିବା ଅଭିଯୋଗ ହେବା ପରେ ବୁଧବାର ସଦର ଥାନା ପୋଲିସ ଅନୁଷ୍ଠାନର ୫ଜଣ କର୍ତ୍ତୃପକ୍ଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଡିପିଏମ୍‌ଆଇ କୁରୁଡ଼ା ଅଞ୍ଚଳରେ ପାରାମେଡ଼ିକାଲ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିଥିଲା। ସେଥିରେ ପିଲାମାନେ ସାର୍ଟିଫିକେଟ୍ ଓ ଚାକିରି ଆଶାରେ ଆଡ୍‌ମିଶନ ହୋଇଥିଲେ। ଶିକ୍ଷା ଶେଷ ପରେ ସାର୍ଟିଫିକେଟ ମିଳିଲା, କିନ୍ତୁ ତାହା କାମରେ ଆସିଲାନି। ପିଲାମାନେ ଚାକିରି ପାଇଁ ବିଭିନ୍ନ ସ୍ଥାନରେ ଆବେଦନ କରିଥିଲେ। ମାତ୍ର ସାର୍ଟିଫିକେଟରେ ଓଡ଼ିଶା ସରକାରଙ୍କ ପଞ୍ଜିକରଣ ନମ୍ବର ନ ଥିବାରୁ ତାହାକୁ ଗ୍ରହଣ କରାଯାଉ ନ ଥିବାରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଜାଲ୍ ସାର୍ଟିଫିକେଟ୍ ପାଇ ଛାତ୍ରୀଛାତ୍ରମାନେ ଚାକିରି ନ ପାଇବାରୁ ରେମୁଣା ବ୍ଲକ ନୂଆପାଢ଼ୀ ଗ୍ରାମର ଛାତ୍ରୀ ସଞ୍ଜନା ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସଦର ଥାନାରେ ମାମଲା (ନଂ. ୨୨୫/୨୩) ରୁଜୁ କରାଯାଇଥିଲା। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ସଂସ୍ଥା ନିର୍ଦ୍ଦେଶକ ପ୍ରୀତିଲତା ରାଉଳ, ପରିଚାଳନା ନିର୍ଦ୍ଦେଶକ ବୁଦ୍ଧିରାମ ରାଉଳ, ସହଯୋଗୀ ପୁଷ୍ପଲତା ଦାସ, ଅଧ୍ୟକ୍ଷ ସତ୍ୟବ୍ରତ ପାତ୍ରଙ୍କ ସମେତ ପରିଚାଳନା ନିର୍ଦ୍ଦେଶକଙ୍କ ପୁତୁରା ଜୀବନଜ୍ୟୋତି ରାଉଳଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ୫ ବର୍ଷ ହେଲା ବସ୍ ଅପେକ୍ଷାରେ ନଗଡ଼ାବାସୀ

ଯାଜପୁର, ୬।୯ (ହର୍ଷବର୍ଦ୍ଧନ ବେହେରା)



ପୂର୍ବରୁ ଚଳାଚଳ କରିଥିବା ଘରୋଇ ବସ୍।

ଶିଶୁ ଅପପୁଷ୍ଟି ପାଇଁ ଚର୍ଚ୍ଚିତ ଯାଜପୁର ଜିଲା ନଗଡ଼ାକୁ ବସ୍ ସେବା ପ୍ରତିଶ୍ରୁତି ଫସରଫାଟିଛି। ୨୦୧୭ ଅଗଷ୍ଟ ୧୧ରେ ନଗଡ଼ାବାସୀଙ୍କ ସମେତ ଆଖପାଖ ଜନସାଧାରଣଙ୍କ ପାଇଁ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଦାନଗଦିଠାରେ ବିଧାୟକ ତଥା ବର୍ତ୍ତମାନର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ଉପସ୍ଥିତିରେ ମା' ନାମକ ଏକ ବେସରକାରୀ ବସ୍‌କୁ ଭବ୍ୟ ସମାରୋହରେ ଉଦ୍‌ଘାଟନ କରାଯାଇଥିଲା। ମାସେ ପର୍ଯ୍ୟନ୍ତ ବସ୍‌ଟି ସୁରୁଖୁରୁରେ ଚାଲିଥିଲା। ଜୁଆଙ୍ଗ ଆଦିବାସୀମାନେ ବସ୍ ଯୋଗେ ଯାତାୟାତରେ କେତେକାଂଶରେ ଅଭ୍ୟସ୍ତ ହୋଇଥିଲେ। ହେଲେ ଯାନ୍ତ୍ରିକ ତ୍ରୁଟି କାରଣରୁ ବସ୍‌ଟି ଆଉ ନଗଡ଼ାକୁ ଗଡ଼ି ନ ଥିଲା। ଏହାକୁ ୫ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ବସ୍‌ଟି କୁଆଡ଼େ ଉଭେଇଯାଇଛି। ନଗଡ଼ାକୁ ଯୋଗାଯୋଗ ସଂଯୋଗ କରିବାକୁ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚକରି ପାହାଡ଼ ଚିରି ଯେଉଁ ରାସ୍ତା ନିର୍ମାଣ ହୋଇଥିଲା ଏବେ ତାହା କେତେଜଣ ସରକାରୀ ବାବୁଙ୍କ ଗାଡ଼ିଗୁଡ଼ିକ ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି।

ଖଣିଜ ସମ୍ପଦରେ ଭରପୂର ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ୨୦୧୬ ଜୁଲାଇରେ ଲୋକଲୋଚନକୁ ଆସିବା ପରେ ରାଜ୍ୟ ସରକାରଙ୍କୁ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା। ଉକ୍ତ ଅଞ୍ଚଳକୁ ଚାଲିଯିବା ପାଇଁ ବି ଭଲ ରାସ୍ତା ନ ଥିଲା। ତଳ ନଗଡ଼ା, ମଝି ନଗଡ଼ା ଓ ଉପର ନଗଡ଼ାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ତଥା ପାନୀୟ ଜଳ ଭଳି ମୌଳିକ ସୁବିଧା ସାତସପନ ହୋଇଥିଲା। ଗମନାଗମନ ସୁବିଧା ନ ଥିବାରୁ ସରକାରଙ୍କ କୌଣସି ଯୋଜନା ନଗଡ଼ାରେ ପହଞ୍ଚିପାରି ନ ଥିଲା। ସେଠାକାର ଅଧିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ସପନ ପରି ଲାଗୁଥିଲା। ସାମାଜିକ ଦାୟିତ୍ୱବୋଧକୁ ଖଣି କମ୍ପାନୀଗୁଡ଼ିକ ଭୁଲିଯାଇଥିଲେ। ନଗଡ଼ା ଶିଶୁ ମୃତ୍ୟୁ ଘଟଣା ପରେ ୨୦୧୬ ଜୁଲାଇ ଶେଷ ସପ୍ତାହ ବେଳକୁ ରାସ୍ତା ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନକୁ ଏହି ଦାୟିତ୍ୱ ସରକାର ଦେଇଥିଲେ। ୪ ମାସ ମଧ୍ୟରେ ନଗଡ଼ାକୁ ଯେପରି ଗାଡ଼ି ଚଳାଚଳ ହୋଇପାରିବ ସେଥିପାଇଁ ସରକାର ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ବିଭାଗୀୟ କାର୍ଯ୍ୟ ଅନୁସାରେ ୮.୧୦୦ କି.ମି. ରାସ୍ତା ପାଇଁ ୧୨.୮୧ କୋଟି ଟଙ୍କା ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିଲା। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ମୋରମ ଓ ମେଟାଲରେ ରାସ୍ତା ନିର୍ମାଣ କରି ଛାଡ଼ି ଦିଆଯାଇଥିଲା। ରାସ୍ତାର ବାମପାର୍ଶ୍ୱରେ ଏକ ଡ୍ରେନ୍ ଖୋଳାଯାଇଥିଲା। ପାହାଡ଼ର ବର୍ଷାଜଳ ଉକ୍ତ ଡ୍ରେନ୍‌ରେ ନିଷ୍କାସନ ହୋଇ ତଳକୁ ଗଡ଼ିଯିବାକୁ ଯୋଜନା ହୋଇଥିଲା। ହେଲେ ଡ୍ରେନ୍‌କୁ କଂକ୍ରିଟ୍ ଏବଂ ରାସ୍ତାକୁ ପିଚୁ କରାଯାଇ ନ ଥିଲା। ଫଳରେ ପରବର୍ତ୍ତୀ ସମୟରେ ଉକ୍ତ ଡ୍ରେନ୍ ପୋତିହେବା ଯୋଗୁ ବର୍ଷାପାଣିରେ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏବେ ନଗଡ଼ାକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପିଚୁରାସ୍ତା ନିର୍ମାଣ ହେଉଛି। ଯେଉଁ ନଗଡ଼ାକୁ ଚାଲି ଚାଲି ଯିବା କଷ୍ଟକର ହେଉଥିଲା ଏବଂ ପହଞ୍ଚିବାକୁ ୩ରୁ ୪ ଘଣ୍ଟା ସମୟ ଲାଗୁଥିଲା, ରାସ୍ତା ନିର୍ମାଣ ପରେ ସେଠାକୁ ମାତ୍ର ଅଧଘଣ୍ଟା ସମୟ ଲାଗିବ। ବସ୍ ଚଳାଚଳ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋରଙ୍କୁ ପଚାରିବାରୁ ନଗଡାକୁ ପିଚୁ ରାସ୍ତା କାମ ଚାଲିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଲକ୍ଷ୍ମୀ ଯୋଜନାରେ ବସ୍ ସେବା ଯୋଗାଇ ଦେବାକୁ ଯୋଜନା ରହିଛି ବୋଲି ସେ କହିଛନ୍ତି।

# କାମ ଦେଲାନି ଲଘୁଚାପ ବର୍ଷା

## ୧୧ ଜିଲାରେ ସ୍ଥିତି ସଙ୍ଗିନ

ଭୁବନେଶ୍ୱର, ୬।୯ (ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଶାନୁରୂପ ବର୍ଷା ଦେଲାନି। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ କିଛି ବର୍ଷା ହୋଇଥିଲେ ମଧ୍ୟ ଉପକୂଳ ଏବଂ ଆଭ୍ୟନ୍ତରୀଣ ଜିଲାଗୁଡ଼ିକ ଶୁଖିଲା ପଡ଼ିଛି। ବର୍ଷାକୁ ଚାହିଁ ରହିଥିବା ଚାଷୀ ନିରାଶ ହୋଇଛନ୍ତି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଲଘୁଚାପ ବୁଧବାର ଦୁର୍ବଳ ହୋଇଯାଇଛି। ଆଗାମୀ ଦିନରେ ରାଜ୍ୟକୁ ଆଉ ବଡ଼ ବର୍ଷା ମିଳିବା ସମ୍ଭାବନା କମ୍ ରହିଛି। ବର୍ଷାଭାବରୁ ରାଜ୍ୟର ୧୧ ଜିଲା ମରୁଡ଼ି ସଙ୍କଟର ସମ୍ମୁଖୀନ ହେଉଛି। ଭାରତୀୟ ପାଣିପାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ସେପ୍ଟେମ୍ବର ୬ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୯୭୩.୯ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୮୪୯.୫ ମିଲିମିଟର।

ରାଜ୍ୟର ୧୧ ଜିଲାର ଚାଷୀ ଏବେ ପାଣି ପାଇଁ ଉହଳବିକଳ ହେଉଛନ୍ତି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲାରେ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୪, ଗଞ୍ଜାମ ୨୯, କଳାହାଣ୍ଡି ୩୭, ପୁରୀ ୨୬, ଯାଜପୁର ୨୩, ବାଲେଶ୍ୱର ୨୧, ଜଗତ୍‌ସିଂହପୁର ୨୭, କୋରାପୁଟ ୨୬, ରାୟଗଡ଼ା ୨୬ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି।

# ‘ଭାରତ’ର ନୂଆ ଅର୍ଥ ବୁଝାଇଲେ ଥରୁର

ନୂଆଦିଲ୍ଲୀ, ୬।୯



ଶଶୀ ଥରୁର

ଦେଶର ନାମକୁ ନେଇ ରାଜନୈତିକ ବିବାଦ ମୁଣ୍ଡ ଟେକିଥିବାବେଳେ କଂଗ୍ରେସ ନେତା ଶଶୀ ଥରୁର ‘ଭାରତ’ର ନୂଆ ଫୁଲ୍ ଫର୍ମ ବାହାର କରିଛନ୍ତି। ଜି୨୦ ସମ୍ମିଳନୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ବିଦେଶୀ ନେତାମାନଙ୍କୁ ପଠାଯାଇଥିବା ନୈଶଭୋଜି ନିମନ୍ତ୍ରଣପତ୍ରରେ ‘ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ’ ପରିବର୍ତ୍ତେ ‘ପ୍ରେସିଡେଣ୍ଟ ଅଫ୍ ଭାରତ’ ଉଲ୍ଲେଖ କରାଯାଇଛି। ଏହାକୁ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ରେ ସାମିଲ ଥିବା ବିରୋଧୀ ନେତାମାନେ ତୀବ୍ର ସମାଲୋଚନା କରିଛନ୍ତି। ଏନେଇ ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ମଙ୍ଗଳବାର କହିଥିଲେ, ଇଣ୍ଡିଆକୁ ଭାରତ କହିବା ନେଇ କୌଣସି ସାମ୍ବିଧାନିକ ଆପତ୍ତି ନାହିଁ। ତେଣୁ ସରକାର ଏତେ ବୋକା ପାଲଟିଯିବେ ନାହିଁ ବୋଲି ଆଶା। ବିରୋଧୀ ମେଣ୍ଟର ନାମ ଇଣ୍ଡିଆ ରଖାଯାଇଥିବାରୁ ସରକାର ଏପରି ପରିବର୍ତ୍ତନ କରିଛନ୍ତି। ଏବେ ଯଦି ବିରୋଧୀ ନିଜ ମେଣ୍ଟର ନାମ ଭାରତ ରଖିବେ, ତା'ହେଲେ ସରକାର ପୁଣି କ'ଣ କରିବେ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ଅନେକ ଦଳ ପ୍ରଶ୍ନ କରିଛନ୍ତି। ଏଭଳି ସମୟରେ ବୁଧବାର ଥରୁର ଏକ ପ୍ରସ୍ତାବ ଦେଇଛନ୍ତି। ତାହା ହେଲା, ବିରୋଧୀ ମେଣ୍ଟ ନିଜ ପରିଚୟ ଆଲାଏନ୍ସ ଫର୍ ବେଟରମେଣ୍ଟ, ହାର୍‌ମୋନି ଆଣ୍ଡ ରେସ୍‌ପନ୍ସିବଲ ଆଡ୍‌ଭାନ୍ସମେଣ୍ଟ ଫର୍ ଟୁମୋରୋ (ଭାରତ) ନାମରେ ଦେଉ। ଏପରି କଲେ ସମ୍ଭବତଃ ଶାସକ ଦଳ ନାମ ପରିବର୍ତ୍ତନର ନିର୍ବୋଧ ଖେଳ ବନ୍ଦ କରିଦେବ ବୋଲି ଥରୁର ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ଆର୍‌ପିଏଫ୍ ଥାନା ଅଧିକାରୀ ନିଲମ୍ବିତ

ରାଉରକେଲା, ୬।୯ (ସଙ୍ଗୀତା ଜେନା)

ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲା ଆର୍‌ପିଏଫ୍ (ରେଳ ସୁରକ୍ଷା ବଳ) ଥାନା ଅଧିକାରୀ ଶିବ ଲାହରୀ ମୀନାଙ୍କୁ ନିଲମ୍ବିତ କରାଯାଇଛି। ଦକ୍ଷିଣ ପୂର୍ବ ରେଳପଥ ଆର୍‌ପିଏଫ୍ ଆଇଜି ସଞ୍ଜୟ ମିଶ୍ର ମଙ୍ଗଳବାର ସାଦା ପୋଷାକରେ ରାଉରକେଲା ଷ୍ଟେଶନରେ ସମସ୍ତ ବେଆଇନ କାରବାରକୁ ନିରୀକ୍ଷଣ କରିଥିଲେ। ପରେ ନିଲମ୍ବନ ଆଦେଶ ପ୍ରଦାନ କରିଥିଲେ। ପ୍ରାୟ ଅଢ଼େଇ ବର୍ଷ ହେବ ମୀନା ଏହି ପଦବୀରେ ରହିଆସିଥିଲେ। ରାଉରକେଲା ଷ୍ଟେଶନରେ ବିଭିନ୍ନ ବେଆଇନ କାରବାର ଚାଲିଥିବା ପ୍ରମାଣ ମିଳିବା ପରେ ଏହି ନିଷ୍ପତ୍ତି ନେଇଥିଲେ ଆଇଜି ମିଶ୍ର। ଏ ନେଇ ସୂଚନା ଦେଇ ଚକ୍ରଧରପୁର ଆର୍‌ପିଏଫ୍ କମାଣ୍ଡାଣ୍ଟ ଓମ୍‌କାର ସିଂହ କହିଛନ୍ତି ମୀନାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହେବ।

## ସାପକାମୁଡ଼ା ମୃତ୍ୟୁସଂଖ୍ୟାକୁ...

ପ୍ରଥମ ପୃଷ୍ଠାରୁ...

ଦିଆଯାଇନାହିଁ। ଏନେଇ ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏସ୍‌ଆର୍‌ସିଙ୍କ ଆନୁଆଲ ରିପୋର୍ଟ ଅନ୍ ନାଚୁରାଲ କାଲାମିଟିଜ୍ ରିପୋର୍ଟରେ ଦିଆଯାଇଥିବା ତଥ୍ୟ ଠିକ୍ ନା ଓସ୍‌ଡମା ଦ୍ୱାରା ପ୍ରସ୍ତୁତ ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍-୨୦୨୩ର ତଥ୍ୟ ଠିକ୍ ସେନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ସନ୍ଦେହକୁ ଦୂର କରିବା ପାଇଁ ସରକାର ୨୦୧୫ରୁ ସାପକାମୁଡ଼ା ମୃତ୍ୟୁସଂଖ୍ୟା ଏବଂ ଦିଆଯାଇଥିବା ଅନୁକମ୍ପା ରାଶିକୁ ସ୍ୱତନ୍ତ୍ର ଅଡିଟ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ଆବଶ୍ୟକ ବୋଲି ମଲ୍ଲିକ କହିଛନ୍ତି।

ଏ ସମ୍ପର୍କରେ ଓସ୍‌ଡମା ଏମ୍‌ଡି ଜ୍ଞାନ ରଞ୍ଜନ ଦାସ କହିଛନ୍ତି, ସମସ୍ତ ଜିଲାପାଳ ଅନ୍‌ଲାଇନ୍ ପୋର୍ଟାଲରେ ଏଣ୍ଟ୍ରି କରନ୍ତି। ବେଳେବେଳେ ପ୍ରାଥମିକ ପର୍ଯ୍ୟାୟରେ ସାପ କାମୁଡ଼ା ଯୋଗୁ ମୃତ୍ୟୁ ଘଟିଥିବ ବୋଲି ଜଣାପଡ଼ିଥିବ, କିନ୍ତୁ ବ୍ୟବଚ୍ଛେଦ ପରେ ତାହା ଅନ୍ୟ କାରଣ ଜଣାପଡ଼ିଥାଏ। ତେଣୁ ସେ ସମୟରେ ସଂଖ୍ୟା ଭିତରେ ଟିକେ ଏପଟ ସେପଟ ହୋଇପାରେ। ତଥାପି ଯଦି ତଥ୍ୟ ମ୍ୟାଚ୍ କରୁନାହିଁ, କ୍ରସ୍ ଚେକ୍ କରିଦେବେ ବୋଲି ଏମ୍‌ଡି କହିଛନ୍ତି। ଅପରପକ୍ଷେ ଉକ୍ତ ୭ବର୍ଷରେ ସାପ କାମୁଡ଼ା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରିବା ନେଇ ସେ କହିଛନ୍ତି, ମୃତ୍ୟୁର ୧୫ଦିନ ଭିତରେ ଏହି ରାଶି ପ୍ରଦାନ କରିବା ପାଇଁ ଆମର ନିର୍ଦ୍ଦେଶ ରହିଛି। କିନ୍ତୁ ତାହା ବ୍ୟବଚ୍ଛେଦ ରିପୋର୍ଟ ଉପରେ ନିର୍ଭର କରେ। ଯଦି ସବୁ ତଥ୍ୟ ଠିକ୍ ଥାଏ, ତେବେ ୭ଦିନରେ ବି ଦିଆଯାଇଥାଏ।

ଅନ୍ୟପକ୍ଷରେ ସାପ କାମୁଡ଼ା ମୃତ୍ୟୁସଂଖ୍ୟାରେ ତାଳମେଳ ରହୁ ନ ଥିବା ସନ୍ଦେହ କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଗତ ମାସଠାରୁ ରାଜ୍ୟର ପ୍ରତି ଜିଲାରୁ ଉଭୟ ଘରୋଇ ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକଠାରୁ ପ୍ରତ୍ୟେକ ଦିନ ସାପ କାମୁଡ଼ା ରୋଗୀଙ୍କ ସମ୍ବନ୍ଧୀୟ ତଥ୍ୟ ମଗାଇ ନିଜ ଡାଟାବେସ୍‌ରେ ରଖିବା ଆରମ୍ଭ କରିଛି। ଓସ୍‌ଡମା ଏବଂ ଏସ୍‌ଆର୍‌ସିଙ୍କ ସାପ କାମୁଡ଼ା ମୃତ୍ୟୁ ତଥ୍ୟ ଅମେଳ ହେଉଥିବାରୁ ହୁଏତ ସରକାର ଏଭଳି ପଦକ୍ଷେପ ନେବା ପାଇଁ ବାଧ୍ୟ ହୋଇଛନ୍ତି।

## ମୋଦିଙ୍କୁ ୯ ପ୍ରସଙ୍ଗରେ...

ଏଥିରେ ଆମେ ନିଶ୍ଚିତ ଭାବେ ଯୋଗଦେବାକୁ ଚାହିଁବୁ। କାରଣ ସ୍ୱତନ୍ତ୍ର ଅଧିବେଶନରେ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକୁ ଉଠାଇବା ପାଇଁ ଆମକୁ ସୁଯୋଗ ଦେବ। ବିତର୍କ ଓ ଆଲୋଚନା ପାଇଁ ଉଦ୍ଦିଷ୍ଟ ରୁଲ୍ସ ଅନୁସାରେ ଆମକୁ ସମୟ ଦିଆଯିବ ବୋଲି ଆଶାବାଦୀ ଥିବା ସୋନିଆ ଉଲ୍ଲେଖ କରିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶଙ୍କ ଅନୁସାରେ ଗୃହରେ ଆଲୋଚନା ସକାଶେ କୌଣସି କାର୍ଯ୍ୟସୂଚୀ ସ୍ଥିର ନ କରି ପ୍ରଥମ ଥର ପାଇଁ ଏପରି ଅଧିବେଶନ ଡକାଯାଇଛି। ଅନ୍ୟପକ୍ଷେ ସୋନିଆ ଅକାରଣେ ବିବାଦ ସୃଷ୍ଟି ପାଇଁ ଗଣତନ୍ତ୍ରର ମନ୍ଦିର ସଂସଦର କାର୍ଯ୍ୟକୁ ନେଇ ରାଜନୀତି କରୁଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସମାଲୋଚନା କରିଛନ୍ତି। ପ୍ରଚଳିତ ପ୍ରକ୍ରିୟାଗୁଡ଼ିକୁ ଅନୁସରଣ କରି ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଏଭଳି କ୍ଷେତ୍ରରେ ରାଜନୈତିକ ଦଳର ପରାମର୍ଶ ନିଆଯାଇ ନ ଥାଏ ବୋଲି କେନ୍ଦ୍ରମନ୍ତ୍ରୀ ଯୋଶୀ କହିଛନ୍ତି।

## ବଜ୍ରପାତକୁ ଜାତୀୟ...

ଦେଉଛନ୍ତି। ଯଦି ବଜ୍ରପାତକୁ କେନ୍ଦ୍ର ସରକାର ପ୍ରାକୃତିକ ବିପତ୍ତି ପରିସରଭୁକ୍ତ କରିବେ ତେବେ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଲୋକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିପୂରଣ ଅନୁଯାୟୀ ଅନୁକମ୍ପାମୂଳକ ସହାୟତା ରାଶି ମିଳିପାରିବ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ପ୍ରସ୍ତାବ ଦିଆଯାଇଛି। ଗତ ସେପ୍ଟେମ୍ବର ୨ରେ ଗୋଟିଏ ଦିନରେ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ସେଥିରୁ ଖୋର୍ଦ୍ଧାରେ ସର୍ବାଧିକ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବଲାଙ୍ଗୀରରେ ୨, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଗଜପତି, ଜଗତ୍‌ସିଂହପୁର ଏବଂ ପୁରୀ ଜିଲାରେ ଜଣେ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିଦିନ ୨ ଘଣ୍ଟାରେ ୬୧ ହଜାର ଥର ବିଜୁଳି ମାରିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କେବଳ ଯେ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁ ମନୁଷ୍ୟମାନେ ମୃତ୍ୟୁମୁଖରେ ପଡୁଛନ୍ତି ତା' ନୁହେଁ, ଗୃହପାଳିତ ପ୍ରାଣୀଙ୍କ ଜୀବନ ମଧ୍ୟ ନଷ୍ଟ ହେଉଛି। ନିକଟରେ ଗଜପତି ଓ କନ୍ଧମାଳ ଜିଲାରେ ଘଡ଼ଘଡ଼ି ମାରିବା ଫଳରେ ବହୁ ଗୃହପାଳିତ ପ୍ରାଣୀଙ୍କର ଜୀବନ ଯାଇଥିଲା। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୧-୧୨ରୁ ୨୦୨୦-୨୧ ସୁଦ୍ଧା ରାଜ୍ୟରେ ୩୪୯୨ ଜଣଙ୍କ ବଜ୍ରପାତ ଯୋଗୁ ପ୍ରାଣହାନି ଘଟିଛି। ଗଞ୍ଜାମରେ ୨୦୯ ଜଣଙ୍କ ଜୀବନ ଯାଇଥିବାବେଳେ କେନ୍ଦୁଝରରେ ୨୦୯, ବାଲେଶ୍ୱର ୧୮୨, କଟକ ୧୭୭, ଅନୁଗୋଳ ୧୧୨ , ବରଗଡ଼ ୧୧୫, ଭଦ୍ରକ ୧୮୩ ଏବଂ ବଲାଙ୍ଗୀରରେ ସର୍ବାଧିକ ୧୧୨ ଜଣଙ୍କ ବଜ୍ରପାତ ଯୋଗୁ ମୃତ୍ୟୁ ହୋଇଛି। ବଜ୍ରପାତ ବିପଦରୁ ଲୋକମାନଙ୍କୁ ଆଗୁଆ ସତର୍କ କରିବାକୁ ରାଜ୍ୟ ସରକାର ଆର୍ଥ ନେଟ୍‌ୱର୍କ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। କେନ୍ଦୁଝର, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର, ରାଉରକେଲା, ଭୁବନେଶ୍ୱର ଏବଂ ପାଣିକୋଇଲିଠାରେ ୮ଟି ବଜ୍ରପାତ ଚିହ୍ନଟ ସେନ୍ସର ସ୍ଥାପନ କରାଯାଇଛି। ଫଳରେ ବଜ୍ରପାତର କିଛି ସମୟ ପୂର୍ବରୁ ମୋବାଇଲ ମେସେଜ ଜରିଆରେ ଲୋକମାନଙ୍କୁ ଆଗୁଆ ସୂଚନା ଦିଆଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ କିଛିଟା ଦ୍ୱନ୍ଦ୍ୱ ଓ ଆଶା, ଆଶଙ୍କା ମଧ୍ୟରେ ମନ ହଲ୍‌ଚଲ ହୋଇପାରେ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର ସବୁ କାମ ଗୋଳିଆ ରହିବ। କିଛି ସହାନୁଭୂତିମୂଳକ ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରି ଆସିପାରେ। ଦ୍ରବ୍ୟ ନଷ୍ଟ ହୋଇପାରେ। ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ବୃଷ**
ଆଜି ମୃଗଶିରା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ, ସେମାନଙ୍କୁ ମନେଇ ନିଜ କାମରେ ଲଗାଇ ପାରନ୍ତି। ସଭାସମିତି ଏପରିକି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ଦିଗ ଅନୁକୂଳ ରହିବ।

**ମିଥୁନ**
ଆରଦ୍ରା ନକ୍ଷତ୍ର ସକାଶେ ଆଜି ଟଙ୍କା ପଇସା ସମ୍ପର୍କିତ ସମସ୍ତ କାମ ସାବଧାନତା ସହକାରେ କରିବା ବିଧେୟ। ଭୁଲ୍ ହିସାବରୁ, ଅଲଗା ସ୍ଥାନରେ ରଖିଦେଇଥିବା କାରଣରୁ, ଦେବା ନେବା କ୍ଷେତ୍ରରେ ଝାମେଲାର ସମ୍ଭାବନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ସହମତି ଭିତ୍ତିରେ କାମକଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ**
ଆଜି କୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ସାମାଜିକସ୍ତରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ପାଇଁ ଆହୁରି ବହୁ ସମୟ ଲାଗିପାରେ।

**ସିଂହ**
ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିଲେ ବି କାମ ଅଟକିବ ନାହିଁ। ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ଆଜି ପୁଷ୍ୟା ନକ୍ଷତ୍ର ବହୁ ଚେଷ୍ଟା ପରେ ଋଣସୂତ୍ରରେ ଅର୍ଥଲାଭ କରିବେ। ଅବଶ୍ୟ କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। କଠିନ ଶ୍ରମ ଓ ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

**ତୁଳା**
ସ୍ୱାତୀ ନକ୍ଷତ୍ର ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ

**ବିଛା**
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରନ୍ତୁ, ଅନ୍ୟଥା ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅନୁରାଧା ନକ୍ଷତ୍ର ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସରଳତାକୁ ପ୍ରାଧାନ୍ୟ ଦେଇ ଠକାମିର ଶିକାର ହୋଇପାରନ୍ତି। ପିଲାଙ୍କ ବିବାହ ପାଇଁ ଯୋଗାଯୋଗ କରି କୃତକାର୍ଯ୍ୟ ହେବେ। ମୂଳା ନକ୍ଷତ୍ରର ହାତକୁ ନେଇଥିବା କେତେକ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବା କାରଣରୁ ଏକପ୍ରକାର ମାନସିକ ଶାନ୍ତି ମିଳିବ।

**ମକର**
ଶ୍ରବଣା ନକ୍ଷତ୍ରର ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ପଡ଼ୋଶୀମାନେ ପ୍ରଶଂସା କରିପାରନ୍ତି।

**କୁମ୍ଭ**
ଶତଭିଷା ନକ୍ଷତ୍ର ନିଜ ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଅଧିକ ବୁଲାବୁଲି କାରଣରୁ ମୁଣ୍ଡ ବୁଲାଇବା ଲକ୍ଷଣ ଦେଖାଦେବ।

**ମୀନ**
ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପନ୍ନ ହେବାରୁ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବା ସାଙ୍ଗକୁ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

ଆଜି ଭାଦ୍ରବ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ, ଗୁରୁବାର, ଶ୍ରୀମନ୍ଦିରରେ ନନ୍ଦୋତ୍ସବ, ବିଜୁଳିକନ୍ୟା ପୂଜା, ସ୍ମାର୍ତ୍ତସମ୍ମତ ନନ୍ଦୋତ୍ସବ ଏବଂ ବୈଷ୍ଣବସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ସେପ୍ଟେମ୍ବର ୭ ତାରିଖ, ରାଶି ନକ୍ଷତ୍ର- ଦିବା ଘ.୧୦.୨୫ମି. ଗତେ, ମୃଗଶିରା/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୫ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୩୦ମି. ଗତେ ଘ.୧୨।୫୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୬ମି. ଗତେ ଘ.୦୨।୪୯ମି. ମଧ୍ୟେ ରାହୁକାଳ।

## ୧, ୦୬୫ ଅଧ୍ୟାପକ ପଦବୀ ପୂରଣ ହେବ

ଭୁବନେଶ୍ୱର, ୬।୯(ଅସମାପିକା ସାହୁ)- ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୧,୦୬୫ ଅଧ୍ୟାପକ ପଦବୀ ପୂରଣ ହେବ। ଏଥିପାଇଁ ଆସନ୍ତା ୧୧ ତାରିଖ ଅପରାହ୍ନ ୧ଟାରୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏଥିପାଇଁ ଉକ୍ତ ଦିନ ଅପରାହ୍ନ ୧ଟାରୁ ଷ୍ଟେଟ୍ ସିଲେକ୍ସନ ବୋର୍ଡର ୱେବ୍‌ସାଇଟ୍ www.ssbodisha.ac.inରେ ଫର୍ମ ସହ ଅନ୍ୟାନ୍ୟ ତଥ୍ୟ ଉପଲବ୍ଧ ହେବ। ଇଚ୍ଛୁକ ପ୍ରାର୍ଥୀ ଅକ୍ଟୋବର ୧୩ ତାରିଖ ରାତି ୧୧ଟା ୪୫ରେ ଭିତରେ ଆବେଦନ କରିପାରିବେ।




# ପଞ୍ଚମ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ନକଲି ଏଲ୍ଆଇସି ପଲିସି ଦ୍ୱାରା ୪.୧୩ କୋଟି ଋଣ ଠକେଇ ମାମଲା

ଭୁବନେଶ୍ୱର,୬।୯ (ସୂର୍ଯ୍ୟକାନ୍ତ ବେହେରା)

ନକଲି ଏଲ୍ଆଇସି ପଲିସି ଦ୍ୱାରା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର କଟକ ନୂଆପାଟଣା ଶାଖାରୁ ୪.୧୩ କୋଟି ଟଙ୍କା ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପଞ୍ଚମ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ଏମ୍ ଡି ସର୍‌ଫରାଜ୍ ଜାୱେଦ୍। ଅଭିଯୁକ୍ତ ସର୍‌ଫରାଜ୍ ଗିରଫଦାରି ଭୟରେ କିଛିଦିନ ହେଲା ପଶ୍ଚିମବଙ୍ଗ ମେଦିନପୁର ପଳାଇ ଯାଇଥିଲେ। ସେ ଓଡ଼ିଶା ଫେରିଥିବା ଜଣାପଡ଼ିବା ପରେ ମଙ୍ଗଳବାର ତାଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ବୁଧବାର ସର୍‌ଫରାଜ୍‌ଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ବ୍ୟାଙ୍କ ମ୍ୟାନେଜର ସେକ୍ ଅବଦୁଲ ହାଇ, ତତ୍କାଳୀନ ସିନିଅର ଆସିଷ୍ଟାଣ୍ଟ ପ୍ରକାଶ କୁମାର ମହାପାତ୍ର, ଏଲ୍ଆଇସି ଏଜେଣ୍ଟ ଏମ୍ ଡି ମୁସ୍ତାକିମ୍ ରାଜା ଓ ଏମ୍ ଡି ଇଫ୍‌ତାର ଅସିଫ ଖାନ୍‌ଙ୍କ ସମେତ ୪ଜଣଙ୍କୁ ପୂର୍ବରୁ ଇଓଡବ୍ଲ୍ୟୁ ଗିରଫ କରିଛି। ଅଭିଯୁକ୍ତ ସର୍‌ଫରାଜ୍ ଜାଲିଆତି କରି ବିଭିନ୍ନ ଲୋକଙ୍କ ନାମରେ ଥିବା ଏଲଆଇସି ପଲିସିକୁ ବ୍ୟାଙ୍କରେ ଦାଖଲ କରି ୪ଟି ଲୋନରେ ୧ କୋଟି ୫୮ ଲକ୍ଷ ୬୫ ହଜାର ଟଙ୍କା ହଡ଼ପ କରିଥିଲେ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ସେକ୍ ଅବଦୁଲ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଉକ୍ତ ଶାଖାର ବ୍ୟାଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ଏହି ଶାଖାର ଖ୍ରୀଷ୍ଟ କଲେଜ ଏକ୍ସଟେନ୍‌ସନ କାଉଣ୍ଟରର ସିନିଅର ଆସିଷ୍ଟାଣ୍ଟ ଭାବେ ଅଭିଯୁକ୍ତ ପ୍ରକାଶ କାମ କରୁଥିଲେ। ଅଭିଯୁକ୍ତମାନେ ଫେକ୍ ଏଲ୍ଆଇସି ପଲିସି ଦ୍ୱାରା ୨୫ଟି ଲୋନ ଆଣିଥିଲେ। ତେବେ ଏହି ବଡ଼ ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ପ୍ରିୟବ୍ରତ ପଣ୍ଡା ଏନେଇ ଇଓଡବ୍ଲ୍ୟୁରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଗତ ଏପ୍ରିଲ ୨୬ରେ ଇଓଡବ୍ଲ୍ୟୁ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବ୍ୟାଟେରି ଇନ୍ଧନ ପାଇଁ ପାଣ୍ଠି ବ୍ୟବସ୍ଥା

## କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ

ନୂଆଦିଲ୍ଲୀ,୬।୯

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଟେରି ଇନ୍ଧନ ସଂରକ୍ଷଣ ପ୍ରଣାଳୀ (ବିଇଏସ୍ଏସ୍)ର ବିକାଶ ପାଇଁ ସାଧନଯୋଗ୍ୟ ଶୂନ୍ୟସ୍ଥାନ ପାଣ୍ଠି ବା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ(ଭିଜିଏଫ୍) ନାମକ ଯୋଜନାକୁ ଅନୁମୋଦନ ମିଳିଛି। ଏହି ଯୋଜନାରେ ୨୦୩୦-୩୧ ସୁଦ୍ଧା ୪,୦୦୦ ମେଗାୱାଟ୍-ଘଣ୍ଟା ବିଇଏସ୍ଏସ୍ ପ୍ରକଳ୍ପର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ପୁଞ୍ଜି ବ୍ୟୟର ୪୦% ପର୍ଯ୍ୟନ୍ତ ଆର୍ଥିକ ସହାୟତା ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ) ଆକାରରେ ବଜେଟ ସହାୟତା ପ୍ରଦାନ କରାଯିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଅନେକ ପରିବେଶ ଅନୁକୂଳ ପଦକ୍ଷେପ ମଧ୍ୟରେ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଏହି ପଦକ୍ଷେପ ଭବିଷ୍ୟତରେ ବ୍ୟାଟେରି ଷ୍ଟୋରେଜ୍ ସିଷ୍ଟମର ମୂଲ୍ୟ ହ୍ରାସ କରିବ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରୀ ଠାକୁର କହିଛନ୍ତି।


ଅନୁରାଗ ସିଂ ଠାକୁର

ନାଗରିକମାନଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଏବଂ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଇ ଦେବା ପାଇଁ ସୌର ଏବଂ ପବନ ଶକ୍ତି ପରି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର ସାମର୍ଥ୍ୟକୁ ଉପଯୋଗ କରିବା ନିମନ୍ତେ ଏହି ଡିଜାଇନ୍ କରାଯିବା ଯୋଜନାର ମୂଳ ଉଦ୍ଦେଶ୍ୟ। ବିଇଏସ୍ଏସ୍ ଯୋଜନାର ବିକାଶ ପାଇଁ ଭିଜିଏଫ ନିମନ୍ତେ ୯,୪୦୦ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ବରାଦ କରାଯାଇଛି, ଯେଉଁଥିରେ ୩,୭୬୦ କୋଟି ଟଙ୍କାର ବଜେଟ ସହାୟତା ରହିଛି। ଏହାର ନିରନ୍ତର ବିଦ୍ୟୁତ ଶକ୍ତି ସମାଧାନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଭିଜିଏଫ ସମର୍ଥନ ପ୍ରଦାନ କରି, ଏହି ଯୋଜନା କିଲୋୱାଟ୍ ଘଣ୍ଟା ପିଛା ୫.୫୦-୬.୬୦ ଟଙ୍କା (କିଲୋୱାଟ୍-ଘଣ୍ଟା) ପର୍ଯ୍ୟନ୍ତ ଗୋଟିଏସ୍ତରର ଷ୍ଟୋରେଜ୍ ଖର୍ଚ୍ଚ (ଏଲସିଓଏସ୍) ହାସଲ କରିବାକୁ ଲକ୍ଷ୍ୟ ରଖିଛି, ଯାହା ସମଗ୍ର ଦେଶରେ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ପରିଚାଳନା ପାଇଁ ସଂରକ୍ଷିତ ଅକ୍ଷୟ ଶକ୍ତିକୁ ଏକ ଉପଯୋଗୀ ବିକଳ୍ପରେ ପରିଣତ କରିପାରିବ। ବିଇଏସ୍ଏସ୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟକୁ ଆଧାର କରି ପାଞ୍ଚକିସ୍ତିରେ ଭିଜିଏଫ୍ ବଣ୍ଟନ କରାଯିବାକୁ ଲକ୍ଷ୍ୟ ରହିଛି। ଯୋଜନାର ଲାଭ ଯେପରି ଉପଭୋକ୍ତାଙ୍କ ପାଖରେ ପହଞ୍ଚି ପାରିବ ତାହା ସୁନିଶ୍ଚିତ କରିବା ପାଇଁ ବିଇଏସ୍ଏସ୍ ପ୍ରକଳ୍ପ କ୍ଷମତାର ସର୍ବନିମ୍ନ ୮୫% ବିତରଣ କମ୍ପାନୀ (ଡିସକମ୍) ପାଇଁ ଉପଲବ୍ଧ କରାଯିବ। ଏହାଦ୍ୱାରା କେବଳ ବିଦ୍ୟୁତ୍ ଗ୍ରିଡ୍‌ରେ ଅକ୍ଷୟ ଶକ୍ତିର ଏକୀକରଣ ବୃଦ୍ଧି ପାଇବ ନାହିଁ ବରଂ ଟ୍ରାନ୍ସମିଶନ୍ ନେଟୱର୍କର ଉପଯୋଗ ସୁଦୃଢ଼ ହେବା ସହିତ ଅପଚୟ ମଧ୍ୟ ହ୍ରାସ ପାଇବ। ଫଳରେ ବ୍ୟୟବହୁଳ ଭିତ୍ତିଭୂମି ଉନ୍ନତୀକରଣର ଆବଶ୍ୟକତା ହ୍ରାସ ପାଇବ। ଭିଜିଏଫ ଅନୁଦାନ ପାଇଁ ବିଇଏସ୍ଏସ୍ ଡେଭଲପର୍ ଚୟନ ଏକ ସ୍ୱଚ୍ଛ ପ୍ରତିଯୋଗିତାମୂଳକ ନିଲାମ ପ୍ରକ୍ରିୟା ମାଧ୍ୟମରେ କରାଯିବ, ଯାହା ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ସଂସ୍ଥାଗୁଡିକ ପାଇଁ ଏକ ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବ। ଏହି ଆଭିମୁଖ୍ୟ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ ଏବଂ ବିଇଏସଏସ ପାଇଁ ଏକ ସୁଦୃଢ଼ ଇକୋସିଷ୍ଟମର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଏଥିସହିତ ଯଥେଷ୍ଟ ପୁଞ୍ଜିନିବେଶ ଆକୃଷ୍ଟ କରିବ ଏବଂ ଆନୁଷଙ୍ଗିକ ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି କରିବ।

# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା: ସ୍ୱାମୀ ଗିରଫ

କୁଚିଣ୍ଡା,୬।୯(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ଚିକପଡ଼ାରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ପୁଷ୍ପ କଣ୍ଡରା (୩୩)ଙ୍କୁ ସ୍ୱାମୀ ତପନ କଣ୍ଡରା (ବାବୁଲାଲ) ତଣ୍ଟି ଚିପି ହତ୍ୟା କରିଛନ୍ତି। ପୋଲିସ ହାତ୍ୟାକାରୀ ସ୍ୱାମୀ ବାବୁଲାଲଙ୍କୁ ଗିରଫ କରି ବୁଧବାର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ମହୁଲପାଲି ଥାନା କେଶାଇବାହାଲ ପଞ୍ଚାୟତ ସାଲୋହୀ ଗ୍ରାମର ବାବୁଲାଲ ପୁଷ୍ପଙ୍କୁ ପ୍ରେମ ବିବାହ କରି ଜରାବଗା ଚିକପଡା ଶ୍ୱଶୁର ଘରେ ରହୁଥିଲେ। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ମଙ୍ଗଳବାର ରାତିରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାବୁଲାଲ ପୁଷ୍ପଙ୍କ ତଣ୍ଟି ଚିପିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଏ ନେଇ ପୁଷ୍ପଙ୍କ ବାପଘର ଲୋକେ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୧୧୦/୨୩) ରୁଜୁକରି ତଦନ୍ତ କରିଥିଲା। କୁଚିଣ୍ଡା ମେଡିକାଲରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଗଳାକାଟି ମହିଳାଙ୍କୁ ହତ୍ୟା

## ମୃତଦେହ ନଦୀପଠାକୁ ଫିଙ୍ଗିଦେଲେ

ବରଗଡ଼,୬।୯ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା ଭଡ଼ିଗାଁ ଏବଂ ସୋହେଲା ଥାନା ଶ୍ରୀଗିଡ଼ା ଗ୍ରାମର ମଝିରେ ପ୍ରବାହିତ ଜିରାନଦୀ ପୋଲ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତ ମହିଳା ଜଣକ ସମ୍ବଲପୁର ଜିଲା ବୁର୍ଲା କଣ୍ଟ୍ରାକ୍ଟର କଲୋନିର ଶିଳା ବେହେରା(୪୦) ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ଗଳାକାଟି ତାଙ୍କୁ ହତ୍ୟା କରିବା ପରେ ପୋଲତଳ ନଦୀପଠାକୁ ମୃତଦେହ ଫିଙ୍ଗି ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ସହିତ ଘଟଣାସ୍ଥଳରୁ ଏକ ଛୁରି, ଶିଳାଙ୍କ ମନିପର୍ସ, ଏଟିଏମ୍ କାର୍ଡ, ଏକ ବସ୍ ଟିକେଟ୍ ଜବତ କରିଛି। ଏ ନେଇ ଭଟଲି ଥାନା ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା(ନଂ.୨୦୬/୨୩) ରୁଜୁ ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ତେବେ କିଭଳି ପରିସ୍ଥିତିରେ ଏବଂ କେଉଁ କାରଣରୁ ଅଭିଯୁକ୍ତମାନେ ଏଭଳି ହତ୍ୟାକାଣ୍ଡ ଭିଆଇଛନ୍ତି, ତାହା ସ୍ପଷ୍ଟ ହୋଇ ନାହିଁ । ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହିତ ପୋଲିସ ଏ ନେଇ ତଦନ୍ତ ଚଳାଇଛି। ତଦନ୍ତ ପରେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହେବ ବୋଲି ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି ।

ପ୍ରକାଶ ଯେ, ପୋଲ ଉପରେ ରକ୍ତଛିଟା ଏବଂ ପୋଲତଳ ନଦୀପଠାରେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ବୁଧବାର ସକାଳେ ଦେଖିବାକୁ ପାଇଥିଲେ। ଏ ନେଇ ସୂଚନା ଦେବା ପରେ ଏସଡିପିଓ ତ୍ରିପାଠୀଙ୍କ ସମେତ ଭଟଲି ଥାନା ଆଇଆଇସି ବିଭୂତି ଭୂଷଣ ଦଳେଇ, ବରଗଡ଼ ସଦର ଥାନା ଆଇଆଇସି ମାନସ ଭୋଇ, ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚିଥିଲେ। ସେହିପରି ସନ୍ଧାନୀ କୁକୁର ଏବଂ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲେ।

ଏଟିଏମ୍ କାର୍ଡରୁ ମୃତ ମହିଳାଙ୍କ ପରିଚୟ ପାଇ ପୋଲିସ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ପରିବାର ଲୋକେ ଘଟଣାସ୍ଥଳକୁ ପହଞ୍ଚିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମନିପର୍ସରୁ ଏକ ବସ୍ ଟିକେଟ୍ ମିଳିଥିବା ଯୋଗୁ ମହିଳା ଜଣକ ବସ୍ ଯୋଗେ ପହଞ୍ଚିବା ପରେ ଅଧବାଟରୁ ତାଙ୍କୁ ଅନ୍ୟ କୌଣସି ଗାଡ଼ିରେ ଘଟଣାସ୍ଥଳକୁ ନେଇ ସେଠାରେ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ତେବେ ଏହି ଘଟଣାଟି ଚାଲେଞ୍ଜ ହୋଇପଡ଼ିଥିବାରୁ ପୋଲିସ କେତେଶୀଘ୍ର ଏହାର ପର୍ଦ୍ଦାଫାଶ କରିପାରୁଛି, ସେଥିପ୍ରତି ସମସ୍ତଙ୍କ ନଜର ରହିଛି ।

# କଲେଜ ପରିବର୍ତ୍ତନ କରିପାରିବେ ଯୁକ୍ତ୩ ଛାତ୍ରୀଛାତ୍ର

ଭୁବନେଶ୍ୱର, ୬।୯ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖାଇଥିବା ଛାତ୍ରୀଛାତ୍ର ନିଜ କଲେଜ ବଦଳାଇପାରିବେ। ଉଚ୍ଚ ଶିକ୍ଷା ବିଭାଗ ସୂଚନାନୁସାରେ, ଯେଉଁ ଛାତ୍ରୀଛାତ୍ର ଯୁକ୍ତ୩ ପ୍ରଥମ ବର୍ଷରେ ନାମ ଲେଖାଇ ସାରିଛନ୍ତି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ସେମାନେ ସାମ୍ସ ଫିଡ୍‌ବ୍ୟାକ୍ ଫର୍ମ ପୂରଣ କରି କଲେଜ ବଦଳାଇପାରିବେ। ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ନ ହେବାରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟରେ ୧,୦୪୦ ଡିଗ୍ରୀ କଲେଜରେ ୨, ୭୦,୧୬୩ ସିଟ୍ ଥିବାବେଳେ ୧,୧୧,୧୦୮ ସିଟ୍ ଖାଲି ପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଗତ ସୋମବାରରୁ ଆବେଦନ ଆରମ୍ଭ ହୋଇଥିବାବେଳେ ଏହା ୧୩ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ୨୨ତାରିଖ ଅପରାହ୍ନ ୧୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୨୩ତାରିଖ ସକାଳ ୯ଟାରୁ ୨୬ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ।

# କୋଚିଂ ସେଣ୍ଟରକୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆଇନ ହେଉ

## ଶିକ୍ଷା ନିର୍ଦ୍ଦେଶକଙ୍କୁ ଭେଟିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୬।୯ (ଅସମାପିକା ସାହୁ)

ରାଜ୍ୟରେ ମାଳ ମାଳ କୋଚିଂ ସେଣ୍ଟର ଖୋଲାଯାଉଛି। କୋଚିଂ ସେଣ୍ଟରଗୁଡ଼ିକ ପାଇଁ କୌଣସି ସ୍ୱତନ୍ତ୍ର ନିୟମ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଶୋଷଣର ଶିକାର ହେଉଛନ୍ତି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ରହୁ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଉଛି। ତେଣୁ ରାଜ୍ୟ ସରକାର କୋଚିଂ ସେଣ୍ଟରଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଆଇନ ଆଣନ୍ତୁ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଏ ନେଇ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାରଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପ୍ରସନ୍ନ ବିଷୋୟୀ, ସୁବ୍ରତ ସାହୁ, ଅନୁକୂଳ ସାହୁ, କୁଳମଣି ସାହୁ ରହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସରକାର ସ୍ୱତନ୍ତ୍ର ଆଇନ କିମ୍ବା କୌଣସି କଟକଣା ନ ଲଗାନ୍ତି, ତେବେ ଆଗାମୀ ଦିନରେ ଘେରାଉ କରାଯିବ ବୋଲି ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି। ମହାସଂଘର କହିବାନୁସାରେ, ପିଲାଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ନମ୍ବର ରଖାଇ ଦେବାର ଏକ ସୁନେଲି ସ୍ୱପ୍ନ ଦେଖାଇ ହଜାର ହଜାର ପିଲାଙ୍କୁ କିଛି କୋଚିଂ ସେଣ୍ଟର ଲୁଟି ଚାଲିଛନ୍ତି। ଭଲ ନମ୍ବର ରଖିଥିବା ଗୋଟିଏ ପିଲାର ଫଟୋକୁ ବିଜ୍ଞାପନରେ ଶହ ଶହ ଅନୁଷ୍ଠାନ ପ୍ରଚାର ପାଇଁ ବ୍ୟବହାର କରିଥିବା ନଜିର ମଧ୍ୟ ରହିଛି। ବହୁ ଅଭିଭାବକ କୋଚିଂ ସେଣ୍ଟର ଶୋଷଣର ଶିକାର ହେଉଥିବା ଅଭିଯୋଗ ଆସୁଛି। ବିଗତ ଦିନରେ ସୁରଟରେ ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ୨୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ନିକଟରେ ଦିଲ୍ଲୀ କୋଚିଂସେଣ୍ଟର ଅଗ୍ନିକାଣ୍ଡ ଆଦି ଆମକୁ ଅନେକ ଶିକ୍ଷା ଦେଇଛି। ଆଗକୁ ଆମ ରାଜ୍ୟରେ ଏଭଳି ଘଟଣା ଘଟିବନି ବୋଲି କେହି କେବେ କହିପାରିବେ ନାହିଁ। ସେପଟେ ରାଜସ୍ଥାନ କୋଟାରେ ଯେପରି ମେଧାବୀ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ବଢ଼ି ଚାଲିଛି ତାହା ଅଭିଭାବକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଓଡ଼ିଶାରେ ମଧ୍ୟ ବିଭିନ୍ନ ସମୟରେ କୋଚିଂ ସେଣ୍ଟରରେ ପାଠପଢ଼ା, ଶୋଷଣ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଅଭିଯୋଗ ହୋଇଆସୁଛି। ତେଣୁ କୋଚିଂ ସେଣ୍ଟରଗୁଡ଼ିକୁ ତାଲିକାଭୁକ୍ତ କରି ସ୍ୱତନ୍ତ୍ର ଗାଇଡ୍‌ଲାଇନ ଆଣି ସରକାର ଦେୟ ଓ ଦାୟିତ୍ୱବୋଧ ନିର୍ଦ୍ଧାରଣ କରିବା ନିହାତି ଆବଶ୍ୟକ। ତେଣୁ ମହାସଂଘ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି ଜଣାଇଛି।

# ୪୦ ଫୁଟ ତଳକୁ ଖସିଲା ବସ୍, ୫ ଗୁରୁତର




ବେତନଟୀ,୬।୯ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ରାଗ୍‌ଧା କଲେଜ ଛକରେ ବୁଧବାର ଅପରାହ୍ନରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଯାତ୍ରୀ ଗୁରୁତର ହୋଇଛନ୍ତି। ଡ୍ରାଇଭର ଭାରସାମ୍ୟ ହରାଇବାରୁ ଶ୍ରୀଜଗନ୍ନାଥ ନାମକ ଏହି ବସ୍ ୧୮ନଂ. ଜାତୀୟ ରାଜପଥରୁ ପ୍ରାୟ ୪୦ ଫୁଟ ତଳକୁ ଖସି ଏକ ନାଳ ଭିତରେ ପଶି ଅଟକି ଯାଇଥିଲା । ବସ୍‌ରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଗୁରୁତର ଯାତ୍ରୀମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ବିଦେଶରେ ଫସିଛନ୍ତି ଓଡ଼ିଆ ଯୁବକ

## ଉଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

ଗୋପାଳପୁର,୬।୯ (ନବୀନ ରାଜ ଆଚାରୀ)

ବିଦେଶରେ ଅଧିକ ଟଙ୍କା ରୋଜଗାର କରିବାକୁ ଯାଇ ଫସିରହିଛନ୍ତି ଓଡ଼ିଆ ଯୁବକ ଦୀନବନ୍ଧୁ ସାହୁ । ତାଙ୍କ ଘର ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ। ଫେରିବାକୁ ତାଙ୍କ ପାଖରେ ଟଙ୍କା ନାହିଁ। ୨୫ଶହ ଡଲାର ଦେଲେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଭାରତ ଛାଡ଼ିବେ ବୋଲି କହି ଏକ କୋଠରିରେ ବନ୍ଦୀ କରି ରଖିଛନ୍ତି। ତାଙ୍କୁ ସେଠାରୁ ଉଦ୍ଧାର କରିବାକୁ ସେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଉକ୍ତ ଭିଡିଓ ଭାଇରାଲ ହେବାରେ ଲାଗିଛି।

ଦୀନବନ୍ଧୁ ସାହୁ ବିଦେଶରେ କମ୍ପ୍ୟୁଟର ଚାକିରି କରିବାକୁ ଗୁଜରାଟର 'ୟୁନିକ ଏମ୍ପ୍ଲୟମେଣ୍ଟ ସର୍ଭିସ୍' ନାମକ ସଂସ୍ଥା ସମ୍ପର୍କରେ ଆସିଥିଲେ। ଜୁଲାଇରେ ସେ ଗୁଜରାଟ ଯାଇ ଉକ୍ତ ସଂସ୍ଥା ସହିତ କଥାବାର୍ତ୍ତା କରିଥିଲେ। ୧୫ ଦିନ ପରେ ଉକ୍ତ ସଂସ୍ଥା ଭିଏତ୍‌ନାମରେ 'ଡେଲ୍‌ଟା' କମ୍ପାନୀରେ କମ୍ପ୍ୟୁଟର ଅପରେଟର ଚାକିରି ଓ ମାସକୁ ୯୦୦ ଡଲାର ମିଳିବ ବୋଲି ଅଫର ଲେଟର ଦେଇଥିଲେ। ଦୀନବନ୍ଧୁ ଏଥିରେ ରାଜିହୋଇ ଦସ୍ତଖତ କରିଥିଲେ। ଭିସା, ପାସପୋର୍ଟ ପାଇଁ ଦୀନବନ୍ଧୁ ସଂସ୍ଥାର ବ୍ୟାଙ୍କ ଖାତା ଓ ନଗଦ ଆକାରରେ ଦେଢ଼ ଲକ୍ଷ ଟଙ୍କା ଦେଇଥିଲେ। 'ୟୁନିକ ଏମ୍ପ୍ଲୟମେଣ୍ଟ ସର୍ଭିସ୍'ର ଏଜେଣ୍ଟ କ୍ରିଷ୍ଣା ପାଠକ ଦୀନବନ୍ଧୁଙ୍କୁ ଭିଏତ୍‌ନାମ ପଠାଇଥିଲେ। ସେଠାରେ ସେ ପହଞ୍ଚିବା ପରେ ଜଣେ ବ୍ୟକ୍ତି ଆସି ଚୁକ୍ତି ହୋଇଥିବା 'ଡେଲ୍‌ଟା' କମ୍ପାନୀକୁ ନ ନେଇ ଏକ କାର ଯୋଗେ କାମ୍ବୋଡିଆକୁ ନେଇ ସେଠାରେ ଏକ କମ୍ପାନୀରେ କାମ ଦେଇଥିଲେ। ଉକ୍ତ କମ୍ପାନୀ ଦୀନବନ୍ଧୁଙ୍କୁ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଜରିଆରେ ସିମ୍ ଠକେଇ, ଓଟିପି ନେଇ ଠକେଇ କାର୍ଯ୍ୟରେ ନିୟୋଜିତ କରିଥିଲେ। ଦୀନବନ୍ଧୁ ଏହି କାମ କରିବାକୁ ମନା କରିବା ସହିତ ଭାରତ ଫେରିଯିବାକୁ କହିବାରୁ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଏକ କୋଠରିରେ ବନ୍ଦୀ କରି ରଖିଥିଲେ। ଦୀନବନ୍ଧୁଙ୍କୁ ୨ ହଜାର ଡଲାରରେ ସମ୍ପୃକ୍ତ ଏଜେଣ୍ଟ ବିକ୍ରି କରିଦେଇଥିବା କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ତେଣୁ ଉକ୍ତ ୨ ହଜାର ଡଲାର ଓ ଭିସା ପାଇଁ ୫୦୦ ଡଲାର ଦେଲେ ଭାରତ ଛାଡ଼ିବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ବର୍ତ୍ତମାନ ତାଙ୍କ ପାଖରେ ଟଙ୍କା ନଥିବାରୁ ସେ ବନ୍ଦ କୋଠରିରେ ବସି ଆଖିରୁ ଲୁହ ଗଡ଼ାଉଛନ୍ତି। ଅପରପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଖାଇବାକୁ ଦେବା ବନ୍ଦ କରିବା ସହିତ ମାନସିକ ନିର୍ଯାତନା ଦେଉଛନ୍ତି। ତେଣୁ ସେଠାରୁ ଶୀଘ୍ର ମୁକ୍ତ କରିବା ପାଇଁ ସେ ସୋସିଆଲ ମିଡିଆରେ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ ଦୀନବନ୍ଧୁଙ୍କ ପରିବାର ପକ୍ଷରୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଧାର କରଜ କରି ତାଙ୍କ ନିକଟକୁ ପଠାଇଥିବା ବେଳେ ତାଙ୍କୁ ସେଠାରୁ ସରକାର ଶୀଘ୍ର ଫେରାଇ ଆଣିବାକୁ ଦୀନବନ୍ଧୁଙ୍କ ବାପା ଲଡୁକିଶୋର ସାହୁ ନିବେଦନ କରିଛନ୍ତି।


ଦୀନବନ୍ଧୁ ସାହୁ




ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ । କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !! -ଶ୍ରୀମା

# ନୀରବ ଉତ୍‌ଥାନ



ବ୍ରହ୍ମ ଚେଲାନି

ଚାଇନାର ଆର୍ଥିକ ମାନ୍ଦାବସ୍ଥା ଏବେ ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ ୨୦୨୩ର ଦ୍ୱିତୀୟ ତ୍ରୈମାସିକରେ ଭାରତର ଅର୍ଥ ବ୍ୟବସ୍ଥା ବାର୍ଷିକ ୭.୮% ହାରରେ ଅଭିବୃଦ୍ଧି ଘଟିଥିଲା। ଏହା ବ୍ୟତୀତ ନିକଟରେ ଜଳର ସମ୍ଭାବନା ଥିବା ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶ ଯାନ ଅବତରଣକରି ଭାରତ ଏକ କୀର୍ତ୍ତିମାନ ସ୍ଥାପିତ କରିଛି। ଭାରତର ଭୌଗୋଳିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ପ୍ରଭାବ ବଢ଼ୁଥିବାରୁ ବିଶ୍ୱ ସ୍ତରରେ ସେହିଭଳି ଏହାର ପ୍ରତିଷ୍ଠା ବି ବଢ଼ିବାରେ ଲାଗିଛି। ତେବେ ଚାଇନାର ଅଧୋଗତି ଦେଶରେ ଚାରି ଦଶନ୍ଧି ଧରି ଚାଲିଥିବା ଅର୍ଥନୈତିକ ଅଭିବୃଦ୍ଧିର ସମାପ୍ତିକୁ ଆମନ୍ତ୍ରଣ କରିଛି ବୋଲି କେତେକେ ଦାବି କରିବା ଆରମ୍ଭ କରିଦେଇଛନ୍ତି। ଏହା ଭାରତୀୟ ଅର୍ଥନୀତି ତଥା ଅନ୍ୟାନ୍ୟ ବିକାଶଶୀଳ ତଥା ଉଦୀୟମାନ ଦେଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଥିବା ସେମାନେ କହିଛନ୍ତି।

ଚଳିତ ବର୍ଷ ପ୍ରାରମ୍ଭରେ ଭାରତର ଜନସଂଖ୍ୟା ଆନୁଷ୍ଠାନିକ ଭାବେ ଚାଇନାକୁ ଅତିକ୍ରମ କରିଥିଲା। ଚାଇନାର ଅର୍ଥନୈତିକ ଆକାର ହ୍ରାସ ହେବା ଏବଂ ବରିଷ୍ଠ ନାଗରିକ ସଂଖ୍ୟା ଅଧିକ ବଢ଼ିବା ଯୋଗୁ ଅର୍ଥନୈତିକ ଅଭିବୃଦ୍ଧିରେ ବାଧା ସୃଷ୍ଟି ହେବା ସହ ଏହାର ଭୂରାଜନୈତିକ ଆକାଂକ୍ଷା ହ୍ରାସ କରିପାରେ। ଅପରପକ୍ଷେ ବିଶ୍ୱର ସମୃଦ୍ଧ ତଥା ଯୁବକଙ୍କ ଦେଶ କୁହାଯାଉଥିବା ଭାରତକୁ ବିପୁଳ ଜନସଂଖ୍ୟାରୁ ବି ଲାଭ ମିଳିବ। ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଚାଇନାଠାରୁ କମ୍ ଥିଲେ ବି ଏହା ଏବେ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହୋଇପାରିଛି। ଆଗାମୀ ୫ ବର୍ଷରେ ଏହା ବୈଶ୍ୱିକ ଅଭିବୃଦ୍ଧିର ୧୨.୯% ହାସଲକରି ଆମେରିକା (ଏବେ ୧୧.୩%)କୁ ଟପିଯିବ ବୋଲି ଆକଳନ କରାଯାଉଛି। ଏହାସହ ସଂସାଧନର ଉପଯୁକ୍ତ ଉପଯୋଗ ବୃଦ୍ଧି ଦ୍ୱାରା ଭାରତର ଯୁବପିଢ଼ି ଅଧିକ ଆବିଷ୍କାର କରିପାରୁଛନ୍ତି। ବିଶ୍ୱସ୍ତରୀୟ ସୂଚନା ଅର୍ଥ ବ୍ୟବସ୍ଥା ଏବଂ ନିକଟରେ ଚନ୍ଦ୍ରରେ ଚନ୍ଦ୍ରୟାନ-୩ ଅବତରଣ ଏହାର ପ୍ରମାଣ। ଆମେରିକା ମହାକାଶ ମିଶନ ବ୍ୟୟର ପ୍ରାୟ ୬% ଖର୍ଚ୍ଚରେ ଭାରତ ଏହି ସଫଳତା ପାଇଛି। ଭାରତ ଜିଡିପିରେ ଏହାର ଉପନିବେଶିକ ଶାସକ ବ୍ରିଟେନ୍‌କୁ ମଧ ଟପିଯାଇଛି। ଭାରତର ଜିଡିପି ଜାପାନ ଓ ଜର୍ମାନୀକୁ ଟପି ୨୦୩୦ ସୁଦ୍ଧା ଆମେରିକା ଓ ଚାଇନା ପଛକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବ ବୋଲି ଏହା ନିଶ୍ଚିତ ଅଛି।

ପଡ଼ୋଶୀ ଦେଶରେ ଅଧିକ ଅସ୍ଥିରତାକୁ ଦୃଷ୍ଟିରେ ରଖି ଭାରତ ପ୍ରତିରକ୍ଷା ବଜେଟ ବୃଦ୍ଧି କରିଛି ଓ ଏହା ବିଶ୍ୱର ତୃତୀୟ ବୃହତ୍ତମ ପ୍ରତିରକ୍ଷା ବଜେଟ ହୋଇପାରିଛି । ଚାଇନା ଏବଂ ପାକିସ୍ତାନ ମଧ୍ୟରେ ରଣନୀତିକ ମେଣ୍ଟ ଦୃଢ଼ ହେବା ଭାରତର ଅସୁରକ୍ଷିତ ସ୍ଥିତିକୁ ପ୍ରକାଶ କରିଛି। ସୀମାକୁ ଲାଗିଥିବା ଦୁଇ ପରମାଣୁସମ୍ପନ୍ନ ତଥା ବିସ୍ତାରବାଦୀ ରାଷ୍ଟ୍ରକୁ ଏହା ସାମ୍ନା କରୁଛି। ଏହାବ୍ୟତୀତ ଗତ ୩ ବର୍ଷ ଧରି ଏହାର ହିମାଳୟ ସୀମା ଚାଇନାଲୋଙ୍କୁ ନେଇ ସାମରିକ ଉତ୍ତେଜନା ଲାଗିରହିଛି। ବିବାଦୀୟ ତିବ୍ବତ-ଲଦାଖ ସୀମା ଅଞ୍ଚଳରେ ମଧ୍ୟବର୍ତ୍ତୀ ସଂଘର୍ଷ ଯୋଗୁ ଦ୍ୱିପାକ୍ଷିକ ସମ୍ପର୍କ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସମ୍ପୂର୍ଣ୍ଣ ଯୁଦ୍ଧର ବିପଦ ଥିବା ସତ୍ତ୍ୱେ ଚାଇନାର ମୁକାବିଲା କରି ଭାରତ ତାହାର ଶକ୍ତିକୁ ଚ୍ୟାଲେଞ୍ଜ କରିଛି, ଯାହା ଚଳିତ ଶତାବ୍ଦୀରେ କୌଣସି ଦେଶ କରିପାରିନାହାନ୍ତି। ପାଶ୍ଚାତ୍ୟ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ ଭାରତ ପ୍ରୟାସ କରିଛି। ହେଲେ ଏହା ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଔପଚାରିକ ଭାବେ ସାମରିକ ମେଣ୍ଟରେ ପ୍ରବେଶ କରିବାକୁ ଦ୍ୱନ୍ଦ୍ୱରେ ରହିଛି। ଏଥିପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଆଂଶିକ ଦାୟୀ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଚାଇନା ଓ ଭାରତ ମଧ୍ୟରେ ଲାଗି ରହିଥିବା ସାମରିକ ବିବାଦ ଉପରେ ମନ୍ତବ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିବା, ଭାରତକୁ ସମର୍ଥନ ନ କରିବା ସ୍ପଷ୍ଟ ସଙ୍କେତ ଦିଏ ଯେ, ଭାରତ ଏହାର ପ୍ରତିରକ୍ଷା ପାଇଁ ଉତ୍ତରଦାୟୀ। ଦେଶର ଆଗାମୀ ଅଭିବୃଦ୍ଧି ନିଶ୍ଚିତ ଭାବେ ବାହ୍ୟ ବିପଦରୁ ରକ୍ଷା କରିବାର କ୍ଷମତା ହାସଲ କରିବାକୁ ବାଟ ଖୋଲିଦେବ। ଭାରତ ଏହାର ପାରମ୍ପରିକ ସଶସ୍ତ୍ର ବାହିନୀକୁ ଆଧୁନିକୀକରଣ କରିବା ଏବଂ ଆଣବିକ ନିରସ୍ତ୍ରୀକରଣରୁ ଓହରି ଏହାକୁ ବଢ଼ାଇବା ପାଇଁ ଅଧିକ ପ୍ରୟାସ କରିବାର ସମ୍ଭାବନା ରହିବ।




ଚାଇନା ଏବଂ ଭାରତ ମଧ୍ୟରେ ବୃଦ୍ଧି ପାଉଥିବା ଭୂରାଜନୈତିକ ବିବାଦ ମଧ୍ୟ ଗ୍ଲୋବାଲ ସାଉଥକୁ ଏକତ୍ର କରିବା ଏବଂ ବ୍ରିକ୍ସ ଗ୍ରୁପ୍‌କୁ ଜି୨୦ ଏବଂ ଜି ୭ ପାଇଁ ଏକ ବିଶ୍ୱସନୀୟ ବିକଳ୍ପକୁ ପରିବର୍ତ୍ତନ କରିବାର ପ୍ରୟାସରେ ବାଧା ଦେଇପାରେ । ବ୍ରିକ୍ସ ଦେଶଗୁଡ଼ିକ (ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା) ନିକଟରେ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ, ଇଥିଓପିଆ, ଆର୍ଜେଣ୍ଟିନା ଏବଂ ଇରାନ ଭଳି ୬ ନୂତନ ସଦସ୍ୟଙ୍କୁ ଯୋଗକରି ଏହି ଗୋଷ୍ଠୀକୁ ସମ୍ପ୍ରସାରଣ କରିବାକୁ ରାଜି ହୋଇଛନ୍ତି। ତେବେ ୧୧ଜଣ ସଦସ୍ୟଙ୍କ ବିଭିନ୍ନ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ପ୍ରମୁଖ ପ୍ରସଙ୍ଗରେ ସହମତି ହାସଲ କରିବା ବ୍ରିକ୍ସକୁ ଅଧିକ କଷ୍ଟସାଧ୍ୟ ହୋଇପାରେ। ଏହି ସମୟରେ ଚାଇନାର ଆର୍ଥିକ ମାନ୍ଦାବସ୍ଥା ଶି ଜିନ୍‌ପିଙ୍ଗଙ୍କୁ ତାଙ୍କ ବିସ୍ତାରବାଦୀ କାର୍ଯ୍ୟସୂଚୀକୁ ପୂର୍ବାପେକ୍ଷା ଆହୁରି ଅଧିକ ପ୍ରୋତ୍ସାହିତ କରିପାରେ। ଚାଇନାର ଅର୍ଥନୀତିକୁ ଏକ ଟାଇମ ବମ୍ ସହ ତୁଳନା କରି ଏହା ଠିକ୍ ସମୟରେ ବିସ୍ଫୋରଣ ହେବ ବୋଲି ବାଇଡେନ୍ କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଯେତେବେଳେ ଖରାପ ଲୋକଙ୍କର ସମସ୍ୟା ଥାଏ, ସେମାନେ ଖରାପ କାମ କରନ୍ତି। ଚାଇନା ବିବାଦୀୟ ନୂତନ ଜାତୀୟ ମାନଚିତ୍ର ଜାରି କରିଛି। ଏହା ଭାରତ, ମାଲେସିଆ, ଫିଲିପାଇନ୍ସ, ଭିଏତ୍‌ନାମ, ତାଇୱାନ ଏବଂ ଭୁଟାନ (ଏବଂ ଏପରିକି ରୁଷିଆର କିଛି ଅଂଶ)ର ବିସ୍ତୃତ ଅଞ୍ଚଳକୁ ତା'ର ଅଞ୍ଚଳ ଭାବେ ଦର୍ଶାଇଛି। ଏହା ଚାଇନାର ଆକ୍ରମଣାତ୍ମକ ଆଚରଣ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ଦର୍ଶାଉଛି।

ଏହିସବୁ ବାହ୍ୟ ବିପଦ ମଧ୍ୟରେ ବି ଘରୋଇ ଆର୍ଥିକ ଆହ୍ୱାନକୁ ସମାଧାନକରି ଭାରତ ଭବିଷ୍ୟତ ଗଠନ କରିବାରେ ଲାଗିଛି। ପୁରୁଣା ଭାରତୀୟ ଅମଲାତନ୍ତ୍ରର ଆଧୁନିକୀକରଣ ଓ କାଗଜ ବ୍ୟବହାର ଯୋଗୁ କାର୍ଯ୍ୟରେ ବିଳମ୍ବକୁ ହ୍ରାସ କରିବା ପାଇଁ ଇ-ସରକାରକୁ ପ୍ରୋତ୍ସାହିତ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧିକ ପଦକ୍ଷେପ ନେଇଛନ୍ତି। ତାଙ୍କ ସରକାର ଦେଶର ଭିତ୍ତିଭୂମିର ନବୀକରଣ ଏବଂ ବିସ୍ତାରରେ ବ୍ୟାପକ ନିବେଶ କରିଛନ୍ତି, ନିୟାମକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି । ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ମାଧ୍ୟମରେ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଭାରତକୁ ବୈଶ୍ୱିକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତକୁ ମାନବ ପୁଞ୍ଜି ବିଶେଷକରି ଶିକ୍ଷା ଓ ପ୍ରଶିକ୍ଷଣରେ ନିବେଶ କରିବାକୁ ପଡ଼ିବ। ତେବେ ଭାରତର ଆକାର ଏବଂ ବିବିଧତା ମଧ୍ୟ ବହୁତ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଭାରତ ହୁଏତ ପ୍ରଥମ ବିକାଶଶୀଳ ଅର୍ଥନୀତି ହେବ, ଯାହା ଆରମ୍ଭରୁ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ମାଧ୍ୟମରେ ଆଧୁନିକୀକରଣ ଏବଂ ସମୃଦ୍ଧତାକୁ ଅନୁସରଣ କରିଆସିଛି। କିନ୍ତୁ ବିଶ୍ୱର ଅନ୍ୟତମ ସାଂସ୍କୃତିକ ବିବିଧତାର ଦେଶ ଭାବରେ ଏହାର ନିର୍ବାଚନ ପ୍ରକ୍ରିୟାଗୁଡ଼ିକ ବହୁ ସମୟରେ ବିଭାଜନ ଏବଂ ଧ୍ରୁବୀକରଣ ଭଳି ମନେହୁଏ। ଏହା ସତ୍ତ୍ୱେ ମଧ୍ୟ ଭାରତର ଗଣତାନ୍ତ୍ରିକ ଭିତ୍ତିଭୂମି ସ୍ଥିରତାର ସ୍ତମ୍ଭ ଭାବରେ କାର୍ଯ୍ୟ କରିଛି। ଖୋଲା ଅଭିବ୍ୟକ୍ତି ଏବଂ ଆଲୋଚନାକୁ ପ୍ରୋତ୍ସାହିତକରି ଭାରତୀୟ ରାଜନୈତିକ ବ୍ୟବସ୍ଥା ତୃଣମୂଳ ସ୍ତରରେ ଥିବା ସମୁଦାୟ ତଥା ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିଛି। ବଞ୍ଚିତ ବର୍ଗ ଏବଂ ଜାତିର ସଦସ୍ୟମାନଙ୍କୁ ସର୍ବୋଚ୍ଚ ସ୍ତରରେ ନୀତି ନିର୍ଦ୍ଧାରଣ କରିବାକୁ ସକ୍ଷମ କରିଛି।

ଭାରତ ଏହାର ସାମ୍ପ୍ରତିକ ବିକାଶମୁଖୀ କାର୍ଯ୍ୟ ବଜାୟ ରଖିପାରିବ କି ନାହିଁ ତାହା ରାଜନୈତିକ ସ୍ଥିରତା, ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ଘରୋଇ ତଥା ବାହ୍ୟ ନିରାପତ୍ତା ଏବଂ ଦୂରଦୃଷ୍ଟିସମ୍ପନ୍ନ ବୈଦେଶିକ ନୀତି ଉପରେ ନିର୍ଭର କରେ। ଏଥିରେ ସଫଳ ହେଲେ ବିଶ୍ୱ ସ୍ତରରେ ଭାରତର ପ୍ରତିଷ୍ଠା ବୃଦ୍ଧି ହେବ।

**ପ୍ରାଧ୍ୟାପକ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

## ମୂର୍ତ୍ତି ଓ ପ୍ରତିମୂର୍ତ୍ତି



ଯଦୁମଣି ପାଣିଗ୍ରାହୀ

ଆମ ନଜରରେ ମୂର୍ତ୍ତିଟିଏ ସଦାସର୍ବଦା କାହାରି ନା କାହାରି ଏକ ପ୍ରତୀକାତ୍ମକ ରୂପ ହୋଇଥିବା ବେଳେ ପ୍ରତିମୂର୍ତ୍ତି ଏକ ଅବିକଳ ପ୍ରତିକୃତି ବା ପ୍ରତିରୂପ । ରାଜା ମହାରାଜାଙ୍କ ଶାସନକାଳରୁ ନିର୍ମିତ ମନ୍ଦିର ଓ ମନ୍ଦିରରେ ସ୍ଥାପିତ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଆଜିଯାଏ ଯଥାବିଧି ପୂଜା ପାଇ ଆସୁଛି । ପୁରାଣଶାସ୍ତ୍ର ଓ କାବ୍ୟ କବିତାଗୁଡ଼ିକରେ ବି ଅନେକ ଦେବଦେବୀଙ୍କ ମାହାତ୍ମ୍ୟ ସମ୍ପର୍କରେ ଅବତାରଣା କରାଯାଇ ଈଶ୍ୱରଙ୍କ ପ୍ରତି ସାଧାରଣ ମଣିଷର ଆସ୍ଥା ଓ ବିଶ୍ୱାସକୁ ଅଧିକରୁ ଅଧିକ ବଳବତ୍ତର କରିବାର ପ୍ରୟାସ କରାଯାଇଛି। ଈଶ୍ୱରଙ୍କ ପ୍ରତି ସାଧାରଣ ମଣିଷର ଏହି ବିଶ୍ୱାସ ଓ ଭରସା ରହିଥିବା କାରଣରୁ ତଥା ସାଧାରଣ ମଣିଷର ଭାବାବେଗ ଈଶ୍ୱରଙ୍କ ସହ ଜଡ଼ିତ ଥିବା ଯୋଗୁ ସଂପ୍ରତି ଆମ ଦେଶ ଏବଂ ରାଜ୍ୟରେ ଥିବା ପ୍ରାଚୀନ ମନ୍ଦିରଗୁଡ଼ିକରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି, ଯାହା ବ୍ୟବସାୟ ବାଣିଜ୍ୟଠାରୁ ପର୍ଯ୍ୟଟନ କ୍ଷେତ୍ରକୁ ବି ବେଶ୍ ସମୃଦ୍ଧ କରୁଛି। ପୂର୍ବକାଳରେ ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିମାନେ ମନ୍ଦିର ତୋଳାଇ କିଛି ପୁଣ୍ୟ ଅର୍ଜନର ଆଶା ରଖିଥିବା ବେଳେ ଆଜିର ସମୟରେ କିଛି ଲୋକ ପୁଣ୍ୟ ଅର୍ଜନ କରିବା ଦୂରେ ଥାଉ କେବଳ ବ୍ୟକ୍ତିଗତ ସୁନାମ ଓ ପ୍ରତିଷ୍ଠା ଅର୍ଜନ ଲକ୍ଷ୍ୟରେ ନିଜେ ମନ୍ଦିର ତୋଳାଇବା ଅଥବା ଏଥିଲାଗି କିଛି ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଯେଉଁଠି ନାହିଁ ସେଠି ମନ୍ଦିରଟିଏ ତୋଳି ସେଥିରେ ଦେବଦେବୀଙ୍କ ମୂର୍ତ୍ତିଟିଏ ସ୍ଥାପନ କରିଦେବା, ଏମିତିକି ଖୋଲା ମେଲାରେ ତଥା ଅନାବଶ୍ୟକ ଭାବେ ଅନୁଚିତ ସ୍ଥାନରେ ମୂର୍ତ୍ତିଟିଏ ସ୍ଥାପନ କରିଦେବାରେ ଲୋକେ ଆନନ୍ଦଲାଭ କରୁଛନ୍ତି। ଆଜିକାଲି ଗାଁ ଗହଳିଠାରୁ ସହରବଜାର ଯାଏ ସବୁଠି ଏମିତି ମାନସିକତା ଲୋକଙ୍କ ମନରେ ବସାବାନ୍ଧିଛି। ବ୍ୟକ୍ତିବିଶେଷଙ୍କ ଠାକୁର ଘରେ ଥିବା ଠାକୁର ମୂର୍ତ୍ତି ହେଉ ଅବା ମନ୍ଦିର ଭିତରେ ବସିଥିବା ମୂର୍ତ୍ତି ହେଉ ଅଥବା ଖରା, ବର୍ଷା ଓ ଶୀତରେ ଖୋଲାମେଲାରେ ଗଛମୂଳରେ ସ୍ଥାପିତ ମୂର୍ତ୍ତି ହେଉ ବିଭିନ୍ନ କାରଣରୁ ପୂଜାର୍ଚ୍ଚନା ତଥା ନୀତିକାନ୍ତିରୁ ବଞ୍ଚିତ ହେଉଛନ୍ତି। ଅଲୋଡ଼ା, ଅଦରକାରୀ ଓ ଅବହେଳିତ ଅବସ୍ଥାରେ ପଡ଼ିରହିବା ପ୍ରଚ୍ଛଦପଟ୍ଟରେ ଆମ ମନରେ ଈଶ୍ୱରଙ୍କ ପ୍ରତି ଭକ୍ତି ନା ଈଶ୍ୱରଙ୍କ ପ୍ରତି ଅବମାନନାକୁ ସୂଚାଇ ଦେଉଛି ତାହା ବିଚାରସାପେକ୍ଷ।

ଅନେକ ସ୍ଥାନରେ ସରକାରୀ ଜାଗା ଉପରେ ନିର୍ମିତ ମନ୍ଦିର କି ସ୍ଥାପିତ କୌଣସି ଦେବଦେବୀଙ୍କ ମୂର୍ତ୍ତି କିଛିବର୍ଷ ପରେ ପୁଣି ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଉଛି। ରାସ୍ତା ସଂପ୍ରସାରଣ କିମ୍ବା ଗୃହ ନିର୍ମାଣ ହେବାକୁ ସ୍ଥାନାଭାବ ପଡ଼ିଲେ ଭଙ୍ଗାହେଉଛି ମନ୍ଦିର। ବିସ୍ଥାପିତ ହେଉଛନ୍ତି ଠାକୁର । ଅଥଚ ବିସ୍ଥାପନ ପାଇଁ ମିଳୁଥିବା କ୍ଷତିପୂରଣ ଅର୍ଥକୁ ନେଇ ଦେଖାଯାଉଛି ବିବାଦ। ମାନମନାନ୍ତର ଓ ଗଣ୍ଡଗୋଳ ଏମିତି କେତେ କ'ଣ। ଅନେକ ଜାଗାରେ ତ ମନ୍ଦିର ନିର୍ମାଣ ତଥା ଏହାର ପରିଚାଳନାକୁ ନେଇ ବାଦବିବାଦ ଦେଖାଯାଉଛି। ମାମଲା ପୁଣି କୋର୍ଟକଚେରି ଯାଏ ଯାଉଛି। ଏଇଠି ପ୍ରଶ୍ନ ଉଠେ ଏସବୁ କାହିଁକି ଓ କ'ଣ ପାଇଁ। ଏମିତି ଅନାବଶ୍ୟକ ଭାବେ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନ କରିଦେଇ ଆମେ କେଉଁ ପୁଣ୍ୟ ଅର୍ଜନ କରୁଛନ୍ତି ଯେ ! ଅନୁରୂପ ଭାବରେ ସମଗ୍ର ମଣିଷ ସମାଜ ପ୍ରତି ଯେଉଁ ମହାପୁରୁଷଙ୍କ ତ୍ୟାଗ ଓ ଅବଦାନ ରହିଛି ସେମାନଙ୍କ ପ୍ରତିମୂର୍ତ୍ତିମାନ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଛି। କବି, କଳାକାରଙ୍କଠାରୁ ଆରମ୍ଭକରି ଜନସେବକ, ସ୍ୱାଧୀନତା ସଂଗ୍ରାମୀ ଓ ରାଜନୈତିକ ପରାକାଷ୍ଠା ପ୍ରଦର୍ଶନ କରିଥିବା ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋପରି ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦଙ୍କ ପ୍ରତିମୂର୍ତ୍ତି ବି ଅନେକ ସ୍ଥାନରେ ସ୍ଥାପିତ ହୋଇଛି। ହେଲେ କେବଳ ଜୟନ୍ତୀ କି ଶ୍ରାଦ୍ଧରେ ସେମାନଙ୍କ ପ୍ରତିମୂର୍ତ୍ତିରେ ଫୁଲହାରଟିଏ ପକାଇଦେଇ କେବଳ ଆମେ ଆମର କର୍ତ୍ତବ୍ୟ ଶେଷ କରିଦେଉ। ତା' ଛଡ଼ା ଅନେକ ସ୍ଥାନରେ ସ୍ଥାପିତ ପ୍ରତିମୂର୍ତ୍ତି ଲତା ଗୁଳ୍ମ ଆଚ୍ଛାଦିତ ତଥା ଧୂଳିଧୂସରିତ ହୋଇ ପରିତ୍ୟକ୍ତ ଅବସ୍ଥାରେ ରହିଛନ୍ତି, ଯାହା ସେମାନଙ୍କ ପ୍ରତି ଚରମ ଉପହାସ ସଦୃଶ। କୌତୂହଳର କଥା ହେଉଛି ଅନେକ ମହାପୁରୁଷଙ୍କ ମୂର୍ତ୍ତି ତିଆରି ହୋଇ କାରିଗରଙ୍କ ପାଖରେ ଦଶନ୍ଧି ଦଶନ୍ଧି ଧରି ପଡ଼ି ରହିଥିବା ଦେଖିବାକୁ ମିଳୁଛି। ବରାଦ ଦେଇଥିବା ଲୋକେ ପ୍ରତିମୂର୍ତ୍ତି ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ମହାପୁରୁଷଙ୍କ ପ୍ରତି ଏହା ଅପମାନ ନୁହେଁ କି? ଏହାବ୍ୟତୀତ କୌଣସି କୌଣସି ଜାଗାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଟିଏ ସ୍ଥାପନ କରିବାକୁ ଦାବି ହେଉଥିବା ବେଳେ ଅନେକ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେମିତି ଅନେକ ଜାଗାରେ ପ୍ରତିମୂର୍ତ୍ତି ଭଙ୍ଗାରୁଜାକୁ ନେଇ ଅପ୍ରୀତିକର ଓ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେଉଛି। ମୂର୍ତ୍ତିରୁ ପ୍ରତିମୂର୍ତ୍ତି ଯାଏ ଆଜି ଯେତେବେଳେ ମଣିଷର ଆକ୍ରୋଶ ଓ ଅବହେଳାର ଶିକାର ହେବାକୁ ବସିଛି ସେତେବେଳେ ଲୋକଚରିତ୍ର କେମିତି ବଦଳି ବଦଳି ଯାଉଛି ତାହା ଆପଣ ବୁଝିପାରୁଥିବେ।

**ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ-୯୯୩୭୫୬୫୫୨୭**

## ଏଇ ଭାରତରେ

ବୁକ୍ ବ୍ୟାଙ୍କ ଦ୍ୱାରା ଗରିବ ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଶିକ୍ଷକମାନଙ୍କର ଏକ ନିଆରା ପଦକ୍ଷେପ ଦେଖିବାକୁ ମିଳିଛି ହରିୟାଣାରେ। ବାବା ସରସାଇନାଥ ବୁକ୍ ବ୍ୟାଙ୍କ ୱେଲ୍‌ଫେୟାର ଟ୍ରଷ୍ଟ ପଢିବାରେ ଅଭାବୀ ପିଲାମାନଙ୍କୁ ସାହାଯ୍ୟ କରୁଛି। ଏହି ବୁକ୍ ବ୍ୟାଙ୍କ ଠିକ୍‌ସମୟରେ ପିଲାମାନଙ୍କୁ ବହି ଯୋଗାଇଦେଉଛି। ସିରସାର ଶ୍ରୀଗୋଶାଳାରେ ବାବା ସରସାଇନାଥ ବୁକ୍ ବ୍ୟାଙ୍କ ୱେଲ୍‌ଫେୟାର ଟ୍ରଷ୍ଟ ୨୫ ଜୁଲାଇ ୨୦୨୧ରେ ପ୍ରତିଷ୍ଠା କରାଯାଇଥିଲା। କେବଳ ୧୦୦ ପୁସ୍ତକରୁ ଆରମ୍ଭ ହୋଇଥିବା ଏହି ବୁକ୍ ବ୍ୟାଙ୍କରେ ଏବେ ୯ମରୁ ଦ୍ୱାଦଶ ଏବଂ ସ୍ନାତକୋତ୍ତର ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା ୧୦ ହଜାରରୁ ଅଧିକ ପୁସ୍ତକ ଅଛି। ଟ୍ରଷ୍ଟର ସଦସ୍ୟମାନଙ୍କର ଉଦ୍ଦେଶ୍ୟ ହେଉଛି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରୀଛାତ୍ରମାନେ ଯେଭଳି ପୁସ୍ତକ ଅଭାବରୁ ସେମାନଙ୍କ ପଢ଼ା ବନ୍ଦ ନ କରିବେ। ଏହି ବୁକ୍ ବ୍ୟାଙ୍କରେ ୧୫ ଜଣ ସଦସ୍ୟ ଅଛନ୍ତି। କରୋନା ମହାମାରୀ ସମୟରେ ସରକାରୀ ବିଦ୍ୟାଳୟ ସହ ଜଡିତ ଶିକ୍ଷକ ଓ କେତେଜଣ ସାମାଜିକ କର୍ମୀ ଏହି ବ୍ୟାଙ୍କ୍ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ବ୍ୟତୀତ ଅନ୍ୟ ଲୋକମାନେ ମଧ ଏନେଇ ସହଯୋଗ କରିଥିଲେ। ବୁକ୍ ବ୍ୟାଙ୍କ ସଭାପତି ଗୁରୁଦୀପ ସାଇନି କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ଶ୍ରେଣୀର ୭୦୦ ପିଲାଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯାଇଛି। ବହି ଦେବା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ଏକ ଫର୍ମ ପୂରଣ କରିବାକୁ ପଡ଼ିଥାଏ। ଯେଉଁଥିରେ ବହିଗୁଡ଼ିକୁ ଭଲ ସ୍ଥିତିରେ ରଖିବା ଏବଂ ପରୀକ୍ଷା ପରେ ଫେରସ୍ତ କରିବାକୁ କୁହାଯାଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୮

- ଜାପାନର ସୁପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ବିଶ୍ୱ ସିନେମାର ଅନ୍ୟତମ ପ୍ରବାଦ ପୁରୁଷ ଆକିରୋ କୁରୋସାୱାଙ୍କ ୮୮ ବର୍ଷ ବୟସରେ ପରଲୋକ।
- ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଇସଲାମୀକରଣ ବିଲ୍‌କୁ ବିରୋଧ କରିବା ଲାଗି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟିର ନେତ୍ରୀ ବେନଜୀର ଭୁଟ୍ଟୋଙ୍କ ନେତୃତ୍ୱରେ ୭ଟି ବିରୋଧୀ ରାଜନୈତିକ ଦଳ ମଧ୍ୟରେ ମେଣ୍ଟ ଗଠନ।
- ସିମ୍‌ଲାଠାରୁ ୧୮ କିଲୋମିଟର ଦୂର ହିନ୍ଦୁସ୍ତାନ-ତିବ୍ବତ ଜାତୀୟ ରାଜପଥରେ ଅବସ୍ଥିତ ଗଲ୍ଲଠାରେ ହିମାଚଳ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନର ଏକ ବସ୍ ୨୫୦ ଫୁଟ ଗଭୀର ଏକ ଖାତରେ ଖସିପଡ଼ିବାରୁ ୧୪ ମୃତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | |
| 3 | | | 1 | | 8 | | 6 | 4 |
| | | 7 | | | 5 | | 3 | 2 |
| | 7 | | | | 1 | | | |
| | | | 6 | | | 5 | | 9 |
| | 2 | 1 | | | 4 | | | |
| | | | | | | 4 | | |
| 5 | | | 9 | | | | | 3 |
| | | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 7 | 4 | 1 | 9 | 3 | 6 | 5 |
| 1 | 5 | 6 | 7 | 8 | 3 | 4 | 2 | 9 |
| 3 | 9 | 4 | 5 | 6 | 2 | 7 | 1 | 8 |
| 6 | 7 | 8 | 2 | 3 | 5 | 1 | 9 | 4 |
| 2 | 4 | 3 | 1 | 9 | 6 | 5 | 8 | 7 |
| 5 | 1 | 9 | 8 | 7 | 4 | 2 | 3 | 6 |
| 7 | 3 | 2 | 6 | 5 | 8 | 9 | 4 | 1 |
| 4 | 6 | 5 | 9 | 2 | 1 | 8 | 7 | 3 |
| 9 | 8 | 1 | 3 | 4 | 7 | 6 | 5 | 2 |

ଗତକାଲିର ଉତ୍ତର

# 'କୋଟା'ର ମୃତ୍ୟୁଫାଶ ଓ ମେଧାବୀ



ଡା. ସମ୍ରାଟ କର

'ରାଜସ୍ଥାନର କୋଟା ସହରରେ ବାରମ୍ବାର ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସୁଛି। । କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୪ରେ ପହଞ୍ଚିଛି।' - ବଡ଼ ବ୍ୟସ୍ତଭରା କଣ୍ଠରେ କହିଗଲେ ମୋ ଅନୁଜ ପ୍ରତିମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ କୋଟାରେ ଆଶାୟୀ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟରଖି ସବୁ ଜାଣିପାରି କହିଲି, କଥା ଆଜିର ନୁହେଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେଶିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ରମାନେ ଆଇଆଇଟି ପାଇବା ପରେ ତାହା ବିଖ୍ୟାତ ହୋଇଗଲା। ତା'ପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟରଗୁଡ଼ିକ ଗଢ଼ିଉଠିଲା। ଛାତ୍ରସଂଖ୍ୟା ବଢ଼ିଲା ଏବଂ ସେମାନଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ ବଢ଼ିଲା।

ବାସ୍ତବ କଥା ହେଉଛି, ଆପଣ କୋଟା ଗଲେ ରେଳ ଷ୍ଟେଶନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇଦେବ। ରେଳ ଷ୍ଟେଶନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରୀଛାତ୍ର ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରିପାରନ୍ତିନାହିଁ। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ୍ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ୍ ଯେ ନିଃଶ୍ୱାସ ନେବାକୁ ସମୟ ନ ଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡିକାଲ ପାଆନ୍ତିନାହିଁ। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକେ ଫେରନ୍ତିନାହିଁ।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା ହେବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୂରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି।

ପ୍ରତିବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର କୌଣସି ଗୋଟିଏ ଅଗ୍ରଣୀ ଇଞ୍ଜିନିୟରିଂ ବା ମେଡିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ୍‌ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନକରି ଅଗତ୍ୟା କୋଟାରୁ ରିକ୍ତହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କ'ଣ?



ପ୍ରବେଶିକା ପରୀକ୍ଷାଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ, କିନ୍ତୁ ସଂଖ୍ୟାଧିକ ଛାତ୍ରୀଛାତ୍ର ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି। ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରୀଛାତ୍ର ମଧ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୋଇଥାଆନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମପନ୍ଥା ବାଛିନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧିସ୍ଥଳରେ ଉପସ୍ଥିତ ଏହି ଛାତ୍ରୀଛାତ୍ରମାନେ ପରିବାରଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନକରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ୨ଲକ୍ଷରୁ ଆରମ୍ଭକରି ୫ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରୀଛାତ୍ରଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତକୁ ଚିନ୍ତାକରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ, କାରଣ ଜୀବନଟି ଖୁବ୍ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳିଦାନ ଦେବା ଉଚିତ କି? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ବାଧକ । ଏହି ଚାପଜନିତ କାରଣ ପାଇଁ ଜଣେ ନା ଠିକ୍ ଭାବେ ଖାଇପାରେ ନା ଠିକ୍ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ଡ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନ ଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତ୍‌ଙ୍କ ପାଇଁ ନୁହେଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ୍, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକମାନଙ୍କ ଗୁରୁଦାୟିତ୍ୱ ରହିଛି। ସ୍ୱପ୍ନ ଚରିତାର୍ଥ ନ ହେଲେ କୋମଳମତି ଛାତ୍ରୀଛାତ୍ରମାନେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ,**
**ମୋ : ୯୧୩୨୪୩୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଏହା କ'ଣ ନୂଆ ଇତିହାସ

ମହାଶୟ,

ଭାରତକୁ ଯେଉଁମାନେ ଲହୁ ଲୁହ ଦେଇ ସ୍ୱାଧୀନ କରିଥିଲେ ସେମାନେ ଆଜି ଅଲୋଡ଼ା । ତାଙ୍କ ନାମରେ ନାମିତ ଅଟ୍ଟାଳିକା, ରାସ୍ତା, ଗୃହ ଓ ଅନୁଷ୍ଠାନରେ ଥିବା ସେମାନଙ୍କ ଫଳକ ଆଜି ନଷ୍ଟଭ୍ରଷ୍ଟ କରାଯାଉଛି । ଲାଲ୍ ବାହାଦୁର ଶାସ୍ତ୍ରୀ ଉଦ୍‌ଘାଟନ କରିଥିବା ଜିନିଷକୁ ଆଜି ନଷ୍ଟ କରାଯାଉଛି । ମସ୍‌ଜିଦ୍ ଭାଙ୍ଗି ମନ୍ଦିର ତୋଳାଯାଉଛି । ଭାରତ ଏକ ସର୍ବଧର୍ମ ସମନ୍ୱିତ ଗଣତନ୍ତ୍ର ଦେଶ । ଏଠାରେ ହିନ୍ଦୁଙ୍କର ଯେତିକି ଅଧିକାର ଅଛି ମୁସ୍‌ଲିମ୍, ଶିଖ୍, ବୌଦ୍ଧ ପ୍ରଭୃତି ଧର୍ମର ସେତିକି ଅଧିକାର । ହିନ୍ଦୁତ୍ୱ ଦ୍ୱାହି ଦେଇ ଅନ୍ୟ ଧର୍ମର କୀର୍ତ୍ତିରାଜିକୁ ଭାଙ୍ଗିବା ଅଧିକାର କାହାର ନାହିଁ । ଏହାଦ୍ୱାରା ନୂଆ ଇତିହାସ ସୃଷ୍ଟି ହୋଇପାରେନାହିଁ । ଜଣେ ମେଧାବୀ ଛାତ୍ର ବା ସଚ୍ଚୋଟ ନେତା ବା ମନ୍ତ୍ରୀ ଯାହା କରିପାରିବ ତାକୁ ଜାଲ୍ ପ୍ରମାଣପତ୍ର ଦ୍ୱାରା କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ କେବେ ବି କରିପାରିବ ନାହିଁ । ଆଜି ଦେଶ କେଉଁଆଡ଼କୁ ଗତି କରୁଛି ତାହା ପ୍ରତ୍ୟେକେ ଉପଲବ୍ଧି କଲେଣି । ଖାଲି ମିଛ ଆଉ ମିଛରେ ଚାଲିଛି ଦେଶ ଶାସନ । ଲୋକଙ୍କ ଧନକୁ ନେଇ ନିଜ ସ୍ୱାର୍ଥ ପାଇଁ ହାତଗଣତି ପୁଞ୍ଜିପତିମାନଙ୍କୁ ମାଲାମାଲ କରି ଶେଷରେ ସେମାନଙ୍କୁ ଦେଶରୁ ଛାଡ଼ି ଦିଆଯାଇଛି ନିଜ ଲାଭରେ । ଏହା କ'ଣ ନୂଆ ଇତିହାସ ?

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ନିରାକାର କୋଳେ ମୋର
ସାକାର ଜୀବନ ଯିବି ରଚି,
ନାହିଁ ମଧ୍ୟେ ଚିହ୍ନାରିବି
ଅଛି ସବୁ ଅଛି ! ଅଛି ! ଅଛି !

-(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସାମ୍ପ୍ରତିକ ସ୍ଥିତିରେ ନାମ ପରିବର୍ତ୍ତନ ଅପ୍ରାସଙ୍ଗିକ

**ଭୁବନେଶ୍ୱର, ୬।୯(ସୁନିତ୍ ମିଶ୍ର/ଅନୁରାଧା ମହାରଣା)**

କେନ୍ଦ୍ର ସରକାର ଜି୨୦ ଅଧ୍ୟକ୍ଷତା ସମ୍ପର୍କିତ ଦସ୍ତାବିଜଗୁଡ଼ିକରେ ଦେଶର ନାମ 'ଇଣ୍ଡିଆ' ପରିବର୍ତ୍ତେ 'ଭାରତ' ଉଲ୍ଲେଖ କରିଛନ୍ତି, ଯାହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ସରକାରଙ୍କ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ପାଇଁ ଆସନ୍ତା ୧୮ରୁ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିବା ଚର୍ଚ୍ଚାକୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିରୋଧ ପରେ କେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧ ଅନୁସାରେ 'ଇଣ୍ଡିଆ' ହେଉଛି 'ଭାରତ', ଯାହାକି ରାଜ୍ୟଗୁଡ଼ିକର ସଂଘ। ତେଣୁ ଆମ ଦେଶର ନାମକୁ ଭାରତ ଉଲ୍ଲେଖ କରିବାରେ କୌଣସି ବିବାଦ ରହିବା ଉଚିତ୍ ନୁହେଁ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଉଥିବାବେଳେ ବିରୋଧୀଙ୍କ ପକ୍ଷରୁ ଏହାକୁ ତୀବ୍ର ସମାଲୋଚନା କରାଯାଇଛି। ଦେଶର ନାମ ପରିବର୍ତ୍ତନ କରି ଜି୨୦ ରାଷ୍ଟ୍ର ସମୂହ ନିକଟରେ ସରକାର କି ସନ୍ଦେଶ ଦେବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରାଯାଇଛି। ଏପରି କି ଦେଶରେ ବର୍ତ୍ତମାନ ସ୍ଥିତିରେ ଏଭଳି ନାମ ପରିବର୍ତ୍ତନ କରିବାର କି ଆବଶ୍ୟକତା ରହିଛି। ସମସ୍ତ ସରକାରୀ ବ୍ୟବସ୍ଥାରେ ନାମ ପରିବର୍ତ୍ତନ କରି ରାଜକୋଷକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଏହାର ସିଧାସଳଖ ପ୍ରଭାବ କରଦାତାଙ୍କ ଉପରେ ପଡ଼ିପାରେ ବୋଲି ରାଜନୈତିକ ବ୍ୟକ୍ତି ବିଶେଷଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।






ଦେଶର ନାଁ କେବଳ ଭାରତ ରଖିଲେ କିଛି କ୍ଷତି ନାହିଁ, ହେଲେ ମୋ ମତରେ ବର୍ତ୍ତମାନ ସ୍ଥିତିରେ ଏହାର ଆବଶ୍ୟକତା କ'ଣ ରହିଛି। ଦେଶ ଭିତରେ ଏବଂ ବାହାରେ ଆମ ଦେଶକୁ ଇଣ୍ଡିଆ ବୋଲି ସମସ୍ତେ ଜାଣନ୍ତି। ତେଣୁ ଏବେ ଦେଶ ବାହାରର ସାଧାରଣ ଲୋକ ଏବଂ ଦେଶ ଭିତରର ସାଧାରଣ ଲୋକମାନେ ଏହାକୁ ନେଇ ଅଯଥା ଦ୍ୱନ୍ଦ୍ୱରେ ପଡ଼ିବେ। ଭାରତ ନାଁ ରହିଲେ ପୁଣିଥରେ ଲୋକମାନେ ଜାଣିବାକୁ ବର୍ଷ ବର୍ଷ ଲାଗିଯିବ। ଏଥିରେ ସବୁକିଛି ଅଯଥା ବୋଲି ମନେହେଉଛି। ଯେଉଁ ସ୍ଥାନରେ ଇଣ୍ଡିଆ ନାଁ ଉଲ୍ଲେଖ ରହିଛି, ତାକୁ ପରିବର୍ତ୍ତନ କରିବାକୁ ପଡ଼ିବ, ଯାହା ସହଜ ନୁହେଁ।

**- ଡାକ୍ତର ନିରୋଜ କୁମାର ମିଶ୍ର, ମେଡିସିନ ସ୍ପେଶାଲିଷ୍ଟ**



ଭାରତ ହେଉଛି ଆମର ସଂସ୍କୃତି, ପରମ୍ପରା, ଐତିହ୍ୟ ସମ୍ପର୍କରେ ସୂଚିତ କରିଥାଏ। ମାତ୍ର ଇଣ୍ଡିଆ ବିଦେଶୀ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନାମ। ସମ୍ବିଧାନ ପ୍ରଣୟନବେଳେ ନାମକୁ ନେଇ ତର୍କ ଆସିଥିଲା। ବିଶ୍ୱରେ ଏପରି କୌଣସି ଦେଶ ନାହିଁ ଯେଉଁଠାରେ ଦୁଇଟି ନାମ ଥିବ। ବିଦେଶୀ ରାଷ୍ଟ୍ରଗୁଡ଼ିକ ଇଣ୍ଡିଆ ନାମରେ ଭାରତକୁ ଜାଣନ୍ତି। ମାତ୍ର ବର୍ତ୍ତମାନ ଯଦି ଇଣ୍ଡିଆ ବଦଳରେ ଭାରତ ନାମ ହେଉଛି ସେଥିରେ କିଛି ସମସ୍ୟା ନାହିଁ। ବରଂ 'ଇଣ୍ଡିଆ ଦ୍ୟାଟ ଇଜ୍ ଭାରତ' ବଦଳରେ କେବଳ ଭାରତ ଲେଖାଗଲେ ଦୁଇଟି ଶବ୍ଦ କମିଯିବ। ଭାରତ ମାତା କୀ ଜୟ ଓ ଇଣ୍ଡିଆ ମାତା କି ଜୟ ମଧ୍ୟରେ ଭାବାଗତ ଫରକ ରହିଛି। ତେଣୁ ଭାରତ ନାମକୁ ଦୃଢ଼ ଭାବେ ସମର୍ଥନ କରୁଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବା ଅନ୍ୟ ପ୍ରତିଷ୍ଠାନରେ ଇଣ୍ଡିଆ ବଦଳରେ ଭାରତ ଲେଖିବା ପାଇଁ ଯେଉଁ ଖର୍ଚ୍ଚ ଆସିବ ତାହା ଭାରତର ନାମ ଓ ମର୍ଯ୍ୟାଦା ଠାରୁ ଅଧିକ ନୁହେଁ।

**- ଚିତ୍ତରଞ୍ଜନ ନାୟକ, ପ୍ରାଧ୍ୟାପକ, ଅର୍ଥଶାସ୍ତ୍ର, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଲାସପୁର**



ଭାରତ ଓ ଇଣ୍ଡିଆ ମଧ୍ୟରୁ କାହାକୁ ପ୍ରାଧାନ୍ୟ ଦିଆଯିବ ସେନେଇ ୧୯୪୯ରେ ସମ୍ବିଧାନ ପ୍ରଣୟନ ସଭାରେ ଆଲୋଚନା ହୋଇଥିଲା। ସମ୍ବିଧାନ ପ୍ରଣୟନର ଧାରା-୧ରେ ଚିଠା ଦଲିଲ ଆଗତ ସମୟରେ ଡ. ବି.ଆର୍. ଆମ୍ବେଡକର ପ୍ରସ୍ତାବ ଦେଇଥିଲେ 'ଇଣ୍ଡିଆ ଦ୍ୟାଟ ଇଜ୍ ଭାରତ ସାଲ୍ ବି ଏ ୟୁନିୟନ୍ ଅଫ୍ ଷ୍ଟେଟ୍' ଏବଂ ହିନ୍ଦୀରେ ପ୍ରଥମେ ଭାରତ ଲେଖାଯାଇଥିଲା। ଏଥିରେ ଭାରତ, ହିନ୍ଦୁସ୍ଥାନ, ହିନ୍ଦ୍ ଆଦି ନାମ ରଖିବାକୁ ମତ ଉଠିଥିଲା। ତେବେ ସଭାରେ ଦେଶର ନାମକରଣକୁ ନେଇ ଭୋଟ ହୋଇଥିଲା। ୩୮ ଜଣ ଭାରତ ନାମକୁ ସମର୍ଥନ କରିଥିଲେ ଏବଂ ୫୧ ଜଣ ଆମ୍ବେଡକରଙ୍କ ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେଣୁ ଇଣ୍ଡିଆ ଓ ଭାରତ ପରସ୍ପର ବିରୋଧୀ ନୁହନ୍ତି। ଉଭୟ ଶବ୍ଦ ଗ୍ରହଣୀୟ। ବର୍ତ୍ତମାନ ଏହାକୁ ନେଇ ଅନାବଶ୍ୟକ ରାଜନୈତିକ ବିବାଦ ବା ମତପ୍ରାର୍ଥକ୍ୟ ସୃଷ୍ଟି କରିବା ଉଚିତ୍ ନୁହେଁ। ତେବେ ବର୍ତ୍ତମାନ ଭାରତକୁ ହଠାତ୍ ଗୁରୁତ୍ୱ ଦେବାର କ'ଣ ଆବଶ୍ୟକତା ପଡ଼ିଲା ବୋଲି ପ୍ରଶ୍ନ ଉଠୁଛି। ଭାରତ ଶବ୍ଦ ବ୍ୟବହାର ସହ ଇଣ୍ଡିଆକୁ ବାଦ୍ ଦିଆଯାଉଛି ତାହା ଉଚିତ ନୁହେଁ। ଅନାବଶ୍ୟକ ଭାବେ କେବଳ ଆଲୋଚନାକୁ ଟଣାଯାଉଛି।

**- ଡ. ମାନସ ବେହେରା, ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ରମାଦେବୀ ବିଶ୍ୱବିଦ୍ୟାଳୟ**

## ଏମାନଙ୍କ ମତରେ....



ଆମେ 'ଇଣ୍ଡିଆ' ଏବଂ 'ଭାରତ' ଉଭୟ ବ୍ୟବହାର କରୁଛେ। କେନ୍ଦ୍ର ସରକାର ଚାହିଁଲେ କ'ଣ ଏହାକୁ ବଦଳାଇ ଦେଇପାରିବେ। ଏଥିଲାଗି ରାଜ୍ୟର ମତ ନେବାପରେ ଯାହା କରି ହେବ। ଏହା ଏକ ସହଜ କଥା ନୁହେଁ। ଯଦି କେନ୍ଦ୍ର ସରକାର ଇଣ୍ଡିଆ ନାଁକୁ ବଦଳାଇ ଭାରତ କରିଦିଅନ୍ତି ତେବେ କ'ଣ ହେବ। ଯେହେତୁ ଭାଜପା ଦେଶବାସୀଙ୍କୁ ଗତ ୧୦ ବର୍ଷ ଭିତରେ ଯାହାସବୁ ପ୍ରତିଶ୍ରୁତି ଦେଇଥିଲା, ତାହା ପାଳନ କରିନାହିଁ, ସେଥିଲାଗି ଏବେ ଲୋକଙ୍କୁ ଡରୁଛନ୍ତି। ବିଫଳତା ଉପରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ ଏହି ପ୍ରସଙ୍ଗ ଆରମ୍ଭ କରିବାର ମସୁଧା ରଚିଛନ୍ତି।

**- ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ**



ଦେଶ ସମ୍ବିଧାନର ମୁଖବନ୍ଧରେ ଯାହା ରହିଛି କେନ୍ଦ୍ର ସରକାର ଚାହିଁଲେ ତାକୁ ନିଜେ ବଦଳାଇପାରିବେ ନାହିଁ। ପାର୍ଲାମେଣ୍ଟରେ ସେମାନେ ପ୍ରଥମେ ଏ ପ୍ରସଙ୍ଗ ଆଣୁଛନ୍ତି ନା ନାହିଁ ଦେଖିବାକୁ ପଡ଼ିବ। ଆଗକୁ ନିର୍ବାଚନ ଆସୁଛି। ଏହା ପୂର୍ବରୁ ଲୋକମାନଙ୍କୁ ସେମାନଙ୍କ ବିଫଳତା ଉପରୁ ଦୃଷ୍ଟି ହଟାଇବାର ଏହା ଏକ ପ୍ରୟାସ। ସେହିପରି ଜି୨୦ ସମ୍ମିଳନୀରେ ବହୁ ଅନ୍ତର୍ଜାତୀୟ ନେତା ଯୋଗ ଦେଉନାହାନ୍ତି। ଏହା କେନ୍ଦ୍ର ସରକାରଙ୍କ ଏକ ବଡ଼ ବିଫଳତା। ଏପରି ପ୍ରସଙ୍ଗ ଉଠାଇ ସେହି ବିଫଳତା ଲୁଚାଇବାକୁ ଭାଜପା ନେତାମାନେ ଏବେ ଏକ ପ୍ରକାର ରାଜନୀତି ଆରମ୍ଭ କରିଛନ୍ତି।

**- ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ସଭାପତି**



'ଇଣ୍ଡିଆ' ହେଉଛି ବିଦେଶୀ ଭାଷା। ଆମେ 'ଇଣ୍ଡିଆ' ନୁହେଁ ଭାରତ। ସେତେବେଳେ ସମ୍ବିଧାନ ସଭାରେ ଏହାକୁ ବିରୋଧ କରାଯାଇଥିଲା। ବାବାସାହେବ ଆମ୍ବେଡକରଙ୍କୁ ମଧ୍ୟ ଏନେଇ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିରୋଧୀ ଯେଉଁମାନେ ଏକାଠି ହୋଇଛନ୍ତି ସେମାନଙ୍କର କ'ଣ ଅଛି, ସେମାନେ କେବଳ ଅଯଥା ରାଜନୀତି କରୁଛନ୍ତି। ସେମାନେ ଇଣ୍ଡିଆ ନୁହେଁ ସେମାନେ ହେଉଛନ୍ତି ଆଇ.ଏନ୍.ଡି.ଆଇ.ଏ.। ଏହାର ଅର୍ଥ ମଧ୍ୟ ଅଲଗା, ତେଣୁ ଇଣ୍ଡିଆ ସ୍ଥାନରେ ଭାରତ କରିବାରେ କିଛି ଅସୁବିଧା ନାହିଁ।

**- ଜୟନାରାୟଣ ମିଶ୍ର, ବିରୋଧୀ ଦଳ ନେତା**



ହଜାର ହଜାର ବର୍ଷ ହେଲା ଆମ ଦେଶର ନାମ ଭାରତ ବୋଲି ରହିଆସିଛି। ଭାରତ ସହିତ ଆମ ସଭ୍ୟତା, ସଂସ୍କୃତି, ଆତ୍ମା ସବୁକିଛି ଜଡ଼ିତ। ଭାରତ ହେଉଛି ସବୁ ଭାରତୀୟଙ୍କ ଆତ୍ମା। ଇଣ୍ଡିଆ ନାଁ ପରବର୍ତ୍ତୀ ସମୟରେ ଆସିଛି। ହେଲେ ଇଣ୍ଡିଆ ନାମକୁ ବଦଳାଇବାକୁ ହେଲେ ଆମ ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଯାହା ସହଜ ନୁହେଁ କିନ୍ତୁ ଅସମ୍ଭବ ବୋଲି କୁହା ନ ଯାଇପାରେ। ଏହା ଏକ ସମୟସାପେକ୍ଷ ପଦକ୍ଷେପ। ଏହି କଥାରେ ଯେତିକି ଦ୍ୱନ୍ଦ୍ୱ ନାହିଁ ବର୍ତ୍ତମାନ ସମୟ ଦେଖି ଏହା ବିତର୍କ ଭିତରକୁ ଆସିଛି। ବର୍ତ୍ତମାନ ସମୟରେ ଏହା ଯେପରି କରିବାକୁ ଚେଷ୍ଟା କରାଯାଉଛି ଏହା ଠିକ୍ ଲାଗୁ ନାହିଁ।

**- ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ**



ଭାରତର ନାମ ଇଣ୍ଡିଆ ନାମକରଣ ପଛରେ 'ସିନ୍ଧୁନଦୀ'ର ସମ୍ପୃକ୍ତି ରହିଛି। ଭାରତକୁ ଗ୍ରୀକ୍ ଆକ୍ରମଣକାରୀମାନେ ଆସିବା ପରେ ସିନ୍ଧୁନଦୀକୁ ତାଙ୍କ ଭାଷାରେ ଇଣ୍ଡସ୍ ବୋଲି କହିଲେ ଓ ତାହାର ଅବବାହିକା ଆଖପାଖ ଅଞ୍ଚଳକୁ ଇଣ୍ଡସ୍ ଭ୍ୟାଲି (ସିନ୍ଧୁ ଉପତ୍ୟକା) ବୋଲି କୁହାଗଲା। ଭାରତକୁ ବ୍ରିଟିଶ ଶାସନ ଆସିବା ପରେ ଦେଶ ଇଣ୍ଡିଆ ନାମରେ ପରିଚିତ ହେଲା। ମାତ୍ର ଭାରତ ହେଉଛି ଦେଶର ପ୍ରାଚୀନ ନାମ ଏବଂ ପ୍ରାଚୀନ ସଂସ୍କୃତ ଗ୍ରନ୍ଥଗୁଡ଼ିକରେ ଏହାର ଉଲ୍ଲେଖ ରହିଛି। ଦେଶର ଦୁଇଟି ସରକାରୀ ନାମ ମଧ୍ୟରୁ ଇଣ୍ଡିଆକୁ 'ଭାରତ' ବୋଲି ଡାକିବାରେ କୌଣସି ସାମ୍ବିଧାନିକ ଆପତ୍ତି ନାହିଁ, ତଥାପି ମୁଁ ଆଶା କରୁଛି ଦୀର୍ଘ ଦିନ ଧରି ପ୍ରଚଳିତ ଇଣ୍ଡିଆ ନାମକୁ ସମ୍ପୂର୍ଣ୍ଣ ଲୋପ କରି କେବଳ ଭାରତ ନାମ କରିବା ଭଳି ବୋକାମି କେନ୍ଦ୍ର ସରକାର କରିବେ ନାହିଁ। ବଡ଼ ଆର୍ଥିକ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଇଣ୍ଡିଆ ନାମ ପରିବର୍ତ୍ତନ କରି ଭାରତ ନାମ ଲେଖିବା କଷ୍ଟକର ହୋଇପଡ଼ିବ। ସେମାନଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆଠାରୁ ବିଭିନ୍ନ ବ୍ୟାଙ୍କ ଯେଉଁଥିରେ ଇଣ୍ଡିଆ ନାମ ଯୋଡ଼ି ହୋଇରହିଛି ସେମାନେ କ୍ଷତିଗ୍ରସ୍ତ ହେବେ।

**-ଗୌରବ ଦାସ, ଗବେଷଣାରତ ଛାତ୍ର**



ସମ୍ବିଧାନର ଅନୁଚ୍ଛେଦ ୧ରେ ଉଲ୍ଲେଖ ରହିଛି 'ଇଣ୍ଡିଆ ହେଉଛି ଭାରତ'। ତେଣୁ ଦେଶର ନାଁ ଭାରତ ଲେଖିବାରେ ଅସୁବିଧା କେଉଁଠାରେ ରହିଲା। ସବୁଠି ଭାରତ ବୋଲି ଉଲ୍ଲେଖ କରିବାକୁ ଯଦି କେନ୍ଦ୍ର ସରକାର ଚାହିଁବେ, ସେଥିରେ ଭୁଲ୍ କିଛି ନାହିଁ। ଇଣ୍ଡିଆ ନାଁକୁ ବିଦେଶୀମାନେ ଅଧିକ ବ୍ୟବହାର କରି ଏହାକୁ ଏକ ଅଭ୍ୟାସରେ ପରିଣତ କରିଦେଇଛନ୍ତି। ତେଣୁ କେନ୍ଦ୍ର ସରକାର ସମ୍ବିଧାନରେ ପରିବର୍ତ୍ତନ କରି ଯଦି ଦେଶର ନାଁ କେବଳ ଭାରତ ବୋଲି କରିବାକୁ ଚାହିଁବେ, ତେବେ ଯେତେସବୁ ଆଇନରେ ଇଣ୍ଡିଆ ଲେଖା ରହିଛି, ତାକୁ ପରିବର୍ତ୍ତନ କରିବା ଲାଗି କେବଳ ସଂଶୋଧନ ଅଣାଯିବ। ଏବେ ଇଣ୍ଡିଆ ନାଁକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ଆବଶ୍ୟକତା ନାହିଁ। ବିରୋଧୀ ମେଣ୍ଟ ପକ୍ଷରୁ ଏହି ରାଜନୈତିକ ଦ୍ୱନ୍ଦ୍ୱ ଆରମ୍ଭ କରାଯାଇଛି। ସେମାନେ ତାଙ୍କ ମେଣ୍ଟର ନାଁ ଏଭଳି ଦେବାର ନ ଥିଲା। ଏଥିଲାଗି ହିଁ ଏହି ରାଜନୈତିକ ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି।

**- ମାନସ ରଞ୍ଜନ ମହାପାତ୍ର, ବରିଷ୍ଠ ଆଇନଜୀବୀ**



ପୌରାଣିକ କଥାନୁସାରେ ଭାରତ ହେଉଛି ଭରତଙ୍କ ଦେଶ। ତେଣୁ ମୋ ମତରେ ଇଣ୍ଡିଆ ବଦଳରେ ଭାରତ ନାମ ରହିଲେ କୌଣସି ଅସୁବିଧା ନାହିଁ। ବରଂ ଏହାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କୁହାଯାଇପାରିବ। ବିଭିନ୍ନ ଅନୁଷ୍ଠାନରେ ନାମଫଳକ ବା ଦସ୍ତାବିଜରେ ଏହି ନାମ ପରିବର୍ତ୍ତନ କରିବା ଦିନକର କଥା ନୁହେଁ। ଏଥିପାଇଁ ଏକ ସମୟ ସୀମା ନିର୍ଦ୍ଧାରଣ କରାଯିବ। ତେଣୁ କରଦାତାଙ୍କୁ ସେପରି କିଛି ସିଧାସଳଖ ପ୍ରଭାବ ପଡ଼ିବ ବୋଲି ମୁଁ ମନେ କରୁନାହିଁ। ଭାରତ ମାତାକୁ ଭାରତ ନାମରେ ଜାଣିବା ଆମ ପାଇଁ ଗୌରବର ବିଷୟ କୁହାଯାଇପାରିବ।

**-ସହଦେବ ସାହୁ, ଛାତ୍ର**



'ଇଣ୍ଡିଆ' ନାଁକୁ ପରିବର୍ତ୍ତନ କରି କେବଳ ଭାରତ ରଖିଲେ କିଛି ଅସୁବିଧା ନାହିଁ। ଏହି କଥାକୁ ସମର୍ଥନ କରୁଛି। ପୂର୍ବରୁ ତ ବହୁତ ଗୁଡ଼ିଏ ରାଜ୍ୟର ନାମ ପରିବର୍ତ୍ତନ କରାଯାଇ ସାରିଛି, ସେଥିରେ କିଛି ଅସୁବିଧା ଯେତେବେଳେ ହୋଇନାହିଁ ଏବେ କାହିଁକି ଅସୁବିଧା ହେବ। ମହାଭାରତରେ 'ଭାରତ' କଥା ଉଲ୍ଲେଖ କରାଯାଇଛି। ତେଣୁ ଇଣ୍ଡିଆ ନାଁକୁ ବଦଳାଇବା ମଧ୍ୟ କିଛି ବଡ଼ କଥା ନୁହେଁ।

**- ବାସୁଦେବ ପ୍ରଧାନ, ବରିଷ୍ଠ ଆୟୁର୍ବେଦିକ ଚିକିତ୍ସକ**

**NOTICE FOR LOSS OF DOCUMENT**

Notice is hereby given from Sri.Soumya Ranjan Mohanty, That, he has applied for loan to LICHFL. But at present, he has lost the Original Link RSD No.11081503367 dt.15.04.2015 along with Original ROR no-606 /1275 which was kept in his hand bag, while going to court from my Residence at Nakhara, Bhubaneswar on dt31.08.2023 and in spite of my best efforts, failed to trace the same.

There fore, notice is hereby given to general public that if any body has got any right, title interest over the property on the missing document, or on the above property thay have to claim before the LICHFL, at IPICOL House, Rupali Square, Bhubaneswar, within 15 days from the date of publication. And after that the documents will lose its legal force and LICHFL, Bhubaneswar will not be responsible for any claim. What-so-ever on the property after 15 days.

Address for communication
LICHFL, IPICOL House
Rupali Square , Bhubaneswar
N.C. Pattnaik, Advocate
Mob. : 9853311189



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ରାଜସ୍ଥାନର ଭିଲୱାରାଠାରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଓ ଦଳୀୟ ନେତାମାନେ ସ୍ୱାଗତ କରୁଛନ୍ତି।

## ଏମାନେ ଇତିହାସରୁ ବାପୁଙ୍କ ନାମ ହଟାଇବାକୁ ଚାହୁଁଛନ୍ତି: ଲଲନ ସିଂ

**ପାଟନା,୬।୯:**

ଜି-୨୦ ସମ୍ମିଳନୀ ପୂର୍ବରୁ ଆସନ୍ତା ୯ରେ ସମସ୍ତ ଦଳକୁ ରାତ୍ର ଭୋଜନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ବଦଳରେ ପ୍ରେସିଡେଣ୍ଟ ଅଫ୍ ଭାରତ ପକ୍ଷରୁ ନିମନ୍ତ୍ରଣ ପଠାଇଛନ୍ତି। ଏ ସମ୍ପର୍କରେ ବିରୋଧୀ ଦଳ ନେତାମାନେ ଭାଜପାକୁ ଟାର୍ଗେଟ୍ କରିଛନ୍ତି। ଜେଡିୟୁ ଜାତୀୟ ସଭାପତି ଲଲନ ସିଂ ପାଟନା ବିମାନବନ୍ଦରଠାରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଉପରେ ବର୍ଷିଥିଲେ। ଲଲନ କହିଛନ୍ତି, 'ଇଣ୍ଡିଆ' ଶବ୍ଦକୁ ନେଇ ଏହି ଲୋକମାନେ(ଭାଜପା) ନର୍ଭସ ଥିବା ସ୍ପଷ୍ଟ ଦେଖାଯାଉଛି। ଏସବୁ ଡ୍ରାମା। ଏହି ଲୋକମାନେ ସମଗ୍ର ଇତିହାସକୁ ପରିବର୍ତ୍ତନ କରୁଛନ୍ତି। ସେମାନେ ନିଜ ନାମରେ ଇତିହାସ ସୃଷ୍ଟି କରିବାକୁ ଚାହୁଁଛନ୍ତି। ସେମାନେ ବାପୁ(ମହାତ୍ମା ଗାନ୍ଧୀ)ଙ୍କ ନାମ ଦେଶ ଇତିହାସରୁ ହଟାଇ ନରେନ୍ଦ୍ର ମୋଦିଙ୍କ ନାମ ରଖିବାକୁ ଚାହୁଁଛନ୍ତି। ନିରାଶା ଭାବ ଯୋଗୁ ସେମାନେ ନାମ ପରିବର୍ତ୍ତନ କରିବେ, ନାମ ପରିବର୍ତ୍ତନ କଲେ କ'ଣ ହେବ ବୋଲି ଲଲନ ପ୍ରଶ୍ନ କରିଛନ୍ତି।



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.35/ET/SBP/ENGG/2023-24, ତା.30.08.2023ରିଖ

ଇ-ଟେଣ୍ଡର ସଂ.22-eT-SDENS-SBP-23

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ ଯୋଜନା ଅଧିନରେ ସମ୍ବଲପୁର ମଣ୍ଡଳର ମୁନିଗୁଡ଼ା ରେଳ ଷ୍ଟେସନଠାରେ ରାମ୍ପ (Ramp) ସହିତ 12m ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 4,32,40,427.70, ବିଡ୍ ସିକ୍ୟୁରିଟି (₹): 3,66,300/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.09.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-545/O/23-24

## କଂଗ୍ରେସରୁ ଲଢ଼ିବେନି ସୁର ରାଉତରାୟଙ୍କ ପୁଅ

**ଭୁବନେଶ୍ୱର,୬।୯(ଅନିଲ ଦାସ)**

କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ କଂଗ୍ରେସରୁ ଲଢ଼ିବେ ନାହିଁ। ୨୦୨୪ରେ ସେ କଂଗ୍ରେସ ନୁହେଁ ବରଂ ଅନ୍ୟ କେଉଁ ଦଳରୁ ଲଢ଼ିବେ ବୋଲି ସ୍ପଷ୍ଟ କରିଛନ୍ତି। ସଫଳ ହେଉ କି ବିଫଳ, ଅନ୍ୟ ଦଳରୁ ଲଢ଼ିବି ବୋଲି ମନ୍ମଥ କହିଛନ୍ତି। ସେ କହିଛନ୍ତି, ମୁଁ କେବେ ବି କହିନାହିଁ କଂଗ୍ରେସରୁ ଲଢ଼ିବା ପାଇଁ। ବାପା ଯାହା କହିଛନ୍ତି ତାହା ତାଙ୍କ ନିଜସ୍ୱ ମତ। ଜଟଣୀ ଛଡ଼ା ଆଉ କେଉଁ ଆସନରୁ ଲଢ଼ିବି ନାହିଁ। କେଉଁ ଦଳରୁ ଲଢ଼ିବି ସେନେଇ ଆସନ୍ତା ଅକ୍ଟୋବରରେ ଜଣାଇବି। ପୁଅଙ୍କ ସ୍ୱଷ୍ଟୋକ୍ତି ପରେ ପ୍ରତିକ୍ରିୟା ରଖି ସୁର କହିଛନ୍ତି, ମୁଁ ମନ୍ମଥକୁ ବୁଝାଇବି। ୨୦୨୪ରେ ସେ କଂଗ୍ରେସ ଟିକେଟରେ ଜଟଣୀ ଆସନରୁ ନିର୍ବାଚନ ଲଢ଼ିବ। ମୁଁ ନିଜେ ଖୋର୍ଦ୍ଧା ଜିଲାରେ ଟିକେଟ ବାଣ୍ଟିବି ବୋଲି ସୁର କହିଛନ୍ତି। ବାପା ପୁରୁଖା କଂଗ୍ରେସ ନେତା ହୋଇଥିବା ବେଳେ ପୁଅ ଅନ୍ୟ ଦଳରୁ ନିର୍ବାଚନ ଲଢ଼ିବା କଥା କହିବା କଂଗ୍ରେସ ରାଜନୀତିକୁ ସରଗରମ କରିଛି।

## ବିଜେଡିରେ ଯୋଗଦେଲେ କଂଗ୍ରେସ, ଭାଜପାର ୩ ଶହ କର୍ମୀ

### ବିଜେଡି ନଗର କାର୍ଯ୍ୟକାରିଣୀ ବୈଠକ, ମିଶ୍ରଣ ପର୍ବ

**ନବରଙ୍ଗପୁର,୬।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁରର ଏକ କଲ୍ୟାଣ ମଣ୍ଡପଠାରେ ବୁଧବାର ବିଜେଡି ନଗର କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବରେ କଂଗ୍ରେସ ଓ ଭାଜପା ଛାଡି ୩ ଶହରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନବରଙ୍ଗପୁର ଏମ୍‌ପି ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝୀ, ରାଜ୍ୟ ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ଉପସଭାପତି ରବି ପଟ୍ଟନାୟକ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅବିଭକ୍ତ କୋରାପୁଟ ଜିଲା ଯୁବ ବିଜେଡି ସଭାପତି ତପୋଷ ତ୍ରିପାଠୀ, ସନ୍ତୋଷ ମିଶ୍ର, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସ୍ୱାଧୀନ ପଣ୍ଡାଙ୍କ ସମେତ ପୌରାଞ୍ଚଳର ବିଜେଡି କାଉନସିଲରମାନେ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପା ଛାଡି ୩ ଶହରୁ ଉର୍ଦ୍ଧ୍ୱ ବିଜେଡିରେ ଯୋଗ ଦେଇଥିଲେ। ଏମ୍‌ପି, ବିଧାୟକ ଓ କର୍ମକର୍ତ୍ତାମାନେ ସେମାନଙ୍କୁ ଫୁଲମାଳ ପିନ୍ଧାଇ ସମ୍ବର୍ଦ୍ଧିତ କରି ଦଳକୁ ସ୍ୱାଗତ କରିଥିଲେ। ପରେ ଅନୁଷ୍ଠିତ କାର୍ଯ୍ୟକରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ ନିର୍ବାଚନରେ ବିଜେଡି ନବରଙ୍ଗପୁର ଜିଲାରେ ଭଲ ପ୍ରଦର୍ଶନ କରିଥିଲା। ମାତ୍ର ପୌର ନିର୍ବାଚନରେ ଦଳ ନବରଙ୍ଗପୁରରେ ସେତେ ଭଲ ପ୍ରଦର୍ଶନ କରିପାରିଲା ନାହିଁ ବୋଲି ବୈଠକରେ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ଲାଗି କର୍ମୀମାନେ ଏବେଠାରୁ ପ୍ରସ୍ତୁତ ରହିବାକୁ ଏମ୍‌ପି ମାଝୀ ପରାମର୍ଶ ଦେଇଥିଲେ।



କଂଗ୍ରେସ ଓ ଭାଜପା ଛାଡି ବିଜେଡିରେ ମିଶିଥିବା କର୍ମୀ।

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड

**ई–निविदा आमंत्रण सूचना**

ई–निविदा संख्या:- **68/2023-24** दिनांक :- 05.09.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-HAZ-01/2023-24 | बरकट्ठा | 1 | बेड़ोकला से जतघघरा तक पथ का विशेष मरम्मति कार्य। लं० – 9.100 कि०मी०) | 1959.145 | उन्नीस करोड़ उनसठ लाख चौदह हजार पाँच सौ रू० मात्र | 09 महीना |
| | | बरकट्ठा | 2 | एन०एच०–02 बेलकपी से जमुआ मधुवन तक पथ का विशेष मरम्मति कार्य। (लं० – 7.500 कि०मी०) | | | |
| | | बरकट्ठा | 3 | कोसमा से पचफेरी भाया सलैया तक पथ का विशेष मरम्मति कार्य। (लं० – 4.000 कि०मी०) | | | |
| | | बरकट्ठा | 4 | जतघघरा से बराकर नदी भाया छुतहरी कटिया तक पथ का विशेष मरम्मति कार्य। (लं० – 3.200 कि०मी०) | | | |
| | | बरकट्ठा | 5 | गयपहाड़ी से कल्हाबाद तक पथ का विशेष मरम्मति कार्य। (लं० – 2.530 कि०मी०) | | | |
| | | चलकुशा | 6 | चौबे से विरमाकी तक पथ का विशेष मरम्मति कार्य। (लं० – 4.000 कि०मी०) | | | |

2. वेबसाईट मे निविदा प्रकाशन की तिथि:–**08.09.2023**
3. ई–निविदा प्राप्ति की अंतिम तिथि एवं समय:– **26.09.2023** अपराह्न 5.00 बजे तक।
4. **(क)** मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **हजारीबाग** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– **27.09.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड को भेजा जा सकता है। यह निविदाकार की जिम्मेवारी होगी कि स्पीडपोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (**27.09.2023** अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– **29.09.2023** अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
8. ई–निविदा प्रकोष्ठ का दूरभाष सं०– ..........................
9. निविदा शुल्क झारखण्ड राज्य में अवस्थित भारतीय स्टेटबैंक / राष्ट्रीयकृत बैंक / अनुसूचित बैंक द्वारा निर्गत बैंकड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **हजारीबाग** के पक्ष में एवं **हजारीबाग** में भुगतेय जमा करना होगा जो लौटाया नही जायेगा।

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता,
जे०एस०आर०आर०डी०ए०, राँची।

PR 306291 (Rural Work Department) 23-24 (D)

# ଏଥର ୪୫ ଫୁଟର ଏଲ୍‌ଇଡି ଲାୟନ ଗେଟ୍

କଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)

## ଥାନା ଛକ ବ୍ୟବସାୟୀ ସଂଘ

- ପୂଜା ପାଇବେ ୧୨ ଫୁଟ ଉଚ୍ଚର ଗଜାନନ
- ପ୍ରଥମଦିନ ଓ ବିସର୍ଜନ ଭୋଗ ଥାନାରୁ ଆସିଥାଏ


ଶୋଭାପାଇବାକୁ ଥିବା ଏଲ୍‌ଇଡି ଲାୟନ ଗେଟ୍‌ର ନକଲ।

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ଏବେଠୁ କାରିଗର, ଆୟୋଜକ ଓ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଜଟଣୀ ଥାନାଛକ ବ୍ୟବସାୟୀ ସଂଘ ପୂଜା କମିଟି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

ପ୍ରାୟ ୫୦ ବର୍ଷ ପୂର୍ବେ ଥାନା ଛକରେ ଗଣେଶପୂଜା ଆରମ୍ଭ ହୋଇଥିଲା। ଗୋକୁଳ ସାହୁ, ମହେଶ କାଛୁଓ୍ୱାଲ, କାଶୀନାଥ ନାୟକ, ଝୁଲୁ ସୁନ୍ଦରାୟ, ଭାବଗ୍ରାହୀ ପାହାଡ଼ସିଂଙ୍କ ସମେତ କେତେଜଣ ବ୍ୟବସାୟୀ ଏଠାରେ ପୂଜା ଆରମ୍ଭ କରିଥିବା ଲୋକମତରୁ ଜଣାଯାଏ। ଏଥର ପୂଜାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ମଣ୍ଡପରେ ୧୨ଫୁଟ ଉଚ୍ଚର ଗଜାନନଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ୪୫ ଫୁଟ ଉଚ୍ଚର ଦୁଇଟି ଏଲ୍‌ଇଡି ଲାୟନ ଗେଟ୍ ଶୋଭାପାଇବ। ଠାକୁରଙ୍କ ପାଖରେ ପ୍ରତିଦିନ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖଜା, ଛେନା, କାକରା, ଖେଚୁଡ଼ି, ରସଗୋଲା, ଲଡୁ, ଚୁଡ଼ାଘଷା, ମାଲପୁଆ ଭଳି ବିଭିନ୍ନ ବ୍ୟଞ୍ଜନ ଭୋଗ ଲାଗି ହୋଇଥାଏ, ଯାହାକୁ କମିଟି ଏବଂ କେତେଜଣ ମାନସିକଧାରୀ ଦେଇଥାନ୍ତି। ସେହିପରି ପୂଜା ଆରମ୍ଭର ପ୍ରଥମ ଏବଂ ଶେଷଦିନର ଭୋଗ ଜଟଣୀ ଥାନା ପକ୍ଷରୁ ଆସି ଠାକୁରଙ୍କଠାରେ ଲାଗି ହୋଇଥାଏ ବୋଲି ସଭାପତି ରୋହିତାଶ ଅଗ୍ରଓ୍ୱାଲ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଦର୍ଶକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ବ୍ୟବସ୍ଥା ହୋଇଛି। ପୂଜା ସମୟରେ ଜଟଣୀ ଥାନାକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥାଏ। ସମୟ ମୁତାବକ ଥାନା ଅଧିକାରୀ ପୂଜାରେ କାର୍ତ୍ତାଭାବେ ବସିଥାନ୍ତି। ପୂଜାର ଶେଷ ଦିବସ ତଥା ଭସାଣ ଶୋଭାଯାତ୍ରାରେ କମିଟି ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥାଏ।

### ଏମାନେ ଯାହା କୁହନ୍ତି...



"ଗଣେଶପୂଜା ବର୍ଷ ବର୍ଷ ଧରି ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଆସିଛି। ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ପୂଜା ଏବଂ ସାଜସଜ୍ଜାର ମାନ ବଢ଼ିଛି। ବ୍ୟବସାୟୀ ଭାଇମାନଙ୍କ ସହଯୋଗରେ ପୂଜା କରାଯାଥାଏ। ଏଥର ପୂଜା ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ସମସ୍ତ ସରକାରୀ ନିୟମ ମାନିବା ସହ ୫୦ଜଣ ସ୍ୱେଚ୍ଛାସେବୀ ପୂଜା ସମୟରେ ଗହଳି ନିୟନ୍ତ୍ରଣ ପାଇଁ ନିୟୋଜିତ ହେବେ।

- ରୋହିତାଶ ଅଗ୍ରଓ୍ୱାଲ, ସଭାପତି, ଥାନା ଛକ ବ୍ୟବସାୟୀ ସଂଘ



"ଗଣେଶପୂଜାରେ ସାଜସଜ୍ଜାକୁ ନେଇ ଏକ ପ୍ରକାର ପ୍ରତିଯୋଗିତା ଦେଖାଦେଇଛି। ଏଥର ମଣ୍ଡପକୁ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଚଳିତ ବର୍ଷ ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ନେଇ ସ୍ଥିର ହୋଇଛି। ୪୫ ଫୁଟ ଉଚ୍ଚର ଦୁଇଟି ଡିଜିଟାଲ ଏଲ୍‌ଇଡି ଲାୟନ ଗେଟ୍ ଶୋଭାପାଇବ ଏଥିସହିତ ପୂଜାରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

- ଅନନ୍ତ ଶତପଥୀ, ସମ୍ପାଦକ, ଥାନା ଛକ ବ୍ୟବସାୟୀ ସଂଘ

## ସଂକ୍ଷେପରେ

### ଜବାବ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

#### ଗୋଠପାଟଣା ଶ୍ରବଣବାଧିତ ବିଦ୍ୟାଳୟକୁ ଅନୁଦାନ ବନ୍ଦ ମାମଲା

କଟକ,୬।୯ (କାର୍ତ୍ତିକ ସାହୁ)

ଖୋର୍ଦ୍ଧା ଜିଲାର ଗୋଠପାଟଣାସ୍ଥିତ ଶ୍ରବଣବାଧିତଙ୍କ ନିମିତ୍ତ ଉଦ୍ଦିଷ୍ଟ ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅନୁଦାନ ବନ୍ଦ ମାମଲାରେ ହାଇକୋର୍ଟରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ନେଇଛନ୍ତି। ମଙ୍ଗଳବାର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୮ତାରିଖ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ଶ୍ରବଣବାଧିତ ବିଦ୍ୟାର୍ଥୀଙ୍କ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ଗୋଠପାଟଣାସ୍ଥିତ ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମରାମତି ଓ ଚାଉଳ କୋଟା ଅନୁଦାନ ବନ୍ଦ ରହିଛି। ଶ୍ରବଣବାଧିତ ପିଲାଙ୍କ ନିମନ୍ତେ ମାନବିକତା ଦୃଷ୍ଟିକୋଣରୁ ଅନୁଦାନ ଯୋଗାଇ ଦିଆଯିବା ସହ ବିଦ୍ୟାଳୟ ପରିଚାଳନା କମିଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଦୀନବନ୍ଧୁ ସାମଲଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଡି. କେ. ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ଶ୍ରୀଜଗନ୍ନାଥ ଚେତନା ଜାଗରଣ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ନିଃଶ୍ୱାସ, ବିଶ୍ୱାସ ଓ ଜୀବନ। ମହାପ୍ରଭୁଙ୍କ ଭାବ ନେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ପର୍ଯ୍ୟବସିତ ଓ ଋଦ୍ଧିମନ୍ତ ବୋଲି ଡୁମୁଡୁମା ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଶ୍ରୀଜଗନ୍ନାଥ ଚେତନା ଜାଗରଣ ପରିଷଦର ତୃତୀୟ ବାର୍ଷିକ ଉତ୍ସବରେ ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବାହ୍ନରେ ମନ୍ଦିର ପ୍ରାଙ୍ଗଣରେ ବିଷ୍ଣୁସହସ୍ରନାମ ଅର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ବାର୍ଷିକ ଉତ୍ସବରେ ଶ୍ରୀମନ୍ଦିର ସେବାୟତ ବାଡ଼ଗ୍ରାହୀ ନରସିଂହ ପୂଜାପଣ୍ଡା, ପ୍ରବକ୍ତା ଡ. ଆଶୁତୋଷ ପ୍ରସାଦ ମିଶ୍ର, ପ୍ରଚାରକ ଡ. ଭୁବନାନନ୍ଦ ଅଧିକାରୀ, ପ୍ରବକ୍ତା ଡ. ଶ୍ରୀକାନ୍ତ ପରିଜା ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦ ପକ୍ଷରୁ ରବି ନାରାୟଣ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ତାଙ୍କର ଅବଦାନ ପାଇଁ ଜୀବନବ୍ୟାପୀ ସାଧନା ସମ୍ମାନ 'ସଂସ୍କୃତି ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନରସିଂହ ପୂଜାପଣ୍ଡା, ଆଶୁତୋଷ ପ୍ରସାଦ ମିଶ୍ର, ଭୁବନାନନ୍ଦ ଅଧିକାରୀ ଓ ଶ୍ରୀକାନ୍ତ ପରିଜାଙ୍କୁ 'ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆୟୋଜକ ତଥା କାର୍ଯ୍ୟନିର୍ବାହୀ ସଦସ୍ୟ ଜୀବନଜ୍ୟୋତି ମହାକୁଡ଼, ଦେବୀ ପ୍ରସନ୍ନ ଦାସ, ପ୍ରଦୀପ କୁମାର ନନ୍ଦ, ମାନସ କୁମାର ମହାନ୍ତି, ଡ. ବିଭୁ ପ୍ରସାଦ ମହାନ୍ତି, କୈଳାସ ନାୟକ, ଅର୍ଜୁନ କୁଅଁର, ବିଶ୍ୱଜିତ ମିଶ୍ର, ଡ.ବିଶ୍ୱଜିତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡକାୟତି ପାଇଁ ଇଞ୍ଜିନିୟରଙ୍କୁ ଆକ୍ରମଣ

#### ୩ ନାବାଳକ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର

ଭୁବନେଶ୍ୱର, ୬।୮ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଇଞ୍ଜିନିୟରଙ୍କୁ ଆକ୍ରମଣ କରି ଡକାୟତି ଉଦ୍ୟମ ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି। ସେମାନଙ୍କ ପାଖରୁ ୨ଟି ମୋବାଇଲ ଫୋନ୍, ମନିପର୍ସ, ୪ହଜାର ଟଙ୍କା, ଆଧାର କାର୍ଡ, ୨ଟି ଏଟିଏମ କାର୍ଡ ଓ ଗୋଟିଏ ଛୁରି ଜବତ ହୋଇଛି। ସୂଚନାନୁସାରେ, ଅଭିଯୋଗକାରୀ ଶାକ୍ୟ ସିଂ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ସେ ମଙ୍ଗଳବାର ରାତିରେ ଲିଙ୍ଗରାଜ ବିହାର ରେଲୱେ ଷ୍ଟେସନ ଦେଇ ଘରକୁ ଫେରୁଥିବାବେଳେ ସମ୍ପୃକ୍ତ ନାବାଳକମାନେ ଡକାୟତି ଉଦ୍ଦେଶ୍ୟ ରଖି ପଛ ପଟୁ ଆସି ହଠାତ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ପର୍ସରେ ଥିବା ୯୦୦୦ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ କରୁଥିବାବେଳେ ଶାକ୍ୟ ସେମାନଙ୍କୁ ବିରୋଧ କରିଥିଲେ। ତେବେ ନାବାଳକମାନେ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାରୁ ନାବାଳକମାନେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ଏନେଇ ଶାକ୍ୟ ଥାନାରେ ଅଭିଯୋଗ କରିଥିଲେ।

# ଶୌଚ ପାଇଁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୬।୯
(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ପୋଖରୀରେ ବୁଡ଼ିଯିବାରୁ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବାସୁକେରା ଗ୍ରାମର କୃଷ୍ଣଚନ୍ଦ୍ର ବିଶ୍ୱାଳ(୩୨)। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ସକାଳେ ଶୌଚ ପାଇଁ ବାରିପଟ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ।

ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ନିମନ୍ତେ ମୃତକଙ୍କ ବାପା ଲକ୍ଷ୍ମୀଧର ଓ ଗ୍ରାମବାସୀ ନିବେଦନ କରିଛନ୍ତି।

# କାମ୍ବୋଡ଼ିଆ ହିନ୍ଦୁ ଧର୍ମଗୁରୁଙ୍କ ସାଲେପୁର ଗସ୍ତ


ଧର୍ମଗୁରୁ ଗୁରୁଜୀ କୁମାରନ ସ୍ୱାମୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ସାଲେପୁର,୬।୯(ଅରବିନ୍ଦ ଭୂୟାଁ)

ବିଦେଶରେ ସନାତନ ଧର୍ମର ପ୍ରଚାର ପ୍ରସାର କରି କାମ୍ବୋଡିଆରେ ପଞ୍ଚମ ଧାମ ସ୍ଥାପନ କରିଥିବା ଗୁରୁଜୀ କୁମାରନ ସ୍ୱାମୀ ବୁଧବାର ସାଲେପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାଲେପୁରରେ ପହଞ୍ଚିବା ପରେ ଗୁରୁଜୀଙ୍କୁ ଶୋଭାଯାତ୍ରାରେ ସାହେଶ୍ୱରୀ ପୀଠକୁ ଅଣାଯାଇଥିଲା। ସେ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ମା'ସାହେଶ୍ୱରୀ ଓ ଚନ୍ଦ୍ରଶେଖର ମହାଦେବଙ୍କୁ ଦର୍ଶନ କରିଥିଲେ। ପରେ ଆୟୋଜିତ ଧର୍ମ ଚର୍ଚ୍ଚାରେ ଗୁରୁଜୀ କହିଥିଲେ, ମହାପ୍ରଭୁ ଜଗନ୍ନାଥ ସମଗ୍ର ବିଶ୍ୱର ଠାକୁର ହୋଇଥିବା ବେଳେ ସନାତନ ଧର୍ମ ବିଶ୍ୱର ଶ୍ରେଷ୍ଠ ଧର୍ମ। ତେଣୁ ସନାତନ ଧର୍ମର ପ୍ରଚାର ପ୍ରସାର ହେଲେ ଭାରତ ସମେତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବ। ଶିଷ୍ୟ ହିମାଂଶୁ ମହାନ୍ତିଙ୍କ ଉଦ୍ୟମରେ ସେ ସାଲେପୁର ଆସିଥିବା କହିଥିଲେ। ଆଗାମୀ ଦିନରେ ଏହି ମାଟିର ବିକାଶ ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନଯୋଗ୍ୟ, ଗତ ୨୦୨୨ରେ ରାଜ୍ୟରେ ଅନୁଷ୍ଠିତ ମେକ୍ ଇନ ଓଡିଶା କନକ୍ଲେଭରେ ସ୍ୱାମୀଜୀଙ୍କ ଦ୍ୱାରା ପରିଚାଳିତ କମ୍ପାନୀ ସେମି କଣ୍ଡକ୍ଟର ଉତ୍ପାଦନ ପାଇଁ ଓଡିଶାରେ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିଥିଲା। ଏନେଇ ଓଡ଼ିଶା ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।

# ବଢୁଛି ଅଭିଯୋଗ, ୨ ଅଭିଯୁକ୍ତଙ୍କ ରିମାଣ୍ଡ ଆଜି ସରିବ

ଭୁବନେଶ୍ୱର,୬।୯
(ସୂର୍ଯ୍ୟକାନ୍ତ ବେହେରା)

## ଆଡ୍‌ମିଶନ ନାଁରେ ଠକେଇ ଘଟଣା

ଏନଆରଆଇ କୋଟାରେ ରାଜ୍ୟର ତଥା ବାହାରେ ନାମୀଦାମୀ କଲେଜରେ ନାମ ଲେଖାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଗିରଫ ହୋଇଥିବା ଅଭିନନ୍ଦନ ବାରିକ ଓ ରାଜେଶ ରୋଶନ ସାହୁଙ୍କ ନାଁରେ ଠକେଇ ଫର୍ଦ୍ଦ ବଢିବାରେ ଲାଗିଛି। ସିଟ୍ ବ୍ଲକ୍ କରାଇଦେବାକୁ କହି ୩ଜଣ ଅଭିଭାବକଙ୍କଠାରୁ ୧ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିବା ଅଭିଯୋଗ ଆସିବା ପରେ ପୋଲିସ ସେମାନଙ୍କୁ ମଙ୍ଗଳବାରଠାରୁ ୨ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ଗୁରୁବାର ରିମାଣ୍ଡ ସରିବା ପରେ ଆଉ କେତେଜଣଙ୍କୁ ଠକିଛନ୍ତି ତାହା ଜଣାପଡିବ ବୋଲି ପୋଲିସ କହିଛି।

ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ଉଚ୍ଚଶିକ୍ଷିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ରାଜେଶ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇଲେକ୍ଟ୍ରିକାଲ୍ସରେ ବି-ଟେକ ଏବଂ ଅଭିନନ୍ଦନ ଡିପ୍ଲୋମା ଇନ୍ ଇଲେକ୍ଟ୍ରିକାଲ ପଢିଛନ୍ତି । ଏନ୍‌ଆର୍‌ଆଇ କୋଟାରେ ପିଲାମାନଙ୍କୁ ଇଞ୍ଜିନିୟରିଂ, ମେଡିକାଲ, ଏଗ୍ରିକଲଚର, ନର୍ସିଂ ଆଦିରେ ନାମ ଲେଖାଇ ଦେବାକୁ କହି ପିଲାଙ୍କ ଅଭିଭାବକଙ୍କଠାରୁ ଲକ୍ଷ ଲକ୍ଷ ଠକିଥିବା ଜଣାପଡିଛି। ଏନେଇ ଝାରସୁଗୁଡାର ଜଣେ ବ୍ୟବସାୟୀ ଅଭିଯୋଗ କରିବା ପରେ ଆଡ୍‌ମିଶନ ନାଁରେ ଚାଲିଥିବା ସ୍କାମ୍ ସିଣ୍ଡିକେଟ ଗୁମର ଖୋଲିଥିଲା କମିଶନରେଟ ପୋଲିସ। ଏହାସହ ଅଭିଯୁକ୍ତଙ୍କଠାରୁ ୨ଟି ଦାମୀ କାର, ୨ଟି ଲାପଟପ, ୩ଟି ଟଙ୍କା ଗଣା ମେଶିନ, ୫ ଲକ୍ଷ ୪୭ ହଜାର ଟଙ୍କା, ହ୍ୱାଟ୍ସଆପ୍ ଚାର୍ଟ ଓ ମୋବାଇଲ ଆଦି ଜବତ ହୋଇଥିଲା।

# ସିଙ୍ଗାପୁରରୁ ତାଲିମ ନେଇ ଫେରିଲେ ୪୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୬।୯(ଅସମାପିକା ସାହୁ)

ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ୍ କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ଜଣ ଛାତ୍ରୀଛାତ୍ର ସିଙ୍ଗାପୁରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ(ଆଇଟିଇ)ରୁ ତାଲିମ୍ ନେଇ ଭୁବନେଶ୍ୱର ଫେରିଛନ୍ତି। ସେମାନେ ସେଠାରେ ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜି ଏବଂ ରୋବୋଟିକ୍ସ ବିଷୟରେ ଅତିରିକ୍ତ ତାଲିମ ନେଇଛନ୍ତି। ଡ୍ରୋନ୍ ଓ ରୋବୋଟିକ୍ସର କୋଡିଂ ଏବଂ ଏହାର ପରିଚାଳନା ବିଷୟରେ ଅଧିକ ଜ୍ଞାନ ଆହରଣ କରିଛନ୍ତି। ଏହି ସମୟ ମଧ୍ୟରେ ଛାତ୍ରୀଛାତ୍ରମାନେ ସିଙ୍ଗାପୁରର ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଯାଇ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ଉପକରଣ ବୁଲି ଦେଖିବା ସହ ଏହାର ପ୍ରୟୋଗ ବିଷୟରେ ପଚାରି ବୁଝିଥିଲେ। ଏଥିସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଇଟିଇ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଏହି ଛାତ୍ରୀଛାତ୍ରମାନେ ସିଙ୍ଗାପୁର–ଭୁବନେଶ୍ୱର ବିମାନରେ ଫେରିବା ପରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଦେଶରୁ ସେମାନେ ଯେଉଁ ଅନୁଭୂତି ନେଇ ଫେରିଛନ୍ତି ତାହା ସେମାନଙ୍କ କ୍ୟାରିୟର ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରିବ ବୋଲି କହିଛନ୍ତି। ଓଡ଼ିଶା ସରକାର ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତିବର୍ଷ ୪୦ଜଣଙ୍କୁ ବଛାଯାଇ ଏହି କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯିବ।

# ବଡ଼ ଅଫିସରଙ୍କ ବିରୋଧରେ ବେନାମୀ ପିଟିଶନ: ସିପାହି ନିଲମ୍ବିତ

ଭୁବନେଶ୍ୱର,୬।୯(ସୂର୍ଯ୍ୟକାନ୍ତ ବେହେରା)

ବଡ ଅଫିସରଙ୍କ ବିରୋଧରେ ବେନାମୀ ମିଛ ପିଟିଶନ କରୁଥିବା କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ (ଏସ୍‌ଏସ୍‌ବି)ରେ କାର୍ଯ୍ୟରତ ଜଣେ ସିପାହିଙ୍କୁ ମହଙ୍ଗା ପଡିଛି। ଘଟଣାର ତଦନ୍ତ ପରେ ସଂପୃକ୍ତ ସିପାହିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୂଚନା ଅନୁସାରେ, ସିପାହି ଜଣକ ବିଭିନ୍ନ ଉଚ୍ଚପଦସ୍ଥ ପୋଲିସ ଅଫିସରଙ୍କ ବିରୋଧରେ ଗୃହ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ବେନାମୀ ପିଟିଶନ ପଠାଉଥିଲେ। ଏପରିକି ହ୍ୱାଟ୍ସଆପ୍ ଚାଟ୍‌କୁ ଏଡିଟିଂ କରି ଏହାର ସ୍କ୍ରିନ୍‌ଶଟ ଏଥିସହ ଯୋଡୁଥିଲେ। ଗତ କିଛିମାସ ହେଲା ଲୋକସେବା ଭବନ ସୁରକ୍ଷା ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପିଙ୍କ ବିରୋଧରେ ମଧ୍ୟ ପିଟିଶନ ପଡିଥିଲା। ବାରମ୍ବାର ତାଙ୍କ ବିରୋଧରେ ପିଟିଶନ ପଡିବାରୁ କୌଣସି ପ୍ରକାରେ ସେ ଏହା ଜାଣିପାରିଥିଲେ। ଏନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ପିଏମ୍‌ଜି ଅଫିସରୁ ପିଟିଶନ ଆସିଥିବାରୁ କିଏ ସେ ବେନାମୀ ପିଟିଶନର ତାହା ଜାଣିବାକୁ ପୋଲିସ ସିସିଟିଭି ଯାଞ୍ଚ କରିଥିଲା। ଯାଞ୍ଚବେଳେ ସିପାହୀଜଣକ ଧରାପଡିବା ପରେ ତାଙ୍କୁ ହେପାଜତକୁ ନିଆଯାଇ ପଚରାଉଚରା ପରେ ସେ ନିଜର ଦୋଷ ସ୍ୱୀକାର କରିଥିଲେ। ତେବେ ଏହା ପଛରେ ଆଉ କିଏ ରହିଛନ୍ତି ଓ ହ୍ୱାଟ୍ସଆପ୍‌କୁ ଏଡିଟିଂ କରିବା ପଛରେ କି କାରଣ ରହିଛି, ତାହା ଜାଣିବା ଲାଗି ସାଇବର ଥାନାରେ ଏତଲା ଦିଆଯାଇଛି।

# ଜଳିଗଲା ବିଏମ୍‌ସି ରାସ୍ତା ସଫେଇ ଗାଡ଼ି



ଭୁବନେଶ୍ୱର,୬।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ରାସ୍ତା ସଫେଇ ଗାଡ଼ି ରବିବାର ରାତି ପ୍ରାୟ ୧୧ଟା ୧୫ ବେଳେ ନିଆଁ ଲାଗି ଜଳିଯାଇଛି। ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷା ଆଶ୍ରମ ସାମ୍ନା ରାସ୍ତାରେ ଏହି ଅଘଟଣ ଘଟିଛି। ଏହି ଅଗ୍ନିକାଣ୍ଡରେ ଡ୍ରାଇଭର ମୁକେଶ ସାମାନ୍ୟ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ପରେ ବିଏମ୍‌ସି କର୍ମଚାରୀଙ୍କ ଉଦ୍ୟମରେ ପ୍ରଥମେ

## ଡ୍ରାଇଭର ଆହତ

ନିଆଁ ଲିଭାଯାଇଥିଲା। ଖବର ପାଇ ସେକ୍ରେଟେରିଏଟ୍ ଫାୟାର ଷ୍ଟେଶନ ପକ୍ଷରୁ ଗାଡ଼ିରୁ ନିଆଁ ଆୟତ୍ତ କରାଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡରେ ଉକ୍ତ ଗାଡ଼ିର ଡ୍ରାଇଭର କ୍ୟାବିନ ସମେତ ୪୦ ପ୍ରତିଶତ ପୋଡ଼ିଯାଇଛି। କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଶର୍ଟ ସର୍କିଟ୍ ଯୋଗୁ ଗାଡ଼ିରେ ନିଆଁ ଲାଗିଥିବା ଡେପୁଟି ଫାୟାର ଅଫିସର ଅବନୀ ଚରଣ ସ୍ୱାଇଁ କହିଛନ୍ତି।

# ଗାନ୍ଧୀ ଜୟନ୍ତୀ ସୁଦ୍ଧା ବିଜୁ ଆଦର୍ଶ କଲୋନୀ କାମ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ଜାଗା ମିଶନ ଅଧୀନରେ ବସ୍ତିର ରୂପାନ୍ତରଣ ଓ ବିକାଶ ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଗଷ୍ଟ ୫ ତାରିଖରେ ଏନେଇ ପ୍ରାରମ୍ଭିକ ଆଲୋଚନା କରାଯାଇଥିବାବେଳେ ବୁଧବାର ଏହାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ସୁଦ୍ଧା ବିଜୁ ଆଦର୍ଶ କଲୋନୀ କାମ ସାରିବାକୁ ବୈଠକରେ ଅଧ୍ୟକ୍ଷତା କରି କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ବସ୍ତିର ରୂପାନ୍ତରଣ କରିବା ସହ କିପରି ବସ୍ତିବାସିନ୍ଦାଙ୍କୁ ଉନ୍ନତ ସୁବିଧା ଓ ସେବା ଯୋଗାଇ ଦିଆଯିବ ସେନେଇ ବୈଠକରେ ଆଲୋଚନା କରାଯାଇଛି। ଆଦର୍ଶ କଲୋନୀଗୁଡ଼ିକରେ ରାସ୍ତା, ଡ୍ରେନ, ଷ୍ଟ୍ରିଟ୍ ଲାଇଟ, ବିଦ୍ୟୁତ୍ ସଂଯୋଗ, ଜଳ ଯୋଗାଣ, ନିଜସ୍ୱ ଶୌଚାଳୟ, ଖେଳପଡ଼ିଆ ସହ ପରିଚୟ ଗୃହ ନିର୍ମାଣ କାମ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କମିଶନର କହିଛନ୍ତି। ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ଜମି ପଟ୍ଟା ଆବଣ୍ଟନ କରିବେ। ବୈଠକରେ ବିଏମସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ବିଏମସି ମୁଖ୍ୟଯନ୍ତ୍ରୀ ଅରୁଣ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ ।

# ଅଭିଯୋଗକାରୀଙ୍କ ପଟ୍ଟା ଯାଞ୍ଚ ହେବ: ବିଏମ୍‌ସି

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)


ଭଙ୍ଗାଯାଇଥିବା ଘର।

## ଏଲ୍‌ଆର୍‌ସି ଦେଇ ଘର ଭାଙ୍ଗିବା ଘଟଣା

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଜାଗା ମିଶନରେ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବାଣ୍ଟିବା ପରେ ବିବାଦ ବଢ଼ିବାରେ ଲାଗିଛି। ବୁଧବାର ୱାର୍ଡ ୩୬ସ୍ଥିତ ଭୌମନଗର ଅଞ୍ଚଳରେ ଥିବା ରାମପୁର ବସ୍ତି-ବିରେ ଭୂମି ଅଧିକାର ପ୍ରମାଣପତ୍ର (ଏଲଆରସି) ପାଇଥିବା ହିତାଧିକାରୀ ଅନୁସୂୟା ଦାସଙ୍କ ଘରକୁ ବିଏମ୍‌ସି ଭାଙ୍ଗିଥିବା ଅଭିଯୋଗ ହେବା ପରେ ପଟ୍ଟା ଯାଞ୍ଚ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହଯାଇଛି। ବିଏମ୍‌ସିର ଜଣେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ରାମପୁର ବସ୍ତି–ବିର ପ୍ଲଟ ନଂ. ୩୪୪ରେ ମୋଟ ୩୫୦.୨୪ ବର୍ଗଫୁଟର ଜମି ରହିଛି। ଏଠାରେ ୩୬ ନମ୍ବର ୱାର୍ଡର ୱାର୍ଡ ଅଫିସ ନିର୍ମାଣ କରାଯିବାକୁ ପୂର୍ବରୁ ସ୍ଥିର ହୋଇଛି। ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ବିଏମ୍‌ସିକୁ ଏହି ଜମି ପ୍ରଦାନ କରାଯାଇଥିଲା। ପୂର୍ବରୁ ପ୍ରାୟ ୩ ଥର ବିଏମସି ଜୋନାଲ ଓ ଏନ୍‌ଫୋର୍ସମେଣ୍ଟ ଟିମ ଉକ୍ତ ପ୍ଲଟ୍‌କୁ ଉଚ୍ଛେଦ କରିବାକୁ ଯାଇ ଫେରିଆସିଛନ୍ତି। ସବୁ ୱାର୍ଡରେ ୱାର୍ଡ ଅଫିସ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଥିବାରୁ ୩୬ନମ୍ବର ୱାର୍ଡର ୱାର୍ଡ ଅଫିସ ଲାଗି ନିର୍ଦ୍ଧାରିତ ଜମିରୁ ଜବରଦଖଲ ହଟାଯାଇଛି। ଉକ୍ତ ପ୍ଲଟ୍‌ରେ ଏକ ଟିଣ ଘର ଥିଲେ ମଧ୍ୟ କେହି ରହୁ ନ ଥିଲେ। ସେଠାରୁ ଜବରଦଖଲ ଭଙ୍ଗାଯିବ ବୋଲି ବାରମ୍ବାର ମାଇକ ଯୋଗେ ପ୍ରଚାର କରାଯାଇଥିଲା। ହେଲେ ଏନେଇ କାହାର କିଛି ସମସ୍ୟା ଥିବା ବିଏମ୍‌ସିକୁ ପୂର୍ବରୁ ଅବଗତ କରାଯାଇନାହିଁ। ଗଣମାଧ୍ୟମରେ ଏନେଇ ଅଭିଯୋଗ ପ୍ରକାଶ ହୋଇଥିଲେ ମଧ୍ୟ ବିଏମ୍‌ସିରେ ଅଭିଯୋଗ କରାଯାଇନାହିଁ। ଉକ୍ତ ଅଭିଯୋଗକାରୀଙ୍କର ଏହି ପ୍ଲଟ ବ୍ୟତୀତ ଅନ୍ୟତ୍ର ଜମି ଥିବା ବିଏମ୍‌ସି ଜାଣିବାକୁ ପାଇଛି। ଏନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହ ଯଦି ଏଥିରେ କିଛି ଚଞ୍ଚକତା ଉଦ୍ୟମ କରାଯାଇଥିଲେ ବିଏମ୍‌ସି ଉକ୍ତ ନାଗରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପଟ୍ଟା ରଦ୍ଦ କରିବ। ଆସନ୍ତା ୨ ଦିନ ମଧ୍ୟରେ ଘଟଣା ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଜବାବ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

**ଗୋଠପାଟଣା ଶ୍ରବଣବାଧିତ ବିଦ୍ୟାଳୟକୁ ଅନୁଦାନ ବନ୍ଦ ମାମଲା**

କଟକ,୬।୯ (କାର୍ତ୍ତିକ ସାହୁ)

ଖୋର୍ଦ୍ଧା ଜିଲାର ଗୋଠପାଟଣାସ୍ଥିତ ଶ୍ରବଣବାଧିତଙ୍କ ନିମିତ୍ତ ଉଦ୍ଦିଷ୍ଟ ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅନୁଦାନ ବନ୍ଦ ମାମଲାରେ ହାଇକୋର୍ଟରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ନେଇଛନ୍ତି। ମଙ୍ଗଳବାର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୮ ତାରିଖ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ଶ୍ରବଣବାଧିତ ବିଦ୍ୟାର୍ଥୀଙ୍କ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ଗୋଠପାଟଣାସ୍ଥିତ ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମରାମତି ଓ ଚାଉଳ କୋଟା ଅନୁଦାନ ବନ୍ଦ ରହିଛି। ଶ୍ରବଣବାଧିତ ପିଲାଙ୍କ ନିମନ୍ତେ ମାନବିକତା ଦୃଷ୍ଟିକୋଣରୁ ଅନୁଦାନ ଯୋଗାଇ ଦିଆଯିବା ସହ ବିଦ୍ୟାଳୟ ପରିଚାଳନା କମିଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଦୀନବନ୍ଧୁ ସାମଲଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଡି. କେ. ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଘୋଷଣା

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ସେପ୍ଟେମ୍ବର ୧୦କୁ ଆତ୍ମହତ୍ୟା ନିବାରଣ ଦିବସ ରୂପେ ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେସନ(ହୁ) ପକ୍ଷରୁ ଘୋଷଣା କରାଯାଇଛି। ମାନସିକ ସ୍ୱାସ୍ଥ୍ୟ ସଂଘ ଓଡିଶା ଶାଖା ତରଫରୁ ପ୍ରତି ବର୍ଷ ଆତ୍ମହତ୍ୟା ନିବାରଣ ପାଇଁ ସଚେତନ କାଯ୍ୟକ୍ରମ କରାଯାଉଥିବାବେଳେ ବୁଧବାର ଏ ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ଅନୁଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରଫେସର ଡାକ୍ତର ଅମ୍ରିତ ପାଟ୍ଟଯୋଶୀ, ସମ୍ପାଦକ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଅଂଶୁମୋଚନ ସାହୁ, ଡାକ୍ତର ସମ୍ରାଟ କର, ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବଦତ୍ତା ମହାପାତ୍ର (ଏମସ୍ ହସ୍ପିଟାଲ) ଏବଂ ପ୍ରଫେସର ଡାକ୍ତର ଶୁଭେନ୍ଦୁ ନାରାୟଣ ମିଶ୍ର (ସମ ହସ୍ପିଟାଲ) ଉପସ୍ଥିତ ରହି ଆତ୍ମହତ୍ୟାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଆତ୍ମହତ୍ୟା ବିଷୟରେ ଆଉ ଚୁପ ନରହି ଅନ୍ୟର ଭାବନାକୁ ବୁଝିବା ଏବଂ ଆତ୍ମହତ୍ୟା ଉଦ୍ୟମ କରିବାକୁ ଯାଉଥିବା ମଣିଷଙ୍କ ସହ ମିଶିବା ଏହା ହେଉଛି ବିଶ୍ୱ ଆତ୍ମହତ୍ୟା ଦିବସର ଉଦ୍ଦେଶ୍ୟ ବୋଲି ମାନସିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେସନ(ହୁ) ଅନୁସାରେ ପ୍ରତିବର୍ଷ ୧୦ ଲକ୍ଷ ଲୋକ ଆତ୍ମହତ୍ୟାର ଶିକାର ହୋଇଥାଏ । ଏହା ଅର୍ଥ ପ୍ରତି ୪୦ ସେକେଣ୍ଡ ଭିତରେ ପୃଥିବୀରେ କେହି ଜଣେ ଆତ୍ମହତ୍ୟା ପାଇଁ ଉଦ୍ୟମ କରେ । ଘରେ ଏକା ରହିବା, ଇଣ୍ଟରନେଟ ବା ମୋବାଇଲର ବହୁଳ ବ୍ୟବହାର ଦ୍ୱାରା, କାହା ସହ ନମିଶିବା, ବ୍ୟବସାୟରେ ଅତ୍ୟଧିକ କ୍ଷତି, ପାରିବାରିକ କଳହ, ନିଶାସେବନ, ଅଭିଭାବକ ମାନଙ୍କ ଚାପ ଯୋଗୁଁ ଅତ୍ୟଧିକ ମାନସିକ ଚାପରେ ଗ୍ରସ୍ତ କରୁଛନ୍ତି । ତେଣୁ ସେ ନିଜକୁ ହରାଇବାକୁ ଚାହିଁଥାଏ । ତେଣୁ ପ୍ରତି ବ୍ୟକ୍ତି କେମିତି ଆତ୍ମହତ୍ୟା କୁ ରୋକି ପାରିବା ଏବଂ ସଚେତନ କରିପାରିବା ସେଥିପାଇଁ ପ୍ରୟାସ କରାଯାଇଥାଏ ।

### 'ଶ୍ରମ, ଶୃଙ୍ଖଳା ଓ ସହନଶୀଳତା ସଫଳତା ଆଣେ'

ପୁରୀ, ୬।୯(ଅଜିତ ମହାନ୍ତି)

ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ସଦାଶିବ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜକିଶୋର ସ୍ୱାଇଁ ଓ ରଙ୍ଗଲତା ସାହୁ ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଗୁରୁଜୀ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ସାମନ୍ତରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଥର ୪୫ ଫୁଟର ଏଲ୍‌ଇଡି ଲାୟନ ଗେଟ୍

**ଥାନା ଛକ ବ୍ୟବସାୟୀ ସଂଘ**

- ପୂଜା ପାଇବେ ୧୨ ଫୁଟ ଉଚ୍ଚର ଗଜାନନ
- ପ୍ରଥମଦିନ ଓ ବିସର୍ଜନ ଭୋଗ ଥାନାରୁ ଆସିଥାଏ

ଜଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ଏବେଠୁ କାରିଗର, ଆୟୋଜକ ଓ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଜଟଣୀ ଥାନାଛକ ବ୍ୟବସାୟୀ ସଂଘ ପୂଜା କମିଟି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

ପ୍ରାୟ ୫୦ ବର୍ଷ ପୂର୍ବେ ଥାନା ଛକରେ ଗଣେଶପୂଜା ଆରମ୍ଭ ହୋଇଥିଲା। ଗୋକୁଳ ସାହୁ, ମହେଶ କାଛୁଆଲ, କାଶୀନାଥ ନାୟକ, ଝୁଲୁ ସୁନ୍ଦରାୟ, ଭାବଗ୍ରାହୀ ପାହାଡ଼ସିଂଙ୍କ ସମେତ କେତେଜଣ ବ୍ୟବସାୟୀ ଏଠାରେ ପୂଜା ଆରମ୍ଭ କରିଥିବା ଲୋକମତରୁ ଜଣାଯାଏ। ଏଥର ପୂଜାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ମଣ୍ଡପରେ ୧୨ଫୁଟ ଉଚ୍ଚର ଗଜାନନଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ୪୫ ଫୁଟ ଉଚ୍ଚର ଦୁଇଟି ଏଲ୍‌ଇଡି ଲାୟନ ଗେଟ୍ ଶୋଭାପାଇବ। ଠାକୁରଙ୍କ ପାଖରେ ପ୍ରତିଦିନ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖଜା, ଛେନା, କାକରା, ଖେଚୁଡ଼ି, ରସଗୋଲା, ଲଡୁ, ଚୁଡ଼ାଘଷା, ମାଲପୁଆ ଭଳି ବିଭିନ୍ନ ବ୍ୟଞ୍ଜନ ଭୋଗ ଲାଗି ହୋଇଥାଏ, ଯାହାକୁ କମିଟି ଏବଂ କେତେଜଣ ମାନସିକଧାରୀ ଦେଇଥାନ୍ତି। ସେହିପରି ପୂଜା ଆରମ୍ଭର ପ୍ରଥମ ଏବଂ ଶେଷଦିନର ଭୋଗ ଜଟଣୀ ଥାନା ପକ୍ଷରୁ ଆସି ଠାକୁରଙ୍କଠାରେ ଲାଗି ହୋଇଥାଏ ବୋଲି ସଭାପତି ରୋହିତାଶ ଅଗ୍ରୱାଲ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଦର୍ଶକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ବ୍ୟବସ୍ଥା ହୋଇଛି। ପୂଜା ସମୟରେ ଜଟଣୀ ଥାନାକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥାଏ। ସମୟ ମୁତାବକ ଥାନା ଅଧିକାରୀ ପୂଜାରେ କାର୍ତ୍ତାଭାବେ ବସିଥାନ୍ତି। ପୂଜାର ଶେଷ ଦିବସ ତଥା ଭସାଣ ଶୋଭାଯାତ୍ରାରେ କମିଟି ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥାଏ।


ଶୋଭାପାଇବାକୁ ଥିବା ଏଲ୍‌ଇଡି ଲାୟନ ଗେଟ୍‌ର ନକଲ।

**ଏମାନେ ଯାହା କୁହନ୍ତି...**


"ଗଣେଶପୂଜା ବର୍ଷ ବର୍ଷ ଧରି ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଆସିଛି। ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ପୂଜା ଏବଂ ସାଜସଜ୍ଜାର ମାନ ବଢ଼ିଛି। ବ୍ୟବସାୟୀ ଭାଇମାନଙ୍କ ସହଯୋଗରେ ପୂଜା କରାଯାଥାଏ। ଏଥର ପୂଜା ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ସମସ୍ତ ସରକାରୀ ନିୟମ ମାନିବା ସହ ୫୦ଜଣ ସ୍ୱେଚ୍ଛାସେବୀ ପୂଜା ସମୟରେ ଗହଳି ନିୟନ୍ତ୍ରଣ ପାଇଁ ନିୟୋଜିତ ହେବେ।

- ରୋହିତାଶ ଅଗ୍ରୱାଲ, ସଭାପତି, ଥାନା ଛକ ବ୍ୟବସାୟୀ ସଂଘ


"ଗଣେଶପୂଜାରେ ସାଜସଜ୍ଜାକୁ ନେଇ ଏକ ପ୍ରକାର ପ୍ରତିଯୋଗିତା ଦେଖାଦେଇଛି। ଏଥର ମଣ୍ଡପକୁ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଚଳିତ ବର୍ଷ ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ନେଇ ସ୍ଥିର ହୋଇଛି। ୪୫ ଫୁଟ ଉଚ୍ଚର ଦୁଇଟି ଡିଜିଟାଲ ଏଲ୍‌ଇଡି ଲାୟନ ଗେଟ୍ ଶୋଭାପାଇବ ଏଥିସହିତ ପୂଜାରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

- ଅନନ୍ତ ଶତପଥୀ, ସମ୍ପାଦକ, ଥାନା ଛକ ବ୍ୟବସାୟୀ ସଂଘ

## ମାରଣାସ୍ତ୍ର ଦେଖାଇ ଲୁଟ୍

ନିମାପଡ଼ା,୬।୯(ବିଚିତ୍ରାନନ୍ଦ ସାହୁ)

ରାସ୍ତାରେ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ୪ ଦୁର୍ବୃତ୍ତ ଲୁଟିଥିବା ନିମାପଡ଼ା ଥାନାରେ ବୁଧବାର ଅଭିଯୋଗ ହୋଇଛି। ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ପଞ୍ଚାୟତର ମୁସୁନୁପୁର ଗ୍ରାମର ଚନ୍ଦନ ପଢିଆରୀ(୨୬) ବାଇକ୍ ଯୋଗେ ନିମାପଡ଼ା ଅଭିମୁଖେ ଆସୁଥିଲେ। ତାଙ୍କୁ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ପିଛା କରି ନିମାପଡ଼ା-ଗୋପ ରାସ୍ତାର ଝାମ୍ପୁଲାକୁଦ ଗ୍ରାମ ଛକ ନିକଟରେ ଅଟକାଇଥିଲେ। ତାଙ୍କ ବେକରେ ଭୁଜାଲି, ଛୁରୀ ଲଗାଇ ବିଭିନ୍ନ ଧମକ ଦେଇଥିଲେ। ତାଙ୍କ ପକେଟରୁ ୩ହଜାହର ୨ଶହ ଟଙ୍କା ନେଇଯାଇଥିଲେ। ଏପରିକି ଦୁର୍ବୃତ୍ତ ଚନ୍ଦନଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଦୁର୍ବୃତ୍ତମାନେ ଖସିଯିବା ସମୟରେ ଭୁଜାଲି ଓ କଟୁରୀ ବୁଲାଇ ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୁଖ୍ୟ ଅଭିଯୁକ୍ତ ଜଣକ ସ୍ଥାନୀୟ ଅଞ୍ଚଳର ବୋଲି ଚନ୍ଦନ କହିଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ କୌଣସି ମାମଲା ହୋଇନାହିଁ। ଦୁର୍ବୃତ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ସରସ୍ୱତୀ ଶିଶୁମନ୍ଦିରରେ ଗୀତା ଆବୃତ୍ତି ପ୍ରତିଯୋଗିତା


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼,୬।୯(ଦେବବ୍ରତ ହୋତା)

ସ୍ଥାନୀୟ ସରସତୀ ଶିଶୁ ମନ୍ଦିରଠାରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଏକ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଆହ୍ୱାନକ୍ରମେ ରାଜ୍ୟସ୍ତରୀୟ ଶ୍ରୀମଦ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ଏଥିରେ ଜୁନିୟର ବିଭାଗରେ ୪ର୍ଥ ଓ ୫ମ ଶ୍ରେଣୀ, ସବ୍‌ଜୁନିୟର ବିଭାଗରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ଏବଂ ସିନିୟର ବିଭାଗରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ସରସତୀ ଶିଶୁ ମନ୍ଦିରର ଦେବରାଜ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଚାରକଭାବେ ପ୍ରଭାତ କୁମାର ଦାସ, ମିହିର କୁମାର ଭୂୟାଁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଭାତ କୁମାର ତ୍ରିପାଠୀ, ପ୍ରଣତି ଚୌଧୁରୀ, ମାନସୀ ବେହେରା, ମଧୁସ୍ମିତା ସାହୁ, ସୁଶ୍ରୀ ସଙ୍ଗୀତ ସୁବୁଦ୍ଧି ଓ ଦମୟନ୍ତୀ ସାହୁ କାର୍ଯ୍ୟ ତୁଲାଇଥିଲେ। ପ୍ରଜ୍ଞାନ ମିଶନର ସହସମ୍ପାଦକ ସ୍ୱାମୀ ଅନିର୍ବାଣ ଚନ୍ଦ୍ର ଗିରି ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରୁ କୃତିତ୍ୱ ହାସଲ କରିଥିବା ୩ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବ୍ଲକ ସଂଯୋଜକ ସନ୍ତୋଷ କୁମାର ଦଳାଇ ଓ ବ୍ରହ୍ମଚାରୀ ତୃପ୍ତାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିଶୁ ମନ୍ଦିରର ସଭାପତି ପ୍ରାଧ୍ୟାପକ ଗାନ୍ଧୀ କୁମାର ସାହୁ ତଦାରଖ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେଲେ ପ୍ରତିଯୋଗୀଙ୍କୁ ପ୍ରଜ୍ଞାନ ମିଶନ ପକ୍ଷରୁ ଏକ ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯାଇଥାଏ।

## ଶୋକସନ୍ତପ୍ତ ପରିବାରକୁ ଭେଟିଲେ ବାସନ୍ତୀ ମହାପାତ୍ର

ନିରାକାରପୁର,୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନାନପଡା ସାହିର ଆକାଶ କୁମାର ରାଉତରାୟ ଗତ ୨ ତାରିଖରେ ସାଙ୍ଗମାନଙ୍କ ସହିତ ଭୋଜି କରିବାକୁ କଟକ ତ୍ରିଶୁଳିଆ ନିକଟ ମହାନଦୀ କୂଳରେ ଅବସ୍ଥିତ ଦେବୀଦ୍ୱାରକୁ ଯାଇଥିଲେ। ତେବେ ଗାଧୋଇବାକୁ ନଦୀକୁ ଯାଇଥିବା ବେଳେ ଅସାବଧାନତାରୁ ନଦୀରେ ବୁଡି ଆକାଶଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ମଙ୍ଗଳବାର ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତି ମହାପାତ୍ର ଖୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସେହିପରି ବଣିଆଟାଙ୍ଗୀରେ ଦମ୍ପତି ଆତ୍ମହତ୍ୟା କରିଥିଲେ। ଏହା ଜାଣିବା ପରେ ବିଜେଡି ରାଜ୍ୟ ମହିଳା ଉପସଭାପତି ମହାପାତ୍ର ଉକ୍ତ ପରିବାରକୁ ଭେଟିବା ସହିତ ମୃତକଙ୍କ ଦୁଇ ଝିଅ ଓ ପୁଅଙ୍କ ଭବିଷ୍ୟତ ଗଠନ ନିମନ୍ତେ ଆର୍ଥିକ ସାହାଯ୍ୟ କରିଛନ୍ତି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୬।୯(କିଶୋର ମହାପାତ୍ର)

ପୋଖରୀରେ ବୁଡ଼ିଯିବାରୁ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବାସୁକେରା ଗ୍ରାମର କୃଷ୍ଣଚନ୍ଦ୍ର ବିଶ୍ୱାଳ(୩୨)। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ସକାଳେ ଶୌଚ ପାଇଁ ବାରିପଟ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**୨ ବୋମା, ୨ ଖଣ୍ଡା, ଛୁରି, ଲଙ୍କାଗୁଣ୍ଡ ଜବତ**


ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଉଛନ୍ତି।

ପୁରୀ, ୬।୯(ଅଜିତ ମହାନ୍ତି)

ପୁରୀରେ ଆପରାଧିକ କାର୍ଯ୍ୟକଳାପ ବଢୁଥିବା ବେଳେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଏସ୍‌ପି କନୱର ବିଶାଲ ସିଂହଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ଡକାୟତି ଯୋଜନା କରୁଥିବା ୫ଜଣଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରିଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁର୍ବୃତ୍ତମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଗୋଖା ସାହିର ଦିୱାନା ବେହେରା, ମହାବୀର ବେହେରା, ସୁବାସ ବେହେରା, ରାକେଶ ବେହେରା ଏବଂ ମଶାଣିଚଣ୍ଡୀ ଛକ ଅଞ୍ଚଳର ମନୋଜ କୁମାର ବାରିକ୍। ଏମାନଙ୍କଠାରୁ ୨ଟି ବୋମା, ୨ଟି ଖଣ୍ଡା, ୨ଟି ଲୁହାରଡ, ଗୋଟିଏ ଛୁରି, ୫ଟି ଖାଲି ବିୟର ବୋତଲ, ଗୋଟିଏ ଟର୍ଚ୍ଚ ଲାଇଟ, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ.୧୯୭/୨୩) ରୁଜୁ ହୋଇଛି। ବାସେଳି ସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ଡିଏସ୍‌ପି ସାହୁ କହିଛନ୍ତି, ବାସେଳିସାହି ଥାନା ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ମଙ୍ଗଳାଘାଟ ନିକଟସ୍ଥ ନିର୍ମାଣାଧୀନ କଲ୍ୟାଣ ମଣ୍ଡପରେ ୫ଜଣ ଦୁର୍ବୃତ୍ତ ବସି ପର୍ଯ୍ୟଟକମାନଙ୍କଠାରୁ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବା ସହିତ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା। ଏମାନଙ୍କ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଉକ୍ତ ଖବରଦାତା ସମ୍ମିଳନୀରେ ବାସେଳିସାହି ଥାନା ଅଧିକାରୀ ମାନସ ବାରିକ୍ ଓ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଉପସ୍ଥିତ ଥିଲେ।

# କ୍ଷତିଗ୍ରସ୍ତଙ୍କୁ ଜମି ଫେରାଇବାକୁ ପ୍ରୟାସ

**୯ରେ କୃଷକ ବିଜୟ ସମାବେଶ**

ପୁରୀ, ୬।୯(ଅଜିତ ମହାନ୍ତି)

ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ପକ୍ଷରୁ ଚଳିତ ମାସ ୯ତାରିଖରେ ବେଲଦଳରେ କୃଷକ ବିଜୟ ସମାବେଶ ଅନୁଷ୍ଠିତ ହେବ। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ସୂଚନା ଦେଇ କହିଛନ୍ତି, ୨୦୦୬ରେ ରାଜ୍ୟ ସରକାର 'ବେଦାନ୍ତ ସିଦ୍ଧାନ୍ତ' ସ୍ଲୋଗାନ ଦେଇ ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ବାଇଶମୌଜା ଅଞ୍ଚଳରୁ ହଜାର ହଜାର ଏକର ଚାଷଜମି ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମିକୁ ବେଆଇନ ଭାବେ ଅଧିଗ୍ରହଣ କରିଥିଲେ। ପରେ କ୍ଷତିଗ୍ରସ୍ତ ଚାଷୀମାନେ ମିଳିତ ଭାବେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଗଠନ କରି ଏହି ବେଆଇନ ଜମି ଅଧିଗ୍ରହଣ ନେଇ ୨୦୧୦ରେ ଲୋକପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ଅଧିଗ୍ରହଣ ଓ କମ୍ପାନୀ ସହ ହୋଇଥିବା ବୁଝାମଣା ପତ୍ରରେ ଅନିୟମିତତାର ପୁନଃ ଅନୁଧ୍ୟାନ ପାଇଁ ଲୋକପାଳ ଆଦେଶ ଦେଇଥିଲେ। ରାଜ୍ୟ ସରକାର ଓ ବେଦାନ୍ତ କର୍ତ୍ତୃପକ୍ଷ ତ୍ୱରିତ୍ ନିଜ ସପକ୍ଷରେ ରାୟ ଆଶା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏହା ବେଆଇନ ଜମି ଅଧିଗ୍ରହଣ ବୋଲି ହାଇକୋର୍ଟ ରାୟ ଦେଇଥିଲେ। ପରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। 'ଅନିଲ ଅଗ୍ରୱାଲ ଫାଉଣ୍ଡେଶନ' କିପରି ଏତେ ଚାଷଜମି ଅଧିଗ୍ରହଣ କରିପାରିଲା ସେନେଇ ଅନୁଧ୍ୟାନ ଓ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ଜାଲିଆତିରେ ଚାଷଜମି ଅଧିଗ୍ରହଣ ପାଇଁ ଉକ୍ତ ସଂସ୍ଥାକୁ ୫ଲକ୍ଷ ଟଙ୍କା ଜରିମାନା କରିଥିଲେ। ସୁପ୍ରିମକୋର୍ଟରେ ଏହି ମାମଲାକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ବିନା ପାରିଶ୍ରମିକରେ ପରିଚାଳନା କରିଥିବାରୁ ସମିତି ଓ ବିସ୍ଥାପିତ ଆଶଙ୍କାରେ ଥିବା ଲୋକେ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେହିପରି ଏହି ଆନ୍ଦୋଳନକୁ ସମର୍ଥନ କରିଥିବା ନର୍ମଦା ବଞ୍ଚାଅ ଅଭିଯାନର ନେତ୍ରୀ ମେଧା ପାଟେକରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସାକ୍ଷୀଗୋପାଳଙ୍କୁ ହୀରାଖଚିତ ସୁବର୍ଣ୍ଣ ବସଣି ଦାନକଲେ ଭକ୍ତ



ସାକ୍ଷୀଗୋପାଳ,୬।୯
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

**ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କା**

ଜନ୍ମାଷ୍ଟମୀ ଅବସରରେ ବୁଧବାର ପୁରୀ ସହରର ଜଣେ ଭକ୍ତ ସାକ୍ଷୀଗୋପାଳ ଠାକୁର ନାକରେ ପିନ୍ଧିବା ପାଇଁ ହୀରାଖଚିତ ସୁବର୍ଣ୍ଣ ବସଣି ଦାନ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କା ହେବ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସ୍ୱର୍ଣ୍ଣକାର ସେବାୟତ କୃଷ୍ଣଚନ୍ଦ୍ର ସାହୁ ଏହି ଅଳଙ୍କାରକୁ ପରଖିଥିଲେ। ପରେ ଅଳଙ୍କାର ଆଣିଥିବା ବ୍ୟକ୍ତି ଜଣକ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କୁ ହସ୍ତାନ୍ତରକରି ରସିଦ ଗ୍ରହଣ କରିଥିଲେ। ମନ୍ଦିର ନିୟମ ଅନୁଯାୟୀ, ଅଳଙ୍କାରଟି ପାଳିଆ ଭଣ୍ଡାର ମେକାପ ଦୁଃଖିଶ୍ୟାମ ମେକାପ, ସିଂହାରୀ ସେବାୟତ ରଣଜିତ ପତ୍ରୀଙ୍କୁ ଦେବା ପରେ ଏହାକୁ ଲାଗି କରାଯାଇଛି।

# 'ଶିକ୍ଷା ବିନା ଦେଶର ବିକାଶ ଅସମ୍ଭବ'

ବେଗୁନିଆ,୬।୯(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର 'ନୀଳକଣ୍ଠ ଶିକ୍ଷକ ସମ୍ମାନ' ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଏବଂ ନୀଳକଣ୍ଠ ମିଶ୍ର ସେବା ପ୍ରତିଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ସମାରୋହରେ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତା ଭାବେ ଧନେଶ୍ୱର ବିଧାର, ସମ୍ମାନିତ ଅତିଥିଭାବେ ପୂର୍ବତନ ଡିଏଫ୍‌ଓ ଦିଲୀପ କୁମାର ରାଉତ ଉପସ୍ଥିତ ଥିଲେ। ଛାତ୍ର ସଂସଦର ସଭାପତି ଶିବନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। ଶିକ୍ଷା ବିନା ଦେଶର ବିକାଶ ଅସମ୍ଭବ। ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷାଦାନ ଓ ଗ୍ରହଣ ମଧ୍ୟରେ ସମନ୍ୱୟ ରହିଲେ ପିଲାଙ୍କ ଭବିଷ୍ୟତ ପ୍ରତିଷ୍ଠିତ ହୋଇପାରିବ ବୋଲି ଅତିଥି ଦାସ କହିଥିଲେ। ଏହି ଅବସରରେ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ବିଭୁପ୍ରସାଦ ସେନାପତି ଏବଂ ଗୟାବନ୍ଧ ପ୍ରାଥମିକ ବିଦ୍ୟାଳୟର ଶରତ କୁମାର ଚଉଁରୀଙ୍କୁ ନୀଳକଣ୍ଠ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳାକାର ଚକ୍ରଧର ଦେବତା ଓ ସାଥୀ ବିପିନ ବିହାରୀ ମିଶ୍ରଙ୍କ ଦ୍ୱାରା ଶିକ୍ଷା ସମ୍ପର୍କିତ ସଚେତନତା ଦାସକାଠିଆ ପରିବେଷଣ କରାଯାଇଥିଲା। ଛାତ୍ର ସଂସଦର ସମ୍ପାଦକ ଉପେନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ଓ ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ମାନିତ ଶିକ୍ଷକମାନେ।

## ସଂକ୍ଷେପରେ

### ଡକାୟତି ପାଇଁ ଇଞ୍ଜିନିୟରଙ୍କୁ ଆକ୍ରମଣ

ଭୁବନେଶ୍ୱର,୬।୯ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଇଞ୍ଜିନିୟରଙ୍କୁ ଆକ୍ରମଣ କରି ଡକାୟତି ଉଦ୍ୟମ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ୩ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି । ସେମାନଙ୍କ ପାଖରୁ ୨ଟି ମୋବାଇଲ ଫୋନ୍, ମନିପର୍ସ, ୪ହଜାର ଟଙ୍କା, ଆଧାର କାର୍ଡ, ୨ଟି ଏଟିଏମ କାର୍ଡ ଓ ଗୋଟିଏ ଧାରୁଆ ଛୁରୀ ଜବତ ହୋଇଛି। ସୂଚନାନୁସାରେ, ଅଭିଯୋଗକାରୀ ଶକ୍ୟ ସିଂ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ସେ ମଙ୍ଗଳବାର ବିଳମ୍ବିତ ରାତିରେ ଲିଙ୍ଗରାଜ ବିହାର ରେଲୱେ ଷ୍ଟେଶନ ଦେଇ ଘରକୁ ଫେରୁଥିବାବେଳେ ସମ୍ପୃକ୍ତ ନାବାଳକମାନେ ଡକାୟତି ଉଦ୍ଦେଶ୍ୟ ରଖି ପଛ ପଟୁ ଆସି ହଠାତ ତାଙ୍କୁ ଆକ୍ରମଣ କରି ତଳେ ପକାଇ ଦେଇଥିଲେ। ଏହାପରେ ତାଙ୍କ ପର୍ସରେ ଥିବା ୯୦୦୦ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ କରୁଥିବାବେଳେ ଶକ୍ୟ ସେମାନଙ୍କୁ ବିରୋଧ କରିଥିଲେ। ହେଲେ ନାବାଳକମାନେ ସାଙ୍ଗରେ ଆଣିଥିବା ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କର ବେକ, ମୁହଁ, ହାତ ଓ ଗୋଡରେ ଗଭୀର ଆଘାତ ଲାଗିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତ ନାବାଳକମାନେ ଘଟଣା ସ୍ଥଳରୁ ଚାଲି ଯାଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଜଳିଗଲା ବିଏମ୍ସି ରାସ୍ତା ସଫେଇ ଗାଡ଼ି

ଭୁବନେଶ୍ୱର,୬।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ରାସ୍ତା ସଫେଇ ଗାଡ଼ି ରବିବାର ରାତି ପ୍ରାୟ ୧୧ଟା ୧୫ ବେଳେ ନିଆଁ ଲାଗି ଜଳିଯାଇଛି। ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷା ଆଶ୍ରମ ସାମ୍ନା ରାସ୍ତାରେ ଏହି ଅଘଟଣ ଘଟିଛି। ଏହି ଅଗ୍ନିକାଣ୍ଡରେ ଡ୍ରାଇଭର ମୁକେଶ ସାମାନ୍ୟ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ପରେ ବିଏମ୍ସି କର୍ମଚାରୀଙ୍କ ଉଦ୍ୟମରେ ପ୍ରଥମେ ନିଆଁ ଲିଭାଯାଇଥିଲା। ଖବର ପାଇ ସେକ୍ରେଟେରିଏଟ୍ ଫାୟାର ଷ୍ଟେଶନ ପକ୍ଷରୁ ଗାଡ଼ିରୁ ନିଆଁ ଆୟତ୍ତ କରାଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡରେ ଉକ୍ତ ଗାଡ଼ିର ଡ୍ରାଇଭର କ୍ୟାବିନ ସମେତ ୪୦ ପ୍ରତିଶତ ପୋଡ଼ିଯାଇଛି। କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଶର୍ଟ ସର୍କିଟ୍ ଯୋଗୁ ଗାଡ଼ିରେ ନିଆଁ ଲାଗିଥିବା ଡେପୁଟି ଫାୟାର ଅଫିସର ଅବନୀ ଚରଣ ସ୍ୱାଇଁ କହିଛନ୍ତି।

### ସିଙ୍ଗାପୁରରୁ ତାଲିମ ନେଇ ଫେରିଲେ ୪୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୬।୯ (ଅସମାପିକା ସାହୁ)

ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ୍ କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ଜଣ ଛାତ୍ରୀଛାତ୍ର ସିଙ୍ଗାପୁରର ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ(ଆଇଟିଇ)ରୁ ତାଲିମ୍ ନେଇ ଭୁବନେଶ୍ୱର ଫେରିଛନ୍ତି। ସେମାନେ ସେଠାରେ ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜି ଏବଂ ରୋବୋଟିକ୍ସ ବିଷୟରେ ଅତିରିକ୍ତ ତାଲିମ ନେଇଛନ୍ତି। ଡ୍ରୋନ୍ ଓ ରୋବୋଟିକ୍ସର କୋଡିଂ ଏବଂ ଏହାର ପରିଚାଳନା ବିଷୟରେ ଅଧିକ ଜ୍ଞାନ ଆହରଣ କରିଛନ୍ତି। ଏହି ସମୟ ମଧ୍ୟରେ ଛାତ୍ରୀଛାତ୍ରମାନେ ସିଙ୍ଗାପୁରର ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଯାଇ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ଉପକରଣ ବୁଲି ଦେଖିବା ସହ ଏହାର ପ୍ରୟୋଗ ବିଷୟରେ ପଚାରି ବୁଝିଥିଲେ। ଏଥିସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଇଟିଇ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଏହି ଛାତ୍ରୀଛାତ୍ରମାନେ ସିଙ୍ଗାପୁର-ଭୁବନେଶ୍ୱର ବିମାନରେ ଫେରିବା ପରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଦେଶରୁ ସେମାନେ ଯେଉଁ ଅନୁଭୂତି ନେଇ ଫେରିଛନ୍ତି ତାହା ସେମାନଙ୍କ କ୍ୟାରିୟର ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରିବ ବୋଲି କହିଛନ୍ତି। ଓଡ଼ିଶା ସରକାର ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତିବର୍ଷ ୪୦ଜଣଙ୍କୁ ବଛାଯାଇ ଏହି କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯିବ।

# ନୂଆ ପୁରୁଣା ଗୀତରେ ଦୁଲୁକିବ ମେଲୋଡି ମଞ୍ଚ

କଟକ,୬।୯(ସୁପ୍ରିୟା ପ୍ରିୟଦର୍ଶିନୀ)

**ଆସୁଛି ପାର୍ବଣ ଋତୁ**

ଗଣେଶ ପୂଜାରୁ ଆରମ୍ଭ ହୋଇଯିବ ପାର୍ବଣ ଋତୁ। ନୂଆ ପୁରୁଣା ଗୀତ ସହ ବାଦ୍ୟଯନ୍ତ୍ରର ଧୂମଧଡ଼ାକ ଶୁଣିବାକୁ ମିଳିବ। ଏଥିପାଇଁ ଗାୟିକା ଗାୟକମାନଙ୍କର ଚାହିଦା ଏବେ କାହିଁରେ କେତେ। ଆଉ କିଛି ଦିନ ପରେ ଗଣେଶ ପୂଜା ଥିବାରୁ ଜୋରସୋର ଅଭ୍ୟାସ ଚଳାଇଛନ୍ତି ମେଲୋଡି ପାର୍ଟି। ଦିନରାତି ଏକ କରି ରିହର୍ସାଲରେ ଲାଗିପଡ଼ିଛନ୍ତି କଳାକାର। ସେମାନଙ୍କୁ ଗଣେଶ ପୂଜା ପାଇଁ ବିଭିନ୍ନ ସଙ୍ଗଠନ ଓ ପୂଜା କମିଟି ବୁକିଂ କରିସାରିଛନ୍ତି। ଏହା ପରେ ଦୁର୍ଗାପୂଜା, କାଳୀପୂଜା ଥିବାରୁ ଏବେଠୁ କଳାକାରମାନେ ପ୍ରାକ୍ଟିସ୍ ଚଳାଇଛନ୍ତି। ହର୍ ହର୍ ଶମ୍ଭୁ, ଗୁଆଘିଅ, ଅଳତା ମାଖି, ଝିପିଝିପି ମେଘ, ତେଲୁଗୁ ସୁନ୍ଦରୀ, ସମ୍ବଲପୁରୀ ଭଳି ଅନେକ ଗୀତ ଏଥର ହିଟ୍ ଲିଷ୍ଟରେ ରହିଛି। ଏଥିସହ ସୋସିଆଲ ମିଡିଆରେ ଅଧିକ ଆଦୃତ ହୋଇଥିବା ଗୀତଗୁଡ଼ିକୁ ମଞ୍ଚରେ ପରିବେଷଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗୀତ ସାଙ୍ଗକୁ ଦମ୍ଦାର୍ ଡ୍ୟାନ୍ସ ପରଫର୍ମାନ୍ସ ମଧ୍ୟ ଦେଖିବାକୁ ମିଳିବ। ଲୋକଙ୍କ ଚାହିଦାକୁ ନଜରରେ ରଖି ସେଲିବ୍ରିଟି କଣ୍ଠଶିଳ୍ପୀଙ୍କୁ ଆଣିବାକୁ ମଧ୍ୟ କିଛି ପାର୍ଟି ବ୍ୟବସ୍ଥା କରୁଛନ୍ତି। ଏଥର ବିଭିନ୍ନ ରିଦିମ୍ ଓ ସାଉଣ୍ଡ ମଧ୍ୟ ନୂଆକରି ଅଣାଯାଇଛି। ପୂଜା ପାର୍ବଣରେ ଲୋକେ ପୂଜା ବୁଲିବା ସହ ମେଲୋଡିର ମଜା ନେଇଥାନ୍ତି। ତେଣୁ ଏଥର ମେଲୋଡିରେ ଭିଡ଼ ଜମିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ସରଗମ୍ ମେଲୋଡିର ମାଲିକ ଶ୍ୟାମ କୁମାର କହିଛନ୍ତି, ଆମେ ଅଗଷ୍ଟରୁ ଅଭ୍ୟାସ ଆରମ୍ଭ କଲୁଣି। ଗଣେଶ ପୂଜା ପାଇଁ ଜୋରସୋର ପ୍ରସ୍ତୁତି ଚାଲିଛି। ୧୨ ତାରିଖରେ ଅଭ୍ୟାସ ଶେଷ ହେବ। କଳାକାରମାନେ କିଛି ଦିନ ବିଶ୍ରାମ ନେଇ ପୂଜା ଆରମ୍ଭରୁ କାମରେ ଲାଗିଯିବେ । ସମ୍ବଲପୁରୀଠାରୁ ଆରମ୍ଭକରି ଆଧୁନିକ ହିନ୍ଦୀ ଗୀତ ପର୍ଯ୍ୟନ୍ତ ସବୁ ପ୍ରସ୍ତୁତ କରାଯାଇଛି। ଆମ ଗ୍ରୁପ୍ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇଥାଏ। ଲୋକେ ଯାହା ଡିମାଣ୍ଡ କରିବେ ସେହି ଗୀତ ବୋଲାଯିବ।

ସେହିପରି ସାଗର ସଙ୍ଗମ ଲାଇଭ୍ର ମହମ୍ମଦ ଆବିଦ୍ କହିଛନ୍ତି, ଏଥର ପୂଜା ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଛି। ଗଣେଶ ପୂଜା ପୂର୍ବରୁ ବିଶ୍ୱକର୍ମା ପୂଜା ପଡୁଛି। ସେଥିପାଇଁ ବିଶ୍ୱକର୍ମା ପୂଜାରୁ କାମ ଆରମ୍ଭ ହୋଇଯିବ। ଏଥର ଯୁବତୀ ଯୁବକ ଅଧିକ ଥିବାରୁ ତାଙ୍କ ପସନ୍ଦକୁ ଗୁରୁତ୍ୱ ଦିଆଯାଇ ନୂଆ ପୁରୁଣା, ହିନ୍ଦୀ ଓଡ଼ିଆ ସବୁ ପ୍ରକାର ଗୀତ ବାଜିବ। ସିନେମା ହଲରେ ଯେଉଁ ଭଳି ସାଉଣ୍ଡ ସିଷ୍ଟମ ଥାଏ, ଲାଇଭ୍ ଶୋ'ରେ ଏଥର ଲୋକଙ୍କୁ ସେଭଳି ମଜା ମିଳିବ। ଏଥର ସ୍ୱତନ୍ତ୍ର ଭାବେ ମୁମ୍ବାଇରୁ ସାଉଣ୍ଡ ସିଷ୍ଟମ ଅଣାଯାଉଛି। ଉଚ୍ଚକୋଟୀର କଣ୍ଠଶିଳ୍ପୀ ଓ ମୁମ୍ବାଇ ସାଉଣ୍ଡର ତାଳେ ତଳେ ଦର୍ଶକ ଝୁମିବେ।



ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜମାଷ୍ଟମୀ ଉପଲକ୍ଷେ ଶିଶୁମାନଙ୍କ ରାଧାକୃଷ୍ଣ ବେଶ।

# 'ଟିକସ ଆଇନ ସଂଶୋଧନ ହେବା ସମୟ ଉପନୀତ'




ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ଅନ୍ୟ ଅତିଥିମାନେ ଦ୍ୱି-ମାସିକ ପତ୍ରିକା 'ଟ୍ୟାକ୍ସୋଟିକା' ଉନ୍ମୋଚନ କରୁଛନ୍ତି।

କଟକ,୬।୯(କାର୍ତ୍ତିକ ସାହୁ)

**କଟକ ଟ୍ୟାକ୍ସ ବାର୍ ଆସୋସିଏଶନରେ ସମ୍ବର୍ଦ୍ଧନା ଉତ୍ସବ**

ପ୍ରଚଳିତ ଟିକସ ଆଇନ ସଂଶୋଧନ ହେବାର ସମୟ ଉପନୀତ ହୋଇଛି। ଏଥିଲାଗି ଆଇନଜୀବୀମାନଙ୍କର ପ୍ରମୁଖ ଭୂମିକା ରହିଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ବୁଧବାର କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏହି ମତବ୍ୟକ୍ତ କରିଛନ୍ତି। ଆସୋସିଏଶନ ପକ୍ଷରୁ ମର୍କତନଗରସ୍ଥିତ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ସିଦ୍ଧାର୍ଥ ରାୟ, ରୁଦ୍ର ପ୍ରସାଦ କରଙ୍କ ସମେତ ରାଜ୍ୟ ଆଇନଜୀବୀ ପରିଷଦର ନବନିର୍ବାଚିତ ସଦସ୍ୟମାନଙ୍କୁ ମୁଖ୍ୟ ବିଚାରପତି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆସୋସିଏଶନ୍ର ଦ୍ୱି-ମାସିକ ପତ୍ରିକା 'ଟ୍ୟାକ୍ସୋଟିକା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଶନ୍ର ସଭାପତି ଅରୁଣ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଆୟକର ଅପିଲ ଅଧିକରଣର ନ୍ୟାୟିକ ସଦସ୍ୟ ଜର୍ଜ ମାଥନ, ଉପସଭାପତି କୌସ୍ତୁଭ ଚୌଧୁରୀ, କୋଷାଧ୍ୟକ୍ଷ ସୌମ୍ୟଶିବ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଗୀତାଞ୍ଜଳି ଦାସ, ଦେବେନ୍ଦ୍ର କୁମାର ଜେନା, ଶୁଭାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ମିତାଲି ଜ୍ୟୋତ୍ସ୍ନି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସେପ୍ଟେମ୍ବର ୧୦ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ(ହୁ) ପକ୍ଷରୁ ସେପ୍ଟେମ୍ବର ୧୦କୁ ଆତ୍ମହତ୍ୟା ନିବାରଣ ଦିବସ ରୂପେ ଘୋଷଣା କରାଯାଇଛି। ମାନସିକ ସ୍ୱାସ୍ଥ୍ୟ ସଂଘ ଓଡିଶା ଶାଖା ତରଫରୁ ପ୍ରତି ବର୍ଷ ଆତ୍ମହତ୍ୟା ନିବାରଣ ପାଇଁ ସଚେତନ କାର୍ଯ୍ୟକ୍ରମ କରାଯାଉଥିବାବେଳେ ବୁଧବାର ଏ ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ପ୍ରଫେସର ଡାକ୍ତର ଅମ୍ରିତ ପାଟଯୋଶୀ, ସମ୍ପାଦକ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଅଶ୍ରୁମୋଚନ ସାହୁ, ଡାକ୍ତର ସମ୍ରାଟ କର, ଏମ୍ସ ହସ୍ପିଟାଲ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବଦତ୍ତା ମହାପାତ୍ର ଏବଂ ସମ ହସ୍ପିଟାଲର ପ୍ରଫେସର ଡାକ୍ତର ଶୁଭେନ୍ଦୁ ନାରାୟଣ ମିଶ୍ର ଉପସ୍ଥିତ ରହି ଆତ୍ମହତ୍ୟାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଆତ୍ମହତ୍ୟା ବିଷୟରେ ଆଉ ଚୁପ୍ ନ ରହି ଅନ୍ୟର ଭାବନାକୁ ବୁଝିବା ଏବଂ ଆତ୍ମହତ୍ୟା ଉଦ୍ୟମ କରିବାକୁ ଯାଉଥିବା ମଣିଷଙ୍କ ସହ ମିଶିବା ହେଉଛି ବିଶ୍ୱ ଆତ୍ମହତ୍ୟା ଦିବସର ଉଦ୍ଦେଶ୍ୟ ବୋଲି ମାନସିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ ଅନୁସାରେ ପ୍ରତିବର୍ଷ ୧୦ ଲକ୍ଷ ଲୋକ ଆତ୍ମହତ୍ୟାର ଶିକାର ହୋଇଥାଏ। ଅର୍ଥାତ୍ ପ୍ରତି ୪୦ ସେକେଣ୍ଡରେ ପୃଥିବୀରେ କେହି ଜଣେ ଆତ୍ମହତ୍ୟା ପାଇଁ ଉଦ୍ୟମ କରନ୍ତି। ଘରେ ଏକା ରହିବା, ଇଣ୍ଟରନେଟ ବା ମୋବାଇଲ ଫୋନ୍ର ବହୁଳ ବ୍ୟବହାର, କାହା ସହ ନ ମିଶିବା, ବ୍ୟବସାୟରେ ଅତ୍ୟଧିକ କ୍ଷତି, ପାରିବାରିକ କଳହ, ନିଶାସେବନ, ଅତ୍ୟଧିକ ମାନସିକ ଚାପରେ ରହିଲେ ଜଣେ ବ୍ୟକ୍ତି ନିଜକୁ ହରାଇବାକୁ ଚାହିଁଥାଏ। ତେଣୁ ପ୍ରତି ଆତ୍ମହତ୍ୟାକୁ କିପରି ରୋକି ପାରିବା ଓ ଏ କ୍ଷେତ୍ରରେ ବ୍ୟାପକ ସଚେତନତା କରିପାରିବା ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ।

# ବଢୁଛି ଅଭିଯୋଗ, ୨ ଅଭିଯୁକ୍ତଙ୍କ ରିମାଣ୍ଡ ଆଜି ସରିବ

ଭୁବନେଶ୍ୱର,୬।୯(ସୂର୍ଯ୍ୟକାନ୍ତ ବେହେରା)

**ଆଡ୍ମିଶନ ନାଁରେ ଠକେଇ ଘଟଣା**

ଏନଆରଆଇ କୋଟାରେ ରାଜ୍ୟର ତଥା ବାହାରେ ନାମୀଦାମୀ କଲେଜରେ ନାମ ଲେଖାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକେଇ କରି ଗିରଫ ହୋଇଥିବା ଅଭିନନ୍ଦନ ବାରିକ ଓ ରାଜେଶ ରୋଶନ ସାହୁଙ୍କ ନାଁରେ ଠକେଇ ଫର୍ଦ୍ଦ ବଢିବାରେ ଲାଗିଛି। ସିଟ୍ ବ୍ଲକ୍ କରାଇଦେବାକୁ କହି ୩ଜଣ ଅଭିଭାବକଙ୍କଠାରୁ ୧ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିବା ଅଭିଯୋଗ ଆସିବା ପରେ ପୋଲିସ ସେମାନଙ୍କୁ ମଙ୍ଗଳବାରଠାରୁ ୨ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ଗୁରୁବାର ରିମାଣ୍ଡ ସରିବା ପରେ ଆଉ କେତେଜଣଙ୍କୁ ଠକିଛନ୍ତି ତାହା ଜଣାପଡିବ ବୋଲି ପୋଲିସ କହିଛି। ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ଉଚ୍ଚଶିକ୍ଷିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ରାଜେଶ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇଲେକ୍ଟ୍ରିକାଲ୍ସରେ ବି-ଟେକ ଏବଂ ଅଭିନନ୍ଦନ ଡିପ୍ଲୋମା ଇନ୍ ଇଲେକ୍ଟ୍ରିକାଲ ପଢିଛନ୍ତି । ଏନ୍ଆର୍ଆଇ କୋଟାରେ ପିଲାମାନଙ୍କୁ ଇଞ୍ଜିନିୟରିଂ, ମେଡିକାଲ, ଏଗ୍ରିକଲଚର, ନର୍ସିଂ ଆଦିରେ ନାମ ଲେଖାଇ ଦେବାକୁ କହି ପିଲାଙ୍କ ଅଭିଭାବକଙ୍କଠାରୁ ଲକ୍ଷ ଲକ୍ଷ ଠକିଥିବା ଜଣାପଡିଛି। ଏନେଇ ଝାରସୁଗୁଡାର ଜଣେ ବ୍ୟବସାୟୀ ଅଭିଯୋଗ କରିବା ପରେ ଆଡ୍ମିଶନ ନାଁରେ ଚାଲିଥିବା ସ୍କାମ୍ ସିଣ୍ଡିକେଟ ଗୁମର ଖୋଲିଥିଲା କମିଶନରେଟ ପୋଲିସ। ଏହାସହ ଅଭିଯୁକ୍ତଙ୍କଠାରୁ ୨ଟି ଦାମୀ କାର, ୨ଟି ଲାପଟପ, ୩ଟି ଟଙ୍କା ଗଣା ମେଶିନ, ୫ ଲକ୍ଷ ୪୭ ହଜାର ଟଙ୍କା, ହ୍ୱାଟ୍ସଆପ୍ ଚାର୍ଟ ଓ ମୋବାଇଲ ଆଦି ଜବତ ହୋଇଥିଲା।

# ଏମ୍ପି, ବିଧାୟକ ପ୍ରତିନିଧିଙ୍କ ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ

ଚୌଦ୍ୱାର,୬।୯(ଆଶୁତୋଷ ଦାସ)

ଚୌଦ୍ୱାର- କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଏକ ମନ୍ତବ୍ୟକୁ ନେଇ ଚୌଦ୍ୱାର ସହରରେ ଗତ କିଛି ଦିନ ହେବ ଚର୍ଚ୍ଚା ଜୋର ଧରିଛି, ଯାହାକୁ ନେଇ ନିର୍ବାଚନମଣ୍ଡଳୀର ଏମ୍ପିଙ୍କ ପ୍ରତିନିଧି ଓ ବିଧାୟକଙ୍କ ପ୍ରତିନିଧି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏହାର ସ୍ପଷ୍ଟୀକରଣ ରଖିଛନ୍ତି।

ସୂଚନାଯୋଗ୍ୟ, ଗତ ରବିବାର ଦଳର ଏକ ସାଂଗଠନିକ ବୈଠକରେ ଚୌଦ୍ୱାର ପୌରପାଳିକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେଉଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପରିସ୍ଥିତିକୁ ସୁଧାରିବା ପାଇଁ ପ୍ରୟାସ କରିଥିଲେ। ପରିସ୍ଥିତି ସୁଧୁରିବା ପର୍ଯ୍ୟନ୍ତ ଏମ୍ପି ପ୍ରତିନିଧି ଓ ବିଧାୟକ ପ୍ରତିନିଧି ପୌର କାର୍ଯ୍ୟାଳୟକୁ ନ ଯାଇ ସାଂଗଠନିକ କାର୍ଯ୍ୟରେ ସମୟ ଦେବାକୁ ଅନୁରୋଧ କରିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଏମ୍ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ ଓ ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା ଏକ ପ୍ରେସ୍ ବିବୃତିରେ ବିଧାୟକଙ୍କ ମନ୍ତବ୍ୟ ଉପରେ କଟୁ ସମାଲୋଚନା କରିଥିଲେ। ଏଥିସହ ତାଙ୍କୁ ପୌରପାଳିକାକୁ ଯିବାକୁ ପୂର୍ବତନ ବିଧାୟକଙ୍କ କୌଣସି ଅଧିକାର ନାହିଁ ବୋଲି କହିଥିଲେ। ବିଧାୟକଙ୍କ ପ୍ରତିନିଧି ଏହି କଥାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହ ସେ ଅନୁପସ୍ଥିତ ଥିବା ଓ ପରେ ଏହି ଖବର ଶୁଣି ଅତ୍ୟନ୍ତ ମର୍ମାହତ ହୋଇଥିବା କହିଥିଲେ। ଦରକାର ପଡିଲେ ଏହା ଯଦି ସତ୍ୟ ହୋଇଥାଏ, ତାହା ହେଲେ ସେ ଦଳରୁ ଇସ୍ତଫା ଦେବେ ବୋଲି ପ୍ରକାଶ କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ବୁଧବାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଆବାହକତ୍ୱରେ ଏକ ଖବରଦାତା ସମ୍ମିଳନୀରେ ଉଭୟ ପ୍ରତିନିଧି ବିଧାୟକଙ୍କ କଥାର ସ୍ପଷ୍ଟୀକରଣ ଦେଇ କହିଥିବା କଥାକୁ ଫେରାଇ ନେଇଥିବା ଜଣାପଡିଛି। ଏମ୍ପିଙ୍କ ପ୍ରତିନିଧିଙ୍କ କହିବାନୁଯାୟୀ, ବିଧାୟକଙ୍କ ମୁହଁରୁ ସେ ଏଭଳି କଥା ଶୁଣିନାହାନ୍ତି, ପଦାରୁ ଶୁଣି ସେ ଏଭଳି ପ୍ରତିକ୍ରିୟା ରଖିଥିଲେ। ଅନ୍ୟପଟେ ବିଧାୟକଙ୍କ ପ୍ରତିନିଧି ବିଧାୟକଙ୍କ ଏଭଳି ମନ୍ତବ୍ୟ ଦେବା ସେ ଆଶା କରି ନ ଥିବା କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ। ଶେଷରେ ଦଳ ଭିତରେ କୌଣସି କନ୍ଦଳ ନାହିଁ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ସମ୍ମିଳନୀରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ସମସ୍ତ ପରିଷଦ ସଦସ୍ୟ ଉପସ୍ଥିତ ଥିଲେ।

# ଆବାସ ଯୋଜନାରୁ ଦଳିତ ପରିବାର ବଞ୍ଚିତ

ନିଶ୍ଚିନ୍ତକୋଇଲି,୬।୯
(ଅଶୋକ କୁମାର ମହାପାତ୍ର)

**ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମର ଜଣେ ଦଳିତ ବ୍ୟକ୍ତି ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ହେବାପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ନତକାଇ ଗ୍ରାମର ଭରତ ମଳିକ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ସ୍ତ୍ରୀ ଓ ୨ ଝିଅପୁଅଙ୍କୁ ତାଙ୍କର ତେଲ ଲୁଣର ସଂସାର । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଭରତ ମୁଣ୍ଡ ଗୁଞ୍ଜିବା ନିମନ୍ତେ ଗୋଟିଏ ସ୍ଥାୟୀ ପକ୍କା ଘର ନିର୍ମାଣ କରିପାରି ନ ଥିଲେ। ଏହାକୁ ହୃଦୟଙ୍ଗମ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଗତ ୨୦୦୮-୦୯ ଆର୍ଥିକ ବର୍ଷର ଇନ୍ଦିରା ଆବାସ ଯୋଜନାରେ କାର୍ଯ୍ୟାଦେଶ (ନଂ.୧୨୦୬) ୨୭-୩-୨୦୧୦ ଦିଆଯାଇଥିଲା। ମାତ୍ର ସେତେବେଳେ ଦେହ ଖରାପ ହେବାରୁ ସେ ଗୃହ ନିର୍ମାଣ କରି ପାରି ନଥିଲେ। ମଳିକ ନେଇଥିବା ୫ ହଜାର ଟଙ୍କା ଫେରସ୍ତ କରିଦେଲେ ତାଙ୍କ ନାମରେ ଆଉ ଏକ ଗୃହର କାର୍ଯ୍ୟାଦେଶ ଯୋଗାଇ ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ମଳିକ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନିକଟରେ ନେଇଥିବା ୫ ହଜାର ଟଙ୍କା ଫେରସ୍ତ କରି ଦେଇଥିଲେ। ମାତ୍ର ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ଆବାସ ଯୋଜନାରେ ଆଉ କାର୍ଯ୍ୟାଦେଶ ଦିଆଯାଇ ନ ଥିଲା। ଏନେଇ ନ୍ୟାୟ ପାଇବା ନିମନ୍ତେ ଭରତ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବାପରେ ଜନ ସ୍ୱାର୍ଥ ସମ୍ବଳିତ ମାମଲା ଡବ୍ଲ୍ୟୁପିସି ନଂ.୨୩୫୨୧/୨୦୨୩ ରୁଜୁ ହୋଇଛି।

# ନୂଆଶାସନ ଜାଗୁଲାଇ ଘାଟରୁ ମା' ଦୁର୍ଗାଙ୍କ ପୂଜା ପାଇଁ ମାଟି ଅନୁକୂଳ

ଖୁଣ୍ଟୁଣୀ,୬।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ନୂଆଶାସନ ଗ୍ରାମରେ ଆଗାମୀ ଦୁର୍ଗା ପୂଜା ପାଇଁ ପବିତ୍ର ଜନ୍ମାଷ୍ଟମୀ ଅବସରରେ ମାଟି ଅନୁକୂଳ ହୋଇଛି। ସମସ୍ତ ରୀତିନୀତି ଅନୁଯାୟୀ, ସକାଳ ସାଢେ ୯ଟାରେ ମହାନଦୀ ଜାଗୁଲାଇ ଘାଟରେ ଘଣ୍ଟ ଘଣ୍ଟା ଖୋଳତାଳ ବଜାଇ ପୂଜାର୍ଚ୍ଚନା କରି ମାଟି ଅନୁକୂଳ ହୋଇଥିଲା। ମାଟି ଅନୁକୂଳ କାର୍ଯ୍ୟକ୍ରମରେ ପଣ୍ଡିତ ବାସୁଦେବ ଶତପଥୀ ଓ ସୁରେଶଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟ କର୍ତ୍ତା ଶ୍ରୀପତି ସାହୁଙ୍କ ସହ ବିରଞ୍ଚି ନାରାୟଣ ବେହେରା, ଅଭିମନ୍ୟୁ ସାହୁ ପୂଜାର ପୁରୋଧା ହୋଇଥିଲେ। ଗ୍ରାମର ସଭାପତି ଗିରିଜା ପ୍ରସନ୍ନ ପ୍ରହରାଜ, ଦୁର୍ଗା ପୂଜା କମିଟି ସଭାପତି ସରୋଜ ପଣ୍ଡା, ବିକାଶ ଦଳାଇ, ଗୋଲେଖ ସୂତାର, ଦୀପକ ସାହୁ, ଅଭିରାମ ସାହୁ, ନିର୍ମଳ ସାହୁ, ମନୋରଞ୍ଜନ ସାହୁ ଏବଂ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏହି ପୂଜାଟିକୁ ପଣ୍ଡିତ ବାସୁଦେବ ଶତପଥୀ ଏବଂ ପୂଜକ ସୁରେଶ ପଣ୍ଡା ପରିଚାଳନା କରିଥିଲେ।



ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।

# କ୍ରୀଡ଼ାକୁ ପ୍ରାଥମିକ ସ୍ତରରେ ବାଧତାମୂଳକ କରାଯାଉ

ଫୁଲନଖରା,୬।୯
(ସତ୍ୟରଞ୍ଜନ ଦାସମହାପାତ୍ର)

ସମାନ କାମକୁ ସମାନ ଦରମା ଦାବି କରି ଓଡ଼ିଶା କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୩ ମସିହାରେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ନିଯୁକ୍ତି ପାଇଥିବା ୨୩୦୦ ଜଣ ଶିକ୍ଷକ ସେମାନଙ୍କ ଦାବି ଜଣାଇଥିଲେ। ସରକାର କ୍ରୀଡ଼ା ହବ୍ ଓ କ୍ରୀଡ଼ା ଉପରେ ଗୁରୁତ୍ୱ ଦେଉଥିବାବେଳେ ୨୦୧୩ରୁ ୨୦୧୮ ମସିହା ପର୍ଯ୍ୟନ୍ତ କ୍ରୀଡ଼ା ଶିକ୍ଷକ ମହାସଂଘ ଦେଇ ଆସୁଥିବା ଦାବିଗୁଡିକ ସରକାର କିଛି ଅଂଶରେ ପୂରଣ କରିଥିଲେ। କିନ୍ତୁ ଅଦ୍ୟାବଧି ୫୪୫୨ ଟଙ୍କା ଦରମାରେ ପରିବାର ଭରଣପୋଷଣ କରିବା ବହୁତ କଷ୍ଟଦାୟକ ବୋଲି କ୍ରୀଡ଼ା ଶିକ୍ଷକମାନେ କହିଥିଲେ। ୨୦୧୮ ମସିହାରୁ ନୂତନ ଶିକ୍ଷାନୀତିରେ କ୍ରୀଡ଼ା ଶିକ୍ଷକଙ୍କୁ କ୍ୟାଡର୍ଭୁକ୍ତ କରାଯାଇ ଚାକିରି ନିୟମିତ କରାଯିବ ବୋଲି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ସମାନ କାମ କରି ଚାକିରି ନିୟମିତ ହୋଇଥିବା ଜଣେ କ୍ରୀଡ଼ା ଶିକ୍ଷକ ମାସକୁ ୪୫ ହଜାର ଟଙ୍କା ଦରମା ପାଉଥିବାବେଳେ ଆମକୁ ମାତ୍ର ୫୪୫୨ ଟଙ୍କା ଦିଆଯାଉଛି। ଏଥିସହ ସେମାନଙ୍କ ମୁଖ୍ୟ ଦାବି କ୍ରୀଡ଼ାକୁ ପ୍ରାଥମିକ ସ୍ତରରେ ବାଧତାମୂଳକ କରାଯାଉ। ଏହା ଦ୍ୱାରା ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶ ସାଧନ ହୋଇପାରିବ। କ୍ରୀଡ଼ା ପ୍ରଶିକ୍ଷକ ଓ ପ୍ରଶିକ୍ଷିକାଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ। ତାଲିମପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷିକା ପ୍ରଶିକ୍ଷକଙ୍କୁ କ୍ୟାଡର୍ଭୁକ୍ତ କରି ଅଣତାଲିମପ୍ରାପ୍ତ ପ୍ରଶିକ୍ଷିକା ପ୍ରଶିକ୍ଷକଙ୍କୁ ସ୍ୱଳ୍ପ ମିଆଦୀ ତାଲିମ ଦିଆଯାଇ କ୍ୟାଡର୍ଭୁକ୍ତ କରାଯାଉ। ଦାବିଗୁଡ଼ିକୁ ସରକାର ଆଗାମୀ ୧୦ ଦିନ ମଧ୍ୟରେ ପୂରଣ ନ କଲେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଗାନ୍ଧୀ ମାର୍ଗରେ ଧାରଣାରେ ବସିବେ ବୋଲି କ୍ରୀଡ଼ା ଶିକ୍ଷକ ମହାସଂଘ ଚେତାବନୀ ଦେଇଛି। କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ମହାସଂଘ ସଭାପତି ବସନ୍ତ ଷଣ୍ଢ, ସମ୍ପାଦକ ତ୍ରିଲୋଚନ ଜେନା, କାର୍ଯ୍ୟକାରୀ ସଭାପତି ଶଙ୍କର ପ୍ରସାଦ ମହାପାତ୍ର, ଉପସଭାପତି ମନୋଜ ଚୌଧୁରୀ, ଜ୍ଞାନ ରଞ୍ଜନ ମହାନ୍ତି, ମନୋଜ ପ୍ରଧାନୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

**ଦାବି ପୂରଣ ନ ହେଲେ ଧାରଣାରେ ବସିବେ କ୍ରୀଡ଼ା ଶିକ୍ଷକ**




ଖବରଦାତା ସମ୍ମିଳନୀରେ ଓଡ଼ିଶା କ୍ରୀଡ଼ା ଶିକ୍ଷକ ମହାସଂଘର ସଦସ୍ୟମାନେ।

## ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

ପୁରୀ,(ଅଜିତ ମହାନ୍ତି)-ସମୁଦ୍ରରେ ଗାଧୋଉଥିବାବେଳେ ବୁଡ଼ିଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ବୁଧବାର ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ଉଦ୍ଧାର ପର୍ଯ୍ୟଟକ ହେଲେ ଛତିଶଗଡ଼ ଅଞ୍ଚଳର ଜଗଦୀଶ ନିର୍ମଳ (୨୮)। ସେ ବେଳାଭୂମିର ୪ ନମ୍ବର ସେକ୍ଟର ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ଗାଧୋଉଥିବାବେଳେ ଲହଡି ମାଡ଼ରେ ଭାସି ଯାଇଥିଲେ। ତାଙ୍କର ପାଟି ଶୁଣି ସେଠାରେ ଥିବା ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ

ପୁରୀ, ୬।୯(ଅଜିତ ମହାନ୍ତି)

ପବିତ୍ର ଜନ୍ମାଷ୍ଟମୀ ଅବସରରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ଏଥିଲାଗି ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବେଶରେ ମହାପ୍ରଭୁ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ସନ୍ଧ୍ୟାଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଶୁଦ୍ଧସୁଆର ଭଣ୍ଡାର ଦୁଆର ଆଗରେ ପୋଛା ମାରିଥିଲେ। ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ଭଦ୍ରମଣ୍ଡଳ ଲେଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ କରିବା ପରେ ବରୁଣ ପୂଜା ହୋଇଥିଲା। ଚିତ୍ରକର ସେବକ ଦେଇଥିବା ଶ୍ରୀକୃଷ୍ଣ ଜନ୍ମପଟି ଓ ବଣିଆଙ୍କଠାରୁ ଆସିଥିବା ୯ ପାଖୁଡ଼ା ବିଶିଷ୍ଟ ରୁପା ପଦ୍ମକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମପାଖୁଡ଼ାରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖା ରହିଥିଲା। ଏକ ସୁନା କୃଷ୍ଣମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପଞ୍ଜିଭୋଗ ବଢ଼ାଯାଇଥିଲା। ପୂଜାପଣ୍ଡା ପଞ୍ଚପଚା ପୂଜା କରି ଭୋଗ ବଢ଼ାଇବା ପରେ ଦକ୍ଷିଣୀଘରୁ ଶ୍ରୀମଦନମୋହନଙ୍କୁ ଆଣି ସିଂହାସନ ଉପରେ ବିଜେ କରାଇଥିଲେ। ପରେ ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡିପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ।

## ଆଜି ନନ୍ଦ ଉତ୍ସବ

ମହାଜନ ସେବକମାନେ ଶ୍ରୀମଦନ ମୋହନଙ୍କୁ ଆଣି ଜନ୍ମଚକଡ଼ାରେ ବିଜେ କରାଇଥିଲେ। ପୂଜାପଣ୍ଡା ଗର୍ଭଉଦକ କର୍ମ କରି ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପାଳିଆ ମହାସୁଆର ଦେଇଥିବା ଦୁଧ, ଲହୁଣି ଓ ଗଣ୍ଡୁଷ ମସଲା ପୂଜାପଣ୍ଡା ସମର୍ପଣ କରି ମଣୋହି କରିଥିଲେ। ଦେବକୀ, ବସୁଦେବଙ୍କ ସହିତ ମହାଜନ ସେବକ ଭଣ୍ଡାରଘରୁ ଆସିଥିବା ରୁପାଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଇଥିଲେ। ଏହାପରେ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ସମ୍ମୁଖ ଯମୁନା ନଈ କୂଳକୁ ବିଜେ କରାଇଥିଲେ। ଏହି ସମୟରେ ଠାକୁରଙ୍କ ଶିର ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ଯମୁନା ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ଉଗ୍ରସେନ ଶ୍ରୀକୃଷ୍ଣଙ୍କୁ ଦଣ୍ଡ ପ୍ରଣାମ କରି ଗୋପପୁରକୁ ଯିବା ଲାଗି ବସୁଦେବଙ୍କୁ ବାଟ ଛାଡ଼ିଥିଲେ। ଠାକୁର ଘଣ୍ଟ, ଛତା, କାହାଳୀ ସହିତ ଯାଇ ନାଭିକଟା ମଣ୍ଡପଠାରେ ଥିବା ଖଟଶେଯରେ ବିଜେ କରିଥିଲେ। ମହାଜନ ସେବକ ଦକ୍ଷିଣୀ ଘରୁ ରାମକୃଷ୍ଣଙ୍କୁ ଆଣି ଖଟଶେଯରେ ବିଜେ କରାଇଥିଲେ। ସେଠାରେ ଜନ୍ମ ନୀତି, ନାଭିକଟାଠାରୁ ଉପନୟନ ସଂସ୍କାର ପର୍ଯ୍ୟନ୍ତ କର୍ମମାନ ହୋଇଥିଲା। ମହାଜନ ସେବକ ଠାକୁରଙ୍କୁ ଜଗମୋହନରେ ବନ୍ଧାଯାଇଥିବା ଦୋଳିରେ ବିଜେ କରାଇଥିଲେ। ଶୀତଳ ଭୋଗ ଓ ବନ୍ଦାପନା ନୀତି ହୋଇଥିଲା। ରାମକୃଷ୍ଣ ଭିତର ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିବା ପରେ ବଡ଼ସିଂହାର ଭୋଗ ବଢି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ନନ୍ଦ ଉତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି।


ଜନ୍ମାଷ୍ଟମୀ ଅବସରରେ ବୁଧବାର ପୁରୀସ୍ଥିତ ସିଦ୍ଧବକୁଳ ମଠ ପରିସରରେ ଅନ୍ତର୍ଜାତୀୟ ହିନ୍ଦୁ ସଂଗଠନ ପକ୍ଷରୁ ଆୟୋଜିତ ରାଧା କୃଷ୍ଣ ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନେ।

## ସଂକ୍ଷେପରେ

### ଅଲାରନାଥ ମନ୍ଦିରରେ କୃଷ୍ଣ ଜନ୍ମନୀତି ସମ୍ପନ୍ନ

**ବ୍ରହ୍ମଗିରି,୬।୯(ସ୍ୱାଧୀନ ଚମ୍ପତିରାୟ):** କୃଷ୍ଣ ଜନ୍ମ ଅବସରରେ ମହାପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ବୁଧବାର ମଧ୍ୟରାତ୍ରରେ କୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ସକାଳେ ମନ୍ଦିର ଫିଟାଯାଇ ସମସ୍ତ ନୀତିକାନ୍ତି ପରେ ଶ୍ରୀଜୀଉଙ୍କୁ ସର୍ବସାଧାରଣ ଦର୍ଶନ କରିଥିଲେ। ମଧ୍ୟରାତ୍ରରେ ନିସ୍ତବ୍ଧତା ମଧ୍ୟରେ ଆରମ୍ଭ ହୋଇଥିଲା କୃଷ୍ଣ ଜନ୍ମନୀତି। ମନ୍ଦିର ମଧ୍ୟରେ ହୋମ ପରେ ମହାପ୍ରଭୁଙ୍କ ଧରାପୃଷ୍ଠକୁ ଆଗମନ ହୋଇଥିଲା। ଏହି ସମୟରେ ମନ୍ଦିରର ସମସ୍ତ ଆଲୋକକୁ ବନ୍ଦ କରିଦିଆଯାଇଥିଲା। ପରେ ପାଳିଆ ସେବକ ବସୁଦେବ ଭୂମିକାରେ ଅବତୀର୍ଣ୍ଣ ହୋଇ ନବଜାତ ଶ୍ରୀକୃଷ୍ଣଙ୍କୁ ଗୋପପୁର ନେବା ଅବସରରେ ଉଗ୍ରସେନଙ୍କ ସହ ଭେଟ ଏବଂ ଯମୁନା ନଦୀ ପାରହୋଇ ଗୋପପୁରରେ ପହଞ୍ଚାଇବା ପରେ ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ସ୍ୱତନ୍ତ୍ର ଭାବେ ପୁତନା ଖିରି ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

### ମାରଣାସ୍ତ୍ର ଦେଖାଇ ଯୁବକଙ୍କୁ ଲୁଟିଲେ ଦୁର୍ବୃତ୍ତ

**ନିମାପଡ଼ା,୬।୯(ବିଚିତ୍ରାନନ୍ଦ ସାହୁ):** ରାସ୍ତାରେ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ୪ ଦୁର୍ବୃତ୍ତ ଲୁଟିଥିବା ନିମାପଡ଼ା ଥାନାରେ ବୁଧବାର ଅଭିଯୋଗ ହୋଇଛି। ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ପଞ୍ଚାୟତର ମୁସୁନୁପୁର ଗ୍ରାମର ଚନ୍ଦନ ପଡିଆରୀ(୨୬) ବାଇକ୍ ଯୋଗେ ନିମାପଡ଼ା ଅଭିମୁଖେ ଆସୁଥିଲେ। ତାଙ୍କୁ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ପିଛା କରି ନିମାପଡ଼ା- ଗୋପ ରାସ୍ତାର ଝାମ୍ପୁଲାକୁଦ ଗ୍ରାମ ଛକ ନିକଟରେ ଅଟକାଇଥିଲେ। ତାଙ୍କ ବେକରେ ଭୁଜାଲି, ଛୁରୀ ଲଗାଇ ବିଭିନ୍ନ ଧମକ ଦେଇଥିଲେ। ତାଙ୍କ ପକେଟରୁ ୩ହଜାହର ୨ଶହ ଟଙ୍କା ନେଇଯାଇଥିଲେ। ଏପରିକି ଦୁର୍ବୃତ୍ତ ଚନ୍ଦନଙ୍କୁ ତଳେ ପକାଇ ନିସ୍ଥୁକ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଦୁର୍ବୃତ୍ତମାନେ ଖସିଯିବା ସମୟରେ ଭୁଜାଲି ଓ କଟୁରୀ ବୁଲାଇ ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୁଖ୍ୟ ଅଭିଯୁକ୍ତ ଜଣକ ସ୍ଥାନୀୟ ଅଞ୍ଚଳର ବୋଲି ଚନ୍ଦନ କହିଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ କୌଣସି ମାମଲା ହୋଇନାହିଁ। ଦୁର୍ବୃତ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

### 'ଶ୍ରମ, ଶୃଙ୍ଖଳା ଓ ସହନଶୀଳତା ସଫଳତା ଆଣେ'

**ପୁରୀ, ୬।୯(ଅଜିତ ମହାନ୍ତି):** ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ସଦାଶିବ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜକିଶୋର ସ୍ୱାଇଁ ଓ ରଙ୍ଗଲତା ସାହୁ ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଗୁରୁଜୀ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ସାମନ୍ତରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ,୬।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):** ପୋଖରୀରେ ବୁଡ଼ିଯିବାରୁ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବାସୁକେରା ଗ୍ରାମର କୃଷ୍ଣଚନ୍ଦ୍ର ବିଶ୍ୱାଳ(୩୨)। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ସକାଳେ ଶୌଚ ପାଇଁ ବାରିପଟ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ନିମନ୍ତେ ମୃତକଙ୍କ ବାପା ଲକ୍ଷ୍ମୀଧର ଓ ଗ୍ରାମବାସୀ ନିବେଦନ କରିଛନ୍ତି।

## ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ନୀତି

**ସାକ୍ଷୀଗୋପାଳ,୬।୯(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ):** ସାକ୍ଷୀଗୋପାଳଙ୍କ ଜନ୍ମାଷ୍ଟମୀ ପର୍ବ ପ୍ରତିବର୍ଷ ପରି ପାରମ୍ପରିକ ରୀତିରେ ବିଳମ୍ବିତ ରାତିରେ ପାଳିତ ହୋଇଯାଇଛି। ବୀରକେଶରୀ ବଲ୍ଲଭ ପରେ ଅଧିବାସ କରାଯାଇ ସୁଗନ୍ଧିତ ଜଳକଳସ ସ୍ଥାପନ କରାଯାଇଥିଲା। ଦ୍ୱିପ୍ରହର ଧୂପରେ ଠାକୁରଙ୍କୁ ନୂତନ ବସ୍ତ୍ର, ଚନ୍ଦନ, ତୁଳସୀ ଲାଗି ହେବା ପରେ ଉପଚାର, ଆଳତି ହୋଇଥିଲା। ଗୋଧନବାହୁଡ଼ା ଭୋଗ ସନ୍ଧ୍ୟା ଧୂପ, ବଡସିଂହାର ଧୂପ ପରେ ଗର୍ଭଗୃହରେ ଭଦ୍ରମଣ୍ଡଳ ପକାଯାଇ ଶ୍ରୀକୃଷ୍ଣ ଜନ୍ମବିଧି ଆରମ୍ଭ ହୋଇଥିଲା। ମନ୍ଦିର ପୁରୋହିତ ଗୋପୀନାଥ ଦାଶ, ପୁରାଣ ପଣ୍ଡିତ ରାଜ କିଶୋର ମହାପାତ୍ର, ପୂଜାପଣ୍ଡା ବିଜୟ ମହାପାତ୍ର, ସିଂହାରୀ ଅମିତାଭ ଖୁଣ୍ଟିଆ, ଭଣ୍ଡାର ମେକାପ ଦୁଃଖିଶ୍ୟାମ ମେକାପ, ପାଳିଆ ପତ୍ରୀ ଅଶୋକ ଖୁଣ୍ଟିଆ, ଜନ୍ମବିଧି ପାଳନ ଦେବନୀତି ସମ୍ପନ୍ନ କରିଥିଲେ। କୃଷ୍ଣ ଭୂମିଷ୍ଠ ହେବା ପରେ ବସୁଦେବ ସେକ କୌଶିକ ମହାପାତ୍ର ନବଜାତ ଶ୍ରୀକୃଷ୍ଣଙ୍କୁ ରୁପାର ପିଙ୍ଗଳରେ ବସାଇ ମନ୍ଦିର ବେଢ଼ାରେ କୃତ୍ରିମ ଯମୁନା ନଦୀ ପାରହୋଇଥିଲେ। କୁନି ଠାକୁର ବର୍ଷାରେ ଓଦା ନ ହେବା ପାଇଁ କାଳିସର୍ପ ଫଣା ଟେକି ରଖିବା ଦାୟିତ୍ୱ ଭଣ୍ଡାର ମେକାପ ତୁଲାଇଥିବା ବେଳେ ଉଗ୍ରସେନ ସେବାରେ ଆପଟ ସେବକ ଗୋପାଳ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। କୃଷ୍ଣଙ୍କୁ ଦୋଳାୟମାନ ଓ କୋରାଭୋଗ କରାଯାଇଥିଲା।

# କ୍ଷତିଗ୍ରସ୍ତଙ୍କୁ ଜମି ଫେରାଇବା ପାଇଁ ପ୍ରୟାସ

ପୁରୀ, ୬।୯(ଅଜିତ ମହାନ୍ତି)

## ୯ରେ କୃଷକ ବିଜୟ ସମାବେଶ

ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ପକ୍ଷରୁ ଚଳିତ ମାସ ୯ତାରିଖରେ ବେଲଦଳରେ କୃଷକ ବିଜୟ ସମାବେଶ ଅନୁଷ୍ଠିତ ହେବ। ଏନେଇ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ସୂଚନା ଦେଇ କହିଛନ୍ତି, ୨୦୦୬ରେ ରାଜ୍ୟ ସରକାର 'ବେଦାନ୍ତ ସିଦ୍ଧାନ୍ତ' ସ୍ଲୋଗାନ ଦେଇ ପୁରୀ–କୋଣାର୍କ ବେଳାଭୂମି ମାର୍ଗସ୍ଥିତ ବାଇଶମୌଜା ଅଞ୍ଚଳରୁ ହଜାର ହଜାର ଏକର ଚାଷଜମି ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମିକୁ ବେଆଇନ ଭାବେ ଅଧିଗ୍ରହଣ କରିଥିଲେ। ପରେ କ୍ଷତିଗ୍ରସ୍ତ ଚାଷୀମାନେ ମିଳିତ ଭାବେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଗଠନ କରି ଏହି ବେଆଇନ ଜମି ଅଧିଗ୍ରହଣ ନେଇ ୨୦୧୦ରେ ଲୋକପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ଅଧିଗ୍ରହଣ ଓ କମ୍ପାନୀ ସହ ହୋଇଥିବା ବୁଝାମଣା ପତ୍ରରେ ଅନିୟମିତତାର ପୁନଃ ଅନୁଧ୍ୟାନ ପାଇଁ ଲୋକପାଳ ଆଦେଶ ଦେଇଥିଲେ। ରାଜ୍ୟ ସରକାର ଓ ବେଦାନ୍ତ କର୍ତ୍ତୃପକ୍ଷ ତ୍ୱରିତ୍ ନିଜ ସପକ୍ଷରେ ରାୟ ଆଶା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏହା ବେଆଇନ ଜମି ଅଧିଗ୍ରହଣ ବୋଲି ହାଇକୋର୍ଟ ରାୟ ଦେଇଥିଲେ। ପରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। 'ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ' କିପରି ଏତେ ଚାଷଜମି ଅଧିଗ୍ରହଣ କରିପାରିଲା ସେନେଇ ସମସ୍ତ ତଥ୍ୟ ଅନୁଧ୍ୟାନ ଓ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ଜାଲିଆତିରେ ଚାଷଜମି ଅଧିଗ୍ରହଣ ପାଇଁ ଉକ୍ତ ସଂସ୍ଥାକୁ ୫ଲକ୍ଷ ଟଙ୍କା ଜରିମାନା କରିଥିଲେ। ସୁପ୍ରିମକୋର୍ଟରେ ଏହି ମାମଲାକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ବିନା ପାରିଶ୍ରମିକରେ ପରିଚାଳନା କରିଥିବାରୁ ସମିତି ଓ ବିସ୍ଥାପିତ ଆଶଙ୍କାରେ ଥିବା ଲୋକେ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେହିପରି ଏହି ଆନ୍ଦୋଳନକୁ ସମର୍ଥନ କରିଥିବା ନର୍ମଦା ବଞ୍ଚାଅ ଅଭିଯାନର ନେତ୍ରୀ ମେଧା ପାଟେକରଙ୍କୁ ମଧ୍ୟ କୃତଜ୍ଞତା ଜଣାଇ ଛନ୍ତି। ଆଗାମୀ ୯ ତାରିଖରେ ବେଲଦଳରେ ହେବାକୁ ଥିବା ସମାବେଶରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଜନନେତ୍ରୀ ମେଧା ପାଟେକରଙ୍କୁ ସମିତି ପକ୍ଷରୁ କୃତଜ୍ଞତାର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ରଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ


ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଶୋଭାଯାତ୍ରାରେ ଅମୃତ କଳସ ନେଇ ଯାଉଛନ୍ତି।

ପୁରୀ, ୬।୯(ଅଜିତ ମହାନ୍ତି)

ଭାରତୀୟ ଜନତା ପାର୍ଟି ପୁରୀ ଜିଲା ଶାଖା ତରଫରୁ ବୁଧବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ ଆରମ୍ଭ ହେଇଛି। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ଦଳର ନେତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏକ ଶୋଭାଯାତ୍ରାରେ ପୁରୀ ସହର ଅତିକ୍ରମ କରି ଗୋପାଳପୁର, ସମହରା, ବଳିଗୁହାଳି, ବେଲଦଳ, ଛଇତନା, ଇତିଭୂଆଁ ଆଦି ପଞ୍ଚାୟତରୁ ମାଟି ସଂଗ୍ରହ କରାଯାଇଥିଲା। ଏଥିସହ ସମସ୍ତ ମନ୍ଦିର ଓ ପବିତ୍ର ସ୍ଥାନରୁ ମାଟି ସଂଗ୍ରହ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶର ଶହୀଦ ପୀଠରୁ 'ମେରି ମିଟି ମେରା ଦେଶ' ଅଭିଯାନ ଅନ୍ତର୍ଗତ ମାଟି ସଂଗ୍ରହ କରାଯାଉଛି। ଦେଶର ପ୍ରାୟ ୭୫୦୦ ସ୍ଥାନରୁ କଳସରେ ଶହୀଦ ଭୂମିର ମାଟି ଯାଇ ଦିଲ୍ଲୀରେ ଅମୃତ ବାଟିକା ସ୍ଥାପନ କରାଯିବ। ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିଲ୍ଲୀରେ ନିର୍ମାଣ ହେଉଥିବା ଅମୃତ ବାଟିକା ପାଇଁ ଅମୃତ କଳସରେ ମାଟି ସଂଗ୍ରହ କରିବା ମୋ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ଶଙ୍କର ପରିଡା, ରବି ଦାଶ, ଜ୍ୟୋତି ମହାପାତ୍ର, ଉମାକାନ୍ତ ନାୟକ, ଦିଗଦର୍ଶନ ପଟ୍ଟନାୟକ, ଜୟନ୍ତ ଦାଶ, ଦେବ ପ୍ରସନ୍ନ ସ୍ୱାଇଁ ଏବଂ ମନୋରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ସାକ୍ଷୀଗୋପାଳଙ୍କୁ ହୀରାଖଚିତ ସୁବର୍ଣ୍ଣ ବସଣି ଦାନକଲେ ଭକ୍ତ

ସାକ୍ଷୀଗୋପାଳ,୬।୯
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)



## ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କା

ଜନ୍ମାଷ୍ଟମୀ ଅବସରରେ ବୁଧବାର ପୁରୀ ସହରର ଜଣେ ଭକ୍ତ ସାକ୍ଷୀଗୋପାଳ ଠାକୁର ନାକରେ ପିନ୍ଧିବା ପାଇଁ ହୀରାଖଚିତ ସୁବର୍ଣ୍ଣ ବସଣି ଦାନ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କା ହେବ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସ୍ୱର୍ଣ୍ଣକାର ସେବାୟତ କୃଷ୍ଣଚନ୍ଦ୍ର ସାହୁ ଏହି ଅଳଙ୍କାରକୁ ପରଖିଥିଲେ। ପରେ ଅଳଙ୍କାର ଆଣିଥିବା ବ୍ୟକ୍ତି ଜଣକ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କୁ ହସ୍ତାନ୍ତରକରି ରସିଦ ଗ୍ରହଣ କରିଥିଲେ। ମନ୍ଦିର ନିୟମ ଅନୁଯାୟୀ, ଅଳଙ୍କାରଟି ପାଳିଆ ଭଣ୍ଡାର ମେକାପ ଦୁଃଖିଶ୍ୟାମ ମେକାପ, ସିଂହାରୀ ସେବାୟତ ରଣଜିତ ପତ୍ରୀଙ୍କୁ ଦେବା ପରେ ଏହାକୁ ଲାଗି କରାଯାଇଛି।

# ୪ ଜଣଙ୍କୁ ଗୁରୁ ଗୌରବ ସମ୍ମାନ


ଅତିଥିଙ୍କ ଗହଣରେ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।

ପୁରୀ, ୬।୯(ଅଜିତ ମହାନ୍ତି)

ଛାତ୍ର–ଶିକ୍ଷକ–ଅଭିଭାବକ ସମନ୍ୱୟ ସମିତି ଏବଂ ସମଗ୍ର ଶିକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। କାର୍ଯ୍ୟକ୍ରମକୁ ଶିବସୁନ୍ଦର ମିଶ୍ର ସଂଯୋଜନା କରିଥିବାବେଳେ ଉପସଭାପତି ପ୍ରସନ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦେଇଥିଲେ। ଚଳିତବର୍ଷ ଗୁରୁ ଗୌରବ ସମ୍ମାନରେ ଡ. ଦୁର୍ଗାମାଧବ ନନ୍ଦ, ପୀତାମ୍ବରୀ ମହାପାତ୍ର, ବିମଳ ପ୍ରସାଦ ମହାନ୍ତି ଏବଂ ସୁରମା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ବକ୍ତୃତା, ଶ୍ରୁତଲିଖନ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସମନ୍ୱୟ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ରାଧାନାଥ ତ୍ରିପାଠୀ, କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ମିନତି ପଟ୍ଟନାୟକ, ସୁକାନ୍ତ ପଣ୍ଡା, ବିଶ୍ୱମ୍ଭର ସାହୁ, ଯୋଗେନ୍ଦ୍ର ନାଥ ସାହୁ, ପୁଲକ କୁମାର ମିଶ୍ର, ଗୋବିନ୍ଦ ଦାସ ଘୋଷ ଏବଂ ସହଦେବ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ବିପିନୀ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।

# ରାଧା କୃଷ୍ଣ ବେଶରେ କୁନି ପିଲାଙ୍କ ନଗର ପରିକ୍ରମା

କଣାସ,୬।୯(ବିଭୂତି ଭୂଷଣ ତ୍ରିପାଠୀ)/ପିପିଲି,(ଦୁର୍ଗା ମାଧବ ମିଶ୍ର)/ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲାର ପୁରପଲ୍ଲୀରେ ବୁଧବାର ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। କଣାସ ବ୍ଲକର ତ୍ରିଲୋଚନପୁର ଶିଶୁ ମନ୍ଦିର, ସରସ୍ୱତୀ ଶିଶୁ ମନ୍ଦିର, କଣାସ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, କଣାସ ଓ ବ୍ଲକର ସମସ୍ତ ଶିଶୁ ମନ୍ଦିରରେ କୁନିକୁନି ପିଲାମାନେ କୃଷ୍ଣ ବଳରାମ ଓ ବିଭିନ୍ନ ବେଶ କରାଇ ଗ୍ରାମ ପରିକ୍ରମା କରିଥିଲେ। ତ୍ରିଲୋଚନପୁର ଶିଶୁ ମନ୍ଦିର ଛାତ୍ରୀଛାତ୍ର ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ବଳାଜିତ୍‌ପୁର, ଗପଡ଼ା, ଚାନ୍ଦପଡ଼ା, କରିମୂଳ, କଣ୍ଣପଡ଼ା ଓ ତ୍ରିଲୋଚନପୁର ଗ୍ରାମ ପରିକ୍ରମା କରିଥିଲେ। ସୁନ୍ଦର ବେଶଭୂଷା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ବଛାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଦାଣ୍ଡମୁକୁନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ମହାସମାରୋହରେ ପାଳିତ ହୋଇଯାଇଛି। ବୁଧବାର ପ୍ରାତଃରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା, ପରିଚାଳନା ମଣ୍ଡଳୀ ସଦସ୍ୟ ତଥା ବିଦ୍ୟାଳୟର ସମସ୍ତ କୁନି କୁନି ଶିଶୁ ଉପସ୍ଥିତ ହୋଇଥିଲେ। ପ୍ରଭୁ ଶ୍ରୀକୃଷ୍ଣ ଓ ମା' ରାଧାଙ୍କ କମନୀୟ ରୂପରେ ସଜ୍ଜିତ ହୋଇ କୁନି କୁନି ଶିଶୁ ନଗର ପରିକ୍ରମା କରି ଐତିହାସିକ ଜୟ ଗୋପାଳ ମନ୍ଦିର ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ମିଶ୍ର, ସତ୍ୟାନନ୍ଦ ଦାଶ, ସମ୍ପାଦକ ରଜନୀକାନ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ରଣଜିତ୍ ପଣ୍ଡା ଉତ୍ସବ ପରିଚାଳନା କରିଥିଲେ।


ପିପିଲିଠାରେ ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାମାନେ।

ସଚେତନତା କାର୍ଯ୍ୟକ୍ରମ ଜରିଆରେ ଗୋପ ବାଲି ପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର କୃଷ୍ଣଙ୍କ ଜନ୍ମ ଦିବସ ଅବସରରେ ବୁଧବାର ଗାଁ ଓ ବଜାର ପରିକ୍ରମା କରିଥିଲେ। ହଜି ଯାଉଥିବା ଓଡ଼ିଆ ଘରର ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରିବାକୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ସଭାପତିତ୍ୱ କରିଥିଲେ। ୩୬ ଛାତ୍ରୀଛାତ୍ର କୃଷ୍ଣ ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ରବୀନ୍ଦ୍ରନାଥ ବେହେରା, ବିଦ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ସେନାପତି, ରଶ୍ମି ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ।

## ସଂକ୍ଷେପରେ

### ଭଡା ଟଙ୍କାକୁ ନେଇ ମାର୍‌ପିଟ୍, ଦୁଇ ଭାଇ ଗିରଫ

ଭୁବନେଶ୍ୱର,୬।୯ (ସୂର୍ଯ୍ୟକାନ୍ତ ବେହେରା)

ଭଡା ଟଙ୍କାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଘଟଣାରେ ମୈତ୍ରୀ ବିହାର ଥାନା ପୋଲିସ ପୃଥକ ମାମଲା ରୁଜୁ କରି ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦୁଇ ଭାଇ ହେଲେ ପ୍ରଫୁଲ୍ଲ ନାୟକ ଓ ସନ୍ତୋଷ ନାୟକ। ସୂଚନାନୁସାରେ, ଦୁଇଭାଇଙ୍କ ବାପାଙ୍କ ମୃତ୍ୟୁପରେ ସମ୍ପତ୍ତିକୁ ନେଇ ବିବାଦ ଲାଗି ରହିଛି। ସନ୍ତୋଷ ବାପାଙ୍କ ନାମରେ ମୈତ୍ରୀବିହାରରେ ଥିବା ସମସ୍ତ ଭଡା ଘରକୁ ବଳପୂର୍ବକ ଅକ୍ତିଆରକୁ ନେଇଯାଇଥିଲେ। ଏହାକୁ ପ୍ରଫୁଲ୍ଲ ବିରୋଧ କରିବାରୁ ଫଳରେ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଭଡାଟିଆଙ୍କଠାରୁ ଭଡା ଆଣିବା ପାଇଁ ଯାଇଥିବା ସମୟରେ ସାନ ଭାଇ ସନ୍ତୋଷ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏହି ସମୟରେ ପ୍ରଫୁଲ ଘଟଣାସ୍ଥଳରେ ପହଞ୍ଚି ସ୍ତ୍ରୀଙ୍କୁ ଉଦ୍ଧାର କରିବା ସମୟରେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରେ ପ୍ରଫୁଲ୍ଲ ରାଗିଯାଇ ଗୋଟିଏ ଭଡା ଘରର କାନ୍ଥ ଭାଙ୍ଗି ଦେଇଥିଲେ। ଏନେଇ ଉଭୟ ମୈତ୍ରୀବିହାର ଥାନାରେ ଅଭିଯୋଗ କରିଥିଲେ।

### ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ

ବାରଙ୍ଗ,୬।୯(ଲିଙ୍ଗରାଜ ରାଉତ)

କୁହେଇଁପଡା ଗ୍ରାମ ନିକଟ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ମନ୍ଦିରରେ ମଙ୍ଗଳ ଆଳତି ସହ ଠାକୁରଙ୍କ ନୀତିକାନ୍ତି ସରିବା ପରେ ସନ୍ଧ୍ୟାରେ ସାସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରାତ୍ର ୧୨ଟାରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ ହୋଇଥିଲା। ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ରାଧାଗୋବିନ୍ଦଧାମର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ସେହିପରି ମେଣ୍ଢାଶାଳ ଗ୍ରାମର ଦୁଲାଦେବୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଯାଇଛି।

### ମଦ ଜବତ, ବେପାରୀ ଗିରଫ

ବାରଙ୍ଗ,୬।୯(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ପୋଲିସ ପୁରୀ ମୁଖ୍ୟ କେନାଲ ନିକଟରୁ ୮୦ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସାନମୁଣ୍ଡଳୀ ଗ୍ରାମର କାହ୍ନୁ ଚରଣ ଦଳେଇ(୨୬)। ଏଥିସହ ଏକ ସ୍କୁଟି (ଓଡି ୦୫ ଏଓ୍ୱାଇ୪୮୮୦) ଜବତ ହୋଇଛି। ଏନେଇ ଏକ ମାମଲା (ନଂ.୩୨୯/୨୩) ରୁଜୁ ପରେ କାହ୍ନୁଙ୍କୁ କୋର୍ଟଚାଲାଣ କରାଯାଇଥିଲା।

### ହାତୀ ନଷ୍ଟ କଲା ଧାନ ଫସଲ

ବାରଙ୍ଗ,୬।୯(ଲିଙ୍ଗରାଜ ରାଉତ)

ଚନ୍ଦକା ଡମପଡ଼ା ଅଭୟାରଣ୍ୟ ନିକଟ ବାଆଁରା ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଏହି ହାତୀପଲଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଧାନଫସଲ ନଷ୍ଟ ହୋଇଛି। ଦୁଇଦିନ ହେବ ଚନ୍ଦକା ଅଞ୍ଚଳରୁ ୭ ଟିକିଆ ହାତୀପଲ ଆସି ବାଆଁରା, ରାମଚଣ୍ଡୀ ଅଞ୍ଚଳରେ ହେକ୍ଟର ହେକ୍ଟର ଧାନ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଖବରପାଇ ବନବିଭାଗର ଏକ ଟିମ୍ ବୁଧବାର ଘଟଣାସ୍ଥଳ ପରିଦର୍ଶନ କରି ଫେରିଥିବା ଜଣାପଡିଛି।

# କୃଷ୍ଣ ଆରାଧନାରେ ବିଭୋର ରାଜଧାନୀବାସୀ




ଇସ୍କନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପଜାଳି ଭକ୍ତି ନିବେଦନ କରୁଛନ୍ତି। କୃଷ୍ଣବେଶଧାରୀ ପିଲାମାନେ। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ଚଳିତବର୍ଷ କେତେକ ସ୍ଥାନରେ ଗୁରୁବାର ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଥିବାବେଳେ ଅଧିକାଂଶ ରାଜଧାନୀବାସୀ ବୁଧବାର ଏହି ପର୍ବ ପାଳନ କରିଛନ୍ତି। ତେଣୁ ରାଜଧାନୀର ବିଭିନ୍ନ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଆୟୋଜନ କରାଯିବା ସହ ଶ୍ରଦ୍ଧାଳୁ କୃଷ୍ଣ ଆରାଧନାରେ ବିଭୋର ହୋଇପଡ଼ିଛନ୍ତି। ବିଭିନ୍ନ ମନ୍ଦିରରେ ଭଗବାନ ଗୋପାଳଙ୍କ ଅଭିଷେକ କରାଯିବା ପୂର୍ବକ ସୁଗନ୍ଧିତ ତେଲରେ ପଞ୍ଚାମୃତ ସ୍ନାନ କରାଯାଇଥିଲା। ପରେ ଫଳୋଦକ ସ୍ନାନ ଏବଂ ପବିତ୍ର ନଦୀରୁ ଆସିଥିବା ଜଳରେ ସ୍ନାନ ବିଧି କରାଯାଇଛି। ଭଗବାନଙ୍କର ମହା ମଙ୍ଗଳ ଆରତୀ ଠାରୁ ଆରମ୍ଭ କରି ଛପନ ଭୋଗ ଅର୍ପଣ ଆଦି ନୀତି ବିଧିମୁତାବକ କରାଯାଇଛି। ଶ୍ରୀକୃଷ୍ଣ ଜନ୍ମନୀତି ପାଳନ କରିବା ପାଇଁ ମଧ୍ୟରାତ୍ରି ପର୍ଯ୍ୟନ୍ତ ସହର ଚଳଚଞ୍ଚଳ ହୋଇପଡ଼ିଥିଲା। ଇସ୍କନ ଏବଂ ରାମମନ୍ଦିର ସହିତ ପ୍ରାୟ ୧୦ରୁ ଅଧିକ ସ୍ଥାନରେ ଜନ୍ମାଷ୍ଟମୀ ପାଳନ ହୋଇଥିଲା। ଏହି ଅବସରରେ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇସ୍କନ ମନ୍ଦିରରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରରେ ରୀତିନୀତି ଅନୁସାରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଗୁରୁବାର ବୈଷ୍ଣବ ମତରେ ଜନ୍ମାଷ୍ଟମୀ ପାଳନ କରାଯବ। ୮ ତାରିଖରେ ନନ୍ଦ ଉତ୍ସବ ସହିତ ପ୍ରଭୁପାଦଙ୍କ ୧୨୭ତମ ଶୁଭ ଆର୍ବିଭାବ ଦିବସ ପାଳନ କରାଯିବ। ସକାଳୁ ଗୁରୁପୂଜା ସହିତ ତାଙ୍କର ଗୁଣକୀର୍ତ୍ତନ କରାଯିବ। ଏହାବ୍ୟତୀତ ୫ ଲୋକଙ୍କୁ ନିମନ୍ତେ ପ୍ରସାଦ ବ୍ୟବସ୍ଥା କରାଯିବ। ସେହିପରି ଆଜି ଜନ୍ମାଷ୍ଟମୀରେ ରାଜଧାନୀରେ ହଜାର ହଜାର ଶ୍ରଦ୍ଧାଳୁ ଇସ୍କନରେ ଦର୍ଶନ କରିଥିଲେ। ରାତି ୧୨ଟା ପର୍ଯ୍ୟନ୍ତ ମଧ୍ୟ ଭକ୍ତଙ୍କ ଭିଡ କମିନଥିଲା। ଭିଡ଼କୁ ଦୃଷ୍ଟିରେ ରଖି ବିଏମସି ୱାଟକୋ, ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମହିଳା ପୁଲିସ ମୁତୟନ କରାଯାଇଥିଲା ବୋଲି ଇସ୍କନ ରାଜ୍ୟ ପ୍ରସାର ଅଧିକାରୀ ରାଧାକାନ୍ତ ଦାସ ସୂଚନା ଦେଇଛନ୍ତି। ସେହିପରି ରାମମନ୍ଦିରରେ ମଧ୍ୟ ରୀତିନୀତି ଆଧାରରେ ଜନାଷ୍ଟମୀ ପାଳନ କରାଯାଇଥିଲା। ଶୃଙ୍ଖଳିତଭାବେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ସେହିପରି କୋଳଥିଆସ୍ଥିତ ଜଗନ୍ନାଥ ମନ୍ଦିର ସମେତ ସହରର ଅନ୍ୟ ଜଗନ୍ନାଥ ଓ ରାମମନ୍ଦିରରେ ଧୁମଧାମରେ ଏହିପର୍ବପାଳନ କରାଯାଇଛି।

## ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମନୀତି

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ଗୌରାଙ୍ଗ ସେବା ଫାଉଣ୍ଡେଶନ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ବାର୍ଷିକୀ ପାଳନ କରିବା ପାଇଁ ପଟିଆସ୍ଥିତ କ୍ରିଷ୍ଟାଲ କନ୍‌ଫରେନ୍ସ ହଲରେ ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ। ବାଳ ଗୋପାଳ ଓ ରାଧା କୃଷ୍ଣଙ୍କୁ ଅଳଙ୍କାର, ଫୁଲମାଳ ଏବଂ ତାଜା ସୁଗନ୍ଧିତ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଭଗବାନଙ୍କ ଝୁଲଣ ଓ ଆରତୀ ଭକ୍ତମାନଙ୍କୁ ଅତ୍ୟନ୍ତ ଆକର୍ଷିତ କରିଥିଲା। ଭକ୍ତମାନେ ଭଜନ ଓ କୀର୍ତ୍ତନ ସହିତ ନୃତ୍ୟ କରି ଭଗବାନ ଗୋପାଳଙ୍କୁ ଏକ ପାଲିଙ୍କି ଶୋଭାଯାତ୍ରାରେ ନେଇଥିଲେ। ପାରମ୍ପାରିକ ବୈଦିକ ମନ୍ତ୍ର ଜପ କରି ଷୋଡଶ ଉପଚାରରେ ଭଗବାନଙ୍କର ଏକ ଭବ୍ୟ ଅଭିଷେକ କରାଯାଇଥିଲା। ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମର ଶୁଭ ସମୟ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉତ୍ସାହୀ ଭକ୍ତମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେଶନର ସ୍ୱେଚ୍ଛାସେବୀ, ଏଏଚ୍‌ଏଲ ଫୋରମ ଏବଂ ଗୀତା ଅଧ୍ୟୟନ ସର୍କଲ ମାଧ୍ୟମରେ ସ୍କୁଲର ପିଲାମାନେ ସାଂସ୍କୃତିକ ନୃତ୍ୟ, ରଙ୍ଗୋଲି, ଗୀତା ଶ୍ଳୋକ ଜପ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛୋଟପିଲାମାନେ ରାଧା ଓ କୃଷ୍ଣ ବେଶରେ ସଜାଇ ହୋଇଥିଲେ। ଭୌତିକ ସମସ୍ୟାର ଆଧ୍ୟାତ୍ମିକ ସମାଧାନ ଖୋଜିବା ଉପରେ ଯୁବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ 'ଗୀତା ଜୀବନ' ସେମିନାର ଅନୁଷ୍ଠିତ ହୋଇଥିଲା।



ଗୌରାଙ୍ଗ ସେବା ଫାଉଣ୍ଡେଶନ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପ୍ରତିଯୋଗିତା



ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ରସୁଲଗଡ଼ ଶବରସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାରମ୍ଭରୁ ଚତୁର୍ଥ ଶ୍ରେଣୀ ପିଲାଙ୍କ ମଧ୍ୟରେ ରାଧାକୃଷ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୩ଜଣ ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଉତ୍ସବକୁ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା ଉଦ୍‌ଘାଟନ କରିବା ସହ ପିଲାଙ୍କ ଜନ୍ମାଷ୍ଟମୀର ମହତ୍ତ୍ୱ ସମ୍ପର୍କରେ କହି ଉତ୍ସାହିତ କରିଥିଲେ। ଶେଷରେ ସମସ୍ତ ପିଲାଙ୍କୁ ବିଦ୍ୟାଳୟ ତରଫରୁ ଅଭିଭାବକମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

## 'ଗୁରୁହିଁ ଶିଷ୍ୟଙ୍କୁ ଶିଷ୍ଟ କରିଥାନ୍ତି'



### ବିଜେବି ସାମ୍ବାଦିକ ବିଭାଗରେ ଗୁରୁ ଦିବସ

ଭୁବନେଶ୍ୱର,୭।୯

ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜି.ଏମ୍. ଖାନ୍ ଛାତ୍ରୀଛାତ୍ରମାନଙ୍କୁ ଶିଷ୍ଟ ଓ ବିଶିଷ୍ଟ କରିବା ଦିଗରେ ଗୁରୁମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏପରି କି ନିଜକର୍ତ୍ତବ୍ୟ ପଥରେ ଆଗେଇ ଯିବାପାଇଁ ଗୁରୁଙ୍କ ଆଶୀର୍ବାଦ ସର୍ବଦା ଗ୍ରହଣ କରିବାକୁ ଖାନ୍ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ମଧୁବ୍ରତା ଶତପଥି ଛାତ୍ରୀଛାତ୍ରମାନଙ୍କୁ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଗୁରୁଙ୍କ ମହତ୍ତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ନଳିନି ପାତ୍ର କହିଥିଲେ ଯେ, ଛାତ୍ରୀଛାତ୍ରମାନେ ପୁସ୍ତକ ଜ୍ଞାନ ସହ ବ୍ୟବହାରିକ ଜ୍ଞାନକୁ ମଧ୍ୟ ସର୍ବଦା ଧ୍ୟାନ ଦେବା ଉଚିତ୍। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସ୍ମିତା ରାୟ ଏବଂ ରାଜଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଗୁରୁଶିଷ୍ୟ ସମ୍ପର୍କର ମହାନତା ବିଷୟରେ ଉଲ୍ଲେଖ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ଅଧ୍ୟାପିକାଅଧ୍ୟାପକଙ୍କୁ ପୁଷ୍ପ ଦେଇ ସ୍ୱାଗତ କରିବା ସହିତ ପାରମ୍ଭିକ ବନ୍ଦନା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବ ବର୍ଷର ଛାତ୍ରୀଛାତ୍ରମାନେ ଯୋଗ ଦେଇ କେକ୍ କାଟିଥିଲେ।

## ଦୁର୍ଗାପୂଜା ପାଇଁ କୁଆଖାଇରୁ ମାଟି ଅନୁକୂଳ

ବାଲିଅନ୍ତା,୬।୯(ନୀଳମାଧବ ସାହୁ)/ଭୁବନେଶ୍ୱର,(ଅନୁରାଧା ମହାରଣା)

ରାଜଧାନୀରେ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟ ବୁଧବାର ପବିତ୍ର ଜନ୍ମାଷ୍ଟମୀଠାରୁ ଆରମ୍ଭ ହୋଇଛି। ଏଥିପାଇଁ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ କୁଆଖାଇ ନଦୀରୁ ମାଟି ସଂଗ୍ରହ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ କରାଯାଇ ନଦୀକୂଳକୁ ମାଟି ଅନୁକୂଳ କରାଯାଇଥିଲା। ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନରୁ ହିଁ ପୂଜା କମିଟି ମାଟି ସଂଗ୍ରହ କରି ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ବୁଧବାର ନୟାପଲ୍ଲୀ ଦୁର୍ଗାପୂଜା ସମିତି, କଳାରାହାଙ୍ଗ ଦୁର୍ଗାପୂଜା ସମିତି, ରଣସିଂହପୁର ସାର୍ବଜନୀନ ଦୁର୍ଗାପୂଜା କମିଟି, ନୀଳାଦ୍ରି ବିହାର ଦୁର୍ଗାପୂଜା ସମିତି, ଡୁମଡୁମା ଦୁର୍ଗାପୂଜା କମିଟି, ସାର୍ବଜନୀନ ଦୁର୍ଗାପୂଜା କମିଟି, ହାଉସିଂବୋର୍ଡ କଲୋନୀ ଚନ୍ଦ୍ରଶେଖରପୁର, ନୟାପଲ୍ଲୀର ମହାବୀର ପୂଜା କମିଟି, ଶୈଳଶ୍ରୀବିହାର ଫେଜ୍-୨ ପ୍ରମୁଖ ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଥିଲା। ବମିଖାଲ ଦୁର୍ଗାପୂଜା ସମିତିର କର୍ତ୍ତା ଭାବରେ ବିପିନ ବିହାରୀ ଜେନା ଏହି କାର୍ଯ୍ୟ ସମ୍ପାଦନା କରିଥିଲେ। ଶହୀଦ ନଗର ପୂଜା କମିଟି ପକ୍ଷରୁ କର୍ତ୍ତା ଭାବେ ଗିରିଶ ପ୍ରସାଦ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ସଚି ନନ୍ଦନ ନାୟକ, ସ୍ଥାନୀୟ କର୍ପୋରେଟର ରାଜିକିଶୋର ଦାଶ, ହରିଶ ରଥ, ଗୋପାଳ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଏକ ନୂଆ ଫାଉଡ଼ା ସାହାଯ୍ୟରେ ନଦୀକୂଳରୁ ମାଟି ସଂଗୃହୀତ କରାଯାଇ ମାଟିପାତ୍ରରେ ରଖାଯାଇ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ପରେ କମିଟି କର୍ମକର୍ତ୍ତା ବ୍ରତଧାରଣ କରି ନିଷ୍ଠାର ସହ ମା'ଙ୍କ ପୂଜା ସମ୍ପନ୍ନ ପାଇଁ ସଂକଳ୍ପ ନେଇଥିଲେ। ନଦୀରୁ ସଂଗୃହୀତ ମାଟିକୁ ନାଲିକନାରେ ରଖି ଶୋଭାଯାତ୍ରାରେ ନିଜ ନିଜ ପୂଜା ମଣ୍ଡପ ଅଭିମୁଖେ ବାହାରିଥିଲେ। ୩୬ ବର୍ଷ ଧରି ଦୁର୍ଗାପୂଜା କରି ଆସୁଥିବା ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଧୁମଧାମରେ ମାଟି ପୂଜା ପର୍ବ ଆୟୋଜନ କରାଯାଇଥିଲା।

## ହୀରାଖଚିତ ସୁବର୍ଣ୍ଣ ବସଣି ଦାନକଲେ ଭକ୍ତ

ସାକ୍ଷୀଗୋପାଳ,୬।୯ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ଜନ୍ମାଷ୍ଟମୀ ଅବସରରେ ବୁଧବାର ପୁରୀ ସହରର ଜଣେ ଭକ୍ତ ସାକ୍ଷୀଗୋପାଳ ଠାକୁର ନାକରେ ପିନ୍ଧିବା ପାଇଁ ହୀରାଖଚିତ ସୁବର୍ଣ୍ଣ ବସଣି ଦାନ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କା ହେବ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସ୍ୱର୍ଣ୍ଣକାର ସେବାୟତ କୃଷ୍ଣଚନ୍ଦ୍ର ସାହୁ ଏହି ଅଳଙ୍କାରକୁ ପରଖିଥିଲେ। ପରେ ଅଳଙ୍କାର ଆଣିଥିବା ବ୍ୟକ୍ତି ଜଣକ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କୁ ହସ୍ତାନ୍ତରକରି ରସିଦ ଗ୍ରହଣ କରିଥିଲେ। ମନ୍ଦିର ନିୟମ ଅନୁଯାୟୀ, ଅଳଙ୍କାରଟି ପାଳିଆ ଭଣ୍ଡାର ମେକାପ ଦୁଃଖିଶ୍ୟାମ ମେକାପ, ସିଂହାରୀ ସେବାୟତ ରଣଜିତ ପତ୍ରୀଙ୍କୁ ଦେବା ପରେ ଏହାକୁ ଲାଗି କରାଯାଇଛି।

## ସେପ୍ଟେମ୍ବର ୧୦ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ(ହୁ) ପକ୍ଷରୁ ସେପ୍ଟେମ୍ବର ୧୦କୁ ଆତ୍ମହତ୍ୟା ନିବାରଣ ଦିବସ ରୂପେ ଘୋଷଣା କରାଯାଇଛି। ମାନସିକ ସ୍ୱାସ୍ଥ୍ୟ ସଂଘ ଓଡିଶା ଶାଖା ତରଫରୁ ପ୍ରତି ବର୍ଷ ଆତ୍ମହତ୍ୟା ନିବାରଣ ପାଇଁ ସଚେତନ କାର୍ଯ୍ୟକ୍ରମ କରାଯାଉଥିବାବେଳେ ବୁଧବାର ଏ ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ପ୍ରଫେସର ଡାକ୍ତର ଅମ୍ରିତ ପାଟ୍ଟଯୋଶୀ, ସମ୍ପାଦକ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଅଶ୍ରୁମୋଚନ ସାହୁ, ଡାକ୍ତର ସମ୍ରାଟ କର, ଏମ୍‌ସ ହସ୍ପିଟାଲ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବଦତ୍ତା ମହାପାତ୍ର ଏବଂ ସମ ହସ୍ପିଟାଲର ପ୍ରଫେସର ଡାକ୍ତର ଶୁଭେନ୍ଦୁ ନାରାୟଣ ମିଶ୍ର ଉପସ୍ଥିତ ରହି ଆତ୍ମହତ୍ୟାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଆତ୍ମହତ୍ୟା ବିଷୟରେ ଆଉ ଚୁପ୍ ନ ରହି ଅନ୍ୟର ଭାବନାକୁ ବୁଝିବା ଏବଂ ଆତ୍ମହତ୍ୟା ଉଦ୍ୟମ କରିବାକୁ ଯାଉଥିବା ମଣିଷଙ୍କ ସହ ମିଶିବା ହେଉଛି ବିଶ୍ୱ ଆତ୍ମହତ୍ୟା ଦିବସର ଉଦ୍ଦେଶ୍ୟ ବୋଲି ମାନସିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ଅନୁସାରେ ପ୍ରତିବର୍ଷ ୧୦ ଲକ୍ଷ ଲୋକ ଆତ୍ମହତ୍ୟାର ଶିକାର ହୋଇଥାଏ। ଅର୍ଥାତ୍ ପ୍ରତି ୪୦ ସେକେଣ୍ଡରେ ପୃଥିବୀରେ କେହି ଜଣେ ଆତ୍ମହତ୍ୟା ପାଇଁ ଉଦ୍ୟମ କରନ୍ତି। ଘରେ ଏକା ରହିବା, ଇଣ୍ଟରନେଟ ବା ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର, କାହା ସହ ନ ମିଶିବା, ବ୍ୟବସାୟରେ ଅତ୍ୟଧିକ କ୍ଷତି, ପାରିବାରିକ କଳହ, ନିଶାସେବନ, ଅତ୍ୟଧିକ ମାନସିକ ଚାପରେ ରହିଲେ ଜଣେ ବ୍ୟକ୍ତି ନିଜକୁ ହରାଇବାକୁ ଚାହିଁଥାଏ। ତେଣୁ ପ୍ରତି ଆତ୍ମହତ୍ୟାକୁ କିପରି ରୋକି ପାରିବା ଓ ଏ କ୍ଷେତ୍ରରେ ବ୍ୟାପକ ସଚେତନତା କରିପାରିବା ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ।



ଖବରଦାତା ସମ୍ମିଳନୀରେ ଆତ୍ମହତ୍ୟା ନିବାରଣ ଦିବସ ସମ୍ପର୍କରେ ବିଶେଷଜ୍ଞମାନେ ମତ ରଖୁ ଛନ୍ତି।




ଜନ୍ମାଷ୍ଟମୀ ତିଥିରେ ବୁଧବାର କୁଆଖାଇ ନଦୀରୁ ମାଟି ଅନୁକୂଳ ପାଇଁ ବମିଖାଲ ଦୁର୍ଗାପୂଜା ସମିତି କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରୁଛନ୍ତି।



ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଦୁର୍ଗାପୂଜା କମିଟି ପକ୍ଷରୁ କୁଆଖାଇ ନଦୀ ପଠାରେ ପୂଜାର୍ଚ୍ଚନା ଚାଲିଛି।

## ସଂକ୍ଷେପରେ

### ଉଦୟନିଧିଙ୍କ ବିରୋଧରେ ହିନ୍ଦୁ ଏକତା ମଞ୍ଚର ଏତଲା

କଟକ,୬।୯ (କାର୍ତ୍ତିକ ସାହୁ)

ତାମିଲନାଡୁ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ବୁଧବାର ହିନ୍ଦୁ ଏକତା ମଞ୍ଚ ପକ୍ଷରୁ କଟକ ମଧୁପାଟଣା ଥାନାରେ ଏତଲା ଦିଆଯାଇଛି । ଷ୍ଟାଲିନ ଏକ ସାଧାରଣ ସଭାରେ ସନାତନ ଧର୍ମକୁ ଅକ୍ଷେପ କରି ଏହାକୁ ମ୍ୟାଲେରିଆ, ଡେଙ୍ଗୁ ଓ କରୋନା ସହ ତୁଳନା କରିଥିଲେ। ଏଥିସହ ଏହାକୁ ବିଲୋପ କଲାଭଳି ବିବାଦୀୟ ମନ୍ତବ୍ୟ ଦେଇ ସେ ଶହେକୋଟି ହିନ୍ଦୁଙ୍କୁ ଅପମାନିତ ଓ ଧର୍ମକୁ କୁଠାରଘାତ କରିଛନ୍ତି ବୋଲି ହିନ୍ଦୁ ଏକତା ମଞ୍ଚ ଅଭିଯୋଗ କରିଛି। ଏହି ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ହିନ୍ଦୁ ଏକତା ମଞ୍ଚର ସଦସ୍ୟମାନେ ସଂଯୋଜକ ପ୍ରଦୀପ୍ତ କୁମାର ଜେନାଙ୍କ ନେତୃତ୍ୱରେ ସ୍ଲୋଗାନ ଦେଇ ପ୍ରେସଛକ ଠାରୁ ଏକ ଶୋଭାଯାତ୍ରାରେ ମଧୁପାଟଣା ଥାନା ପର୍ଯ୍ୟନ୍ତ ଆସିଥିଲେ। ମଧୁପାଟଣା ଥାନା ଆଇଆଇସି ତୁଷାରକାନ୍ତ ସେଠୀଙ୍କୁ ଏତଲା ଦେବା ସହ ତୁରନ୍ତ ଉଦୟନିଧିଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ଏତଲା ପ୍ରଦାନ ବେଳେ ସହସଂଯୋଜକ ସୁରେନ୍ଦ୍ର କୁମାର ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର, ବିଦ୍ୟୁତ କୁମାର ଜେନା, ଅଭିରାମ ପାତ୍ର, ବଦ୍ରିକାନାଥ ମହାପାତ୍ର, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଉଦୟନିଧି ଷ୍ଟାଲିନ୍‌ଙ୍କ ଗିରଫ ଦାବିରେ ଏତଲା

ମଙ୍ଗୁଳି-ଜଗତପୁର,୬।୯ (ମାନସ ସାମଲ)

ସନାତନ ଧର୍ମ ବିରୋଧରେ ଦେଇଥିବା ମନ୍ତବ୍ୟ ନିମନ୍ତେ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ଗିରଫଦାରି ନିମନ୍ତେ ଚୌଦ୍ୱାର ଧର୍ମସେନା ପକ୍ଷରୁ ବୁଧବାର ଚୌଦ୍ୱାର ଥାନାରେ ଏତଲା ହୋଇଛି। ଧର୍ମସେନା ଚୌଦ୍ୱାର ଶାଖା ସଭାପତି ପ୍ରଦୀପ ଦାସଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଚୌଦ୍ୱାର ଥାନା ସମ୍ମୁଖରେ ଏକତ୍ରିତ ହୋଇ ଷ୍ଟାଲିନ୍‌ଙ୍କ ଫଟୋଚିତ୍ରରେ ଚପଲ ହାର ପିନ୍ଧାଇବା ସହ କୁଶ ପୁତ୍ତଳିକା ଦାହ କରିଥିଲେ। ଏତଲା ଅନୁଯାୟୀ, ସନାତନ ଧର୍ମ ହେଉଛି ଏକ କରୋନା, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ଭାଇରସ୍ ଏବଂ ଏହାକୁ କେବଳ ବିରୋଧ ନ କରି ଏହାର ମୂଳପୋଛ କରାଯିବା ଉଚିତ। ଏହି ମନ୍ତବ୍ୟ ସମଗ୍ର ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କୁ କୁଠାର ଘାତ କରିଛି। ଏଭଳି ମନ୍ତବ୍ୟ ରାଷ୍ଟ୍ରର ଧର୍ମ ନିରପେକ୍ଷତାକୁ ଉପହାସ କରୁଛି। ଏତଲା ଦେବା ସମୟରେ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, ଅଂଶୁମାନ୍ ମହାପାତ୍ର, ଅଶୋକ ସାହୁ, ଶଶିକାନ୍ତ ନାୟକ, ଧୀରଞ୍ଜନ ସିଂ, ଗଣେଶ ଚନ୍ଦ୍ର ବେହେରା, ଚିତ୍ତ ରଞ୍ଜନ ନାୟକ, ପୀତବାସ ମହାପାତ୍ର, କୃଷ୍ଣ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମଚାରୀ ଅଭାବ: ୭୪ରୁ ୩୨ ପଦବୀ ଖାଲି

## ନିଶ୍ଚିନ୍ତକୋଇଲି ବ୍ଲକ

ନିଶ୍ଚିନ୍ତକୋଇଲି,୬।୯(ଅଶୋକ ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ କର୍ମଚାରୀ ଅଭାବ ଚିନ୍ତାର କାରଣ ପାଲଟିଛି। ଏଠାରେ ୭୪ ପଦବୀରୁ ୩୨ ପଦବୀ ଖାଲି ପଡ଼ିଛି। ଏପରିକି ବିତ ଅଧିକାରୀ (ଆକାଉଣ୍ଟ ଅଫିସର), ଜିପିଓ ,ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟ ଖାଲି ପଡ଼ିଛି। ଫଳରେ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

୪୧ଟି ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ। ବ୍ଲକରେ ୨ଜଣ ସହକାରୀ ଯନ୍ତ୍ରୀ ରହିବାର ନିୟମ ଥିଲାବେଳେ ନିକଟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡାଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ସହକାରୀ ଯନ୍ତ୍ରୀ ନିଯୁକ୍ତି ହୋଇନାହାନ୍ତି। ସେହିପରି ବ୍ଲକରେ ଜଣେ ହିସାବ ରକ୍ଷକ ରହିବାର ନିୟମ ଥିଲା ବେଳେ ଦୀର୍ଘ ଦିନ ହେଲା ଏହି କାର୍ଯ୍ୟାଳୟରେ ଉକ୍ତ ପଦବୀ ଖାଲି ପଡ଼ିଛି। ଏଠାରେ ମଧ୍ୟ କୌଣସି ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନାହାନ୍ତି। ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜନ୍ମେଜୟ ରାଉତଙ୍କର ମାହାଙ୍ଗା ବ୍ଲକକୁ ବଦଳି ହୋଇଯାଇଛି। ଏହାପରଠୁ ଉକ୍ତ ପଦବୀ ଖାଲି ପଡିଛି। ଏପର୍ଯ୍ୟନ୍ତ କୌଣସି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ବ୍ଲକରେ ସମାଜମଙ୍ଗଳ ଅଧିକାରୀ ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ବ୍ଲକରେ ୨ଜଣ ବରିଷ୍ଠ କିରାଣି ରହିବାର ନିୟମ ଥିଲାବେଳେ ମାତ୍ର ଜଣେ ରହିଛନ୍ତି। ଗୋଟିଏ ପଦବୀ ଖାଲି ରହିଛି। ସେହିପରି ବ୍ଲକରେ ୪୧ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲା ବେଳେ ମାତ୍ର ୨୨ ଜଣ ରହିଛନ୍ତି। ୧୯ ପଦବୀ ଖାଲି ରହିଛି। ଏଭଳିସ୍ଥିତିରେ ଜଣେ ଜଣେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ୨ରୁ ୩ଟି ପଞ୍ଚାୟତ ଦିଆଯାଇଛି। ଏହା ସେମାନଙ୍କ ପାଇଁ କାଠିକର ପାଠ ହୋଇଛି। ସେହିପରି ଭାବେ ଏହି ବ୍ଲକରେ ୬ଜଣ ଚପରାସୀ ରହିବାର ନିୟମ ଥିଲା ବେଳେ ୬ଟି ପଦବୀ ଖାଲି ପଡ଼ିଛି। ଫଳରେ ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟ ଏକ ପ୍ରକାର ଅଟକି ଯାଇଛି। ଏହାର ସୁଯୋଗ ନେଇ କେତେଜଣ କର୍ମଚାରୀ ନିୟମିତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଗରିବ ଶ୍ରେଣୀୟ ଲୋକେ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଆଗକୁ ନିର୍ବାଚନ ଥିବାବେଳେ ଖାଲି ପଦବୀ ପୂରଣ ନ ହେଲେ ବିଭିନ୍ନ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରେ କୁହନ୍ତି କର୍ମଚାରୀ ସଙ୍କଟ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଫିଲଡ ଅଫିସରମାନେ ଟୁର ଡାଏରୀ ସମ୍ପର୍କରେ ସୂଚନା ଦେଉଛନ୍ତି।

# ନୂଆପାଟଣାରେ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ଦୁର୍ଗାପୂଜା ନିମନ୍ତେ ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି ।

ଟିଗିରିଆ, ୬।୯(ଜାଫର ଖାଁ )

ଟିଗିରିଆ ବ୍ଲକର ହସ୍ତତନ୍ତ ଗ୍ରାମ ନୂଆପାଟଣାର ଚଣ୍ଡୀବଜାର ଓ ମଙ୍ଗଳାବଜାରରେ ଦୁର୍ଗା ପୂଜା ପାଇଁ ବୁଧବାର ମାଟି ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳାବଜାର ପୂଜା କମିଟି ତରଫରୁ ଓସାପୂଜା ଛକରେ ଏନେଇ ପୂଜାର୍ଚ୍ଚନା କରାଯାଇ ଏହି କାର୍ଯ୍ୟ କରାଯାଇଥିଲା। ବଜାର କମିଟି ସଭାପତି ଜୈନୁଲ ଖାଁ, ସମ୍ପାଦକ ପ୍ରଦୀପ ସାଥୁଆ, କର୍ତ୍ତା ନବକିଶୋର ଦାସ,ମାୟାଧର ସାହୁ ଓ ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚଣ୍ଡୀବଜାର କମିଟି ତରଫରୁ ମା'କଳାପାଟଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା। ବଜାର କମିଟି ସଭାପତି ପ୍ରକାଶ ଦାସ, ସମ୍ପାଦକ ଧ୍ରୁବଚରଣ ଦାସ, କର୍ତ୍ତା ମାୟାଧର ସାହୁ ଓ ପ୍ରଦୀପ ବର୍ଦ୍ଧନଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ପୂଜକ ମିନୁ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କାମ୍ବୋଡିଆର ହିନ୍ଦୁ ଧର୍ମଗୁରୁଙ୍କ ସାଲେପୁର ଗସ୍ତ



ଧର୍ମଗୁରୁ ଗୁରୁଜୀ କୁମାରନ ସ୍ୱାମୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

ସାଲେପୁର,୬।୯(ଅରବିନ୍ଦ ଭୂୟାଁ)

ବିଦେଶରେ ସନାତନ ଧର୍ମର ପ୍ରଚାର ପ୍ରସାର କରି କାମ୍ବୋଡିଆରେ ପଞ୍ଚମ ଧାମ ସ୍ଥାପନ କରିଥିବା ଗୁରୁଜୀ କୁମାରନ ସ୍ୱାମୀ ବୁଧବାର ସାଲେପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାଲେପୁରରେ ପହଞ୍ଚିବା ପରେ ଗୁରୁଜୀଙ୍କୁ ଶୋଭାଯାତ୍ରାରେ ସାହେଶ୍ୱରୀ ପୀଠକୁ ଅଣାଯାଇଥିଲା। ସେ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ମା'ସାହେଶ୍ୱରୀ ଓ ଚନ୍ଦ୍ରଶେଖର ମହାଦେବଙ୍କୁ ଦର୍ଶନ କରିଥିଲେ। ପରେ ଆୟୋଜିତ ଧର୍ମ ଚର୍ଚ୍ଚାରେ ଗୁରୁଜୀ କହିଥିଲେ, ମହାପ୍ରଭୁ ଜଗନ୍ନାଥ ସମଗ୍ର ବିଶ୍ୱର ଠାକୁର ହୋଇଥିବା ବେଳେ ସନାତନ ଧର୍ମ ବିଶ୍ୱର ଶ୍ରେଷ୍ଠ ଧର୍ମ। ତେଣୁ ସନାତନ ଧର୍ମର ପ୍ରଚାର ପ୍ରସାର ହେଲେ ଭାରତ ସମେତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବ । ଶିଷ୍ୟ ହିମାଂଶୁ ମହାନ୍ତିଙ୍କ ଉଦ୍ୟମରେ ସେ ସାଲେପୁର ଆସିଥିବା କହିଥିଲେ। ଆଗାମୀ ଦିନରେ ଏହି ମାଟିର ବିକାଶ ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଧ୍ରୁବ ଚରଣ ମହାନ୍ତି, ଅଶୋକ ବାଇ, ଦେବାଶିଷ ସ୍ୱାଇଁ, ରାଜୀବ ଷଡ଼ଙ୍ଗୀ, ବିଶ୍ୱଜିତ ଷଡ଼ଙ୍ଗୀ, ସମୀର ଖିଲାର ଓ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନଯୋଗ୍ୟ, ଗତ୨୦୨୨ରେ ରାଜ୍ୟରେ ଅନୁଷ୍ଠିତ ମେକ୍ ଇନ ଓଡିଶା କନକ୍ଲେଭରେ ସ୍ୱାମୀଜୀଙ୍କ ଦ୍ୱାରା ପରିଚାଳିତ କମ୍ପାନୀ ସେମି କଣ୍ଡକ୍ଟର ଉତ୍ପାଦନ ପାଇଁ ଓଡିଶାରେ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିଥିଲା। ଏନେଇ ଓଡ଼ିଶା ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।

# ଜବାବ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

## ଗୋଠପାଟଣା ଶ୍ରବଣବାଧିତ ବିଦ୍ୟାଳୟକୁ ଅନୁଦାନ ବନ୍ଦ ମାମଲା

କଟକ,୬।୯ (କାର୍ତ୍ତିକ ସାହୁ):

ଖୋର୍ଦ୍ଧା ଜିଲାର ଗୋଠପାଟଣାସ୍ଥିତ ଶ୍ରବଣବାଧିତଙ୍କ ନିମିତ୍ତ ଉଦ୍ଦିଷ୍ଟ ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅନୁଦାନ ବନ୍ଦ ମାମଲାରେ ହାଇକୋର୍ଟରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ନେଇଛନ୍ତି। ମଙ୍ଗଳବାର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୮ ତାରିଖ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ଶ୍ରବଣବାଧିତ ବିଦ୍ୟାର୍ଥୀଙ୍କ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ଗୋଠପାଟଣାସ୍ଥିତ ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମରାମତି ଓ ଚାଉଳ କୋଟା ଅନୁଦାନ ବନ୍ଦ ରହିଛି। ଶ୍ରବଣବାଧିତ ପିଲାଙ୍କ ନିମନ୍ତେ ମାନବିକତା ଦୃଷ୍ଟିକୋଣରୁ ଅନୁଦାନ ଯୋଗାଇ ଦିଆଯିବା ସହ ବିଦ୍ୟାଳୟ ପରିଚାଳନା କମିଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଦୀନବନ୍ଧୁ ସାମଲଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଡି. କେ. ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# 'ଗୋକୁଳାନନ୍ଦ ଥିଲେ ମାନବବାଦୀ କବି'



ଶ୍ରାଦ୍ଧ ଦିବସରେ ଗୋକୁଳାନନ୍ଦ ପ୍ରହରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ।

ବାଙ୍କୀ,୬।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ପ୍ରଥମ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ସ୍ୱର୍ଗତ ଗୋକୁଳାନନ୍ଦ ପ୍ରହରାଜଙ୍କ ୧୮ତମ ଶ୍ରାଦ୍ଧ ଦିବସ ବୁଧବାର ନିଜ ଜନ୍ମମାଟି ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଳାଗଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସୁନୀଲ୍ କୁମାର ମିଶ୍ରଙ୍କ ପରିଚାଳନା କରିଥିଲେ। ସଭାରେ ବିନୋଦ ବିହାରୀ ରାଉତ, ହୃଦାନନ୍ଦ ପ୍ରହରାଜ, ଅଯୋଧ୍ୟା ପରିଡ଼ା, ସନ୍ତୋଷ କୁମାର ପଣ୍ଡା, ସୁରେଶ୍ୱର ବେହେରା, ରଞ୍ଜିତ ସେଠ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରହରାଜଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ସେ ଜଣେ ମାନବବାଦୀ କବି ଥିଲେ ବୋଲି ସେମାନେ କହିଥିଲେ। ଶେଷରେ ସ୍ୱର୍ଗତ ଗୋକୁଳାନନ୍ଦଙ୍କ ପୁତ୍ର ହୃଦାନନ୍ଦ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତାଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ପ୍ରହରାଜଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି।

# ଅଢ଼େଇ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଜଣେ ଗିରଫ

କଟକ ସଦର,୬।୯(ସୁଶାନ୍ତ ଜେନା)

ହରିୟାନାର ଜଣେ ବ୍ୟକ୍ତିଙ୍କୁ ଟ୍ରାକ୍ଟର ବିକ୍ରିର ପ୍ରଲୋଭନ ଦେଖାଇ ଅଢ଼େଇ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ବୁଧବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ଦଣ୍ଡୁଆସିପଡ଼ା ଗ୍ରାମର ସୁଶୀଳ ଜେନା(୩୫)। ପୋଲିସ ସୂତ୍ରରୁ ପ୍ରକାଶ, ୨ ବର୍ଷ ତଳେ ସୁଶୀଳଙ୍କ ସହ ହରିୟାନା ହିସାର ଜିଲା ଭାନା ଅଞ୍ଚଳର ରମେଶ ଚନ୍ଦେରଙ୍କ ପରିଚୟ ହୋଇଥିଲା। ଓଡ଼ିଶାରୁ ଶସ୍ତାରେ ନୂଆ ଟ୍ରାକ୍ଟର କିଣାଇ ଦେବା ପ୍ରଲୋଭନ ଦେଖାଇ ସୁଶୀଳଙ୍କଠାରୁ ବିଭିନ୍ନ ସମୟରେ କିସ୍ତି ଆକାରରେ ଅଢେଇ ଲକ୍ଷ ଟଙ୍କା ନେଇଥିଲେ। ପରେ ଆଉ ସୁଶୀଳ ଧରାଛୁଆଁ ଦେଇ ନ ଥିଲେ। ଗତ ୨ ତାରିଖରେ ରମେଶ କନ୍ଦରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୬୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ନିଶ୍ଚିନ୍ତକୋଇଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।



ଜନ୍ମାଷ୍ଟମୀ ଅବସରରେ କଟକ ଚୌଧୁରୀ ବଜାରସ୍ଥିତ ଗୋପାଳଜୀଉ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।



ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ ଶିଶୁମାନଙ୍କ ରାଧାକୃଷ୍ଣ ବେଶ ।



କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### 'ଉଚିତ ମାର୍ଗଦର୍ଶନ କରନ୍ତି ଗୁରୁ'

ଖୋର୍ଦ୍ଧା,୬।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୋଡ଼ିପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ଭୀମସେନ ପ୍ରଧାନ, ବୃନ୍ଦାବନ ପଣ୍ଡା, ପ୍ରସନ୍ନ କୁମାର ସାହୁ, ବିଭୂତି ଭୂଷଣ ମହାପାତ୍ର, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପ୍ରାଧ୍ୟାପିକା କବିତାରାଣୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆଲୋକର ବାଟ ଦେଖାନ୍ତି ସେ ଗୁରୁ। ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରା ବହୁ ପ୍ରାଚୀନ। ପିଲାଙ୍କୁ ଉଚିତ ମାର୍ଗଦର୍ଶନ ସହ ସେମାନଙ୍କ ଜୀବନକୁ ମାର୍ଜିତ ଓ ଶୃଙ୍ଖଳିତ କରିଥାନ୍ତି। ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିବସକୁ ଗୁରୁଦିବସ ଭାବେ ପାଳନ କରାଯାଏ। ଶିକ୍ଷା ପ୍ରତି ତାଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଉଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀ ଏବଂ କୁମାରମାନେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବନ୍ଦନା କରିଥିଲେ। ବ୍ରହ୍ମାକୁମାରୀ ଲିପ୍ସା, କନକ ଏବଂ ବ୍ରହ୍ମାକୁମାର ଜୟକୃଷ୍ଣଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଟଣୀରେ ଜନ୍ମାଷ୍ଟମୀ ପାଳିତ

ଜଟଣୀ,୬।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ସହର ଓ ଆଖପାଖ ଅଞ୍ଚଳରେ ଜନ୍ମାଷ୍ଟମୀ ପାଳିତ ଉତ୍ସବ ହୋଇଯାଇଛି। ଟ୍ରାଫିକ କଲୋନୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ପୂଜାପାଉଥିବା ରାଧା ଗୋବିନ୍ଦ, ମା'ଡମଣେଇ ମନ୍ଦିର ପରିସରରେ ପୂଜିତ ବିଷ୍ଣୁ ମନ୍ଦିର, ବାଛରପାଟଣାସ୍ଥିତ ରାଧାମୋହନ ମନ୍ଦିର, ରାମଚନ୍ଦ୍ରପୁରସ୍ଥ ଗୋପୀନାଥ ଦେବଙ୍କ ମନ୍ଦିର, ଆନ୍ଧ୍ରା ବ୍ୟାଙ୍କସ୍ଥିତ ମହାବୀର ମନ୍ଦିର, ପାତ୍ରପଡାସ୍ଥିତ ମଦନମୋହନ ମନ୍ଦିର, ରଥିପୁର ସାକ୍ଷୀ ଗୋପୀନାଥ ମନ୍ଦିର ସହିତ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଭଜନ ହୋଇଥିଲା। ଜଟଣୀ ଶ୍ରୀହରି ବିହାରସ୍ଥିତ ଅଭିରାମ ପରମହଂସ ସାଧୁସନ୍ଥଙ୍କ ଦ୍ୱାରା ପ୍ରଭୁକୃପା କୁଟୀର ପରିସରରେ ଶ୍ରୀକୃଷ୍ଣ ଜନ୍ମ ଉପରେ ଆଧାରିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଜଟଣୀ ପାତ୍ରପଡାସ୍ଥିତ ଶ୍ରୀ ମଦନମୋହନ ମନ୍ଦିର କମିଟି ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ରାମଚନ୍ଦ୍ରପୁରସ୍ଥ ଶ୍ରୀବସନ୍ତ ପାଠାଗାର ପରିସରରେ ଜଟଣୀ ନାଗରିକ କମିଟି ସଭାପତି ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ଦହି ହାଣ୍ଡି ଭଙ୍ଗା ସହିତ ଦାଣ୍ଡିଆ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ୧୩ତମ ଜଙ୍କିଆ ପଲ୍ଲୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ନିରାକାରପୁର, ୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ପଞ୍ଚାୟତର ବାଲିଗାଡ଼ିଆସ୍ଥିତ ବାସନ୍ତୀ କ୍ଲବ୍ ପଡିଆରେ ଓଁ ଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ୧୩ତମ ଜଙ୍କିଆ ପଲ୍ଲୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଗଣେଶ ପୂଜା ସହିତ ମିନାବଜାର ଏବଂ ରାଜ୍ୟ ତଥା ରାଜ୍ୟ ବାହାରୁ ଯୋଗଦେବାକୁ ଥିବା କଳାକାରଙ୍କୁ ନେଇ ଏକ ସପ୍ତାହ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ବିଶ୍ୱଭୂଷଣ ଛୋଟରାୟ, ଅକ୍ଷୟ ଉଦୟସିଂହ, ସୁରେନ୍ଦ୍ରନାଥ ଜେନା, ଅରୁଣ ଶ୍ରୀଚନ୍ଦନ, ଈଶ୍ୱର ମାର୍ଥା, ଅନନ୍ତ ଛୋଟରାୟ, କେଦାରଶ୍ୱର ବଳବନ୍ତରାୟ, କମଳେଶ ମହାରଣାଙ୍କ ସମେତ ଅନ୍ୟ କମିଟିର ସଦସ୍ୟମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।

# ଏନ୍‌ଜିଟି ନିର୍ଦ୍ଦେଶ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

## ଖୋର୍ଦ୍ଧାରେ ବଢୁଛି ଲଘୁ ଖଣିଜ ଚାଲାଣ

ଖୋର୍ଦ୍ଧା,୬।୯ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାର ନିଜିଗଡ଼ ତାପଙ୍ଗ ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ପଥର ଖଣି କାରବାର ଚାଲିଛି। ଦୈନିକ ଶହ ଶହ ଟ୍ରକରେ ମାଙ୍କଡା ପଥର ଚୋରା ଚାଲାଣ ହେଉଛି। ପଥର ଖଣି ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଉପରେ ମଧ୍ୟ ଚାଲାଣକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ବର୍ଷ ଶେଷ ଆଡ଼କୁ ରାଜସ୍ୱ ଆଦାୟ ରେକର୍ଡ ହାସଲ ଲାଗି ଲୋକଦେଖାଣିଆ ଭାବେ କିଛି ମାସ ଜରିମାନା ଆଦାୟ କରାଯାଉଛି, ହେଲେ ଅନ୍ୟ ସମୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ୧୬ନମ୍ବର ଜାତୀୟ ରାଜପଥ ଦେଇ ପଥର ଚୋରା ଚାଲାଣ ଚାଲିଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ପ୍ରଶାସନ ଓ ପୋଲିସ ବିଭାଗର କେତେଜଣ ଅଧିକାରୀ ମୋଟା ଅଙ୍କ ନେଇ ଏହି ଚୋରା ଚାଲାଣକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି। ଜିଲା ପ୍ରଶାସନର ଅବହେଳାରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଖୋର୍ଦ୍ଧା ଜିଲାରେ ବେଆଇନ ପଥର ଖନନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ପୂର୍ବରୁ କ୍ଷୋଭ ପ୍ରକାଶ କରିଥିଲେ। ଜିଲାରେ କେତେ ପଥର ଚୋରି ହେଉଛି, ପରିବେଶ କ୍ଷତିଭରଣା ପାଇଁ କେତେ ଟଙ୍କା ଜରିମାନା କରାଯାଉଛି ଏବଂ ବେଆଇନ ଖଣି ଖନନକାରୀଙ୍କଠାରୁ କେତେ ଅର୍ଥ ଆଦାୟ କରାଯାଉଛି ସେ ନେଇ ଏକ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟପାଠରେ ବେଆଇନ ଖଣି ଖନନକାରୀଙ୍କ ନାମ, ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି, ପଥର ବୋହୁଥିବା ଟ୍ରକ ମାଲିକ, ବେଆଇନ ପଥର ଚୋରା ଚାଲାଣକାରୀଙ୍କ ଦ୍ୱାରା ରାଜ୍ୟ ରାଜକୋଷକୁ ହୋଇଥିବା କ୍ଷତି, ପରିବେଶ କ୍ଷତିଭରଣା ପାଇଁ ଆଦାୟ ହୋଇଥିବା ଅର୍ଥ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଜଣାଇବାକୁ ଏନ୍‌ଜିଟି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଆଇନ ପଥର ଖନନ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ଖୋର୍ଦ୍ଧା ଜିଲାରେ ବେଆଇନ ପଥର ଚାଲାଣ ଯୋଗୁ ପରିବେଶଜନିତ କ୍ଷତି ଯାଞ୍ଚ ଲାଗି ଏନ୍‌ଜିଟି ଏକ ୪ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଟିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ମାଜିଷ୍ଟ୍ରେଟ, ଏସ୍‌ଇଆଇଏଏ ମେମ୍ବର ସେକ୍ରେଟାରି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ ସଦସ୍ୟ ରହିଛନ୍ତି। ପଥର ଖୋଳିବା ବେଳେ ଖଣିର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁରର (ଏସ୍‌ଓପି) ଏବଂ ଅନ୍ୟାନ୍ୟ ପରିବେଶ ଆଇନକୁ ଅନୁସରଣ କରାଯାଉ ନ ଥିବା ନେଇ ପୂର୍ବରୁ ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। ନିଜିଗଡ଼ ତାପଙ୍ଗର ତାପଙ୍ଗ, ଅଣ୍ଡା, ଝିଙ୍କିଝାରୀ ଗ୍ରାମର୪୦ଟି ସ୍ଥାନରେ ୫ଶହ ଏକର ଜମିରେ ଏଭଳି ବେଆଇନ ଖଣି ଖନନ ହେଉଥିବା ନେଇ ଅଭିଯୋଗ ହୋଇଛି। ସେହି ସବୁ ଅଞ୍ଚଳରେ କାଜୁ ବଗିଚା, ଗ୍ରାମ୍ୟ ଜଙ୍ଗଲ ଏବଂ ଗୋଚର ଜମି ରହିଛି। ଖଣି ଖନନ ପାଇଁ କୌଣସି ଅନୁମତି କିମ୍ବା ପରିବେଶ ଅନୁମତି ନ ଥାଇ ବହୁ ସଂଖ୍ୟାରେ ଗଛ କଟାଯାଇଛି। ୧୬.୧୨.୨୦୧୮ରେ ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ ଟ୍ରିବ୍ୟୁନାଲ ୪.୨.୨୦୧୯ରେ ଖୋର୍ଦ୍ଧା ଜିଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ, ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରି ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୦ ଅକ୍ଟୋବରରେ ପ୍ରଶାସନ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟକୁ ଏନ୍‌ଜିଟି କମିଟି ଅଗ୍ରାହ୍ୟ କରିବା ସହ ପୁଣି ଥରେ ସତ୍ୟପାଠ ଦାଖଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ଉପଜିଲାପାଳ ୨୦୨୦ ଅକ୍ଟୋବରରେ ଦାଖଲ କରିଥିବା ରିପୋର୍ଟକୁ ଟ୍ରିବ୍ୟୁନାଲ ଖାରଜ କରିବା ସହ ଆଦାୟ ହୋଇଥିବା ଜରିମାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜରିମାନା କେବଳ ଚାଲାଣକାରୀ ଡ୍ରାଇଭର ନୁହେଁ ବରଂ ବେଆଇନ ଖନନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୦ ଡିସେମ୍ବର ୨ରେ ଖୋର୍ଦ୍ଧା ଉପଜିଲାପାଳ ଦାଖଲ କରିଥିବା ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇ ନ ଥିବାରୁ ଟ୍ରିବ୍ୟୁନାଲ ଅସନ୍ତୁଷ୍ଟ ହୋଇଥିଲେ। ତେବେ ଏନ୍‌ଜିଟିରେ ଏହି ମାମଲା ଚାଲିଥିବା ବେଳେ ଇତିମଧ୍ୟରେ ୩ବର୍ଷ ମଧ୍ୟରେ ୨୬ଟି ଖଣିରୁ ୫୯ଟିରୁ ଚୋରା ଚାଲାଣ ଚାଲିଥିବା ଏନ୍‌ଜିଟିର ଦୃଷ୍ଟିଗୋଚର ହୋଇଛି। ୨୦୨୧ ଅକ୍ଟୋବର ୮ରେ ଟ୍ରିବ୍ୟୁନାଲରେ ଖୋର୍ଦ୍ଧା ତହସିଲଦାର ଦାଖଲ କରିଥିବା ସତ୍ୟପାଠରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୂଚନା ଦେଇପାରି ନ ଥିଲେ। ୨୦୨୧ ଡିସେମ୍ବର ୩ରେ ଜିଲାପାଳ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ପୁନରୁଦ୍ଧାର ଯୋଜନାରେ ୧୧ କୋଟି ୭୫ଲକ୍ଷ ଟଙ୍କା ଆକଳନ କରାଯାଇଛି। ସେହି ମାସ ଡିସେମ୍ବର ୨୩ରେ ଆବେଦନକାରୀ ପୁଣି ଏକ ସତ୍ୟପାଠ ଦାଖଲ କରିଥିଲେ ଯେ, ବିନା ପରିବେଶ ମଞ୍ଜୁରୀ ଏବଂ ଅନୁମତିରେ ବେଧଡକ ଭାବେ ପଥର ଖଣି ଚାଲିଛି। ତଥାପି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଖଣିର ପୁନରୁଦ୍ଧାର ପାଇଁ ୧୨ କୋଟି ଆକଳନ କରାଯାଇଥିବା ବେଳେ ବେଆଇନ ଖଣି ଖନନ କୋଟି କୋଟି ଟଙ୍କା ହୋଇପାରେ। ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଅଧିନିୟମ ୧୯୫୭ ଅନୁଯାୟୀ ଖଣିଜ ପଦାର୍ଥକୁ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ। ପରିବେଶ କ୍ଷତି ପାଇଁ କ୍ଷତିପୂରଣ ବ୍ୟତୀତ ନିୟମ ଉଲ୍ଲଂଘନକାରୀଙ୍କ ଆର୍ଥିକ କ୍ଷମତାକୁ ଦୃଷ୍ଟିରେ ରଖି ଜରିମାନା ଆଦାୟ କରାଯିବ।

### ୮ ମୋବାଇଲ ଜବତ,୩ ଗିରଫ



ଜଟଣୀ,୬।୯(ରବୀନ୍ଦ୍ର ନାଥ ମହାକୁଡ଼)

ମୋବାଇଲ ଫୋନ ଓ ଟଙ୍କା ଲୁଟ୍‌ ଘଟଣାରେ ଜଟଣୀ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ କୁସୁମାଟି ମଣ୍ଡପସାହ ଅଞ୍ଚଳର ରକୁ ଓରଫ ରାକେଶ କୁମାର ପରିଡା(୨୪), କୁସୁମାଟି ମଝିସାହିର ପିଟେଇ ଓରଫ ପ୍ରତାପ ସାହୁ(୨୫) ଏବଂ ପଦନପୁର ଭୋଇସାହିର ଟୁକୁ ଓରଫ ସୁଶାନ୍ତ ନାୟକ(୨୩)। ଏମାନଙ୍କ ନିକଟରୁ ୮ଟି ମୋବାଇଲ, ଗୋଟିଏ ବାଇକ୍, ଆଧାରକାର୍ଡ, ଆୟ ପ୍ରମାଣପତ୍ର, ବିଭିନ୍ନ ଜରୁରୀ କାଗଜ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୩୨୫/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୩ ତାରିଖରେ ଅଭିଯୋଗକାରିଣୀ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ନୂଆଗାଁ ଛକଠାରେ ଉପରୋକ୍ତ ଅଭିଯୁକ୍ତମାନେ ଏକ ନମ୍ବର ବିହୀନ ବାଇକରେ ଆସି ତାଙ୍କ ବ୍ୟାଗ ଏବଂ ସେଥିରେ ଥିବା ଜରୁରୀ କାଗଜପତ୍ର, ମୋବାଇଲ ଏବଂ ୧ହଜାର ଟଙ୍କା ନେଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ବୁଧବାର ଅଭିଯୁକ୍ତମାନଙ୍କୁ ଧରିଥିଲା।



ଖୋର୍ଦ୍ଧା: ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ 'ମୁଁ ବି ମିତା' କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## 'ମୁଁ ବି ମିତା' ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଛି। ରାଜ୍ୟ ନିର୍ବାଚନ କମିଶନର ଭୋଟର ସଂଶୋଧନ, ପଞ୍ଜୀକରଣ ଏବଂ ଯୁବ ଭୋଟରଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଭୋଟର ସଚେତନତା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ 'ମୁଁ ବି ମିତା' କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଛାତ୍ରୀଛାତ୍ରମାନେ ନିଜେ ନିଜର ଭୋଟର ତାଲିକାରେ ନାମ ପଞ୍ଜୀକରଣ ସହ ଅନ୍ୟମାନଙ୍କୁ ସଚେତନ କରିବେ। ଏନେଇ ପ୍ରୋଜେକ୍ଟର ମାଧ୍ୟମରେ ସଚେତନ କରାଯାଇଛି। ମୁଖ୍ୟତଃ ଭୋଟର ତାଲିକା ସଂଶୋଧନ, ଠିକ୍ ବୟସ ଭୋଟରଙ୍କ ଯୋଗ କରିବା, ଏକାଧିକ ସ୍ଥାନରେ ରହିଥିବା ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେଇ ଗୋଟିଏ ଅଞ୍ଚଳରେ ରଖିବା, ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା, ସ୍ଥାନାନ୍ତର ଭୋଟରଙ୍କୁ ଗୁରୁତ୍ୱ ଦେବା, ଜାନୁୟାରୀ ପହିଲା ସୁଦ୍ଧା ୧୮ବର୍ଷରୁ ଊର୍ଦ୍ଧ୍ୱ ଯୁବତୀ ଯୁବକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣରେ ସହଯୋଗ କରିବା ନେଇ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ବିସ୍ତୃତଭାବେ ସ୍ୱେଚ୍ଛାସେବୀ(ମିତା ଦିଦି)ମାନଙ୍କୁ ସଚେତନ କରିଥିଲେ। ସେମାନେ କିପରି କାମ କରିବେ, ସେ ସମ୍ପର୍କରେ ବୁଝାଇଥିଲେ। କଲେଜ ଅଧ୍ୟକ୍ଷା ଅଜନ୍ତା ଶତପଥୀଙ୍କ ସମେତ କଲେଜର ଏକାଧିକ ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ।

# ଜନ୍ମାଷ୍ଟମୀ ପାଳିଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମଠାରୁ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶ ଧାରଣ କରି ବିଦ୍ୟାଳୟରେ ପହଞ୍ଚିଥିଲେ। ଗୁରୁମା,ଗୁରୁଜୀମାନେ ରାଧାକୃଷ୍ଣଙ୍କ ବନ୍ଦପନା କରିଥିଲେ। ପରେ ରାଧାକୃଷ୍ଣ ବେଶଧାରୀ ନୃତ୍ୟ ପରିବେଷଣ କରିଥିଲେ। ନନ୍ଦ ରାଜା, ଯମୁନା ରାସ, ରାଧାକୃଷ୍ଣଙ୍କ ଯୁଗଳବନ୍ଦୀ ଆକର୍ଷଣୀୟ ରହିଥିଲା। ଶତାଧିକ ଛାତ୍ରୀଛାତ୍ର ରାଧାକୃଷ୍ଣଙ୍କ ବେଶ ଧାରଣ କରିଥିବା ବେଳେ ବିଦ୍ୟାଳୟ ପରିସର ଶ୍ରୀକୃଷ୍ଣମୟ ପାଲଟିଯାଇଥିଲା। ଶ୍ରୀକୃଷ୍ଣଙ୍କ ଜୟଘୋଷରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପରେ ଛାତ୍ରୀଛାତ୍ରମାନେ କୃଷ୍ଣ ସୁଦାମାଙ୍କ ନାଟକ ପରିବେଷଣ କରିଥିଲେ। ଶ୍ରୀକୃଷ୍ଣ ଏବଂ ସୁଦାମଙ୍କ ବନ୍ଧୁତ୍ୱର ବାର୍ତ୍ତା ଦେଇଥିଲେ। ସେହିପରି ପଲ୍ଲାହାଟ ଏବଂ ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। କୁନିକୁନି ପିଲାମାନେ ରାଧାକୃଷ୍ଣ ବେଶ ଧାରଣକରି ବିଦ୍ୟାଳୟରେ ପହଞ୍ଚିଥିଲେ। ବନ୍ଦାପନା ସହ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିଲା। କୁନିକୁନି ରାଧାକୃଷ୍ଣ ଆକର୍ଷଣ ପାଲଟିଥିଲେ।

## ରାଧାକୃଷ୍ଣ ବେଶରେ ସଜେଇ ହେଲେ

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଧୀନ ହରିପୁର ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଏବଂ ପୌରାଞ୍ଚଳ ନିକଟ ହରିରାଜପୁରସ୍ଥିତ ବିକାଶ ପରିଷଦ ଶିଶୁ ମନ୍ଦିରଠାରେ କିଶୋର କୁମାର ସୁବୁଦ୍ଧିଙ୍କ ସଂଯୋଜନାରେ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୌତୁକ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଯୁବନାଟ୍ୟକାର ଓ ନିର୍ଦ୍ଦେଶକ ନବୀନ କୁମାର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ସରୋଜ ବଳିୟାରସିଂ, ଯୁବ କଳାକାର ମଙ୍ଗଳା ଚରଣ ଧଳ ବିଚାରକଭାବେ ଯୋଗଦେଇ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ହରିପୁର ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣଙ୍କ ବେଶରେ ବିଦ୍ୟାଳୟରେ ପ୍ରତିଯୋଗିତାରେ ଭାଗନେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ସସ୍ମିତା ଜେନାଙ୍କ ନେତୃତ୍ୱରେ ସମ୍ପାଦନ ହୋଇଥିବା ବେଳେ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

**ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ୧୬୦ ଜଣ ଛାତ୍ରୀଛାତ୍ର କୃଷ୍ଣ,ବଳରାମ ଓ ରାଧା ବେଶରେ ସ୍କୁଲରେ ପହଞ୍ଚିବା ପରେ ସ୍ଥାନୀୟ ରାମ ମନ୍ଦିରକୁ ଆସି ପୂଜାର୍ଚ୍ଚନ କରିଥିଲେ। ବିଦ୍ୟାଳୟକୁ ଫେରିବା ପରେ ଭାଗବତ ପଠନ ଓ ଶ୍ରୀକୃଷ୍ଣଙ୍କୁ ଆଳତି କରାଯାଇଥିଲା। ବିଦ୍ୟାଳୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ପ୍ରାଣେଶ୍ୱର ଜୟସିଂହ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଉପସ୍ଥିତ ଥିଲେ। ଗୁରୁଜୀ, ଗୁରୁମା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କୃଷ୍ଣପ୍ରସାଦ, (କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶହେରୁ ଅଧିକ ଛାତ୍ରୀଛାତ୍ର କୃଷ୍ଣ, ବଳରାମ, ରାଧା ଓ ସୁଦାମା ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିଲେ। ଶିଶୁ ମନ୍ଦିର ପରିଚାଳନା ସମିତି ସଭାନେତ୍ରୀ ବବିତା ସିଂହ, ଉପସଭାପତି ବିଜୟ ସ୍ୱାଇଁ, ସମ୍ପାଦକ ଖୁକୁନୁ ଦଣ୍ଡସେଣା ଜନ୍ମାଷ୍ଟମୀର ପୌରାଣିକ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ରାଜ କିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁସଜ୍ଜିତ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ନିଆଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗ୍ରାମ ଏବଂ ବଜାର ପରିକ୍ରମା କରିଥିଲେ। ଚଞ୍ଚଳା, ଅଞ୍ଜଳି, ନିରୂପମା ଗୁରୁମାଙ୍କ ସମେତ ସୁକାନ୍ତ, ପ୍ରତାପ ଗୁରୁଜୀ ଏବଂ ପ୍ରଦୀପ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମା'ସରସତୀ ଶିଶୁ ବିଦ୍ୟା ମନ୍ଦିର ବଜ୍ରକୋଟ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ପଦନପୁର ପଞ୍ଚାୟତ ପ୍ରଦୂଷଣମୁକ୍ତ ହେଉ

### ରାଜ୍ୟ ପ୍ରଦୂଷଣ ବୋର୍ଡରେ ଅଭିଯୋଗ

ଜଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)



ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ପଦନପୁର ପଞ୍ଚାୟତକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସରପଞ୍ଚ ଅହଲ୍ୟା ନାୟକ ରାଜ୍ୟ ପ୍ରଦୂଷଣ ବୋର୍ଡରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତ ଅଧୀନ ପଦନପୁର ଗ୍ରାମ ନିକଟରେ ଏକ ମିକ୍ସଚର ଶିଳ୍ପାନୁଷ୍ଠାନ ରହିଛି। ଫଳରେ ଏଠାକାର ପରିବେଶ ପ୍ରଦୂଷିତ ହେବା ସହ ଏହି ଶିଳ୍ପରୁ ବାହାରୁଥିବା ମଇଳା ପାଣି ସ୍ଥାନୀୟ ଗ୍ରାମରେ ଜମି ରହୁଛି। ଦୁର୍ଗନ୍ଧ ହେବା ସହ ମଶାମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସ୍ଥାନୀୟ ଲୋକେ ଡେଙ୍ଗୁ ରୋଗରେ ସଂକ୍ରମଣ ହେବା ନେଇ ଆଶଙ୍କା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଗତ ଏପ୍ରିଲ ୧୧ରେ ସରପଞ୍ଚ ନାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ସରପଞ୍ଚ ନାୟକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଶିଳ୍ପ ମାଲିକଙ୍କୁ ସମସ୍ୟାର ସମାଧାନ ପାଇଁ କହିଥିଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ପଞ୍ଚାୟତ ସହ ସ୍ଥାନୀୟ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ ପାଇଁ ସରପଞ୍ଚ ନାୟକ ରାଜ୍ୟ ପ୍ରଦୂଷଣ ବୋର୍ଡରେ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।



ଜନ୍ମାଷ୍ଟମୀ ଅବସରରେ ନିରାକାରପୁରସ୍ଥିତ ଏକ ସ୍କୁଲର ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।



ଜଟଣୀ: ରାମଚନ୍ଦ୍ରପୁର ବଜାରସ୍ଥିତ ଶ୍ରୀବସନ୍ତ ପାଠାଗାର ପରିସରରେ ଅନୁଷ୍ଠିତ ଦହିହାଣ୍ଡି ଭଙ୍ଗାଯାଉଛି।



ଖୋର୍ଦ୍ଧା ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

**ନିମାପଡ଼ା,୬।୯(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ଥାନା ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ତାଙ୍କ ଗ୍ରାମର ଜଣେ ୨୪ ବର୍ଷୀୟ ଯୁବକ ମୋବାଇଲରେ ଅଶ୍ଳୀଳ ମେସେଜ୍ ଦେବା, ତାଙ୍କ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେବା, ଅଯଥାରେ ବଦନାମ କରିବାକୁ ଉଦ୍ୟମ ଚଳାଇଥିବା ସମ୍ପର୍କରେ ଯୁବତୀ ଜଣଙ୍କ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଯୁବକଙ୍କ ବିରୋଧରେ ଦଫା ୩୪୧, ୨୯୪, ୪୪୮, ୩୫୪(ଏ), ୩୫୪(ଡି), ୫୦୬, ୩୨୩ରେ ୩୧୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏପରିକି ଯୁବତୀଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଯୁବକ ଜୋରଜବରଦସ୍ତ ତାଙ୍କ ଘରେ ପଶି ଅସଦାଚରଣ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ପୂର୍ବରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଯୁବତୀଙ୍କୁ ବ୍ଲାକମେଲ କରି ଧମକଚମକ ଦେଇ ବାରମ୍ବାର ହଇରାଣ ହରକତ କରୁଥିବା ଯୁବତୀ ଅଭିଯୋଗରେ ଲେଖିଛନ୍ତି।

### ସଚେତନତା କାର୍ଯ୍ୟକ୍ରମ

**କଣାସ,୬।୯(ବିଭୂତି ଭୂଷଣ ତ୍ରିପାଠୀ):** ପରିବେଶ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀ, ଅଭିଭାବକ, ନାଗରିକଙ୍କ ଗୁରୁ ଦାୟିତ୍ୱ ରହିଛି। ଏହି ଦାୟିତ୍ୱ ସମ୍ପର୍କରେ ସଚେତନ କରିବାକୁ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କାଦୁଆ ଗ୍ରାମପଞ୍ଚାୟତ ଓ ବଡ଼ାଲ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଥିଲା। ରକ୍ଷାବନ୍ଧନ ଅବସରରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଗଛରେ ରାଖୀ ବନ୍ଧାଯାଇଥିଲା। ଗତ ବୁଧବାର ବଡ଼ଓରା ଗ୍ରାମରେ ସଚେତନତା ରାଲି ସହିତ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ଆୟୋଜକ ଶିକ୍ଷାବିତ୍ ଦିଲୀପ ଶ୍ରୀଚନ୍ଦନ ଏହାକୁ ପରିଚାଳନା କରିଥିଲେ। ପଦଯାତ୍ରା, ଚାରାରୋପଣ, କୁଇଜ୍, ତର୍କ ପ୍ରତିଯୋଗିତା କରାଯାଇଥିଲା।

### ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

**ପୁରୀ, ୬।୯(ଅଜିତ ମହାନ୍ତି):** ସରକାରୀ କ୍ୱାର୍ଟର୍ସ ଛାଡୁ ନ ଥିବାରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାମାଜିକ କର୍ମୀ ଦିଲୀପ ବରାଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପିପିଲି ବ୍ଲକ୍ କମାକନ୍ତିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ୧୯୯୫ ମସିହାରେ ଏସ୍. ନାୟକ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରିବା ସହ ସରକାରୀ ବାସଭବନରେ ରହୁଥିଲେ। ମାତ୍ର ୨୦୨୨ରେ ସେ ପଦୋନ୍ନତି ପାଇ ଅନ୍ୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଯାଇଛନ୍ତି। ମାତ୍ର ସେ ସରକାରୀ ବାସଭବନ ଛାଡ଼ିନାହାନ୍ତି। ଏନେଇ ଅଭିଯୋଗ ହେବା ପରେ ଦରମା ବନ୍ଦ ସହ ବାସଭବନ ଖାଲି କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ଘରକୁ ସେ ଖାଲି କରୁନାହାନ୍ତି। ଅନ୍ୟପକ୍ଷରେ ଏ ନେଇ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ

## ୨ ବୋମା, ୨ ଖଣ୍ଡା, ଛୁରି, ଲଙ୍କାଗୁଣ୍ଡ ଜବତ

**ପୁରୀ, ୬।୯(ଅଜିତ ମହାନ୍ତି)**

ପୁରୀରେ ଆପରାଧିକ କାର୍ଯ୍ୟକଳାପ ବଢୁଥିବା ବେଳେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଏସ୍‌ପି କନୱର ବିଶାଲ ସିଂହଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ଡକାୟତି ଯୋଜନା କରୁଥିବା ୫ଜଣଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରିଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁର୍ବୃତ୍ତମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଗୋଖା ସାହିର ଦିୱାନା ବେହେରା, ମହାବୀର ବେହେରା, ସୁବାସ ବେହେରା, ରାକେଶ ବେହେରା ଏବଂ ମଶାଣିଚଣ୍ଡୀ ଛକ ଅଞ୍ଚଳର ମନୋଜ କୁମାର ବାରିକ୍। ଏମାନଙ୍କଠାରୁ ୨ଟି



ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଉଛନ୍ତି।

ବୋମା, ୨ଟି ଖଣ୍ଡା, ୨ଟି ଲୁହାରଡ, ଗୋଟିଏ ଛୁରି, ୫ଟି ଖାଲି ବିୟର ବୋତଲ, ଗୋଟିଏ ଟର୍ଚ୍ଚ ଲାଇଟ, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ.୧୯୭/୨୩) ରୁଜୁ ହୋଇଛି। ବାସେଳି ସାହି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏହି ସୂଚନା ଦେଇଛନ୍ତି।

ଡିଏସ୍‌ପି ସାହୁ କହିଛନ୍ତି, ବାସେଳିସାହି ଥାନା ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ମଙ୍ଗଳାଘାଟ ନିକଟସ୍ଥ ନିର୍ମାଣାଧୀନ କଲ୍ୟାଣ ମଣ୍ଡପରେ ୫ଜଣ ଦୁର୍ବୃତ୍ତ ବସି ପର୍ଯ୍ୟଟକମାନଙ୍କଠାରୁ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବା ସହିତ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା। ଏମାନଙ୍କ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଉକ୍ତ ଖବରଦାତା ସମ୍ମିଳନୀରେ ବାସେଳିସାହି ଥାନା ଅଧିକାରୀ ମାନସ ବାରିକ୍ ଓ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଉପସ୍ଥିତ ଥିଲେ।



ପୁରୀ ବେଳାଭୂମିରେ ବୁଧବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।


ଜନ୍ମାଷ୍ଟମୀ ଅବସରରେ ବୁଧବାର ପୁରୀ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରାଧାକୃଷ୍ଣ ବେଶଧାରୀ ଶିଶୁଙ୍କୁ ମା'ମାନେ ପୂଜା କରୁଛନ୍ତି।

# ଶ୍ରୀକ୍ଷେତ୍ରରେ ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**ପୁରୀ,୬।୯( ଅଜିତ୍ ମହାନ୍ତି)**

ପୁରୀ ସହରର ବିଭିନ୍ନ ଅନୁଷ୍ଠାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହିକ୍ରମରେ ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ପୁରୋହିତ ତଥା ସାହିତ୍ୟିକ ଡ.ସିଦ୍ଧେଶ୍ୱର ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ବିକାଶ ଦତ୍ତ ଯୋଗଦେଇ ଭାଗବତ ପାଠ ଓ ପୂଜାର୍ଚ୍ଚନା କରିବା ସହ ଶ୍ରୀକୃଷ୍ଣ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟରେ ୫୦ ଛାତ୍ରୀଛାତ୍ର ରାଧା ଏବଂ କୃଷ୍ଣ ବେଶରେ ସୁସଜ୍ଜିତ ଦୋଳିରେ ଝୁଲିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ଧନେଶ୍ୱର ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ। ସେହିପରି ମଧୁବନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଦୁଇଟି ପର୍ଯ୍ୟାୟରେ ଉତ୍ସବ ପାଳିତ ହୋଇଥିଲା। ପ୍ରାରମ୍ଭରୁ ଦ୍ୱିତୀୟ ଶ୍ରେଣୀଙ୍କୁ ନେଇ ବାଟିକା ବିଭାଗରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଝାଞ୍ଜପିଟା ମଠ ପ୍ରବଚକ ସୁଶାନ୍ତ କୁମାର ନାୟକ, ବିଦ୍ୟାଳୟ ସହ ସମ୍ପାଦକ ଦିପ୍ତୀ ମିଶ୍ର, କୋଷାଧ୍ୟକ୍ଷ ଦେବେନ୍ଦ୍ର ବିଶୋଇ, ସମ୍ପାଦିକା ସାଗରିକା ରଥ, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଯୋଗଦେଇଥିଲେ। ସେହିପରି ତୃତୀୟରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ମୁଖ୍ୟ ବିଦ୍ୟାଳୟ ପଟେ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରୀପାଦ ସନାତନ ପ୍ରଭୁଜୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଦୟାଲ ପ୍ରଭୁଜୀ, ବିଦ୍ୟାଳୟର ସମ୍ପାଦକ ପୁରୁଷୋତ୍ତମ ନାୟକ, ବରିଷ୍ଠ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ନଗର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଭାଜପାର ଧାରଣା

**ଅସ୍ତରଙ୍ଗ,୬।୯(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତର ପ୍ରମୁଖ ସର୍ବେଶ୍ୱର ବେହେରା ଓ ସଂଯୋଜକ ସୁଦାମ ସ୍ୱାଇଁ ଏବଂ ରାକେଶ ବିଶ୍ୱାଳଙ୍କ ନେତୃତ୍ୱରେ ଭାଜପାର ବିକାଶ ରଥ ପଶ୍ଚିମେଶ୍ୱର ମନ୍ଦିର ପୀଠରୁ ବାହାରି ଛଅଟି ମୌଜାର ୨୦ଟି ୱାର୍ଡ ବୁଲିଥିଲା। ଭାଜପା କର୍ମୀମାନେ ବିଜେଡି ସରକାରର ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନଗର ଗ୍ରାମ ପଞ୍ଚାୟତ ଅଫିସ ଆଗରେ ଧାରଣା ଦେଇଥିଲେ। ଏହି ଧାରଣାରେ ୨ନଂ. ଜୋନ ମଣ୍ଡଳ ସଭାପତି ଗୋଲେଖ ଚନ୍ଦ୍ର ପ୍ରଧାନ, ପ୍ରସନ୍ନ ବେହେରା, ଜିତେନ୍ଦ୍ର ବେହେରା, ମଳୟ ବେହେରା, ନରେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା, ହିମାଂଶୁ ବେହେରା,



ଯଶୁ ବେହେରା, ମଧୁ ବେହେରା, ଜୁମର ବେହେରା, ରାଜକିଶୋର ବେହେରା, ସଞ୍ଜୟ ବେହେରା, ଗଜେନ୍ଦ୍ର ବେହେରା, ଅଭୟ ବେହେରା, ରାମଚନ୍ଦ୍ର ବେହେରା, ହେମନ୍ତ ବେହେରା, ଶୈଳମଣି ବେହେରା, ପାଣ୍ଡବ ବେହେରା, ଗଣେଶ ଦଳାଇ, ଟୁକୁନା ବେହେରା, ରୋହିତ ବେହେରା, ଅକ୍ଷୟ ବେହେରା, ପ୍ରତାପ ନାୟକ, ପବିତ୍ର ବେହେରା, ରାଜେଶ ପୋଲାଉରୀ, ସୁମନ୍ତ ବେହେରା, ପ୍ରମୋଦ ମଳିକ, ନିରଞ୍ଜନ ବେହେରା, ପ୍ରମୋଦ ବେହେରା, କୁମର ବେହେରା, କୃଷ୍ଣ ବେହେରା, ରାମ ସେନାପତି ଏବଂ ଅଭିମନ୍ୟୁ ବେହେରା ପ୍ରମୁଖ ସାମିଲ ଥିଲେ।

## ଗୁରୁ-ଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ

**ପୁରୀ, ୬।୯(ଅଜିତ ମହାନ୍ତି):** ପୁରୀ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ତପୋବନ ବିଦ୍ୟାଳୟରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ପାଣି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରମ, ଶୃଙ୍ଖଳା ଓ ସହନଶୀଳତା ହିଁ ସଫଳତା ଆଣିଥାଏ ବୋଲି କହିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ ପାଳିତ ହୋଇଛି। ବିଦ୍ୟାଳୟର ସଭାପତି ଅଭିମନ୍ୟୁ ଭୂୟାଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାର୍ଥୀଙ୍କ ପକ୍ଷରୁ ନୃତ୍ୟ ନାଟିକା ପ୍ରସ୍ତୁତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅରବିନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବକଳେବର ରୋଡସ୍ଥିତ ବିନାୟକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଗୁରୁପୂଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ କର ଯୋଗଦେଇଥିଲେ। ବଡ଼ଶଙ୍ଖ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମପ୍ରସାଦ ଦାଶଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ସାହୁ ସଭା ପରିଚାଳନା ଓ ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରମା ବରାଳ ଧନ୍ୟବାଦ ଦେଇଥିଲେ।

## ମାତୃ କର୍ମଶାଳା

**କାକଟପୁର,୬।୯(ଶୁଭଦର୍ଶନ ମିଶ୍ର):** କାକଟପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଶିଶୁବାଟିକାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନ୍ୟୁଟେସେନର ମୁଖ୍ୟ ପ୍ରୋଗ୍ରାମ ଅଫିସର ତପନ ରାଉତ ଯୋଗ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ତନ୍ମୟ ପାତ୍ର, ସଭାପତି ପ୍ରମୋଦ କିଶୋର ପୃଷ୍ଟି, ଉପସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ, ସମ୍ପାଦକ ପ୍ରଭାକର ଖୁଣ୍ଟିଆ, ସଙ୍କୁଳ ପ୍ରମୁଖ ସୁରେନ୍ଦ୍ର ମାଣିକ ପ୍ରମୁଖ ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ୫ମ ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**କଣାସ, ୬।୯: (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ପଞ୍ଚମ ବାର୍ଷିକ ଉତ୍ସବ ମଙ୍ଗଳବାର ବଡାସ ଗ୍ରାମର ମା' ପଞ୍ଚମୁଖୀଙ୍କ ପୀଠରେ ପାଳିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ବିଭୂତି ଭୂଷଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦେବେନ୍ଦ୍ର ଦାସ, ଶିକ୍ଷାବିତ୍ ବଂଶୀଧର ଜଗଦେବ, କଣାସ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ଶ୍ରୀଚନ୍ଦନ ମଞ୍ଚାସୀନ ଥିଲେ। ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବା ଅତିଥିମାନେ ସୂଚନା ଦେଇଥିଲେ। ଦିବଂଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ଓଏସ୍ଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପ୍ରିୟଙ୍କା ପ୍ରିଦର୍ଶିନୀ ବିଶ୍ୱାଳ, ଏମବିବିଏସ୍ ଅଧିକାରୀ ସ୍ୱାଧୀନ ହରିଚନ୍ଦନ, ସିଦ୍ଧି ଜଗଦେବ, ଆଦିତ୍ୟ ସାମନ୍ତରାୟ ଏବଂ ଭାରତୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚର ନୂତନ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ବିଭୂତି ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ରଚିତ 'ଭିଟାମାଟିର ବାସ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ଗୁରୁପୂଜନ



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ନିମାପଡ଼ା,୬।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ ଅଧୀନ ଚାରିଛକ ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ଗୁରୁଦିବସ ଅବସରରେ ଗୁରୁପୂଜନ, ସମ୍ବର୍ଦ୍ଧନା ସମାରୋହ ଓ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚାରିଛକ ଜୋନ୍‌ର ତୁଳସୀପୁର ପଞ୍ଚାୟତ ସଭାଗୃହରେ ଆୟୋଜିତ ସମାରୋହରେ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ସଂସଦର ସମ୍ପାଦକ ଶିକ୍ଷାବିତ୍ ଡ. ସନ୍ତୋଷ ମିତ୍ର, ପଞ୍ଚାନନ ସାହୁ, ଦ୍ୱିଜବର ମୁଦୁଲି, ନିରୋଦ ତ୍ରିପାଠୀ, ନିରଞ୍ଜନ କର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁଚରଣ ବେହେରା ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ, ଗୁରୁ-ଶିଷ୍ୟଙ୍କ ସମ୍ପର୍କ, ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ଗୁରୁମାନେ ସର୍ବଦା ଚିର ବନ୍ଦନୀୟ, ସମାଜରେ ଗୁରୁଙ୍କ ସ୍ଥାନର ତୁଳନା ନାହିଁ, ଗୁରୁ ସର୍ବଦା ପୂଜନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ବାହିନୀପତି, ସୁପ୍ରଭା ତ୍ରିପାଠୀ, ଆରତୀ ଦେବୀ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରମାକାନ୍ତ ତ୍ରିପାଠୀ, ଦୀନବନ୍ଧୁ ଦାସଙ୍କ ସମେତ ୧୦ଜଣ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଂସଦ ପକ୍ଷରୁ ଅତିଥିମାନେ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ବହୁ ଶିକ୍ଷାବିତ୍, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଜାତୀୟ ଟାଏକୋଣ୍ଡୋ: ଓଡ଼ିଶାକୁ ଉପବିଜେତା ଟ୍ରଫି

## ବେଷ୍ଟ ଶୃଙ୍ଖଳା ଟିମ୍ ଆୱାର୍ଡ଼, ପୁରୀକୁ ୬ ପଦକ

**ପୁରୀ, ୬।୯(ଅଜିତ ମହାନ୍ତି)**

ଛତିଶଗଡ଼ର ରାଞ୍ଚିସ୍ଥିତ ହରିବଂଶ ତାନା ଭଗତ ଇଣ୍ଡୋର ଷ୍ଟାଡିୟମରେ ସେପ୍ଟେମ୍ବର ୨ରୁ ୪ତାରିଖ ପର୍ଯ୍ୟନ୍ତ ୧୪ତମ ଓପନ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଏବଂ ୨ୟ ଭଗବାନ ବିର୍ସାମୁଣ୍ଡା ଟ୍ରଫି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦୁଇଟି ଇଭେଣ୍ଟ ଯଥା କିରୋଗୀ ଓ ପୁମ୍‌ସୀ ଇଭେଣ୍ଟ ହୋଇଥିଲା। ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଟିମ୍ ତରଫରୁ ଦୁଇଟି ଇଭେଣ୍ଟରେ ରାଜ୍ୟରୁ ୫୭ଜଣ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୧୬ ବାଳିକା ଓ ୪୧ ବାଳକ ରହିଥିଲେ। ଓଡ଼ିଶା ପ୍ରତିଯୋଗୀ ସମୁଦାୟ ୩୦ଟି ପଦକ ମଧ୍ୟରୁ କିରୋଗୀରେ ୨୦ଟି ଓ ପୁମ୍‌ସୀରେ ୧୦ ପଦକ ହାସଲ କରିଛନ୍ତି। ଓଡ଼ିଶା ଟିମ୍ କିରୋଗୀ ଇଭେଣ୍ଟରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ


ଖେଳାଳୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓ ୧୩ କାଂସ୍ୟ ପଦକ ପାଇଥିବାବେଳେ ପୁମ୍‌ସୀରେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ କାଂସ୍ୟ ପଦକ ଜିତି ଦ୍ୱିତୀୟ ଉପବିଜେତା ଟ୍ରଫି ହାସଲ କରିଛି। ଏଥିସହ ବେଷ୍ଟ ଶୃଙ୍ଖଳା ଟିମ୍ ଆୱାର୍ଡ ପାଇଛି। ସେହିପରି ଓଡ଼ିଶାରୁ ୩ଜଣ ଜାତୀୟ ରେଫରି ମୌଳିନ୍ଦୁ କୁମାର ମହନ୍ତ, ପାୟଲ ବଡ଼ଜେନା ଓ ଆରିଆନ ନାୟକ ଏହି ଜାତୀୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଓଡ଼ିଶା ଟିମ୍ କୋଚ ଭାବେ ମିଥୁନ କୁମାର ସାହୁ, ଅତାଉଲ୍ଲା ଖାନ, ପ୍ରଭାତ କୁମାର ସାହୁ, ପୃଥ୍ୱୀ ରାୟଗୁରୁ, ରମାକାନ୍ତ ବେହେରା, ଏସ୍.କେ ତାଫିରୁଦ୍ଦିନ, ନରେଶ କୁମାର ବାରିକ ଏବଂ ଶିବାନନ୍ଦ ରାୟଗୁରୁ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଦେଇଥିଲେ। ପ୍ରତିଯୋଗିତାରେ ପୁରୀ ଜିଲାରୁ ୧୫ ଜଣ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ୮ ଓ ବାଳିକା ବିଭାଗରେ ୭ ଜଣ ଥିବାବେଳେ ୬ଜଣ ପଦକ ହାସଲ କରିଛନ୍ତି। ଜଣେ ରୌପ୍ୟ ଓ ୫ ଜଣ କାଂସ୍ୟ ପଦକ ଜିତିଛନ୍ତି। ଆଦ୍ୟାଶା ସାମନ୍ତରାୟ ରୌପ୍ୟ, ଜଟବେଦ ତ୍ରିପାଠୀ, ଶୁଭଶ୍ରୀ ଶୁଭସ୍ମିତା ତ୍ରିପାଠୀ, ଆଦ୍ୟାଶା କର, ଅର୍ପିତା ପ୍ରଧାନ, ପ୍ରିୟଙ୍କା ବଡ଼ଜେନା କାଂସ୍ୟ ପଦକ ଜିତିଛନ୍ତି। ପୁରୀ ଟିମ୍ କୋଚ ଭାବେ ମିଥୁନ ସାହୁ ରାଞ୍ଚି ଗସ୍ତ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଖେଳାଳି ଓ କୋଚ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୭ ଦିନ ମଧ୍ୟରେ ସାକ୍ଷୀଗୋପାଳ ମନ୍ଦିର ଉନ୍ନୟନ କାର୍ଯ୍ୟ ଆରମ୍ଭ ହେବ

**ସାକ୍ଷୀଗୋପାଳ,୬।୯
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

ସାକ୍ଷୀଗୋପାଳ ସେବାୟତଙ୍କ ପକ୍ଷରୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ-୨୦୨୩ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆସନ୍ତା ଏକ ସପ୍ତାହ ମଧ୍ୟରେ ମନ୍ଦିରର ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ଚନ୍ଦନ ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣ, ସାକ୍ଷୀଗୋପାଳ ବଜାର ରାସ୍ତା ପ୍ରଶସ୍ତୀକରଣ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ନିମନ୍ତେ ୫ କୋଟି ଟଙ୍କା ଅନୁଦାନ ଆସିଛି। ବସଷ୍ଟାଣ୍ଡ ନିମନ୍ତେ ୩୦ କୋଟି ଅନୁଦାନ ମିଳିଥିବା ବେଳେ ଉପଯୁକ୍ତ ଜମି ନ ମିଳିବାରୁ ଏ ଦିଗରେ ପ୍ରତିବନ୍ଧକ ହେଉଛି। ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁ ଖୋଲିବା ସହିତ ସତ୍ୟବାଦୀ ଓ କଣାସ ବ୍ଲକରେ ୯୦ କିଲୋମିଟର ନୂତନ ରାସ୍ତା



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନିର୍ମାଣ କରାଯିବ। କାଦୁଆ ଆଶ୍ରମର ବିକାଶ, ସାକ୍ଷୀଗୋପାଳ ମନ୍ଦିର ନିକଟରେ ଥିବା ବ୍ୟବସାୟୀଙ୍କୁ ଆବଶ୍ୟକ ସହାୟତା ଓ ଥଇଥାନ କରାଯିବ ବୋଲି ବିଧାୟକ କହିଛନ୍ତି। ପଞ୍ଚସଖା ଖେଳପଡିଆକୁ ମିନି ଷ୍ଟାଡିୟମରେ ପରିଣତ କରାଯାଇ ସେଠାରେ ଅଁଳାନବମୀ ମହୋତ୍ସବ ପାଳନ କରାଯିବ। ଅଁଳା ନବମୀ ନିମନ୍ତେ ୫ ଲକ୍ଷ, ରାଧାଷ୍ଟମୀ ନିମନ୍ତେ ୨ ଲକ୍ଷ ଓ ଜନ୍ମାଷ୍ଟମୀ ନିମନ୍ତେ ୨ ଲକ୍ଷ ଟଙ୍କା ଅନୁଦାନ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ବିଧାୟକ କହିଥିଲେ। ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ସେବାୟତ ସଙ୍ଘ ସଭାପତି ଶ୍ରୀବତ୍ସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜୀବନ ବିନ୍ଦୁ

## ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ଭଜନ ସମାରୋହ

ସଂଯୋଜକ ଷ୍ଟାଲିନ ପରିଜା, ସମାଜିକ କର୍ମୀ ଧୀରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେବାୟତ ଓ ମନ୍ଦିରର ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଦେବୀଦତ୍ତ ମହାପାତ୍ର, ଅଭିଷେକ ନନ୍ଦ, ନିବେଦିତା ମହାପାତ୍ର, ପିୟୁଷ ନନ୍ଦ, ନବ କିଶୋର ମହାପାତ୍ର, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ଶତପଥୀ, ଶୁଭ୍ରଜିତ ସାହୁ ଓ କାଶୀନାଥ ଭୋଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଓଡ଼ିଶାର କଳା, ସଂସ୍କୃତି ସହ କାରିଗରଙ୍କ ପରିଚୟ ବୃଦ୍ଧି ପାଇଛି

## ବକୁଲ ଫାଉଣ୍ଡେଶନର ଭାବବିନିମୟ କାର୍ଯ୍ୟକ୍ରମ

### ଟାଇମ୍ସ ସ୍କୋୟାରରେ ପ୍ରଦର୍ଶିତ 'କୋଣାର୍କ ଚକ୍ର' ପଛର ଦୁଇ ନାୟକ

ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱାଧୀନତା ଦିବସ ଅବସରରେ ଟାଇମ୍ସ ସ୍କୋୟାର୍‌ରେ ପ୍ରଦର୍ଶିତ ହୋଇଥିଲା ଓଡ଼ିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ପ୍ରତୀକ 'କୋଣାର୍କ ଚକ୍ର'ର ପଥର ନିର୍ମିତ ପ୍ରତିକୃତି। ସେଫ୍ ବିକାଶ ଖାନ୍ନାଙ୍କ ଚେଷ୍ଟାରେ ଓଡ଼ିଶାର ଟିମ୍ ଏହାକୁ ସେଠାରେ ପ୍ରଦର୍ଶନ କରିଥିଲେ। ତେବେ ଏହା ପଛରେ ପ୍ରମୁଖ ଭୂମିକା ନେଇଥିଲେ ଟିମ୍‌ର କ୍ୟୁରେଟର ତଥା ବିଶିଷ୍ଟ ଫିଲ୍ମ ନିର୍ମାତା ଜିତେନ୍ଦ୍ର ମିଶ୍ର ଓ କାରିଗର ଅମରେଶ ଚନ୍ଦ୍ର ବିନ୍ଧାଣୀ। ବୁଧବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ଓ ଭାବବିନିମୟ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଓ ଅମରେଶ ସେମାନଙ୍କ ଅଭିଯାନର ଅନୁଭୂତି ବଖାଣିଥିଲେ। ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବାବେଳେ କୋଣାର୍କ ଚକ୍ରର ପ୍ରତିକୃତି ପ୍ରଦର୍ଶନକୁ ନେଇ ଉପସ୍ଥିତ ଦର୍ଶକ ସେମାନଙ୍କଠାରୁ ପଚାରି ବୁଝିଥିଲେ।

କ୍ୟୁରେଟର ମିଶ୍ର କହିଥିଲେ, ପ୍ରଥମେ ସେଫ୍ ଖାନ୍ନା ଆଉ ମୁଁ ଯୋଜନା କଲୁ, ମୁଁ ପରେ ଆମ ପଶ୍ଚିମ ଓଡ଼ିଶାର ଜଣେ ଭାଇ ସୁବାସ ଭାଇଙ୍କ ସହ କଥା ହେଲି। ତାଙ୍କ ସହ କଥା ହୋଇ ଡିଜାଇନ ଓ କାମ କେମିତି ହେବ ସେ ସମ୍ପର୍କରେ ଆଲୋଚନା କଲୁ। ପରେ ସେ କାରିଗରଙ୍କ ସହ କଥା କରାଇଲେ। ସମସ୍ତଙ୍କ ଚେଷ୍ଟାରେ ଏହା ପ୍ରସ୍ତୁତ ହେଲା। ନିକଟରେ ସ୍ୱାଧୀନତା ଦିବସରେ ଏହା ଟାଇମ୍ସ ସ୍କୋୟାର୍‌ରେ ପ୍ରଦର୍ଶିତ ହେଲା। ସମସ୍ତଙ୍କ ପ୍ରତିକ୍ରିୟା ବହୁତ ଭଲ ଥିଲା। ଗ୍ଲୋବାଲି ଏହା ପରିଚିତ ହେଲା। ଓଡ଼ିଶାର କଳା, ସଂସ୍କୃତି ସହ ପର୍ଯ୍ୟଟନର ମଧ୍ୟ ପ୍ରଚାର ପ୍ରାସର ହୋଇପାରିଲା। ଓଡ଼ିଶା ପାଇଁ ଯାହା କିଛି ମୋ ଦ୍ୱାରା ସମ୍ଭବ ହୋଇପାରିବ ମୁଁ ତାହା କରିବାକୁ ଚେଷ୍ଟା କରିବି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ କାରିଗର ଅମରେଶ କହିଛନ୍ତି, ପ୍ରଥମେ ତ ମୁଁ ଜାଣି ନ ଥିଲି ଏମିତି କିଛି ହେଉଛି ବୋଲି। ମୁଁ ମୋର ସିନିୟର୍ ସୁବାସ ପୂଜାରୀଙ୍କଠାରି ଜାଣିଲି। ସେ ଆମକୁ ଡିଜାଇନ ବିଷୟରେ ଜଣାଇଲେ। ତା'ପରେ ଆମ ଟିମ୍‌ର ୮ଜଣ କାରିଗର ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ଲାଗିପଡିଲୁ। ତିଆରି ସରିବା ପରେ ଗତବର୍ଷ ଏହା ନ୍ୟୁୟର୍କରେ ପହଞ୍ଚି ଥିଲା। କିନ୍ତୁ ନିର୍ଦ୍ଧାରିତ ସମୟଠାରୁ ଡେରି ହେବାରୁ ଏବର୍ଷ ଏହାକୁ ଅନବାରଣ କରାଗଲା। ମୁଁ ପ୍ରଥମଥର ପାଇଁ ବିଶ୍ୱରେ ପ୍ରଦର୍ଶିତ ହେବାକୁ ଥିବା ଏକ କଳାକୃତିର କାମ ପାଇଥିଲି। ଏହି କାମ ଦ୍ୱାରା ଆମ ଓଡ଼ିଶାର କଳା, ସଂସ୍କୃତି ସହ ଆମ ଭଳି କାରିଗରଙ୍କ ପରିଚୟ ବାହାରେ ବୃଦ୍ଧି ପାଇଛି ବୋଲି ମୁଁ ଭାବୁଛି। ଭବିଷ୍ୟତରେ ଆମକୁ ଆହୁରି କାମ ମିଳିବ ବୋଲି ମଧ୍ୟ ଆଶା କରୁଛି। ଯେତେବେଳେ ଏହା ପ୍ରଦର୍ଶିତ ହେଲା ଆଉ ଖବର ପ୍ରସାରିତ ହେଲା, ମୋ ନାମ ଆସିଲା, ଏହା ଦେଖି ମୋତେ ବହୁତ ଖୁସି ଲାଗିଲା। ପୂରା ପରିବାର, ସମ୍ପର୍କୀୟ ସମସ୍ତେ ଖୁସି ହୋଇଥିଲେ। ଏହାର ଓଜନ ୧୭୫୦ କିଲୋଗ୍ରାମ ରହିଛି। ୮ଫୁଟ ଲମ୍ବ ୬ଫୁଟ ଉଚ୍ଚ ଏବଂ ୧ଫୁଟ ମୋଟେଇ ବିଶିଷ୍ଟ ଏହି ପ୍ରତିକୃତି ବାଲି ପଥରରେ ପ୍ରସ୍ତୁତ ହୋଇଛି। ତିଆରି କରିବାକୁ ୩ମାସ ସମୟ ଲାଗିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ସବ୍ୟସାଚୀ ମିଶ୍ର, ଡିଜାଇନର୍ ସୁବାସ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ରଙ୍କ ସହ ବିଶିଷ୍ଟ ଫିଲ୍ମ ନିର୍ମାତା ଜିତେନ୍ଦ୍ର ମିଶ୍ର, କାରିଗର ଅମରେଶ ଚନ୍ଦ୍ର ବିନ୍ଧାଣୀ ଓ ଅନ୍ୟମାନେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମୁକ୍ତ ଚିନ୍ତନ ମଞ୍ଚର ଆଲୋଚନାଚକ୍ର, ଭାରତୀୟ ବିଦ୍ୟା ଭବନ, ସନ୍ଧ୍ୟା ୬ଟା ୩୦।
- ଗୁରୁ କେଲୁ ଚରଣ ମହାପାତ୍ର ପୁରସ୍କାର ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ନନ୍ଦୋତ୍ସବ ପାଳନ ଓ ବିଭିନ୍ନ ବେଶଧାରୀଙ୍କ ନଗର ପରିକ୍ରମା, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ଅପରାହ୍ନ ୩ଟା।

**କଟକ**

- ବାଞ୍ଛାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସଙ୍ଗୀତ ସନ୍ଧ୍ୟା ଓ ପୁସ୍ତକ ଉନ୍ମୋଚନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।




୬।୯।୨୦୨୩

| ୩,୫୩,୩୧୮ ଟଙ୍କା | |
|---|---|
| ସୁନା | ୦୨ ଗ୍ରାମ୍ |
| ରୁପା | ୪୭.୪୦୦ ଗ୍ରାମ୍ |

## ପୁରୀ ମୁଖ୍ୟ କେନାଲରୁ ମିଳିଲା ନିଖୋଜ ଛାତ୍ରଙ୍କ ମୃତଦେହ

ବାଲକାଟୀ,୬।୯(ମନୋଜ ମଣ୍ଡଳ)- ନିଖୋଜ ଥିବା ଛାତ୍ରଙ୍କ ମୃତଦେହ ବାଲିଅନ୍ତା ଥାନା ହୀରାପୁର ପୁରୀ ମୁଖ୍ୟ କେନାଲରୁ ଅଗ୍ନିଶମ ବାହିନୀ ବୁଧବାର ଜବତ କରିଛି। ମୃତ ଛାତ୍ର ଜଣକ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳର କ୍ଷୀରୋଦ ସାହୁଙ୍କ ପୁଅ ଜୟଦେବ ପ୍ରସାଦ। ଏନେଇ ପୋଲିସ ୩୬।୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜୟଦେବଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୂଚନାଯୋଗ୍ୟ, ଜୟଦେବ ଭୁବନେଶ୍ୱରର ଏକ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର। ମଙ୍ଗଳବାର ଜୟଦେବ ୬ ଜଣ ସାଙ୍ଗଙ୍କ ସହିତ ମଧ୍ୟାହ୍ନରେ ରଙ୍ଗବଜାରସ୍ଥିତ ପୁରୀ ମୁଖ୍ୟ କେନାଲ ପାଖରେ ଭୋଜି କରୁଥିଲେ। ପରେ କିଛି ଜଣ ଗାଧୋଇବାକୁ ଯିବାବେଳେ ସ୍ଥାନୀୟ ଲୋକ ମନା କରିବା ସତ୍ତ୍ୱେ ସେମାନେ ଗାଧୋଇଥିଲେ। ପରେ ଜୟଦେବ କେନାଲରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଖବରପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ବି ଜୟଦେବଙ୍କ ଠାବ ପାଇ ନ ଥିଲା। ବୁଧବାର ପୁଣି ଅଗ୍ନିଶମ ବାହିନୀ ଖୋଜାଖୋଜି ପରେ ଅପରାହ୍ନରେ ହୀରାପୁରସ୍ଥିତ ପୁରୀ ମୁଖ୍ୟ କେନାଲରୁ ଜୟଦେବଙ୍କ ମୃତଦେହ ଠାବ କରିଥିଲା।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା '୨୯ତମ ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ'ର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତଟ ରେଳପଥର ମହାପରିଚାଳକ ମନୋଜ ଶର୍ମା ଓ ଅନ୍ୟ ଅତିଥିମାନେ। (ଫଟୋ- ମୌସମ ନନ୍ଦ)

# ମନମୋହିଲା କଥକ ନୃତ୍ୟ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ

### ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୬।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ ଅନୁଷ୍ଠାନ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୨୯ତମ ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ ପୂର୍ବତଟ ରେଳପଥର ମହାପରିଚାଳକ ମନୋଜ ଶର୍ମା, ବିଶିଷ୍ଟ ଗାୟକ ତଥା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ପିପିଏଲ୍‌ର କର୍ପୋରେଟ ଆଫେୟାର୍ସ ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା କଥକ ନୃତ୍ୟ। ଏହାକୁ ପରିବେଷଣ କରିଥିଲେ ବିଶିଷ୍ଟ କଥକ ନୃତ୍ୟାଙ୍ଗନା ଶିଳା ମେହେଟ୍ଟା। ସେ ପ୍ରଥମେ ଶିବ ସ୍ତୁତି ପରେ ଭବ ତିହାଇ ଉପସ୍ଥାପନ କରିଥିଲେ। ଶେଷରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନ ଗୀତା ଆସର ପରିବେଷଣ କରିଥିଲେ। ଶରୀରର ପ୍ରତ୍ୟେକ ଗତିବିଧି, ଅଙ୍ଗଭଙ୍ଗୀ, ତାଳର ଲହରୀ ଏବଂ ସଙ୍ଗୀତର ସ୍ୱର ସହିତ ପାଦଚାଳନା ତାଙ୍କର ନୃତ୍ୟକୁ ଅଧିକ ଚମତ୍କାର ଓ ଆକର୍ଷଣୀୟ କରିଥିଲା। ତବଲାରେ ବିବେକ ମିଶ୍ର ଓ ଅମିତାଂଶୁ କୁମାର ବ୍ରହ୍ମା, ସରୋଦରେ ସୁନାଦୋ ମୁଖାର୍ଜୀ ଏବଂ କଣ୍ଠରେ ଜୟଦ୍ୱୀପ ସିହ୍ନା ସହଯୋଗ କରିଥିଲେ। ପରେ ଜୟତୀର୍ଥ ମେଭୁଣ୍ଡୀ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସେ ଶ୍ରୀକୃଷ୍ଣଙ୍କ ଉପରେ ବିଭିନ୍ନ ଭଜନ ପରିବେଷଣ କରିଥିଲେ। ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ହାରମୋନିୟମରେ ଅନୁସୁଲା ମୋରେ ଓ ତବଲାରେ ନରହରି ଭି. ସହାୟତା କରିଥିଲେ। ସୃଜନ ଅନୁଷ୍ଠାନର ଫେସବୁକ ପେଜ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଏହାର ସିଧା ପ୍ରସାରଣ କରାଯାଉଛି। ଗୁରୁ ରତିକାନ୍ତ ମହାପାତ୍ର ଏହାର ପରିକଳ୍ପନା କରିଥିବାବେଳେ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ। କାର୍ଯ୍ୟକ୍ରମଟିକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର୍ ରହିଛି।



## ଝିଅର ତଣ୍ଟି କାଟିଲେ ବାପା

ବାଲକାଟୀ,୬।୯(ମନୋଜ ମଣ୍ଡଳ)

ତିନି ବର୍ଷୀୟା ଝିଅର ତଣ୍ଟି କାଟିବା ଅଭିଯୋଗରେ ବାପାଙ୍କୁ ବାଲକାଟୀ ଫାଣ୍ଡି ପୋଲିସ ବୁଧବାର ଅଟକ ରଖି ପଚରାଉଚରା ଚଳାଇଛି। ଅଟକ ବାପା ମୟୂରଭଞ୍ଜ ବଡ଼ ସାହିର ଗଣେଶ୍ୱର ସିଂ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଝିଅକୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଫାଣ୍ଡିଠାରୁ କିଛି ମିଟର ଦୂରରେ ଥିବା ସତକାଣିଆ ଗ୍ରାମ ନିକଟରେ ଥିବା ଏକ ଇଟା ଭାଟିରେ। ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଗ୍ରାମ ନିକଟ ଏକ ଇଟା ଭାଟିରେ ଗଣେଶ୍ୱର ପରିବାର ସହ ୬ ମାସ ଧରି କାମ କରିଆସୁଛନ୍ତି। ଝିଅର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପାରିବାରିକ କଳହ ଲାଗି ରହୁଥିଲା। ବୁଧବାର ପୁଣି କଳହ ହେବାରୁ ଗଣେଶ୍ୱର ନିଜର ହିତାହିତ ଜ୍ଞାନ ଭୁଲି ଏକ ଧାରୁଆ ଅସ୍ତ୍ରରେ ଝିଅର ତଣ୍ଟି କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅକୁ ନେଇ ସ୍ଥାନୀୟ ଲୋକେ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଣେଶ୍ୱରଙ୍କୁ ଘରୁ ଉଠାଇ ଆଣି ଫାଣ୍ଡିରେ ଅଟକ ରଖିଥିବା ଜଣାପଡିଛି।

## ପାନ ଦୋକାନରେ ବେଆଇନ ଗଞ୍ଜେଇ ସିଗାରେଟ୍ ବିକ୍ରି

ଭୁବନେଶ୍ୱର,୬।୯
(ସୂର୍ଯ୍ୟକାନ୍ତ ବେହେରା)

ପାନ ଦୋକାନରେ ଚାଲିଥିଲା ଗଞ୍ଜେଇ ବେପାର। ଏଥିସହ ସିଗାରେଟ ଗଞ୍ଜେଇ ମଧ୍ୟ ବିକ୍ରି ହେଉଥିଲା। ଖବର ପାଇବା ପରେ ନୟାପଲ୍ଲୀ ଥାନା ପୋଲିସ ଗଣପତି ନଗର ବସ୍ତିରେ ଚଢାଉ କରି ସଂପୃକ୍ତ ଦୋକାନୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଓ ୧୫ଟି ଗଞ୍ଜେଇ ଭର୍ତ୍ତି ସିଗାରେଟ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଯାଜପୁରର ଗଣେଶ ଚନ୍ଦ୍ର ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

ଖୋର୍ଦ୍ଧା,୬।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଜମିରୁ ବେଆଇନ ଖଣି ଓ ମାଙ୍କଡ଼ାପଥର ଚୋରାଚାଲାଣ ମାମଲାରେ ଓଡ଼ିଶା ହାଇକୋର୍ଟ ସୋମବାର ଏନ୍‌ଜିଟି ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ୧୨କୋଟି ଟଙ୍କା ପଇଠ କରିବାକୁ ୨୦୨୨ ଅକ୍ଟୋବର ୧୪ରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଜିଟିର ଏହି ଆଦେଶ ଉପରେ ହାଇକୋର୍ଟ ଆସନ୍ତା ଅକ୍ଟୋବର ୪ ପର୍ଯ୍ୟନ୍ତ ରହିତାଦେଶ ଜାରି କରିଛନ୍ତି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରତିପକ୍ଷଙ୍କୁ ନୋଟିସ ଜାରି ସହ ଜବାବ ଦାଖଲ କରିବାକୁ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ଖୋର୍ଦ୍ଧା ଜିଲା ନିଜିଗଡ଼ ତାପଙ୍ଗ ପଞ୍ଚାୟତ ଅନ୍ତର୍ଗତ ତାପଙ୍ଗ ଅଣ୍ଡା ଓ ଝିଙ୍କିଖାରୀ ପ୍ରଭୃତି ଗାଁରେ ଥିବା ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୫ଶହ ଏକର ପରିମିତ ଅଞ୍ଚଳରେ ବେଆଇନ ଭାବେ ୭୨ଟି ମାଙ୍କଡାପଥର ଖଣି ଚାଲୁଛି। ଏଥିସହିତ ଶ୍ରୀଜଗନ୍ନାଥ ଗ୍ରାମ୍ୟ ଜଙ୍ଗଲ, କାଜୁ ଜଙ୍ଗଲ, ଗୋଚର ଜମିରେ ଏକାଧିକ ବେଆଇନ ଭାବେ ଖଣି ଚାଲିଛି। ଫଳରେ ପରିବେଶ ପ୍ରଦୂଷିତ ହେଉଥିବା ନେଇ ୨୦୧୮ରେ ବିଦ୍ୟୁଭୂଷଣ ହରିଚନ୍ଦନ ଓ ଦିଲୀପ ସାମନ୍ତରାୟ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ଖଣି ଖନନ ଯୋଗୁ ବିଭିନ୍ନ ଅଞ୍ଚଳରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଏହାର ଭରଣା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ୧୨ କୋଟି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ଜମା କରିବା ସହ ଆକ୍ସନ ଟେକନ ରିପୋର୍ଟ ୪ ମାସରେ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ।

**ଶ୍ରୀମନ୍ଦିର ପ୍ରଶାସନ ଜମିରୁ ମାଙ୍କଡ଼ାପଥର ଚୋରାଚାଲାଣ ମାମଲା**






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭଗବାନ



@ ବିଭୂତିଭୂଷଣ



@ ଆଦିତ୍ୟ



@ ବିପ୍ଳବ



@ ଗଣେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ମହିମା ପ୍ରଚାରକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସଂଯୋଗବଶତଃ ତାଙ୍କର ବୁଧବାର ଜନ୍ମଦିନ ଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। ରବୀନ୍ଦ୍ର ପୁରୀ ଶ୍ରୀମନ୍ଦିରର ପ୍ରଶାସକ ରୂପେ କାର୍ଯ୍ୟଭାର ତୁଲାଇଥିଲେ। ସେତେବେଳେ ସେ 'ଶ୍ରୀମନ୍ଦିର' ନାମରେ ଏକ ପତ୍ରିକା ପ୍ରକାଶ କରିଥିଲେ। ସେ ଆକାଶବାଣୀର ଗାଳ୍ପିକ ଓ ନାଟ୍ୟକାର ଭାବରେ ବେଶ୍ ସୁପରିଚିତ ଥିଲେ। ଶ୍ରୀଜଗନ୍ନାଥଙ୍କୁ ନେଇ ଗପ ଲେଖିବାରେ ରବୀନ୍ଦ୍ରଙ୍କ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ରହିଛି। ସେ ଗପ ବହି 'ଝରାଫୁଲର କାହାଣୀ', 'ମହାଲକ୍ଷ୍ମୀ: ମହାପ୍ରସାଦ: ମହାପ୍ରଭୁ', 'ପରଂବ୍ରହ୍ମଙ୍କ ନବକଳେବର', 'କଥାନୁଭୂତିରେ ଶ୍ରୀଜଗନ୍ନାଥ', 'କଥାରେ କଥାରେ ଶ୍ରୀଜଗନ୍ନାଥ', 'କଥାରେ ଗାଥାରେ ଶ୍ରୀଜଗନ୍ନାଥ' ଓ 'କଥା କୈବଲ୍ୟରେ ଶ୍ରୀଜଗନ୍ନାଥ' ଆଦି ପୁସ୍ତକ ରଚନା କରିଥିଲେ। ଏହା ବ୍ୟତୀତ ଅନେକ ପୁସ୍ତକ ରଚନା କରିବା ସହ ବିଭିନ୍ନ ଖବରକାଗଜରେ ସେ ସ୍ତମ୍ଭ ମଧ୍ୟ ଲେଖନ୍ତି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ କଥା, ଗାଥା ଓ ଗୀତାକୁ ନେଇ ସେଜଗନ୍ନାଥ ଲହରୀ ନାମରେ ଏକ ଅନୁଷ୍ଠାନ କରି, ମହାପ୍ରଭୁଙ୍କ ଲୀଳା ଓ ମହାମାରୀ ପ୍ରଚାର ପ୍ରସାର ମଧ୍ୟ କରୁଥିଲେ। 'ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ' ପକ୍ଷରୁ ତାଙ୍କୁ 'ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ' ପ୍ରଦାନ କରାଯାଇଥିଲା।

ରବୀନ୍ଦ୍ର ଭୁବନେଶ୍ୱର ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ନଗରର ବରିଷ୍ଠ ବାସିନ୍ଦା ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ତାଙ୍କ ବିୟୋଗରେ ବୀର ସୁରେନ୍ଦ୍ର ସାଏ ନଗରରେ ଏକ ଶୋକର ଛାୟା ଖେଳି ଯାଇଛି ବୋଲି ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାସଶର୍ମା ଦୁଃଖ ପ୍ରକାଶ କରିଛନ୍ତି।

# ରୁଷିଆଠାରୁ ପ୍ରତି ସେ.ମି. ଭୂମି ଫେରାଇ ଆଣିବୁ

**କିଭ୍,୬।୯**

ୟୁକ୍ରେନ୍‌ର ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତମ୍ ଉମେରାଭ୍ ବୁଧବାର ରୁଷୀୟ ସୈନ୍ୟଙ୍କ ନିୟନ୍ତ୍ରଣରେ ଥିବା ନିଜ ଭୂଖଣ୍ଡକୁ ପୁନଃ ଦଖଲ କରିବେ ବୋଲି ଶପଥ ନେଇଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି, ଆମ ଦେଶର ପ୍ରତି ସେଣ୍ଟିମିଟର ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଣନା କରି ୟୁକ୍ରେନ୍‌ର ବିଜୟ ପାଇଁ ମୁଁ ସବୁ ସମ୍ଭବ ଓ ଅସମ୍ଭବ କାର୍ଯ୍ୟ କରିବି। ୟୁକ୍ରେନୀୟ ସହରଗୁଡ଼ିକୁ ସ୍ୱାଭାବିକ ଓ ସମ୍ମାନଜନକ ଜୀବନ ଫେରାଇ ଅଣାଯିବ, ଯାହାକି ଦୁର୍ଭାଗ୍ୟବଶତଃ ସାମୟିକ ଭାବେ ରୁଷିଆ ଦଖଲରେ ରହିଛି। ନୂଆ ଦାୟିତ୍ୱ ନେବା ପରେ ଏହା ହେଉଛି ତାଙ୍କର ପ୍ରଥମ ମନ୍ତବ୍ୟ। ଏହା ପୂର୍ବରୁ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୁସ୍ତମ୍‌ଙ୍କ ନାମ ଘୋଷଣା କରିବା ପରେ ଦେଶର ପାର୍ଲାମେଣ୍ଟ ତାଙ୍କୁ ନୂଅ ପ୍ରତିରକ୍ଷାମନ୍ତ୍ରୀ ଭାବେ ଅନୁମୋଦନ କରିଥିଲା। ୩୬୦ ଆଇନପ୍ରଣେତାଙ୍କ ମଧ୍ୟରୁ ୩୩୮ ଜଣ ୪୧ ବର୍ଷୀୟ ରୁସ୍ତମ୍‌ଙ୍କ ସପକ୍ଷରେ ଭୋଟ ଦେଇଥିଲେ। ତୁର୍କୀ ବଂଶୋଦ୍ଭବ ତଥା

**ରୁସ୍ତମ୍ ଉମେରୋଭ୍ ୟୁକ୍ରେନ୍‌ର ନୂଆ ପ୍ରତିରକ୍ଷା ମନ୍ତ୍ରୀ**


ରୁସ୍ତମ୍ ଉମେରାଭ୍

କ୍ରିମିଆର ତତାର ମୁସଲମାନ ସମ୍ପ୍ରଦାୟର ରୁସ୍ତମଙ୍କ ଜନ୍ମ ଉଜ୍‌ବେକିସ୍ତାନର ସମରକନ୍ଦରେ ହୋଇଥିଲା। ୨୦୨୨ ସେପ୍ଟେମ୍ବରରେ ସେ ଏମ୍‌ପି ଥିବାବେଳେ ଷ୍ଟେଟ୍ ପ୍ରପର୍ଟି ଫଣ୍ଡ ଅଧକ୍ଷ ନିଯୁକ୍ତ ହୋଇଥିଲେ। ରୁସ୍ତମ୍‌ଙ୍କ ମୂଳଚାଲ ଦକ୍ଷତା ଓ ଅନର୍ଗଳ ଇଂଲିଶ ତାଙ୍କୁ ପାଶ୍ଚାତ୍ୟରୁ ନିଜ ଦେଶ ପାଇଁ ସାମରିକ ସହାୟତା ଆଣିବାରେ ବେଶ୍ ସହାୟକ ହୋଇଥିଲା। ଗତ ମାର୍ଚ୍ଚରେ ମସ୍କୋ ସହ ସନ୍ଧି ଉଦ୍ୟମ କରିଥିବା ଟିମ୍‌ରେ ମଧ୍ୟ ସେ ସଦସ୍ୟ ଥିଲେ। ଆଲୋଚନା ବିଫଳ ହେବା ପରେ କ୍ରେମ୍‌ଲିନ୍ ରୁସ୍ତମ୍‌ଙ୍କୁ ଆମେରିକାର ଜଣେ ଗୁପ୍ତଚର ଆଖ୍ୟା ଦେଇଥିଲା।

ପ୍ରକାଶ ଯେ, ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ପକ୍ଷରୁ ୟୁକ୍ରେନ୍ ଉପରେ ଆକ୍ରମଣ କରାଯିବାର ୩ ମାସ ପୂର୍ବରୁ ରାଷ୍ଟ୍ରପତି ଜେଲେନ୍‌ସ୍କି ଓଲେକ୍ସି ରେଜ୍‌ନିକୋଭ୍‌ଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ କରିଥିଲେ। କିନ୍ତୁ ଦେଢ଼ବର୍ଷ ଭିତରେ ବିଦାୟୀ ପ୍ରତିରକ୍ଷାମନ୍ତ୍ରୀ ଓଲେକ୍ସି ରେଜ୍‌ନିକୋଭ୍‌ଙ୍କ ବିରୋଧରେ ସୈନ୍ୟଙ୍କ ପାଇଁ ୨,୩୩,୦୦୦ ୱିଣ୍ଟର ଜାକେଟ କିଣା ଦୁର୍ନୀତି ଅଭିଯୋଗ ଆସିବାରୁ ସେ ବିବାଦୀୟ ହୋଇପଡ଼ିଥିଲେ। ତେଣୁ ତାଙ୍କ ସ୍ଥାନରେ ରୁସ୍ତମ୍‌ଙ୍କୁ ଅବସ୍ଥାପିତ କରାଯାଇଛି।


ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ବୁଧବାର କିଭ୍ ଗସ୍ତରେ ଥିବାବେଳେ ୟୁକ୍ରେନ୍‌ର କୋଷ୍ଟିଆଣ୍ଟିନିଭ୍କା ସହରର ଏକ ବଜାର ଉପରେ ରୁଷିଆ ପକ୍ଷରୁ ରକେଟ ମାଡ଼ କରାଯାଇଛି। ଏଥିରେ ଅନ୍ୟୂନ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। ଏହି ବର୍ବର ଆକ୍ରମଣକୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି।

# ଉଦୟନିଧିଙ୍କ 'ସନାତନ' ମନ୍ତବ୍ୟକୁ ଗଣହତ୍ୟା କହିବାରୁ ମାଲବ୍ୟଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ/ଚେନ୍ନାଇ,୬।୯**

ତାମିଲନାଡୁ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ସନାତନ ବିରୋଧୀ ମନ୍ତବ୍ୟକୁ ଗଣହତ୍ୟା ଭାବେ ଅଭିହିତ କରିଥିବାରୁ ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ସନାତନ ଧର୍ମକୁ ବିରୋଧ ନ କରି ମୂଳପୋଛ କରିଦେବା ଉଚିତ ବୋଲି ଏକ କାର୍ଯ୍ୟକ୍ରମରେ କହିଥିଲେ। ଏହାକୁ ନେଇ ବାକ୍‌ଯୁଦ୍ଧ ଜାରି ରହିଥିବାବେଳେ ମାଲବ୍ୟ ଶନିବାର ଏକ୍ସ'ରେ ଲେଖିଥିଲେ, ଉଦୟନିଧିଙ୍କ ସନାତନ ଧର୍ମ ଉପରେ ମନ୍ତବ୍ୟ ଏହି ଧର୍ମକୁ ଅନୁସରଣ କରୁଥିବା ଦେଶର ୮୦% ଜନସଂଖ୍ୟାର ଗଣହତ୍ୟା ପାଇଁ ଆହ୍ୱାନ। ଏନେଇ ତାମିଲନାଡୁର ତ୍ରିଚି ପୋଲିସ ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଦଫା ବଳରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ମନା କରିଦେଇଥିବା ଉଦୟନିଧିଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପ୍ରତିକ୍ରିୟା ଦେଇଛନ୍ତି। ମୋଦି କହିଛନ୍ତି, ଏହି ମନ୍ତବ୍ୟର ଉପଯୁକ୍ତ ଜବାବ ଦିଆଯିବା ଉଚିତ।


ଉଦୟନିଧି ଷ୍ଟାଲିନ


ଅମିତ ମାଲବ୍ୟ

# ନାବାଳିକାଙ୍କୁ ହାଇକୋର୍ଟଙ୍କ ଗର୍ଭପାତ ଅନୁମତି

**ବାପାଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ**

**ଅହମ୍ମଦାବାଦ,୬।୯**

ବାପାଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇ ଗର୍ଭବତୀ ହୋଇଥିବା ଜଣେ ୧୨ ବର୍ଷୀୟା ବାଳିକାଙ୍କ ଗର୍ଭପାତ ଲାଗି ଗୁଜରାଟ ହାଇକୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ନାବାଳିକା ଏବେ ୨୭ ସପ୍ତାହର ଗର୍ଭବତୀ ଥିବାବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ନାବାଳିକାଙ୍କ ମା' ଗର୍ଭପାତ କରିବା ପାଇଁ ହାଇକୋର୍ଟଙ୍କ ଅନୁମତି ମାଗିଥିଲେ। ସେହିପରି ରାଜ୍ୟ ସରକାର ପୀଡ଼ିତାଙ୍କୁ ୨.୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ୫୦ ହଜାର ଟଙ୍କା ତୁରନ୍ତ ପ୍ରଦାନ କରିବା ଓ ପରେ ଆଉ ୨ ଲକ୍ଷ ଟଙ୍କା ତାଙ୍କ ନାଁରେ ଫିକ୍ସଡ ଡିପୋଜିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାଙ୍କୁ ୨୧ବର୍ଷ ହେବା ପରେ ୨ ଲକ୍ଷ ଟଙ୍କା ସୁଧ ସହ ମୂଳ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ନାବାଳିକାଙ୍କ ବାପାଙ୍କୁ ଗିରଫ କରାଯାଇଛି।

# ଡାଇଜେନ୍ ଜେଲ୍ ତ୍ରୁଟି

**ନୂଆଦିଲ୍ଲୀ,୬।୯**

ଡାଇଜେନ୍ ଜେଲ୍ ସିରପ ପ୍ରସ୍ତୁତ କରୁଥିବା ଔଷଧ କମ୍ପାନୀ ଆବୋଟ ଇଣ୍ଡିଆ ତାର ଗୋଆ ୟୁନିଟ୍‌ରେ ପ୍ରସ୍ତୁତ ହୋଇଥିବା ସିରପ ବୋତଲ ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଛି। ସାଧାରଣତଃ ଏହି ସିରପର ରଙ୍ଗ ଗୋଲାପି ହୋଇଥିବାବେଳେ ଏହାର ସ୍ୱାଦ ମିଠା ହୋଇଥାଏ। କିନ୍ତୁ ଅଗଷ୍ଟ ପୂର୍ବରୁ କିଣାଯାଇଥିବା କିଛି ବୋତଲର ସିରପ ରଙ୍ଗ ଧଳା ହେବା ସହ ଏହାର ବାସ୍ନା ମଧ୍ୟ ଅତି କଦର୍ଯ୍ୟ ହେଉଛି ବୋଲି କେତେଜଣ ଗ୍ରାହକ ଅଭିଯୋଗ କରିଥିଲେ। ଏନେଇ କେନ୍ଦ୍ରୀୟ ଔଷଧ ମାନ ନିର୍ଦ୍ଧାରଣ ସଂସ୍ଥା ପକ୍ଷରୁ ଏକ ନୋଟିସ ଜାରି କରାଯିବା ସହ ଏହି ସିରପର ବ୍ୟବହାର ବର୍ତ୍ତମାନ ପାଇଁ ଅସୁରକ୍ଷିତ ଏବଂ ଏହା ପାର୍ଶ୍ୱ ପ୍ରତିକ୍ରିୟାଶୀଳ ବୋଲି କୁହାଯାଇଛି। ସେହିପରି ଗୋଆ ୟୁନିଟ୍‌ରେ ପ୍ରସ୍ତୁତ ହୋଇଥିବା ସିରପଗୁଡିକ ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ନିବେଦନ କରାଯାଇଛି। ଏହି ଘଟଣାକୁ ନେଇ ଡାକ୍ତରମାନେ କହିଛନ୍ତି, ଲୋକେ ଆତଙ୍କିତ ହେବାର ଆବଶ୍ୟକ ନାହିଁ। କେବଳ ଔଷଧ କିଣିବା ପୂର୍ବରୁ ଏହାର ପ୍ରସ୍ତୁତି ତାରିଖକୁ ଭଲ ଭାବେ ପରଖି ନେବାକୁ କୁହାଯାଉଛି। ଅପରପକ୍ଷେ ଡାଇଜେନ ଟାବଲେଟର ବ୍ୟବହାର ପୂର୍ବଭଳି ସୁରକ୍ଷିତ ରହିଛି ବୋଲି ଡାକ୍ତରମାନେ କହିଛନ୍ତି।

# ରାଜସ୍ଥାନ ନିର୍ବାଚନ ପୂର୍ବରୁ ୭ କମିଟି ଗଢ଼ିଲା କଂଗ୍ରେସ

**ନୂଆଦିଲ୍ଲୀ,୬।୯**

ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ ବୁଧବାର ରାଜ୍ୟ କଂଗ୍ରେସର ୭ କମିଟି ଗଠନ କରାଯାଇଛି। ରାଜ୍ୟର ଏଆଇସିସି ପ୍ରଭାରୀ ସୁଖବିନ୍ଦର ରନ୍ଧାୱାଙ୍କୁ କୋର୍ କମିଟି ସଂଯୋଜକ ନିଯୁକ୍ତ କରାଯାଇଛି। ବାଚସ୍ପତି ସି.ପି. ଜୋଷୀଙ୍କୁ ଇସ୍ତାହାର କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀ ଗୋବିନ୍ଦ ରାମ ମେଘୱାଲଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାବେଳେ ପୂର୍ବତନ ମନ୍ତ୍ରୀ ହର୍ଷ ଚୌଧରୀ ରଣନୀତି କମିଟି ଦାୟିତ୍ୱରେ ରହିବେ ବୋଲି କଂଗ୍ରେସ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହା ବ୍ୟତୀତ ୧୦ ଜଣିଆ କୋର୍ କମିଟିରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଓ ଉପୂର୍ବତନ ପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କୁ ରଖାଯାଇଛି।

# ହାତୀ ମୃତ୍ୟୁ ରୋକିବାକୁ ଏଆଇ ଜଗିବ ରେଳ ଧାରଣା

**ନୂଆଦିଲ୍ଲୀ,୬।୯**

ଟ୍ରେନ ଦୁର୍ଘଟଣା କାରଣରୁ ଘଟୁଥିବା ହାତୀ ମୃତ୍ୟୁକୁ ରୋକିବା ଲାଗି ରେଳ ବିଭାଗ ନୂଆ ଯୋଜନା କରିଛି। ଉତ୍ତର ପୂର୍ବ ମଧ୍ୟ ରେଳ ଜୋନ୍ ଅଧୀନରେ ଥିବା ୧୧ଟି ହାତୀ କରିଡରରେ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀ (ଆଇଡିଏସ୍) ବ୍ୟବହାର କରାଯିବ। ଏହାକୁ ୨୦୨୨ ଡିସେମ୍ବରରେ ପ୍ରଥମଥର ଲାଗି ଆଲିପୁରଦୁଆର ଡିଭିଜନରେ ଆରମ୍ଭ କରାଯାଇଥିଲା। ଉତ୍ତର ପୂର୍ବ ମଧ୍ୟ ରେଳପଥର ସୂଚନା ଅନୁସାରେ ଆଇଡିଏସ୍ ପ୍ରଣାଳୀ ଆରମ୍ଭ ହେବାର ୮ ମାସ(ଡିସେମ୍ବର ୨୦୨୨ରୁ ଜୁଲାଇ ୨୦୨୩) ମଧ୍ୟରେ ୯,୭୬୮ ଥର ସତର୍କ ସୂଚନା ମିଳିଛି। ହାତୀଙ୍କ ପାଦ ଚିହ୍ନ ରେଳ ଧାରଣା ପାର୍ଶ୍ୱରେ ପଡ଼ିଥାଏ। ଫଳରେ ଏହି ଆଇଡିଏସ୍, ହାତୀ ରେଳଧାରଣା ପାର କରିବା ପୂର୍ବରୁ ଷ୍ଟେଶନ ମାଷ୍ଟର, ଟ୍ରେନ ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀଙ୍କୁ ସତର୍କ କରାଇ ଦେଇଥାଏ।



## ଫୁରସତ

# ୧୦୦ ପରିବାରକୁ ୧ କୋଟି ଦେବେ ବିଜୟ


ବିଜୟ ଦେବରକୋଣ୍ଡା

**ମୁମ୍ବାଇ:** ନିକଟରେ ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ସାମନ୍ଥା ରୁଥ୍ ପ୍ରଭୁଙ୍କ ଚଳଚ୍ଚିତ୍ର 'କୁଶି' ଚଳିତ ମାସ ଆରମ୍ଭରେ ରିଲିଜ୍ ହୋଇଥିଲା। ଏହି ମୁଭିକୁ ଦର୍ଶକଙ୍କ ଅନେକ ଭଲ ପାଇବା ମିଳିଛି। ଏଥିନେଇ ସୁପରଷ୍ଟାର ବିଜୟ 'କୁଶି'ର ସଫଳତାରେ ସୋମବାର ଆୟୋଜିତ ଏକ ଇଭେଣ୍ଟରେ କିଛି ଘୋଷଣା କରିଛନ୍ତି। ସେ କହିଥିଲେ, ତାଙ୍କ ପ୍ରଶଂସକଙ୍କ ପାଇଁ ଇଭେଣ୍ଟରେ କିଛି ଉପହାର ରଖିଛନ୍ତି। ଯାହା ସେ ଫିଲ୍ମରୁ ଆୟ କରିଛନ୍ତି, ତାହା ବାଣ୍ଟିବେ ବୋଲି କହିଥିଲେ। ସେ ୧ ସପ୍ତାହ ମଧ୍ୟରେ ୧୦୦ ପରିବାରକୁ ୧ କୋଟି ଟଙ୍କା ବଣ୍ଟନ କରିବେ ବୋଲି ଇଭେଣ୍ଟରେ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ସେ ତାଙ୍କର ୧୦୦ ପ୍ରଶଂସକଙ୍କୁ ତାଙ୍କ ଟଙ୍କାରେ ମନାଲି ଟ୍ରିପ୍‌ରେ ପଠାଇଥିଲେ। ତେବେ 'କୁଶି' ବକ୍ସ ଅଫିସରେ ୧୬ କୋଟି ଟଙ୍କା ରୋଜଗାର କରିଥିବାବେଳେ ମୋଟ ଆୟ ୩୯.୨୫ କୋଟି ଛୁଇଁଛି। ଶିବ ନିର୍ବାଣଙ୍କ ନିର୍ଦ୍ଦେଶିତ ଏହି ମୁଭିରେ ବିଜୟଙ୍କ ସହିତ ସାମନ୍ଥା, ସଚିନ ଖେଦେକର, ମୁରଲୀ ଶର୍ମା, ଲକ୍ଷ୍ମୀ ଜୟରାମ ଏବଂ ରୋହିଣୀ ପ୍ରମୁଖଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି। ଏହି ସିନେମାରେ ୨ଜଣ ଏକାକୀ କଶ୍ମୀର ବୁଲିବାକୁ ଆସି ପ୍ରେମରେ ପଡ଼ିଥିବା ଦର୍ଶାଯାଇଛି। ତେବେ ୨୦୨୦ରେ ମୁକ୍ତିଲାଭ କରିଥିବା ବିଜୟଙ୍କ 'ୱାର୍ଲ୍ଡ ଫେମସ ଲଭର' ୮ କୋଟି କ୍ଷତି ସହିଥିଲା। ସେଥିନେଇ ଫିଲ୍ମ ନିର୍ମାତା ଅଭିଷେକ ନାମ ନିଜ ଅଫିସିଆଲ ଆକାଉଣ୍ଟରୁ ତାଙ୍କୁ କିଛି ଟଙ୍କା ଦେବାକୁ ଦାବି କରିଛନ୍ତି।


ପରିଣୀତି ଚୋପ୍ରା–ରାଘବ ଚଡ୍ଡା

# ୨୩ରେ ପରିଣୀତି–ରାଘବଙ୍କ ବିବାହ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ଆପ୍‌ର ରାଜ୍ୟସଭା ସଦସ୍ୟ ରାଘବ ଚଡ୍ଡାଙ୍କ ନିର୍ବନ୍ଧ ପରଠାରୁ ସେମାନଙ୍କ ବିବାହ ଲାଗି ଖୁବ୍ ଚର୍ଚ୍ଚା ଲାଗି ରହିଛି। ତେବେ ଚଳିତ ମାସରେ ଦୁହେଁ ବିବାହ ବନ୍ଧନରେ ବାନ୍ଧିହେବେ ବୋଲି ସୂଚନା ମିଳିଛି। ଆସନ୍ତା ୨୩ ଏବଂ ୨୪ ତାରିଖରେ ଉଭୟ ରାଜସ୍ଥାନର ଉଦୟପୁରର ହ୍ରଦ ପିଛୋଲା ପାଖରେ ନିର୍ମିତ ହୋଟେଲ ଦି ଲିଲା ପ୍ୟାଲେସ୍‌ରେ ଦୁହିଁଙ୍କ ହାତଗଣ୍ଠି ପଡ଼ିବ। ବିବାହ ମହୋତ୍ସବ ଆସନ୍ତା ୧୭ ତାରିଖରୁ ଆରମ୍ଭ ହୋଇଯିବ। ଏଥିରେ କେବଳ ପାଖ ପରିବାର ସଦସ୍ୟଙ୍କ ସହିତ କିଛି ସାଙ୍ଗ ଉପସ୍ଥିତ ରହିବେ। ଏଥିସହ ଅନେକ ରାଜନେତା ମଧ୍ୟ ଏହି ବିବାହରେ ସାମିଲ ହେବେ। ଏହା ଏକ ବଡ଼ ଧରଣର ପଞ୍ଜାବୀ ବିବାହ ହେବାକୁ ଯାଉଛି। ବିବାହ ରୀତିନୀତି ୨୩ ଏବଂ ୨୪ ତାରିଖରେ ସମ୍ପନ୍ନ ହେବ। ଏଥିସହ ଅତିଥିଙ୍କ ପାଇଁ ଦି ଓବେରଏ ଉଦୟବିଳାସର ବୁକିଂ କରାଯାଇଛି। ଏଥିରେ ୨୦୦ ଅତିଥିଙ୍କ ବ୍ୟତୀତ ୫୦ ଜଣ ଭିଭିଆଇପି ଆସିବାର ସୂଚନା ରହିଛି। ଏହି ୨ ରୟାଲ ହୋଟେଲ ବ୍ୟତୀତ ଆଉ ୨ରୁ ୩ଟି ହୋଟେଲରେ ମଧ୍ୟ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଅତିଥିଙ୍କ ତାଲିକାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ମାନ୍, ବିଶିଷ୍ଟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ତାଙ୍କ ସ୍ୱାମୀ ନିକ୍ ଜୋନାସ ସାମିଲ ଅଛନ୍ତି। ଅପରପକ୍ଷେ ଦି ଲିଲାରେ ବିବାହ ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିବାହ ସମ୍ପନ୍ନ ହେବା ପରେ ହରିୟାଣାର ଗୁରୁଗ୍ରାମରେ ରିସେପ୍‌ଶନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବୁଲି ବୁଲି ସଞ୍ଚୟ

**ଅଟାୱା**

ଅନେକ ଲୋକ ଚାହାନ୍ତି ସେମାନେ ବାହାର ଦୁନିଆକୁ ଭଲରେ ବୁଲନ୍ତୁ। ନିକଟରେ ଜଣେ ଦମ୍ପତି ବୁଲିବା ସହ ଟଙ୍କା ସଞ୍ଚୟ କରୁପାରୁଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, କାନାଡ଼ାର ବାସିନ୍ଦା ୩୧ ବର୍ଷୀୟା ଏମିଲି ହାବର୍ଡ ଏବଂ ତାଙ୍କ ସ୍ୱାମୀ ୩୧ ବର୍ଷୀୟ ମୈଟ ରେଗ୍ନେ ମହଙ୍ଗାଠାରୁ ନିସ୍ତାର ପାଇବା ପାଇଁ ନିଜ ପାଖରେ ଥିବା ସମସ୍ତ ଜିନିଷ ବିକି ଦେଇଦେଲେ। ସେଥିରୁ ମିଳିଥିବା ଟଙ୍କାରୁ ଦୁହେଁ ଦୁନିଆ ବୁଲିବାକୁ ସ୍ଥିର କଲେ। ହେଲେ ଆଶ୍ଚର୍ଯ୍ୟକର କଥା ଯେ ସେମାନେ ଏବେ ପ୍ରତିବର୍ଷ ୩୦ ଲକ୍ଷ ଟଙ୍କା ସଞ୍ଚୟ କରୁଛନ୍ତି। ଦମ୍ପତି କହିଛନ୍ତି, ସେମାନେ ଘରେ ରହି ରହି ବିରକ୍ତ ହୋଇଯାଇଥିଲେ। ସେମାନଙ୍କ ଅର୍ଜିତ ଟଙ୍କା ସମସ୍ତ ବିଲ୍ ଦେବାରେ ଚାଲିଯାଏ। ଦିନେ ସେମାନେ ଘରର ସମସ୍ତ ଜିନିଷ ବିକିଦେଲେ। ସେହି ଟଙ୍କାରେ ୪ ଲକ୍ଷ ଟଙ୍କାର ଏକ ପୁରୁଣା ସ୍କୁଲ ବସ୍ କିଣି ୫୪ ଲକ୍ଷ ଟଙ୍କାରେ ତାକୁ ଘରର ରୂପ ଦେଲେ। ମୋଟ ୫୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ମାସକୁ ଅଢ଼େଇ ଲକ୍ଷ ଟଙ୍କା ଅର୍ଥାତ୍ ବର୍ଷକୁ ୩୦ ଲକ୍ଷ ଟଙ୍କା ସଞ୍ଚୟ ହେଉଥିବା କହିଛନ୍ତି। ୨୦୧୯ରେ ସେମାନେ ଏହି ବସ୍ କିଣିଥିଲେ। ସେବେଠାରୁ ଦମ୍ପତି ଏହି ବସ୍ ଭିତରେ ଜୀବନ କାଟୁଛନ୍ତି। ଦମ୍ପତି ବସ୍ ଯୋଗେ କଲମ୍ବିଆ, ଆଲବର୍ଟ ଏବଂ ୟୁକୋନ ଆଦି ସ୍ଥାନ ବୁଲିସାରିଲେଣି।



## ଶେୟାର ବଜାର ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ବୁଧବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍ସେକ୍ସ ୧୦୦.୨୬ ପଏଣ୍ଟ ବଢ଼ି ୬୫,୮୮୦.୫୨ ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୬.୧୫ ପଏଣ୍ଟ ବୃଦ୍ଧି ଘଟି ୧୯,୬୧୧.୦୫ ଅଙ୍କରେ କାରବାର ବନ୍ଦ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଭାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନଭେମ୍ବରରେ ୨ ଦିନିଆ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ

## ଚଳିତ ବର୍ଷ ୧.୫ ଲକ୍ଷ ହେକ୍ଟର ଜମିରେ ହେବ ମିଲେଟ୍ ଚାଷ

ଭୁବନେଶ୍ୱର,୬।୯(ଅନିଲ ଦାସ)

ମିଲେଟ୍ର ବହୁଳ ବ୍ୟବହାର, ଚାଷର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆସନ୍ତା ନଭେମ୍ବର ୯ ଓ ୧୦ ଦୁଇଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ ଅନୁଷ୍ଠିତ ହେବ। ମାଣ୍ଡିଆ ବା ମିଲେଟ୍ ଜାତୀୟ ଖାଦ୍ୟ ଶସ୍ୟର ଘରୋଇ ବ୍ୟବହାର ବୃଦ୍ଧି, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମିଲେଟ୍ ଖାଦ୍ୟ ସଂସ୍କୃତିର ପୁନରୁଦ୍ଧାର, ଜମିର ବିହନ ପ୍ରଣାଳୀ ମାଧ୍ୟମରେ ବାଜରା ଜମିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ଏ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆୟୋଜିତ




ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ମାଣ୍ଡିଆ ଉତ୍ପାଦନ କ୍ଷେତ୍ରରେ ସଦ୍ୟତମ ଗବେଷଣା, ଚାଷ ଅଭ୍ୟାସ, ମୂଲ୍ୟଯୁକ୍ତ ଉତ୍ପାଦନ ପ୍ରତି ଧ୍ୟାନ ଦେବା ସହିତ ଆୟୋଜନ ହେବାକୁ ଥିବା ସମ୍ମିଳନୀ ଯେପରି ଅନ୍ତର୍ଜାତୀୟ ସ୍ତରର ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାରେ ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ଓଡ଼ିଶା ମିଲେଟ୍ ମିଶନରେ ପୂର୍ବରୁ ସାମିଲ ଥିବା ୧୯ଟି ଜିଲାର ୧୪୩ଟି ବ୍ଲକକୁ ପରିବର୍ଦ୍ଧିତ କରାଯାଇ ଏବେ ୩୦ଟି ଜିଲାର ୧୭୭ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା କ୍ୟାବିନେଟ ବୈଠକରେ ୨୦୨୩-୨୪ରୁ ୨୦୨୬-୨୭ ପର୍ଯ୍ୟନ୍ତ ଓଡ଼ିଶା ମିଲେଟ ମିଶନକୁ ଅନୁମୋଦନ ମିଳିଛି। ଚଳିତ ଆର୍ଥିକ ବର୍ଷରେ ୧.୫ ଲକ୍ଷ ହେକ୍ଟର ଜମିରେ ମିଲେଟ୍ ଚାଷ କରିବା ଲକ୍ଷ୍ୟ ରଖାଯାଇଛି। ଏଥିରେ ୨.୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ସାମିଲ ହେବେ। ଓସେପା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହଯୋଗରେ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ପାଇଁ ମିଲେଟ୍ କୁଇଜ୍ ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ଏକ୍ସପୋଜର୍ ଭିଜିଟ୍, ଫୁଡ୍ ଫେଷ୍ଟିଭାଲ୍, ଗ୍ରାମୀଣ ଇତିହାସ କାର୍ଯ୍ୟକ୍ରମ ପାଇଁ ଏକ ବିସ୍ତୃତ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ମିଲେଟ୍ ମିଶନର କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ଅଂଶୀଦାରଙ୍କ ସଫଳତାର କାହାଣୀ ଏଥିରେ ପ୍ରଦର୍ଶିତ ହେବ। ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ଓ କୃଷକ ସଶକ୍ତିକରଣ ସଚିବ ଅରବିନ୍ଦ କୁମାର ପାଢ଼ୀ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍, କୃଷି ବିଭାଗ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲାଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଲକୃଷ୍ଣଙ୍କ ଦ୍ୱାରା ଅଣସଂରକ୍ଷିତ ଶିଖରର ନାମକରଣ



ଭୁବନେଶ୍ୱର,୬।୯

ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଦ୍ୱାରା ହିମାଳୟ ପର୍ବତର ନାମହୀନ ଅଣସଂରକ୍ଷିତ ଶିଖରର ନାମକରଣ 'କୈଳାଶ ଶିଖର ଏବଂ ନନ୍ଦୀ ଶିଖର' ଭାବେ ନାମିତ କରାଯାଇଛି। ବିଶେଷକରି ଶ୍ରୀକାନ୍ତ ପର୍ବତ ଏବଂ ହର୍ଷିଲ୍ ହର୍ନ ଶିଖର-୨ ମଧ୍ୟରେ ଅବସ୍ଥିତ ତୁଷାର ଶିଖର ଯାହାର ଉଚ୍ଚତା ପ୍ରାୟ ୧୭,୫୦୦ଫୁଟ ହେବ। ଏପରିକି ଓମ୍ ଶିଖର କୈଳାଶଙ୍କ ଆକୃତି ସହିତ ପ୍ରକୃତ କୈଳାଶ ମଧ୍ୟ ଦୃଶ୍ୟମାନ ହୋଇଥିଲା ଯେଉଁଥିରୁ ନାମହୀନ, ଅବରୋଧିତ ତୁଷାର ଶିଖର ଦୃଶ୍ୟମାନ ହେଉଥିଲା। ଆଚାର୍ଯ୍ୟଙ୍କର ଆରୋହଣ ପାଇଁ ଉତ୍ସାହ, ଶକ୍ତି ଏବଂ ଉତ୍ସାହ ତାଙ୍କୁ ଅନେକ ଥର ଆକୃଷ୍ଟ କରିଥିଲା। ଆଚାର୍ଯ୍ୟ ଉକ୍ତ ନନ୍ଦୀ ଆକୃତିର ତୁଷାର ଶିଖରକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ, ଯାହାର ଉଚ୍ଚତା ପ୍ରାୟ ୧୬,୫୦୦ଫୁଟ ଥିଲା। ଅପରପକ୍ଷରେ ନେହେରୁ ଇନଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନେରିଂର ପ୍ରିନ୍ସିପାଲ୍ କର୍ଣ୍ଣେଲ ଭଦରିଆ ଏବଂ ପତଞ୍ଜଳିର ଏକ ସ୍ୱତନ୍ତ୍ର ଦଳ ସହିତ ଆଚାର୍ଯ୍ୟ ବାଲକୃଷ୍ଣ ଉକ୍ତ ଶିଖର ଉପରକୁ ଯିବା ପାଇଁ ନିଷ୍ପତ୍ତି ନେବା ସହ ୨ଟି ଭିନ୍ନ ଦଳ ଓମ୍ ପର୍ବତ ଏବଂ ନନ୍ଦୀ ପର୍ବତ ଉପରକୁ ଯାଇଥିଲେ। ସେହିଭଳି ପତଞ୍ଜଳି ପରିବାର ଗର୍ବିତ ଯେ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପତଞ୍ଜଳି କେବଳ ଦୁଇଟି ଅଣସଂରକ୍ଷିତ ଶିଖରକୁ ସଫଳତାର ସହ ଚଢ଼ି ନାହାନ୍ତି, ବରଂ ଭଗବାନଙ୍କ କୃପାରୁ କୈଳାଶ ଏବଂ ନନ୍ଦୀଙ୍କୁ ସେ ଏକତ୍ର ଈଶ୍ୱରୀୟ ହିମାଳୟରେ ଦେଖିବାର ସୌଭାଗ୍ୟ ମଧ୍ୟ ପାଇଛନ୍ତି। ସେଥିପାଇଁ ଆଚାର୍ଯ୍ୟ ସେହି ନାମହୀନ ଅଣସଂରକ୍ଷିତ ଶିଖର ନାମ କୈଳାଶ ଶିଖର ଏବଂ ନନ୍ଦୀ ଶିଖର ନାମକରଣ କରିଛନ୍ତି। ଏ ନେଇ ଆଚାର୍ଯ୍ୟ କହିଛନ୍ତି, ଆମର ଉତ୍ତରାଖଣ୍ଡ ଦେବଭୂମି ଏବଂ ଦେବ ସଂସ୍କୃତିକୁ ବିଶ୍ୱବ୍ୟାପୀ କରିବାରେ ଏହା ଏକ ମାଇଲଖୁଣ୍ଟ ବୋଲି ପ୍ରମାଣିତ କରିବ ଏବଂ ଲୋକଙ୍କ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ପାଇଁ ଏକ ନୂତନ ପଥ ପରିଷ୍କାର କରିବ। ଉଲ୍ଲେଖଯୋଗ୍ୟ, ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଦଳରେ ଡ. ରାଜେଶ ମିଶ୍ର, ଡ. ଭାସ୍କର ଜୋଷୀ,ସୁରଜ ଏବଂ ଲୋକେଶ ପନ୍ୱାର ଥିଲାବେଳେ ଭଦୁରିଆଙ୍କ ଦଳରେ ସୌରଭ ରାଉତେଲା, ଗିରୀଶ ରାଙ୍କୋଟି,ରବୀନ୍ଦ୍ର ସିଂ,ଗୋବିନ୍ଦ ରାମ,ଅନୁପ ପନ୍ୱାର ଥିଲେ।

# ଭୁବନେଶ୍ୱରରେ ଅଲ୍ଟିଗ୍ରୀନ୍ର ପ୍ରଥମ ଶୋ'ରୁମ୍



ଭୁବନେଶ୍ୱର,୬।୯ (ଅଭୟ ଦାଶ)

ଦେଶର ଅଗ୍ରଣୀ ବାଣିଜ୍ୟିକ ୩ ଚକିଆ ବୈଦ୍ୟୁତିକ ଯାନ (ଇଭି) ନିର୍ମାତା ଅଲ୍ଟିଗ୍ରୀନ୍ର ନୂତନ ତଥା ପ୍ରଥମ ଶୋ'ରୁମ୍ ଏବଂ ଏକ୍ସପେରିଏନ୍ସ ସେଣ୍ଟର ବୁଧବାର କଟକ-ପୁରୀ ବାଇପାସ୍ଠାରେ ଉଦ୍ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଜ୍ୟୋତି ମୋଟର୍ସ ଆନୁକୂଲ୍ୟରେ ଅଲ୍ଟିଗ୍ରୀନ୍ର ପ୍ରଥମ ଶୋ'ରୁମ୍ ଏବଂ ଏକ୍ସପେରିଏନ୍ସ ସେଣ୍ଟର ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଲ୍ଟିଗ୍ରୀନ୍ର ପ୍ରତିଷ୍ଠାତା ତଥା ସିଇଓ ଡ. ଅଭିତାଭ ସରନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତି ମୋଟର୍ସର ଏମ୍ଡି ଦେବଜ୍ୟାତି ପଟ୍ଟନାୟକ, ଅମନ ପଟ୍ଟନାୟକଙ୍କ ସମେତ ପଟ୍ଟନାୟକ ପରିବାରର ସଦସ୍ୟ ଏବଂ ଉଭୟ ଅଲ୍ଟିଗ୍ରୀନ୍ ଓ ଜ୍ୟୋତି ମୋଟର୍ସର କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଶେଷ କରି ଅଲ୍ଟିଗ୍ରୀନ୍ର ୨ଟି ଆକର୍ଷଣୀୟ ବାଣିଜ୍ୟିକ ଯାନ ଅଲ୍ଟିଗ୍ରୀନ୍ ନ୍ୟୁ ଇଭି ହାଇ ଡେକ୍ ଏବଂ ଲୋ ଡେକ୍କୁ ଆନୁଷ୍ଠାନିକ ଭାବେ ଜ୍ୟୋତି ମୋଟର୍ସ ଜରିଆରେ ଓଡ଼ିଶା ବଜାରରେ କାରବାର ଆରମ୍ଭ କରିଥିବା ଅଲ୍ଟିଗ୍ରୀନ୍ ଆଗାମୀ ଦିନରେ ଯାତ୍ରୀବାହୀ ଯାନକୁ ମଧ୍ୟ ବଜାର ପ୍ରବେଶ କରାଇବ ବୋଲି ଘୋଷଣା କରିଛି। ଏ ସମ୍ପର୍କରେ ଅଲ୍ଟିଗ୍ରୀନ୍ର ପ୍ରତିଷ୍ଠାତା ତଥା ସିଇଓ ଡ. ଅଭିତାଭ ସରନ କହିଛନ୍ତି, ଜ୍ୟୋତି ମୋଟର୍ସ ସହଭାଗିତାରେ ଆମେ ଆମର ବ୍ରାଣ୍ଡକୁ ଓଡ଼ିଶା ବଜାରରେ ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଜ୍ୟୋତି ମୋଟର୍ସର ଏମ୍ଡି ଦେବଜ୍ୟୋତି ପଟ୍ଟନାୟକ କହିଛନ୍ତି, ଅଲ୍ଟିଗ୍ରୀନ୍ ଜରିଆରେ ଆମେ ଓଡ଼ିଶା ବଜାରରେ ଇଭି ଯାନର ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରିବୁ। କାରଣ ଜ୍ୟୋତି ମୋଟର୍ସ ଉପରେ ଓଡ଼ିଶାବାସୀଙ୍କର ବିଶ୍ୱାସ ଭରସା ଓ ଭଲପାଇବା ରହିଛି।

# ଆଇଏଫ୍ଏମ୍ ସହ ବିଜିୟୁର ବୁଝାମଣା



ଭୁବନେଶ୍ୱର,୬।୯

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଭୁବନେଶ୍ୱର ଏବଂ ତାଞ୍ଜାନିଆସ୍ଥିତ ଡାର୍-ଏସ୍-ସଲାମର ଇନଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସ ମ୍ୟାନେଜମେଣ୍ଟ (ଆଇଏଫ୍ଏମ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସହ ଚୁକ୍ତିପତ୍ର ନିକଟରେ ସ୍ୱାକ୍ଷରିତ ହୋଇଯାଇଛି।

ଏହି ପରିପ୍ରେକ୍ଷୀରେ ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର ଏବଂ ଆଇଏଫ୍ଏମ୍ର ପ୍ରଫେସର ଜୋସେଫଟ୍ ଡାନିଏଲ ଲୋଟୋ ଉକ୍ତ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ବିଜିୟୁର ରେଜିଷ୍ଟ୍ରାର ପ୍ରଫେସର ବି.କେ.ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି.ନାୟକ, ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା, ଆଇଏଫ୍ଏମ୍ର ପ୍ରଫେସର ଟେଡୋ ସଙ୍ଗା, ଆଇଏଫ୍ଏମ୍ର ବରିଷ୍ଠ ଅଧ୍ୟାପକ ବର୍ନାଡ ମଞ୍ଜାଭା, ବିଜିୟୁର ଆସୋସିଏଟ୍ ପ୍ରଫେସର ପି.କେ. ସନ୍ନ୍ୟାଲ, ଇଣ୍ଟରନ୍ୟାଶନାଲ ରିଲେଶନ୍ସ କମିଟିର ଅଧ୍ୟକ୍ଷ ତଥା ଆସୋସିଏଟ୍ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ବିଶେଷକରି ଏହି ଦୁଇ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ର ଅନ୍ତର୍ଜାତୀୟ ବୁଝାମଣାକୁ ସୁଦୃଢ଼ କରିବା ସହ ରିସର୍ଚ୍ଚ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ, ଯାହା ଉଭୟ ଶିକ୍ଷାନୁଷ୍ଠାନ ପାଇଁ ବେଶ୍ ସହାୟକ ହେବ। ଉଲ୍ଲେଖଯୋଗ୍ୟ, ଆଇଏଫ୍ଏମ୍ ହେଉଛି ଡାର୍-ଏସ୍-ସଲାମ, ତାଞ୍ଜାନିଆର ଏକ ସରକାରୀ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ, ଯାହା ବ୍ୟାଙ୍କିଙ୍ଗ୍, ବୀମା, ସାମାଜିକ ସୁରକ୍ଷା, ଟିକସ ଏବଂ ଆକାଉଣ୍ଟିଂ କ୍ଷେତ୍ରରେ ଟ୍ରେନିଂ, ରିସର୍ଚ୍ଚ ଏବଂ ପରାମର୍ଶ ପ୍ରଦାନ କରିବା ପାଇଁ ୧୯୭୨ରେ ପ୍ରତିଷ୍ଠା ହୋଇଥିଲା।

**Classified Everyday**
**0674-2580101, 2549949**


**REAL ESTATE**
**SALE**

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208




2BHK house for rent, Mahatabroad, Old Town, Bhubaneswar - 9000/-. 9338636105. D-1235




**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Spa Kerala body Massage only best Therapist @699/- Bhubaneswar. 9337672475. D-1199

**Newly open spa positively health benefits with expert therapist. 9938843929.** D-75145

Home service full body massage only for female Whatsapp 9777267601, 7853083303. D-1219

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

**AFFIDAVIT**

I, Shreeyashree Devi, D/o Surendra Sabar, resident of MIG-53, BDA Colony, Phase-1, Pokhariput, Bhubaneswar, Odisha-751020 declare by this affidavit No.403, dtd.04.09.2023 that now onwards I shall be known as Shreyashree Devi for all future purposes. D-46564

ମୁଁ ଗୋଲି ଗୋବିନ୍ଦ, ପିତା- ଗୋଲି ସୂର୍ଯ୍ୟ ରାଓ, ସା./ପୋ.- ସିନ୍ଦୁରପଙ୍କ, ତହସିଲ- ମାନେଶ୍ୱର, ଜିଲ୍ଲା- ସମ୍ବଲପୁର ଏକ ସତ୍ୟପାଠ ଜରିଆରେ ଜଣାଉଛି ଯେ ମୋର ପତ୍ନୀ ଗୋଲି ଭେଙ୍କଟ ଲକ୍ଷ୍ମୀଙ୍କ ତା୦୪।୦୫।୨୦୨୩ରେ ମୃତ୍ୟୁ ହୋଇଥିଲା। ତାଙ୍କର ଉତ୍ତରାଧିକାରୀ ଭାବରେ ମୁଁ ଗୋଲି ଗୋବିନ୍ଦ (ସ୍ୱାମୀ), ଗୋଲି ଜଗଦୀଶ (ପୁତ୍ର), ପୁତା ମଙ୍ଗାଦେବୀ (ବିବାହିତ ଝିଅ), ଜି. ମାଲେଶ୍ରୀ (ବୋହୂ), ଜି. ବାଲା ସୁରେଶଚନ୍ଦ୍ର (ନାତି), ଜି. ହର୍ଷିତା (ନାତୁଣୀ) ଅଛନ୍ତି। ବର୍ତ୍ତମାନ ମୁଁ ଲିଗାଲହେୟାର ସାର୍ଟିଫିକେଟ୍ ପାଇଁ ତହସିଲଦାର, ମାନେଶ୍ୱରଙ୍କ ନିକଟରେ ଆବେଦନ କରିଛି। ଏଥିରେ ଯଦି କାହାର କିଛି ଅଭିଯୋଗ କିମ୍ବା ଅନ୍ୟ କେହି ଉତ୍ତରାଧିକାରୀ ଥିଲେ ତିନି (୩) ଦିନ ମଧ୍ୟରେ ଆର.ଆଇ., ଠେମରା କିମ୍ବା ତହସିଲଦାର, ମାନେଶ୍ୱରଙ୍କ ନିକଟରେ ଅଭିଯୋଗ କରିପାରିବେ। ଧ-୧୨୩୮

**୪ର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା**



**ବିଭାସ ଦେବ୍ (କ୍ରିଷ୍ଣା)**

କ୍ରିଷ୍ଣା, ଆଜି ତୋର ୪ର୍ଥ ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ତୋତେ ଯଶସ୍ୱୀ, ବିଦ୍ୟୁଷୀ ତଥା ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ଜେଜେ, ବୋଉ, ବାବା, ମାମା, ଡିଟୁଭାଇ, ଶ୍ରଦ୍ଧାଦିଦି, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।
ରାହୁରା, ଗବବସ୍ତ, କଟକ
ଧ-୧୨୩୬

**23rd Birthday Wishes**
**RUPSA RANI SWAIN**
**Nimapada, Puri**
ଆଜି ତୁମର ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ଅଶେଷ କୃପାରୁ ତୁମର ଭବିଷ୍ୟତ ଓ ଜୀବନ ସୁଖମୟ ହେଉ, ଏହା ହିଁ ପ୍ରଭୁଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା।
**ଶୁଭେଚ୍ଛା ସହ: ବାଦଲ ସାହୁ**
**Mob: 9937947264**
ଧ-୧୨୩୦

**LEGAL NOTICE**

**ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ପାତ୍ରପଡ଼ା**
**ନୋଟିସ**
**ମି: ଡିମାର୍କେସନ କେସ୍ ନଂ.207/22**

ବାଦୀ: ଶ୍ରୀ ଅମରନାଥ ପଣ୍ଡା, ପିତା- ନବକୁମାର ପଣ୍ଡା, ସା.- ପ୍ଲଟ୍ ନଂ.୪୪୫, ଶବରସାହି, ଥା- ନୟାପଲ୍ଲୀ, ଜି.- ଖୋର୍ଦ୍ଧା
ପ୍ର.ବାଦୀ:
(୧) ସୁନ୍ଦରମଣି ବଡ଼ଜେନା, ସ୍ୱାମୀ- ମନ୍ମଥ ବଡ଼ଜେନା, ସା.- ଦାମୋଦରପୁର, ଥା.- ଖଣ୍ଡଗିରି, ଜି.- ଖୋର୍ଦ୍ଧା
(୨) ବିଳାସିନୀ ଦାସ, ସ୍ୱାମୀ- ଅଭିରାମ ଦାସ, ସା.- ଗୋପୀନାଥପୁର, ଥା.- ଜଙ୍କିଆ, ଜି.- ଖୋର୍ଦ୍ଧା
(୩) ମଞ୍ଜୁରାଣୀ ପାଢ଼ୀ, ସ୍ୱା.- ରମେଶ ଦାସ, ସା.- ଗୋପୀନାଥପୁର, ଥା.- ଜଙ୍କିଆ, ଜି.- ଖୋର୍ଦ୍ଧା
(୪) ବାସୁଦେବ ସାହୁ, ପିତା- ଜଗବନ୍ଧୁ ସାହୁ, ସା.- ମଧୁପୁର, ଥା.- ମଙ୍ଗଳପୁର, ଜି.- କଟକ

ଏହି କି ନିମ୍ନଲିଖିତ ପ୍ଲଟ୍ ମାପ କରିବା ପାଇଁ ବାଦୀ ଉପରୋକ୍ତ କେସ୍ ଦାଏର କରି ଆପଣଙ୍କୁ ଚୌହଦି ପକ୍ଷ କରିଥିବାରୁ ଉଭୟଙ୍କ ଉପସ୍ଥିତିରେ ମାପ କରାଯିବା ପାଇଁ ତହସିଲଦାର, ଭୁବନେଶ୍ୱରଙ୍କର ନିମ୍ନ ସ୍ୱାକ୍ଷରକାରୀଙ୍କୁ ଆଦେଶ ଅଛି।

ନିମ୍ନ ଲିଖିତ ପ୍ଲଟ୍ ମାପ କରାଯିବା ପାଇଁ ଆସନ୍ତା ତା୧୮।୯।୨୩ରିଖ, ପୂର୍ବାହ୍ନ ଘ.୧୧.୦୦ଣ୍ଟା ସମୟ ସ୍ଥିର କରାଯାଇଅଛି। ଆପଣ ଉକ୍ତ ଦିନ ଯଥା ସମୟେ ନିମ୍ନଲିଖିତ ପ୍ଲଟ୍ର ସରଜମିନରେ ଉପସ୍ଥିତ ଥିବେ। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଇତି।

| ମୌଜା | ଖାତା | ପ୍ଲଟ୍ | ଏରିଆ |
|---|---|---|---|
| ରଣସିଂହପୁର | ୨୩୩/ ୧୫୭ | ୩୦୭/ ୬୬୯ | ୦.୩୫୦ |

**ସ୍ୱା./- ରାଜସ୍ୱ ନିରୀକ୍ଷକ ପାତ୍ରପଡ଼ା**
D-1234

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଅଭିରାମ ମହାରଣା**
ବାଲିକୁଦା, ଗୋପାଳପୁର, କଟକ
ଆବିର୍ଭାବ: ତା୧୨।୦୪।୧୯୬୨
ତିରୋଧାନ: ତା୨୦।୦୮।୨୦୨୨
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭକୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ସ୍ତ୍ରୀ- ପ୍ରେମଲତା, ପୁତ୍ର ଲକି, ଝିଅ ଚିକି, ଜ୍ୱାଇଁ ଅଜିତ, ଭାଇ ଟୁକୁନା, ଝିଲି, ମକି, ଭଉଣୀଭିଣୋଇ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୩୭

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲାଭି'ର ଏକ୍ସକ୍ଲୁସିଭ ଆଉଟ୍ଲେଟ୍



ଭୁବନେଶ୍ୱର,୬।୯

ଦେଶର ଅଗ୍ରଣୀ ଫ୍ୟାଶନ ବ୍ରାଣ୍ଡ ଲାଭି'ର ପ୍ରଥମ ତଥା ନୂତନ ଏକ୍ସକ୍ଲୁସିଭ ଆଉଟ୍ଲେଟ ଭୁବନେଶ୍ୱରର କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ରେ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ବିଶେଷକରି ଏଠାରେ ସମସ୍ତ ପ୍ରକାର ଫ୍ୟାଶନ୍ ଆସେସୋରିଜ୍ ଉପଲବ୍ଧ। ଏପରିକି ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଓ ଗୁଣାତ୍ମକ ହ୍ୟାଣ୍ଡ ବ୍ୟାଗ୍, ସିଲିଙ୍ଗ୍ ବ୍ୟାଗ୍, ୱାଲେଟ୍, କ୍ଲଚ୍, ବ୍ୟାକ୍ପ୍ୟାକ୍, ଡଫଲ ବ୍ୟାଗ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ପାଇପାରିବେ। ଏ ସମ୍ପର୍କରେ ଲାଭିର ଶାଖା ପରିଚାଳକ ସୁମନ ଚାକି କହିଛନ୍ତି, ଭୁବନେଶ୍ୱରରେ ପ୍ରଥମ ଆଉଟ୍ଲେଟ୍ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଲାଭର ସ୍ୱତନ୍ତ୍ର ହ୍ୟାଣ୍ଡବ୍ୟାଗ୍ ସଂଗ୍ରହକୁ ନେଇ ଆମେ ଅତ୍ୟନ୍ତ ଆନନ୍ଦିତ। ଏପରିକି ଆମର ଲକ୍ଷ୍ୟ ହେଉଛି ଗ୍ରାହକମାନଙ୍କୁ ଏକ ପ୍ରିମିୟମ୍ ଶପିଂ ଅଭିଜ୍ଞତା ଏବଂ ସେମାନଙ୍କର ବ୍ୟକ୍ତିତ୍ୱ ବ୍ୟକ୍ତ କରିବା ପାଇଁ ଷ୍ଟାଇଲିସ୍ ବିକଳ୍ପଗୁଡ଼ିକର ଏକ ବିସ୍ତୃତ ଧାରା ଯୋଗାଇବ। ସେହିପରି ଲାଭିର ଫ୍ରାଞ୍ଚାଇଜ୍ ମାଲିକ ରାଜଲକ୍ଷ୍ମୀ ସାହୁ କହିଛନ୍ତି, ଭୁବନେଶ୍ୱରର ଲୋକଙ୍କୁ ଆମର ନୂତନ ଷ୍ଟୋରକୁ ସ୍ୱାଗତ କରୁଛୁ। ଏପରିକି ଗ୍ରାଣ୍ଡ ଉଦ୍ଘାଟନୀ ଉତ୍ସବରେ ସ୍ୱତନ୍ତ୍ର ରିହାତି, ଉତ୍ସାହଜନକ ଉପହାର ମଧ୍ୟ ପ୍ରତିକ୍ରୟ ଉପରେ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଉତ୍କଳ କନିକା ଗ୍ୟାଲେରିଆ ମଲ୍ର ୨ୟ ମହଲାରେ ଲାଭିର ପ୍ରଥମ ଏକ୍ସକ୍ଲୁସିଭ୍ ଷ୍ଟୋର ପରିଦର୍ଶନ କରନ୍ତୁ। ଉକ୍ତ କାର୍ଯ୍ୟକ୍ରମରେ ମଲ୍ର ଜିଏମ୍ ଦୁଲାଲ ଚନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ଆଜିଠାରୁ 'ହୋମ୍ ଶପିଂ ସ୍ପ୍ରି' ଉତ୍ସବ

ଭୁବନେଶ୍ୱର,୬।୯

ଦେଶର ପ୍ରମୁଖ ଇ କର୍ମସ ପ୍ଲାଟଫର୍ମ ଆମାଜନ୍.ଇନର ବହୁ ପ୍ରତୀକ୍ଷିତ 'ହୋମ୍ ଶପିଂ ସ୍ପ୍ରି'ର ଶୁଭାରମ୍ଭ ଗୁରୁବାର ଠାରୁ ହେଉଛି। ଏହି ପରିପ୍ରେକ୍ଷୀରେ ଅନେକ ପ୍ରସିଦ୍ଧ ଓ ଲୋକପ୍ରିୟ ବ୍ରାଣ୍ଡ ଉପରେ ଆକର୍ଷଣୀୟ ଡିଲ୍ ଓ ଅଫର ପ୍ରଦାନ କରାଯାଉଛି। ଏପରିକି ଲୋକପ୍ରିୟ ବ୍ରାଣ୍ଡ ହିନ୍ଦଓୟାର, ହାଭେଲ୍ସ, ୟୁରେକା ଫୋର୍ବସ, ସ୍ଲିପୱେଲ୍, ଲିଭପିଓର, ଏଚଆଇଟି, ଜାଗର ସ୍ମିଥ୍, କିମ୍ବର୍ଲି କ୍ଲାର୍କ, ବିଲ୍ଡସ୍କିଲ୍, ବିଏସବି ହୋମ୍ ଭଳି ଆହୁରି ଅନେକ ସାମିଲ ରହିଛି। ଆମାଜନ୍.ଇନରେ ଗ୍ରାହକମାନେ ହୋମ୍ ଡେକୋର, ହୋମ୍ ଇମ୍ପ୍ରୁଭମେଣ୍ଟ, କିଚେନ୍ ଆପ୍ଲିଆନସ୍ସ୍, ଲନ୍ ଓ ଗାର୍ଡେନର୍ ଉପକରଣରେ ୭୦%ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର ୨୦୨୩ ସେପ୍ଟେମ୍ବର ୭ରୁ ୧୦ପର୍ଯ୍ୟନ୍ତ ଉପଲବ୍ଧ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ସେପ୍ଟେମ୍ବର, ୨୦୨୩



# ସିନେମା ସଂଳାପ ପ୍ରସଙ୍ଗ

"ଚଳଚ୍ଚିତ୍ରଟିଏ ନିର୍ମାଣର ପରିକଳ୍ପନା ଯେତେବେଳେ ନିର୍ଦ୍ଦେଶକ ଜଣକ କରନ୍ତି, ସେତେବେଳେ କାହାଣୀକାର ଚିତ୍ରନାଟ୍ୟକାର ସମୂହଙ୍କ ରୁଚିବୋଧ ଓ ଚେତନାକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଥାନ୍ତି। ଚଳଚ୍ଚିତ୍ରଟି କିପରି ଲୋକପ୍ରିୟତା ଲାଭ କରିବ ସେଥିପାଇଁ ସଂଳାପକାର ଚରିତ୍ରମାନଙ୍କ ପାଇଁ ସଂଳାପ ରଚନା କରିଥାନ୍ତି। ଅଭିନେତା ଓ ଅଭିନେତ୍ରୀମାନଙ୍କ ମୁହଁରେ ଉଚ୍ଚାରିତ ସଂଳାପ ଯଦି ହୃଦୟସ୍ପର୍ଶୀ ହୁଏ ତେବେ ତାହା ସ୍ମରଣୀୟ ହୋଇ ରହିଥାଏ।"

ଦିଲୀପ ହାଲି

ଓଡ଼ିଆ ସିନେମା ନିର୍ମାଣ ବେଳେ ଯେଉଁସବୁ ବିଭାଗ ପ୍ରତି ଗୁରୁତ୍ୱ ଦିଆଯାଏ ତନ୍ମଧ୍ୟରେ ହେଲା କାହାଣୀ ଓ ଚିତ୍ରନାଟ୍ୟ। ତା'ପରେ ଚରିତ୍ର ଉପଯୋଗୀ କଳାକାର ଚୟନ କରାଯାଏ। କଳାକାରମାନେ ଅଭିନୟ ସମୟରେ କଥାବାର୍ତ୍ତାର ଭାଷା ଯାହା ବ୍ୟବହାର ହୁଏ ତାହାକୁ ସଂଳାପକାର ମାନେ ହିଁ ଲେଖିଥାନ୍ତି। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ମାଧ୍ୟମରେ ହିଁ ରକ୍ତମାଂସ ଦେଇ ଜୀବନ୍ତ କରାଯାଏ। କାହାଣୀର ଆତ୍ମା ସହିତ ସଂଳାପ ଲେଖକ ଯଦି ନିମଗ୍ନ ହୋଇ କାର୍ଯ୍ୟ କରି ନ ଥିବେ ତେବେ ସେ ଚରିତ୍ରଟି ଜୀବନ୍ତ ହୋଇପାରିବ ନାହିଁ। ସଂଳାପ ପରିବେଷଣ ଦ୍ୱାରା ଚଳଚ୍ଚିତ୍ରରେ ଚରିତ୍ର ସମୂହ ଜୀବନ୍ତ ହୁଏ।

ଚଳଚ୍ଚିତ୍ରଟିଏ ନିର୍ମାଣର ପରିକଳ୍ପନା ଯେତେବେଳେ ନିର୍ଦ୍ଦେଶକ ଜଣକ କରନ୍ତି, ସେତେବେଳେ କାହାଣୀକାର ଚିତ୍ରନାଟ୍ୟକାର ସମୂହଙ୍କ ରୁଚିବୋଧ ଓ ଚେତନାକୁ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିଥାନ୍ତି। ଚଳଚ୍ଚିତ୍ରଟି କିପରି ଲୋକପ୍ରିୟତା ଲାଭ କରିବ ସେଥିପାଇଁ ସଂଳାପକାର ଚରିତ୍ରମାନଙ୍କ ପାଇଁ ସଂଳାପ ରଚନା କରିଥାନ୍ତି। ଅଭିନେତା ଓ ଅଭିନେତ୍ରୀମାନଙ୍କ ମୁହଁରେ ଉଚ୍ଚାରିତ ସଂଳାପ ଯଦି ହୃଦୟସ୍ପର୍ଶୀ ହୁଏ ତେବେ ତାହା ସ୍ମରଣୀୟ ହୋଇ ରହିଥାଏ।



ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ଲେଖକ ଭାବେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶାରଦା ପ୍ରସନ୍ନ ନାୟକ, ନରସିଂହ ମହାପାତ୍ର, ଗୋପାଳ ଛୋଟରାୟ, ଡ. ବସନ୍ତ ମହାପାତ୍ର, ବିଜୟ ମିଶ୍ର, ପ୍ରଶାନ୍ତ ନନ୍ଦ, ଭୁବନେଶ୍ୱର ମହାପାତ୍ର, ହିମାଂଶୁ ଭୂଷଣ ସାବତ, ପ୍ରଫୁଲ୍ଲ ରଥ, ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ଡ. ସୁବୋଧ ପଟ୍ଟନାୟକ, ନିଜାମ, ରମେଶ ପାଣିଗ୍ରାହୀ, ନନ୍ଦଲାଲ ମହାପାତ୍ର, ବିଜୟ ମଲ୍ଲ, ଡ. ନିର୍ମଳ ନାୟକ, ଦେବୀଦତ୍ତ ମହାନ୍ତି, ବାପୁ ଗୋସ୍ୱାମୀ, ଦିଲୀପ ଚୌଧୁରୀ, ରଣଜିତ୍ ପଟ୍ଟନାୟକ, ରଜନୀ ରଞ୍ଜନ ଦାସ ପ୍ରମୁଖ ୮୭ ବର୍ଷର ଓଡ଼ିଆ ଚଳଚ୍ଚିତ୍ରରେ ସେଇ ପୁରୁଣା ଗୀତ ଓ ସଂଳାପକାରଙ୍କ ଲେଖା ଆଜି ବି ସ୍ମୃତିପଟ୍ଟରେ ରହିଛି। ୧୯୮୦ ଓ ୨୦୦୦ ପର୍ଯ୍ୟନ୍ତ ବିଜୟ ମିଶ୍ରଙ୍କ ସଂଳାପ ପ୍ରଭାବଶାଳୀ ଥିଲା। ତା'ପରେ ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ଡ. ସୁବୋଧ ପଟ୍ଟନାୟକ ଓ ନିଜାମଙ୍କ ଅନେକ ଭଲ ବ୍ୟବସାୟିକ ଚଳଚ୍ଚିତ୍ରର ସଂଳାପ ହୃଦୟସ୍ପର୍ଶୀ ହୋଇଥିଲା। ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ତାଙ୍କ ଚଳଚ୍ଚିତ୍ର ଗୁଡ଼ିକର ସଂଳାପ ସେ ନିଜେ ରଚନା କରିଥାନ୍ତି, ଯାହା ଦର୍ଶକଙ୍କ ସ୍ମୃତିପଟ୍ଟରେ ରହିଛି। ତନ୍ମଧ୍ୟରୁ 'ଡୋରୀ' ଓ 'ସ୍ୱପ୍ନ ସାଗର'କୁ ଉଦାହରଣ ଭାବେ ନେଇପାରନ୍ତି। ନିର୍ଦ୍ଦେଶକ ରବି କିନ୍ନାଗୀ ଭିନ୍ନ ଭାଷାର ଚଳଚ୍ଚିତ୍ର କରନ୍ତି, ମାତ୍ର ନିର୍ଦ୍ଦିଷ୍ଟ ସଂଳାପ ଲେଖକ ବିଜୟ ମିଶ୍ର ଚରିତ୍ରମାନଙ୍କ ମନଲାଖି ସଂଳାପ ମାଧ୍ୟମରେ ଏପରି କାର୍ଯ୍ୟ କରିଥାନ୍ତି।

ହିନ୍ଦୀ ଚଳଚ୍ଚିତ୍ର 'ଶୋଲେ'ର ଉଦାହରଣ ବ୍ୟତୀତ ନାନା ପାଠକଙ୍କ 'କ୍ରାନ୍ତିବୀର' ଚଳଚ୍ଚିତ୍ରର ସଂଳାପ ଓ 'ନୀଳ କମଲ'ର ରାଜକୁମାରଙ୍କ ସଂଳାପ କେତେ ପ୍ରଭାବଶାଳୀ ତାହା କହିବା ଅନାବଶ୍ୟକ। ସେଇଭଳି 'ସିଲ୍‌ସିଲା'ରେ ଅମିତାଭ ରେଖାଙ୍କ ମଧ୍ୟରେ ପ୍ରେମ ସମ୍ପର୍କିତ କଥା ପ୍ରସଙ୍ଗ ଆଜିବି ଦର୍ଶକଙ୍କ ମନରେ ଉଙ୍କି ମାରେ। ବିଶିଷ୍ଟ ହାସ୍ୟ ଅଭିନେତା ଜୟୀ ସାମଲଙ୍କ 'ଦେଖ୍ ତାକୁ' ('ଫୁଲ ଚନ୍ଦନ') ଆଜି ତାଙ୍କୁ ମନେରଖିଛି। 'ସୌଦାଗର' ହିନ୍ଦୀ ଚଳଚ୍ଚିତ୍ରରେ ଦିଲୀପ କୁମାର ଓ ରାଜକୁମାର ଏହି ଦୁଇ ଶ୍ରେଷ୍ଠ କଳାକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ସଂଳାପ ମାଧ୍ୟମରେ ସାଧାରଣ ଚର୍ଚ୍ଚା ହୋଇଥାଏ।

ଚଳଚ୍ଚିତ୍ର ଉତ୍ତାରି କଲେ ମଧ୍ୟ 'ଅକଲ'ର ଗୁରୁତ୍ୱ ବିଶେଷ ରହିଛି। କପି କରି ଫେଲ୍ ହେଲେ ଏପରି 'ଗଧ' ପ୍ରତି ସାଧାରଣରେ ଚର୍ଚ୍ଚା ହେବ। ଭଲ ସିନେମା ଦେଖି ଭଲ ସଂଳାପ ଲେଖ। ଗୋଟିଏ ହେଲେ ବି ତା'ର ପ୍ରଭାବ ଯୁଗ ଯୁଗକୁ ରହିବ। ସିନେମା ଏକ ବୃହତ ଗଣମାଧ୍ୟମ। ଭଲ ସିନେମାର ପ୍ରଭାବ ରହିଛି ଓ ରହିବ। ବର୍ତ୍ତମାନର ଯୁବପିଢିର ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ଭଲମନ୍ଦ ବିଚାରବିମର୍ଶ କରି ସିନେମା କରିବା ହେତୁ 'ଦମନ' ଓ 'ପ୍ରତୀକ୍ଷା' ପରି ସିନେମା ବିଶେଷ ପ୍ରଭାବଶାଳୀ ହୋଇଛି। ଆଗାମୀ ଦିନରେ ଅନେକ ନୂତନ ପିଢି ଏହି ନୀତି ଆପଣେଇବା ନଜରକୁ ଆସୁଛି। ଏପରି ହେଲେ ହିଁ ଓଡ଼ିଆ ସିନେମା ୮୭ ବୟସରେ ପରିପକ୍ୱତାର ପରିଚୟ ସୁରକ୍ଷା କରିପାରିବ।

-ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨



ଭୂମି

## ଖାରେହ୍ଲୁ କାରଣ

ସତରେ ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ କେତେକ କଳାକାରଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ। ଏପରି କି ବାରମ୍ବାର ଅଡିଶନ ଦେବାକୁ ହୋଇଥାଏ। ସେହିପରି ଏକ ଘଟଣାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି ଭୂମି ପେଡେନ୍‌କର। କଥା କ'ଣ କି, 'ଦମ୍ ଲଗାକେ ହୈସା'ର ଅଡିଶନ୍‌ରେ ଉତ୍ତୀର୍ଣ୍ଣ ହେବା ପାଇଁ ଭୂମିଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମ ଲାଗି ସେ ପାଖାପାଖି ଅଢ଼େଇ ମାସ ଅଡିଶନ୍ ଦେଇଥିଲେ। ଏଥିରେ ଅତିକମ୍‌ରେ ୧୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ନିର୍ଦ୍ଦେଶକ ଶରତ କଟାରିୟାଙ୍କୁ ତାଙ୍କ ମନପସନ୍ଦର ଅଭିନେତ୍ରୀ ମିଳିଯାଇଥିଲେ। ସେ କିଏ ଥିଲେ ଜାଣନ୍ତି? ଭୂମି ପେଡେନ୍‌କର। ଏ ନେଇ ସେ କହନ୍ତି, "ଏହି ଫିଲ୍ମର ସନ୍ଧ୍ୟା ଭୂମିକାରେ ମୁଁ ଅଭିନୟ କରିଥିଲି। ହେଲେ ଏଥିପାଇଁ ମୋତେ ପ୍ରାୟ ଅଢ଼େଇ ମାସ ଅଡିଶନ ଦେବାକୁ ପଡ଼ିଥିଲା। ଯେତେବେଳେ ମୁଁ ସିଲେକ୍ଟ ହୋଇଛି ବୋଲି ନିର୍ଦ୍ଦେଶକ ମୋତେ ଫୋନ୍ ମାଧ୍ୟମରେ ସୂଚନା ଦେଲେ, ସେତେବେଳେ ସେହି କଥାକୁ ମୁଁ ସହଜରେ ଗ୍ରହଣ କରିପାରି ନ ଥିଲି। ଏହି ଫିଲ୍ମ ପାଇଁ ମୋତେ ଓଜନ କମାଇବାକୁ ପଡ଼ିଥିଲା। ମାତ୍ର ପାଞ୍ଚ ମାସ ଭିତରେ ମୁଁ ମୋ ଓଜନକୁ ୯୦ରୁ ୭୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲି।" ନିକଟରେ ତାଙ୍କର ଚାରୋଟି ଫିଲ୍ମ- 'ଗୋବିନ୍ଦା ନାମ୍ ମେରା', 'ଭିଡ୍', 'ଦ ଲେଡି କିଲର' ଏବଂ 'ଆଫ୍‌ୱାହ' ରିଲିଜ ହୋଇଯାଇଛି।



ମୃଣାଳ

## ଭାଗ୍ୟବତୀ ମୃଣାଳ

ମୃଣାଳ ଠାକୁର ଏବେ ମାଲେସିଆରେ ଡେରା ପକାଇଛନ୍ତି। କାରଣ ମାଇଣ୍ଡ ଫ୍ରେଶ୍ କରିବାକୁ ସେ ବର୍ତ୍ତମାନ ସେଠାକୁ ଯାଇଛନ୍ତି। ସେଠାରେ ବୁଲାବୁଲି ତ ଚାଲିଛି। ତା'ସହ ନିଜକୁ ଆଉ କେତୋଟି କାମରେ ସେ ବ୍ୟସ୍ତ ରଖିଛନ୍ତି। ନୂଆ କାହାଣୀଟିଏ ଖୋଜୁଛନ୍ତି ସେ। ଏହାବ୍ୟତୀତ ସେଠାକାର ମନଲୋଭା ସ୍ଥାନର ଫଟୋ ଉଠାଇ ତାହାକୁ ଏକ ଆଲବମ୍ କରିବାକୁ ସ୍ଥିର କରିଛନ୍ତି। ହେଲେ ଏପଟେ ଟେନ୍‌ସନ ତାଙ୍କ ପିଛା ଛାଡିବାକୁ ସତେ ଯେମିତି ନାରାଜ। କଥା କ'ଣ କି ସେଠାରେ ସେ ବୁଲିବା ସହ ସି'ବିଚ୍‌ରେ ବିକିନି ପିନ୍ଧି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ମୃଣାଳ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ୍ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି। ଏଠାରେ ମୁଁ କେତୋଟି କାହାଣୀ ଖୋଜିବାରେ ବ୍ୟସ୍ତ ଅଛି। ବିଶେଷଭାବରେ ଏକ ନାରୀକୈନ୍ଦ୍ରିକ କାହାଣୀଟିଏ ଖୋଜୁଛି। କାରଣ ଜଣେ ନୂଆ ପ୍ରଯୋଜକ ମୋତେ ଏଭଳି ଗୁରୁ ଦାୟିତ୍ୱ ଦେଇଛନ୍ତି। ପୁଣି ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିବାର ଯୋଜନା ମଧ୍ୟ ରହିଛି।'

# ମନ ବଳାଇଛନ୍ତି ଦିଶା

ଦିଶା ପଟାନି ଏବେ ଏକ ନୂଆ କଥା ପାଇଁ ମନ ବଳାଇଛନ୍ତି। ଯଦି ତାଙ୍କୁ ଆକ୍ସନ ଫିଲ୍ମରେ ଆକ୍ଟିଂ କରିବାର ସୁଯୋଗ ମିଳନ୍ତା, ତେବେ ସେ ନିଜ ଦକ୍ଷତା ଦେଖାଇପାରନ୍ତେ। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଦିଶା କହନ୍ତି, 'ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଗତ କିଛି ମାସ ଭିତରେ ମୁଁ କେତେକ ଆକ୍ସନଭିତ୍ତିକ ଫିଲ୍ମ ଦେଖିଥିଲି। ବିଶେଷଭାବରେ ବିଭିନ୍ନ ବିଦେଶୀ ଭାଷାରେ ନିର୍ମିତ ଆକ୍ସନଭିତ୍ତିକ ସିନେମା ମୋତେ ବେଶ୍ ପ୍ରଭାବିତ କରିଛି। ଆଉ ଏବେ ସେଭଳି ଭୂମିକାରେ ମୁହଁ ଦେଖାଇବାକୁ ଆଶା ରଖିଛି। ମୁଁ କେବଳ ଚାହିଁଲେ ତ ହେବ ନାହିଁ, ପ୍ରଯୋଜକ ମୋତେ ଏପରି ଭୂମିକା ପାଇଁ ସିଲେକସନ କରିବା ବଡ କଥା। ତେଣୁ ସେ ପର୍ଯ୍ୟନ୍ତ ମୋତେ ବେଶ୍ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ। ଇତି ମଧ୍ୟରେ ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଦିଶାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ବାକି ରହିଲା। ଅନ୍ୟପକ୍ଷରେ ଦିଶାଙ୍କ ଅଭିନୀତ 'ଯୋଦ୍ଧା' ଚଳିତବର୍ଷ ଡିସେମ୍ବର ୧୫ରେ ରିଲିଜ ହେବ। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସିଦ୍ଧାର୍ଥ ମାଲହୋତ୍ରା।



ଦିଶା

ଅପେରା ହାଲ୍‌ଚାଲ୍

## ଏଥର ଡବଲ ହାଟ୍ରିକ୍



ତାପସ ସ୍ୱାଇଁ

ଜଲିଉଡ୍‌ର ଜଣେ ନିଆରା ନିର୍ଦ୍ଦେଶକ ଭାବେ ପରିଚୟ ସୃଷ୍ଟି କରିଛନ୍ତି ସେ। ଏ ବର୍ଷ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ନିର୍ଦ୍ଦେଶନାରେ ପାଞ୍ଚଟି ନାଟକ ପରିବେଷିତ ହେଉଛି ଏବଂ ଆଉ ଦୁଇଟି ନାଟକର ପ୍ରସ୍ତୁତି ଚାଲୁ ରହିଛି। ହଁ, ସେହି ଆଗଧାଡିର ନିର୍ଦ୍ଦେଶକ ହେଉଛନ୍ତି ତାପସ ସ୍ୱାଇଁ। ଏ ସମ୍ପର୍କରେ ସେ କହନ୍ତି, 'ଯେ କୌଣସି ନାଟକ ନିର୍ଦ୍ଦେଶନା ଦେବା ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦିଆଯିବ ଏବଂ ସଂଳାପ, ଅଭିନୟ କିପରି ଦର୍ଶକଙ୍କ ମନକୁ ଛୁଇଁବ ସେ ନେଇ ଗୁରୁତ୍ୱ ଦିଏ। ସେଥିପାଇଁ ମୋ ନାଟକଗୁଡିକ ସଫଳତା ହାସଲ କରିଥାଏ। ମୁଁ ସବୁବେଳେ ଦର୍ଶକଙ୍କୁ ଡିଫରେଣ୍ଟ ଫ୍ଲେଭରର ନାଟକ ଭେଟି ଦେବାକୁ ଚେଷ୍ଟା କରେ।' ଏଥର ତାପସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକଗୁଡିକ ହେଉଛି ସ୍ୱପ୍ନ ମହଲର 'ହାରିବନି କେବେ ବାପାର ପୁଅ' (ରଚନା-ଅଜୟ ଶ'), ସୂର୍ଯ୍ୟମନ୍ଦିର ପରିବେଷିତ 'ତୁ ରଜା ଝିଅ ମୁଁ ରିକ୍ସାବାଲା' (ରଚନା -ଅରୁଣ ବାରିକ), ଧଉଳି ଗଣନାଟ୍ୟର 'କାନ୍ଦୁଛି କୋକେଇ ହସୁଛି ଶବ' (ରଚନା-ଅଜୟ ଶ') ଏବଂ ନିୟୁ ଧଉଳିର 'ନିଝୁମ୍ ରାତିରେ ନିଶା ମୋ ସାଥୀ' (ରଚନା- ଅଜୟ ଶ')। ଅନ୍ୟପକ୍ଷରେ ତାପସଙ୍କ ନିର୍ଦ୍ଦେଶିତ ତଥା ଅରୁଣ ବାରିକଙ୍କ ରଚିତ ନାଟକ 'ମଝି ନଈରେ ଘର' (ବିଶ୍ୱଦରବାର)ର କ୍ୟାମ୍ପ୍ ରିହରସାଲ ଚାଲିଛି।

ରିଲିଜ୍ ଅପେକ୍ଷାରେ...

## ଆଇନା କେବେ ମିଛ କହେନା

ଏକ ଭିନ୍ନ ଧରଣର ପାରିବାରିକ କାହାଣୀ ଏବଂ ଲଭ୍‌ଷ୍ଟୋରିର ଝଲକ ରହିଛି ନୂଆ ଓଡ଼ିଆ ସିନେମା 'ଆଇନା କେବେ ମିଛ କହେନା'ରେ। ଏହି ଫିଲ୍ମଟି ଏବେ ରିଲିଜ ଅପେକ୍ଷାରେ ରହିଛି। ଦୁଇ ଭାଇଙ୍କ ଭିତରେ ଥିବା ସ୍ନେହ କେତେ ଅନାବିଳ ହୋଇପାରେ ତାହା ଏଥିରେ ଦେଖିବାକୁ ମିଳିବ। ଏଥିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। ନିଜ ରୋଲ୍ ବିଷୟରେ ସେ କୁହନ୍ତି, 'ଏହି ଫିଲ୍ମର କାହାଣୀରେ ଅନେକ ନୂଆ କଥା ରହିଛି। ଲଭ୍, ଇମୋଶନ, କମେଡିର ମଜା ଦର୍ଶକ ଏଥିରୁ ପାଇପାରିବେ। ଏଥିରେ ମୁଁ ସାନଭାଇ ଭୂମିକାରେ ଅଭିନୟ କରିଛି। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମଧ୍ୟ ଆଶା ରହିଛି।' ଚିତ୍ରଟିର ପ୍ରଯୋଜନା ଆଶିଷ ସିହ୍ନା କରିଛନ୍ତି ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଶ୍ରୀତମ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ସିନେମାରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତ ମୁସ୍‌କାନ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ହରିହର ମହାପାତ୍ର ଏବଂ ସୁକାନ୍ତ ରଥଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।



'ଆଇନା କେବେ ମିଛ କହେନା' ଫିଲ୍ମରେ ମୁସ୍‌କାନ୍-ଦୀପକ

## ତାରାଙ୍କୁ ମିଳିଗଲା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ତାରା ଏବେ କେମିତି ଡବଲ ଖୁସି ଅଛନ୍ତି। କଥା କ'ଣ କି, ତାରା ସୁତାରିଆ ନିକଟରେ ଏକ ନୂଆ ବ୍ୟାନରରେ ନିର୍ମିତ ହେଉଥିବା ସିନେମା ପାଇଁ ଚୁକ୍ତିବଦ୍ଧା ହୋଇଛନ୍ତି। କେବଳ ସେତିକି ନୁହେଁ, ଏହି ବ୍ୟାନରରେ ପ୍ରସ୍ତୁତ ହେବାକୁଥିବା ଆଉ ଦୁଇଟି ଚିତ୍ରରେ ସେ ନାୟିକା ସାଜିବେ। ତେଣୁ ଏଭଳି ସୁଯୋଗକୁ ଆଦୌ ହାତଛଡ଼ା କରିବାକୁ ଚାହୁଁ ନ ଥିଲେ। ଏ ନେଇ ତାରା କହନ୍ତି, 'ଯେତେବେଳେ ମୋତେ ଏଭଳି ଅଫର ମିଳିଲା ସେତେବେଳେ ମୁଁ ଟିକେ ଚିନ୍ତାରେ ପଡିଯାଇଥିଲି। ଆଉ ତା' ଭିତରେ ମୁଁ ମୋ ସମ୍ମତି ଜଣେଇ ସାରିଛି। ଏହି ତିନୋଟି ସିନେମାରେ ମୋତେ ଦର୍ଶକ ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। କାରଣ ମୁଁ ସବୁବେଳେ ଗୋଟିଏ ପ୍ରକାର ରୋଲ୍‌ରେ ନିଜକୁ ବାନ୍ଧି ରଖିବାକୁ ଚାହେଁନା।' ତେବେ ଏହି ଅଫର ତାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ, ହେଉଛି ତାହା ଦେଖିବାକୁ ବାକି ରହିଲା।



ତାରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୭/୨୦୨୩ Bhubaneswar, Thursday, September 7/ 2023

# ପ୍ରଥମଥର ସେମିରେ ଶେଲ୍‌ଟନ

**ନ୍ୟୁୟର୍କ, ୬।୯(ଏପି)**

ଆମେରିକାର ବେନ୍ ଶେଲ୍‌ଟନ ପ୍ରଥମଥର ପାଇଁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କୌଣସି ଗ୍ରାଣ୍ଡସ୍ଲାମରେ ମଧ୍ୟ ଏହା ତାଙ୍କର ପ୍ରଥମ ସେମିଫାଇନାଲ ପ୍ରବେଶ। ୨୦ ବର୍ଷୀୟ ବେନ୍ କ୍ୱାର୍ଟର ଫାଇନାଲରେ ୧୪ଟି ଏସେସ୍

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ମାରି ନିଜ ଦକ୍ଷତାର ପ୍ରମାଣ ଦେଇଥିବାବେଳେ ୧୧ଟି ଡବଲ ଫଲ୍ଟ ମଧ୍ୟ କରିଥିଲେ। ତେବେ ଟାଇବ୍ରେକର ସମୟରେ ଧୈର୍ଯ୍ୟ ନ ହରାଇ କ୍ୱାର୍ଟର ଫାଇନାଲରେ ନିଜ ଦେଶର ଫ୍ରାନ୍ସେସ ଟିଆଫୋଙ୍କୁ ୬-୨, ୩-୬, ୭-୬ (୭), ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୨୦୦୫ ପରେ ଆୟୋଜକ ଦେଶର ଦୁଇ ଖେଳାଳି ପ୍ରଥମଥର ପାଇଁ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲ ଖେଳିଥିଲେ। ଫଳରେ ଦର୍ଶକ ଅନେକ ସମୟରେ କାହାକୁ



ମ୍ୟାଚ ଜିତିବା ପରେ ଉଲ୍ଲସିତ ଆମେରିକାର ବେନ୍ ଶେଲ୍‌ଟନ।

ସମର୍ଥନ କରିବେ ଦ୍ୱିଧାରେ ପଡ଼ି ଯାଇଥିଲେ। ତେବେ ଭିନ୍ନଭିନ୍ନ ସମୟରେ ସେମାନେ ଉଭୟ ଖେଳାଳିଙ୍କୁ ସମର୍ଥନ କରିଥିଲେ। ସେମିଫାଇନାଲରେ ଶେଲ୍‌ଟନ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ଭେଟିବେ। ଶୁକ୍ରବାର ହେବାକୁଥିବା ଏହି ହେଭିଓ୍ୱେଟ ମ୍ୟାଚ ଜିତିପାରିଲେ ଶେଲ୍‌ଟନ ଫାଇନାଲରେ ପ୍ରବେଶ କରିପାରିବେ। ୩୬ ବର୍ଷୀୟ ଜୋକୋଭିଚ୍ ଅନ୍ୟ କ୍ୱାର୍ଟର ଫାଇନାଲରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୬-୧, ୬-୪, ୬-୪ ସେଟ୍‌ରେ ହରାଇ ସେମିରେ ପହଞ୍ଚିଛନ୍ତି। ଏହା ତାଙ୍କ କ୍ୟାରିୟରର ୪୭ତମ ଗ୍ରାଣ୍ଡସ୍ଲାମ ସେମିଫାଇନାଲ। ଏ କ୍ଷେତ୍ରରେ ସେ ରୋଜର ଫେଡେରରଙ୍କ ରେକର୍ଡ ଭାଙ୍ଗିଛନ୍ତି।

## ମୁଚୋଭା, ଗଫ୍ ସେମିରେ

ମହିଳା ସିଙ୍ଗଲ୍ସରେ ଚେକ୍ ରିପବ୍ଲିକର କାରୋଲିନା ମୁଚୋଭା ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ରୋମାନିଆର ସୋରାନା କିର୍ଷ୍ଟିଆଙ୍କୁ ସିଧାସଳଖ ୬-୦, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଆମେରିକାର କୋକୋ ଗଫ୍ ମଧ୍ୟ ପ୍ରଥମଥର ପାଇଁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୯ ବର୍ଷୀୟା ଗଫ୍ ଲାଟଭିଆର ଜେଲିନା ଓଷ୍ଟାପେଙ୍କୋଙ୍କୁ ୬-୦, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୨୦୦୧ରେ ସେରେନା ୱିଲିୟମ୍ସଙ୍କ ପରେ ଏହି ଆମେରିକାନ ଟିନ୍‌ଏଜର ଫ୍ଲସିଂ ମାଡୋସରେ ଫାଇନାଲ ଫୋର୍ (ସେମିଫାଇନାଲ)ରେ ସ୍ଥାନ ପକ୍କା କରିଛନ୍ତି। ଶେଷ ୧୭ ମ୍ୟାଚରୁ ଏହାଥିଲା ଗଫ୍‌ଙ୍କର ୧୬ତମ ବିଜୟ। ସେମିଫାଇନାଲରେ ମୁଚୋଭାଙ୍କ ସହ ତାଙ୍କର ମୁକାବିଲା ହେବ।

# ରାଜେନ୍ଦ୍ର ଚୟନକର୍ତ୍ତା



**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ):** ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ ଚଳିତ ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ଚୟନକର୍ତ୍ତା ଦାୟିତ୍ୱ ତୁଲାଇବେ। ୨୦୨୩-୨୪ ଜାତୀୟ ବାଳକ ଦଳପାଇଁ ସେ ଖେଳାଳି ଚୟନ କରିବେ। ରାଜେନ୍ଦ୍ର ନିକଟରେ ବିଜୁ ପଟ୍ଟନାୟକ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପାଇଥିଲେ।

# ଭିକିଙ୍କ ଗୋଲରେ ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ):** ପଶ୍ଚିମବଙ୍ଗର ମାଲଦାଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ଡ୍ର ଆଡ଼କୁ ମୁହାଁଉଥିବାବେଳେ ୯୦ତମ ମିନିଟରେ ଭିକି ମାଝି ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ମହାରାଷ୍ଟ୍ର ପାଇଁ ମ୍ୟାଚକୁ ପ୍ରତ୍ୟାବର୍ତ୍ତନଲାଗି ବିଶେଷ ସମୟ ନ ଥିଲା। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କେରଳକୁ ୨-୦ ଗୋଲରେ ପରାସ୍ତ କରିଥିଲା।

# ଲିଗ୍ ଶେଷ, ଆଜିଠାରୁ ନକ୍‌ଆଉଟ

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ):** ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଲିଗ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏହି ମ୍ୟାଚରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ ୪-୦ ଗୋଲରେ ଚନ୍ଦ୍ରଶେଖରପୁର କ୍ରୀଡ଼ା ସଂସଦକୁ ପରାସ୍ତ କରିଛି। ପ୍ରତିଯୋଗିତାର ନକ୍‌ଆଉଟ ଅର୍ଥାତ୍ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ ଓ ଲିଙ୍ଗରାଜ କ୍ଲବ ମଧ୍ୟରେ ମୁକାବିଲା ହେବ। ଲିଗ୍ ପର୍ଯ୍ୟାୟ ଶେଷରେ ଗ୍ରୁପ୍ 'ଏ'ରୁ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ ଓ ବୀର ବିର୍ସା କ୍ଲବ, ଗ୍ରୁପ୍ 'ବି'ରୁ ୟୁନାଇଟେଡ ସ୍ପୋର୍ଟିଂ ଓ ମଦର୍ସ ଫୁଟବଲ କ୍ଲବ, ଗ୍ରୁପ୍ 'ସି'ରୁ ଆର୍ଡୋର ଫୁଟବଲ ଏକାଡେମୀ ଓ ଲିଙ୍ଗରାଜ ଫୁଟବଲ କ୍ଲବ ଏବଂ ଗ୍ରୁପ୍ 'ଡି'ରୁ କିଟ୍ ଓ ଗ୍ଲୋବାଲ ଫୁଟବଲ କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ପାକିସ୍ତାନର ସହଜ ବିଜୟ

**ଲାହୋର,୬।୯**

ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଏସିଆ କପ୍‌ର ସୁପର୍-୪ ମ୍ୟାଚରେ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରିଛି ପାକିସ୍ତାନ। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୩୮.୪ ଓଭରରେ ୧୯୩ ରନ୍‌ରେ ଅଲଆଉଟ ହୋଇଥିଲା। ହରିଶ୍ ରୌଫ୍ ୪ ଓ ନଶିମ୍ ଶାହ ୩ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୩୯.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

**ଏସିଆ କପ୍**

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୭ ରନ୍‌ରେ ୪ ଉଇକେଟ ହରାଇଥିଲା। ମୁଶଫିକୁର ରହିମ୍ ୬୪ ରନ୍ ଓ ଅଧିନାୟକ ଶାକିବ୍ ୫୩ ରନ୍ କରିବା ସହିତ ପଞ୍ଚମ ଉଇକେଟରେ ୧୦୦ ରନ୍ ଯୋଡ଼ିଥିଲେ। ରହିମ୍ ୮୭ ବଲ୍ ଖେଳି ୫ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ଶାକିବ୍ ୫୭ ବଲ୍ ଖେଳି ୫ ଚୌକା ମାରିଥିଲେ। ପାକିସ୍ତାନ ପକ୍ଷରୁ ହରିଶ ରୌଫ ୧୯ ରନ୍‌ରେ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଶିମ ଶାହ ୩ ଉଇକେଟ ନେଇଥିଲେ।

୧୯୪ ଲକ୍ଷ୍ୟର ପିଛା କରୁଥିବା ପାକିସ୍ତାନ ପକ୍ଷରୁ ଓପନର ଫଖର ଜମାନ (୨୦) ଓ ଇମାମ ଉଲ୍ ହକ୍(୭୮) ପ୍ରଥମ ଉଇକେଟରେ ୩୫ ରନ୍ ଯୋଡ଼ିଥିଲେ। ଦୁଇ ଓପନର ବ୍ୟାଟିଂ କରୁଥିବା ସମୟରେ ଫ୍ଲଡ ଲାଇଟ ବନ୍ଦ କାରଣରୁ ଖେଳ ପ୍ରାୟ ୨୦ ମିନିଟ ବନ୍ଦ ରହିଥିଲା। ଇମାମ୍ ଓ ମହମ୍ମଦ ରିଜୱାନ(୬୩*) ତୃତୀୟ ଉଇକେଟରେ ୮୫ ରନ୍ ଯୋଡ଼ିଥିଲେ। ଇମାମ ୮୪ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ରିଜୱାନ ୭୯ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ଶୋରିଫୁଲ ଇସଲାମ, ଟାସ୍କିନ ଅହମଦ ଓ ମେହିଦୀ ହସନ ମିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୩୮.୪ ଓଭରରେ ୧୯୩/୧୦ (ମୁଶଫିକୁର ରହିମ-୬୪, ଶାକିବ ଅଲ ହସନ-୫୩, ମହମ୍ମଦ ନଇମ-୨୦, ହରିଶ ରୌଫ୍-୪/୧୯, ନଶିମ୍ ଶାହ-୩/୩୪, ଇଫତିଖାର ଅହମଦ-୧/୨୦)। ପାକିସ୍ତାନ ୩୯.୩ ଓଭରରେ ୧୯୪/୩ (ଇମାମ ଉଲ୍ ହକ୍-୭୮, ମହମ୍ମଦ ରିଜୱାନ-୬୩*, ଶୋରିଫୁଲ ଇସଲାମ-୧/୨୪, ଟାସ୍କିନ୍ ଅହମଦ-୧/୩୨)।

# ସେମିରେ ବୋପାନ୍ନା-ଇବ୍‌ଡେନ

**ନ୍ୟୁୟର୍କ, ୬।୯ (ପି.ଟି.)**

ଭାରତର ରୋହନ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଇବ୍‌ଡେନ ୭ ସେଟ୍‌ପଏଣ୍ଟ ସେଭ୍ କରି ଚଳିତ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଭାରତ-ଅଷ୍ଟ୍ରେଲିଆ ଯୋଡ଼ି କ୍ୱାର୍ଟରଫାଇନାଲରେ ଆମେରିକା ଯୋଡ଼ି ନାଥାନିଏଲ ଲାମନ୍ସ ଓ ଜ୍ୟାକସନ ୱିଥ୍ରୋଙ୍କୁ ୭-୬ (୧୦), ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ବୋପାନ୍ନା-ଇବ୍‌ଡେନ ଏହା ପୂର୍ବରୁ ୱିମ୍ବଲଡନ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ। ମାତ୍ର ସେଠାରେ ୱେସଲି କୋଲହୋପ ଓ ନିଲ୍ ସ୍କୁପ୍‌ସ୍କିଙ୍କଠାରୁ ହାରି ଯାଇଥିଲେ। ସେମିଫାଇନାଲରେ ବିଜୟୀ ହେଲେ ୪୩ ବର୍ଷୀୟ ବୋପାନ୍ନା କ୍ୟାରିୟରରେ ଦ୍ୱିତୀୟ ଥର ଲାଗି ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବେ। ପୂର୍ବରୁ ସେ ୨୦୧୦ରେ ଏହି ୟୁଏସ୍ ଓପନରେ ହିଁ ଫାଇନାଲ ଖେଳିବା ସୌଭାଗ୍ୟ ପାଇଥିଲେ। ସେମିଫାଇନାଲରେ ବୋପାନ୍ନା-ଇବ୍‌ଡେନ ଯୋଡ଼ି ଫ୍ରାନ୍ସର ପିଏରେ ହ୍ୟୁଗ୍ସ ହର୍ବର୍ଟ ଓ ନିକୋଲାସ ମାହୁଟଙ୍କୁ ଭେଟିବେ। ଏହି ଫ୍ରାନ୍ସ ଯୋଡ଼ି ଅନ୍ୟ କ୍ୱାର୍ଟରଫାଇନାଲରେ ରବର୍ଟ ଗାଲୋୱେ ଓ ଆଲବାନୋ ଓଲିଭେଟିଙ୍କୁ ପରାସ୍ତ କରିଥିଲେ।



ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି ମାଥ୍ୟୁ ଇବ୍‌ଡେନ ଓ ରୋହନ ବୋପାନ୍ନା।

# ପୂର୍ବତନ ଶ୍ରୀଲଙ୍କା କ୍ରିକେଟର ଗିରଫ

**କଲମ୍ବୋ, ୬।୯ (ପି.ଟି.)**

ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ପୂର୍ବତନ ଶ୍ରୀଲଙ୍କା କ୍ରିକେଟର ସଚିତ୍ର ସେନାନାୟକେ ବୁଧବାର ଗିରଫ ହୋଇଛନ୍ତି। ବୁଧବାର ସ୍ପୋର୍ଟ୍ସ କରପ୍ସନ ଇନଭେଷ୍ଟିଗେସନ୍ ୟୁନିଟ୍ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ୩ ସପ୍ତାହ ପୂର୍ବରୁ ତାଙ୍କର ପାସପୋର୍ଟକୁ ବ୍ୟାନ୍ କରାଯିବା ସହିତ ବିଦେଶ ଯାତ୍ରା ଉପରେ କୋର୍ଟ କଟକଣା ଲାଗୁ କରିଥିଲେ। ୨୦୨୦ରେ ଲଙ୍କା ପ୍ରିମିୟର ଲିଗ୍‌ର ଏକ ମ୍ୟାଚ୍‌କୁ ଫିକ୍ସ କରିବାକୁ ସେନାନାୟକେ ଉଦ୍ୟମ କରିଥିଲେ। ୩୮ ବର୍ଷୀୟ ସେନାନାୟକେ ଦୁଇ ଜଣ ଖେଳାଳିଙ୍କୁ ଏ ନେଇ ଅର୍ଥ ମଧ୍ୟ ଯାଚିଥିଲେ। ୨୦୧୨ରୁ ୨୦୧୬ ମଧ୍ୟରେ ସେ ଶ୍ରୀଲଙ୍କା ଜାତୀୟ ଦଳ ପାଇଁ ଗୋଟିଏ ଟେଷ୍ଟ, ୪୯ ଦିନିକିଆ ଓ ୨୪ ଟି୨୦ ମ୍ୟାଚ୍ ଖେଳିଥିଲେ। ୩ ସପ୍ତାହ ପୂର୍ବେ ସେନାନାୟକେଙ୍କ ପାସପୋର୍ଟକୁ ବ୍ୟାନ କରିବା ପାଇଁ କଲମ୍ବୋ ଚିଫ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୩ ମାସ ପାଇଁ ଏହି ବ୍ୟାନ୍ ଲାଗୁ କରାଯିବ। ବୁଧବାର ସକାଳେ ପୂର୍ବତନ ଅଫ ସ୍ପିନର ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସ୍ପୋର୍ଟ୍ସ କରପ୍ସନ ଇନଭେଷ୍ଟିଗେସନ୍ ୟୁନିଟ୍ ପକ୍ଷରୁ ଅପରାଧିକ ମାମଲା ରୁଜୁ କରିବା ପାଇଁ ଶ୍ରୀଲଙ୍କା କ୍ରୀଡା ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି।

# ଯୌନ ଶୋଷଣ ଅଭିଯୋଗ ଆଣିଲେ ଜେନି

**ମାଡ୍ରିଡ୍, ୬।୯(ପି.ଟି.)**

**ବିଶ୍ୱକପ୍ ଫାଇନାଲ ଚୁମ୍ବନ ମାମଲା**

ଫିଫା ମହିଳା ବିଶ୍ୱକପ ଚାମ୍ପିୟନ ସ୍ପେନ୍ ଦଳର ଷ୍ଟ୍ରାଇକର ଜେନି ହର୍ମୋସୋ ଫୁଟବଲ ସଂଘ ମୁଖ୍ୟ ଲୁଇସ୍ ରୁବେଲ୍ସଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଆଣିଛନ୍ତି। ସ୍ପେନ୍ ଦଳ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରିବା ପରେ ରୁବେଲ୍ସ ଦଳର ଷ୍ଟ୍ରାଇକର ଜେନି ହର୍ମୋସୋଙ୍କୁ ଓଠରେ କିସ୍ କରିଥିଲେ। ଏହି ମାମଲାକୁ ନେଇ ଫିଫା ପକ୍ଷରୁ ରୁବେଲ୍ସଙ୍କୁ ବାସନ୍ଦ ମଧ୍ୟ କରାଯାଇଛି। ଆରମ୍ଭରୁ ଜେନି ହର୍ମୋସୋ ଏହି ଘଟଣାକୁ ନେଇ ରୁବେଲ୍ସଙ୍କ ସମର୍ଥନ କରିଥିବା ବେଳେ ବୁଧବାର ନିଜର ମତ ପରିବର୍ତ୍ତନ କରିଛନ୍ତି। ବୁଧବାର ଜେନି ସ୍ପେନ୍‌ର ପ୍ରସିକ୍ୟୁଟରଙ୍କ ନିକଟରେ ଯୌନ ଶୋଷଣର ଅଭିଯୋଗ କରିବା ସହିତ ମତ ପରିବର୍ତ୍ତନ କରିବା ପାଇଁ ସ୍ପେନ୍ ଫୁଟବଲ ଫେଡେରେଶନ୍ ପକ୍ଷରୁ ତାଙ୍କ ଉପରେ ଚାପ ପକା ଯାଇଥିଲା ବୋଲି କହିଛନ୍ତି। ପୂର୍ବରୁ ରୁବେଲ୍ସ ଏହି ଚୁମ୍ବନ ନେଇ ଉଭୟଙ୍କ ସହମତି ରହିଥିବା କହିଥିବା ବେଳେ ବୁଧବାର ଜେନି ଏହାକୁ ଖଣ୍ଡନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ବିବାଦ ଦେଖା ଦେବା ସ୍ପେନ୍ ଫୁଟବଲ ମହାସଂଘ ପକ୍ଷରୁ ଜାରି କରାଯାଇଥିବା ମନ୍ତବ୍ୟ ଅନୁସାରେ ହର୍ମୋସୋ ଏହାକୁ ସଠିକ୍ ଦର୍ଶାଇଥିଲେ। ବିଜୟର ଖୁସିରେ ଆମେ ଏଭଳି କରିଥିବା ବେଳେ ଏଥିରେ ଉଭୟଙ୍କ ସହମତି ରହିଥିଲା।



ଜେନି ହର୍ମୋସୋଙ୍କୁ ଚୁମ୍ବନ ଦେବା ଅବସରରେ ଲୁଇସ୍ ରୁବେଲ୍ସ।

ସଭାପତିଙ୍କ ସହିତ ମୋର ସମ୍ପର୍କ ଅତ୍ୟନ୍ତ ଭଲ ରହିଥିବା ସେ କହିଥିବା ନେଇ ବକ୍ତବ୍ୟ ଜାରି କରାଯାଇଥିଲା। ଅଭିଯୋଗ ଦାଖଲ ପରେ ଅସନ୍ତା ସପ୍ତାହରେ ବୟାନ ରେକର୍ଡ କରାଯିବ ବୋଲି କୁହାଯାଇଛି।

ଏହି ଘଟଣା ପରେ ସ୍ପେନ୍ ସରକାର, ଖେଳାଳିଙ୍କ ସଂଘ ଓ ଅନେକ ସାଧାରଣ ନାଗରିକ ଜେନି ହର୍ମୋସୋଙ୍କୁ ସମର୍ଥନ କରିଥିଲେ। ଅଗଷ୍ଟ ୨୭ ତାରିଖରେ ଫିଫା ପକ୍ଷରୁ ରୁବେଲ୍ସଙ୍କୁ ବାସନ୍ଦ କରାଯାଇଥିବା ବେଳେ ସେ ବର୍ତ୍ତମାନ ୟୁଏଫାର ଉପ ସଭାପତି ରହିଛନ୍ତି। ୩୩ ବର୍ଷୀୟ ଫରୱାର୍ଡ ଖେଳାଳି ଜେନି ବର୍ତ୍ତମାନ ମେକ୍ସିକାନ କ୍ଲବ ପାଚୁଆ ପକ୍ଷରୁ ଖେଳୁଛନ୍ତି। ଏହା ପୂର୍ବରୁ ସେ ବାର୍ସେଲୋନା, ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଓ ଆଟଲେଟିକୋ ମାଡ୍ରିଡ୍ ପାଇଁ ସେ ଖେଳି ସାରିଛନ୍ତି। ବିଶ୍ୱକପ ବିଜୟୀ ସ୍ପେନ୍ ଦଳର ମୁଖ୍ୟ କୋଚ୍ ରହିଥିବା ଜର୍ଜ ଭିଲ୍ଡାଙ୍କ ନାମରେ ମଧ୍ୟ ଏକ ବର୍ଷ ପୂର୍ବରୁ ୧୫ ଜଣ ଖେଳାଳି ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। ଆଲେକ୍ସିସ୍ ପୁଟେଲାସଙ୍କ ସହିତ ଜେନି ହର୍ମୋସୋ ମଧ୍ୟ ଏହି ଖେଳାଳିଙ୍କ ମଧ୍ୟରେ ସାମିଲ ଥିଲେ।

# ଲୟୋଲା ଓଡ଼ିଆ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଲୟୋଲା ଓଡ଼ିଆ ସ୍କୁଲ ବିଜୟୀ ହୋଇଛି। ଏହି ଦଳ ୨-୦ ଗୋଲରେ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ପରାସ୍ତ କରିଛି। ଲୟୋଲା ପକ୍ଷରୁ ମ୍ୟାଚର ୩ୟ ମିନିଟରେ ଅରମନ ବରୁଆ ଏବଂ ସିରିଲ ଓରାମ ୩୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଜୟୀ ଦଳର ରାଜେଶ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହା ବ୍ୟତୀତ ଉତ୍ତମ ପ୍ରଦର୍ଶନ ପାଇଁ ପରାଜିତ ଦଳର ସିକିତ କୁମାର ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବି.ସି. ରୟ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର କେରଳ ଓ ଜମ୍ମୁ-କଶ୍ମୀର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# କେରଳ, ବେଙ୍ଗଲ, ପଞ୍ଜାବ ବିଜୟୀ

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କେରଳ, ବେଙ୍ଗଲ ଓ ପଞ୍ଜାବ ଦଳ ବିଜୟୀ ହୋଇଛନ୍ତି। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ

**ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ**

ଏକାଡେମୀ ପଡ଼ିଆରେ କେରଳ ୪-୦ ଗୋଲରେ ଜମ୍ମୁ କଶ୍ମୀରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବଦଳ ଖେଳାଳି ମହମ୍ମଦ ସବେଲ ଏ.ଏସ. ୭୯ ଓ ୯୦ ମିନିଟରେ ୨ଟି ଏବଂ ସିନାନ ଜଲିଲ ୧୫ ଓ ମହମ୍ମଦ ଆନାସ ୪୫+୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଗୋଆ-ସାଇ (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଗୋଆ ପକ୍ଷରୁ ଫାବିଓ ମାର୍ଟିନ୍ସ ୭ମ ଓ ସଙ୍ଗମ ସୁଭାଷ ଶେଟେ ୫୯ ମିନିଟ ଏବଂ ସାଇ ପକ୍ଷରୁ ମହମ୍ମଦ ହୁସେନ ୨୨ ଓ ପାଙ୍ଗାଇ କୋନ୍ୟାକ ୭୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୱେଷ୍ଟ ବେଙ୍ଗଲ ୩-୨ ଗୋଲରେ ମେଘାଳୟକୁ ହରାଇ ଦେଇଛି। ବେଙ୍ଗଲ ଦଳର ତନବୀର ଦେ ୬୧ ଓ ୯୦+୪ ମିନିଟରେ ୨ଟି ଏବଂ ସାହିଲ ମଣ୍ଡଳ ୭୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ମେଘାଳୟ ପକ୍ଷରୁ ଅଧିନାୟକ ମେବାନଲାମଲିନ୍ତି ମଶରିଙ୍ଗ ୧୭ ଓ ଜୋନାଥନ ମାୱ୍ରା ୭୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ପଞ୍ଜାବ ୨-୦ ଗୋଲରେ ତାମିଲନାଡୁକୁ ହରାଇ ଦେଇଛି। ବିଜୟୀ ଦଳର ଲଖବିନ୍ଦର ସିଂ ୪୫+୨ ଓ ୮୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

# ଭାରତୀୟ ପୁରୁଷ ଦଳକୁ ବ୍ରୋଞ୍ଜ

**ପ୍ୟୋଙ୍ଗଚାଙ୍ଗ,୬।୯(ପି.ଟି.)**

ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ୍ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି ଭାରତୀୟ ପୁରୁଷ ଦଳ। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଭାରତୀୟ ପୁରୁଷ ଦଳ ୦-୩ରେ ଚାଇନିଜ ତାଇପେ ନିକଟରୁ ପରାଜିତ ହୋଇଥିଲା। ଭାରତୀୟ ଭେଟେରାନ୍ ଖେଳାଳି ଅଚନ୍ତା ଶରଥ କମଲ ଓ ଗୁଣଶେକରନ ସାଥିୟାଁ ପରାଜିତ ହୋଇଥିବା ବେଳେ ଭାରତର ହାଇଏଷ୍ଟ ସିଡେଡ୍ ଖେଳାଳି ହରମିତ୍ ଦେଶାଇ ଲଢେଇ କରି ହାରିବା ସହିତ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଥିଲା। ଚାଇନିଜ୍ ତାଇପେର ଖେଳାଳିମାନେ ଭାରତୀୟଙ୍କଠାରୁ ଉଚ୍ଚ ର୍ୟାଙ୍କ ପ୍ରାପ୍ତ ରହିଥିବା ବେଳେ ସହଜ ବିଜୟ ହାସଲ କରିଥିଲେ।

ଅଭିଜ୍ଞ ଶରଥ କମଲ ପ୍ରଥମ ମ୍ୟାଚରେ ୬-୧୧, ୬-୧୧ ଓ ୯-୧୧ ସେଟ୍‌ରେ ବିଶ୍ୱ ମାନ୍ୟତାର ୨୬ତମ ସ୍ଥାନରେ ଥିବା ଚୁଆଙ୍ଗ ଚି ୟୁଆନ୍‌ଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଜି ସାଥିୟାଁ ନିଜ ମ୍ୟାଚରେ ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା ଲିନ୍ ୟୁନ୍ ଜୁଙ୍କ ନିକଟରୁ ପରାଜିତ ହୋଇଥିଲେ। ଭାରତୀୟ ଦଳ ୦-୨ରେ ପଛୁଆ ରହିଥିବା ବେଳେ ବିଶ୍ୱ ମାନ୍ୟତାର ୬୩ ତମ ସ୍ଥାନରେ ଥିବା ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଭାରତୀୟ ହରମିତ୍ ଦେଶାଇ ଖେଳିଥିଲେ। ହରମିତ୍ ୪ ସେଟ୍ ବିଶିଷ୍ଟ ମ୍ୟାଚରେ ବିଶ୍ୱ ମାନ୍ୟତାର ୩୩ ତମ ସ୍ଥାନରେ ଥିବା କାଓ ଚେଙ୍ଗ ଜୁଇଙ୍କଠାରୁ ହାରି ଯାଇଥିଲେ। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜାପାନ ନିକଟରୁ ୦-୩ରେ ପରାଜିତ ହୋଇ ବିଦାୟ ନେଇଛି।

**ଏସିଆନ ଟିଟି ଚାମ୍ପିୟନଶିପ୍**



ବ୍ରୋଞ୍ଜ ବିଜୟୀ ଭାରତୀୟ ପୁରୁଷ ଦଳ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ